ଗଳ୍ପ ସଂକଳନ

ମାୟାଚିତ୍ର

ରାଜ୍ୟବର୍ଦ୍ଧନ ଧଳମହାପାତ୍ର

Digitized by PPRACHIN, SOA

ପଶ୍ଚିମା ପବ୍ଲିକେଶନ୍ସ

ମାୟାଚିତ୍ର

ରାଜ୍ୟବର୍ଦ୍ଧନ ଧଳମହାପାତ୍ର

Digitized by PPRACHIN, SOA

मायाचित्र (गल्प संकलन)

ମାୟାଚିତ୍ର (ଗଳ୍ପ ସଂକଳନ)

ଲେଖକ
ରାଜ୍ୟବର୍ଦ୍ଧନ ଧଳମାହାପାତ୍ର

ପ୍ରକାଶକ : ପଶ୍ଚିମା ପବ୍ଲିକେଶନ୍‌ସ, ୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର-୧୨, ଫୋନ୍: ୯୪୩୭୫୦୦୭୬୭
ପ୍ରଚ୍ଛଦ ଓ ଅଳଙ୍କରଣ : ଅଶୋକ ମହାନ୍ତି
ମୁଦ୍ରଣ : ତୁତୁଲି ପ୍ରୋସେସ୍ ଏଣ୍ଡ୍ ଅଫ୍‌ସେଟ୍, ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୧୩
ମୂଲ୍ୟ : ୭୦.୦୦

MAYACHITRA
story collection by **Rajyabardhan Dhalmahapatra,**
Published by **Paschima Publications,** Bhubaneswar
1st Publication: **2013**
price: **70.00**

Digitized by PPRACHIN, SOA

ସୂଚୀପତ୍ର

୧.	ମାୟାଚିତ୍ର	॥	୫
୨.	ଯାଯାବରର ଘର	॥	୧୬
୩.	ଦ୍ରୋହକାଳ	॥	୨୫
୪.	ଶ୍ଳୋକର ଶେଷ ସ୍ୱର	॥	୩୪
୫.	ଉତ୍ତରାଧୀକାର	॥	୪୨
୬.	ଆବେଶ ମାତୃତ୍ୱ	॥	୫୦
୭.	ବିଲେଇ	॥	୫୫
୮.	ଭ୍ରମାବତାର	॥	୬୫
୯.	ସାଭିମାନ	॥	୭୫
୧୦.	ବିଧିନିର୍ଦ୍ଦେଶିତ	॥	୮୧
୧୧.	ଅନ୍ୟ ଏତ ପୃଥ୍ୱୀର ଅନ୍ୱେଷା	॥	୮୮
୧୨.	ଭଡା ଗର୍ଭ	॥	୯୪
୧୩.	କାଳ କେନ୍ଦରାର କରୁଣ ରାଗ	॥	୧୦୨
୧୪.	ମୋହ	॥	୧୦୭

Digitized by PPRACHIN, SOA



Digitized by PPRACHIN, SOA

ମାୟାଚିତ୍ର

ଗୋଟିଏ ଅଜବ ନିଶା ମୋତେ କେବଳ ଆଚ୍ଛନ୍ନ କରି ରଖିନଥିଲା, ଉନ୍ମାଦ ବି କରୁଥିଲା ଭିତରେ ଭିତରେ । ମୁଁ ଶିଳ୍ପୀ ହେବି । ଏମିତି ସେମିତି ଶିଳ୍ପୀ ନୁହେଁ–ପିକାସୋ, ଦା'ଭିନ୍‌ସ କିମ୍ବା ଏମ୍.ଏଫ୍.ହୁସେନ୍‌ଙ୍କ ପରି । ଅର୍ଥ ସହ ଆସିବ ଖ୍ୟାତି । ମୋ ଚିତ୍ରର ହେବ ପ୍ରଦର୍ଶନୀ । ଦେଶ ବିଦେଶରେ ପ୍ରଚାର ଓ ପ୍ରସାର । ଧାଡି ଲାଗିବ ବଡ ବଡ ଶିଳ୍ପପତି, ଧନୀ ବ୍ୟବସାୟୀ, ଚିତ୍ରତାରକା, କ୍ରିକେଟ ତାରକାମାନଙ୍କର ମୋ ପେଣ୍ଟିଂ କିଣିବା ପାଇଁ । ଗୋଟିଏ ଗୋଟିଏ ପେଣ୍ଟିଂର ଦାମ୍ ଦେଖି ଆଖି ଖୋସି ହୋଇ ପଡୁଥିବ ସାଧାରଣ ଲୋକଙ୍କର । ଅନେକ ତ ଚିନ୍ତା କରୁଥିବେ ଯେ ତାଙ୍କର ସାରା ଜୀବନର ସଂଚୟ ବି ଯଥେଷ୍ଟ ନୁହଁ ମୋର ଗୋଟେ ଗୋଟେ ପେଣ୍ଟିଂ କିଣିବା ପାଇଁ ।

ପର ମୁହୂର୍ତ୍ତରେ ଭାଙ୍ଗିଯାଏ ମୋର ସ୍ୱପ୍ନ ପ୍ରବଣତା । ଭାବେ ପେଣ୍ଟିଂ କ'ଣ ଆଦୌ ଜାଣିନଥିବା ଗାଆଁ ଲୋକେ, ସାଙ୍ଗସାଥୀ ଭାବି ନେଉଛନ୍ତି ଯେ ମୋ ହାତରେ ଐଶ୍ୱରିକ କଳା ଅଛି । ମାନୁଛି ଥାଇ ବି ପାରେ । ହେଲେ ମଣିଷର ଅବିକଳ ଛବିଟିଏ କିମ୍ବା ଗଛ, ଲତା, ଫୁଲ ଓ ପ୍ରକୃତିର କୌଣସି ବସ୍ତୁର ଚିତ୍ରଟିଏ ଆଙ୍କିଦେଲେ କ'ଣ ଜଣେ ଚିତ୍ରକର ହୋଇଯିବ ? ମୁଁ ଯେଉଁସବୁ ପ୍ରସିଦ୍ଧ ଚିତ୍ରଶିଳ୍ପୀଙ୍କର ଚିତ୍ର ଦେଖିଛି, କାହିଁ କେଉଁଠି ତ ପାଉନି ଅବିକଳ ଗୋଟେ ବସ୍ତୁର ଚିତ୍ର ? ଅନେକ ଚିତ୍ରର ଅଗମୂଳ ତ ମୁଁ କିଛି ବୁଝିପାରେନା । ମାତ୍ର ଶୁଣେ ସେ ଚିତ୍ରର ବିଶ୍ୱବ୍ୟାପୀ ପ୍ରଶଂସା ରହିଛି ଏବଂ ସେ ସବୁର ମୂଲ୍ୟ ଲକ୍ଷ ଲକ୍ଷ ଡଲାର । ଏପରିକି 'ମୋନାଲିସା'ର ପେଣ୍ଟିଂ ଦେଖିସାରିବା ପରେ ମୁଁ କୌଣସି ବିଶେଷତ୍ୱ ଲକ୍ଷ୍ୟ କରିପାରିଲି ନାହିଁ ଚିତ୍ରଟିରେ । ଯେଉଁ ହସ ପାଇଁ ଚିତ୍ରଟି ବିଶ୍ୱବିଖ୍ୟାତ, ତାହା ମୋତେ ଲାଗିଲା ରକ୍ତଶୂନ୍ୟତା ରୋଗିଣୀର ଶେଥା ହସ କିମ୍ବା ଅପାସୋରା ବୈଧବ୍ୟକୁ ବୋହି କୃତ୍ରିମ ହସ ହସୁଥିବା ଗୋଟେ ଅସହାୟତା ପରି । ମନର କଥା ମନରେ ରଖେ ସିନା କାହାକୁ ଏକଥା କରିପାରେନା । ଭୟ ହୁଏ ଏତେ ବଡ ବଡ ଶିଳ୍ପୀ ଓ ସର୍ବଜନଆଦୃତ ପେଣ୍ଟିଂ ଉପରେ ମୋର ମତାମତ କେବଳ ମୋର ଅଜ୍ଞତାକୁ ଚିହ୍ନାଇବା ।

Digitized by PPRACHIN, SOA

ଯଦି ଲୋକେ ମୋର ଚିତ୍ରକୁ ଦେଖି ଭାବୁଛନ୍ତି ମୋ ଭିତରେ ଈଶ୍ୱରଦତ୍ତ ପ୍ରତିଭା ଅଛି ବୋଲି, ତେବେ ମୁଁ ଏହାକୁ ମୋର ବ୍ରତ ଓ ବୃତ୍ତି ଭାବରେ ଗ୍ରହଣ କଲେ କ୍ଷତି କ'ଣ ? ମାତ୍ର ଏହାକୁ କିପରି ପେସା ଓ ନିଶା କରିହେବ ସେ ବୁଦ୍ଧି ବାଟ ମୁଁ ପାଉନଥାଏ । କେବଳ ଗୋଟେ ଆତ୍ମମନସ୍କତାର ପାଗଳପଣ ବଢ଼ି ଚାଲୁଥାଏ ମୋ ଭିତରେ । ମୋର ଏମିତି ମାନସିକ ଅବସ୍ଥା ଦେଖି ସହରରେ ରହି ଉଚ୍ଚଶିକ୍ଷା ନେଉଥିବା ମୋର ଜଣେ ବାଲ୍ୟ ବନ୍ଧୁ ମୋତେ କହିଲା – ଆଜିକାଲି ଚିତ୍ରକଳାର ବହୁତ ଡିମାଣ୍ଡ । ହେଲେ ଏଥିପାଇଁ ତୋତେ ଗାଆଁ ଛାଡି ସହରକୁ ଯିବାକୁ ହେବ । ସେଠାରେ ଯଦି ତୋ ପ୍ରତିଭା ଥରେ ଲୋକଲୋଚନକୁ ଆସିଗଲା ନା ତା'ପରେ ତୋତେ ଆଉ ପଛକୁ ଫେରି ଚାହିଁବାକୁ ପଡିବନି । ଥରେ ନାଆଁ ହୋଇଗଲେ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ଉଭୟ ହାତ ଧରାଧରି ହୋଇ ତୋ ପାଖକୁ ଆସିବେ । ତୁ ପଳା ସହରକୁ - ସଂଘର୍ଷ କର ଭାଗ୍ୟ ସହ । ଖୋଜିନେ ଜଣେ ଗୁରୁ, ଯିଏ ତୋତେ ମାର୍ଗଦର୍ଶନ ଦେଇ ବାଟ କଢ଼ାଇ ନେବେ ଆଗକୁ । ଯଦି ତୁ ଜଣେ ଶିଳ୍ପୀ ହିସାବରେ ପ୍ରତିଷ୍ଠା ଅର୍ଜନ ନ କରିପାରିଲୁ ତୁ ସେଠାରେ କମର୍ସିଆଲ ଆର୍ଟ କଲେ ବି ତୋର ଟଙ୍କାର ଅଭାବ ରହିବ ନାହିଁ ।

ବନ୍ଧୁର କଥା ଶୁଣିବା ପରେ ମୋର ସ୍ୱପ୍ନ ପ୍ରବଣତା ଆହୁରି ବଢ଼ିଗଲା । ହାତରେ ସାମାନ୍ୟ ଅର୍ଥ ଧରି ମୁଁ ଚାଲି ଆସିଲି ସହରକୁ । ଗୋଟେ ଝୁଙ୍କରେ ଚାଲି ଆସିଲି ସିନା, ରହିବି କେଉଁଠି ତାହା ଥିଲା ମୋ ପାଇଁ ବଡ ସମସ୍ୟା । ଖୋଜି ଚାଲିଲି ସହରସାରା ସ୍ୱଳ୍ପ ଭଡାରେ ଘରଟିଏ । ଘର ଯେ ନଥିଲା କି ମିଳୁନଥିଲା ସେ କଥା ନୁହେଁ, ମାତ୍ର ବେକାରି ଓ ବିନା ପରିବାରର ଅବିବାହିତ ଯୁବକକୁ କେହି ଘର ଦେବାକୁ ରାଜି ନଥିଲେ । ଚା' ଦୋକାନୀ, ପାନଦୋକାନୀଙ୍କ ଠାରୁ ଆରମ୍ଭ କରି ଭଡାଘର ଯୋଗାଡ କରୁଥିବା ଦଲାଲଯାଏ ସମସ୍ତଙ୍କୁ ନେହୁରା ହେଉଥିଲି ମୋ ପାଇଁ ଭଡା ଘରଟିଏ ଖୋଜି ଦେବାକୁ । ହେରେ ଘରଭଡା ଦେବାରେ ମୋ ସାମର୍ଥ୍ୟକୁ ତଉଲି ଏ ବିଷୟରେ ବିଶେଷ କେହି ଆଗଭର ହେଉ ନଥିଲେ । ଶେଷରେ ଜଣେ ଦଲାଲ ମୋତେ କହିଲା – ତମେ ତ ଚାକିରି ବାକିରି କରୁନ, ଭଡାଘର ଖୋଜୁଛ କ'ଣ ? ଯାଉନ ଚୌଧୁରୀ ବୁଢା ପାଖକୁ, ତା'ର ତ କାହିଁରେ କେତେ ଘର ଫାଙ୍କା ପଡିଛି । ଟିକେ ନେହୁରା ହୋଇପଡିଲେ ସେ ଦେଇଦେବେ ଘରଟିଏ ରହିବା ପାଇଁ, ବୁଢାକୁ ବି ତମଭଳି ସାଥୀଟିଏ ମିଳିଯିବ ।

ଚୌଧୁରୀ...କେଉଁ ଚୌଧୁରୀ ?

ଆରେ ତାଙ୍କ ପୂରା ନାଆଁ ଜାଣିବାର ଦରକାର ନାହିଁ । ରାୟ ଚୌଧୁରୀ ଘର ପଚାରିଲେ ସମସ୍ତେ କହିଦେବେ ।

ଅବଶ୍ୟ ସେତେବେଳେ ମୁଁ ଜାଣିନଥିଲି ଯେ ଦଲାଲଟି ମୋତେ ଥଟ୍ଟାରେ ଏସବୁ କଥା କହୁଛି ବୋଲି । ତା' କଥାକୁ ସତମଣି ମୁଁ ଖୋଜି ଖୋଜି ପହଂଚିଲି ରାୟ ଚୌଧୁରୀଙ୍କ ଘର ପାଖରେ । ଗେଟ୍ ପାଖରେ ପହଂଚିବା ପରେ ମୁଁ ଭ୍ରମରେ ପଡିଲି ଏଠିକୁ କୁଆଡେ ଆସିଛି ବୋଲି । ଇଏ ତ ଘର ନୁହଁ, ରାଜନଅର । ଏଠି ମୋର ସ୍ଥାନ କେଉଁଠି ? ଗେଟ୍ ଆଗରେ ଛିଡା ହୋଇ ଏପଟ

Digitized by PPRACHIN, SOA

ସେପଟ ଚାହିଁଲି । କାଳେ କିଏ ଦେଖା ହୋଇଗଲେ ପଚାରିବି, ଏଠି ଭଡା ଘର ମିଳିବ କି ବୋଲି । ମାତ୍ର କେହି କୁଆଡେ ଦେଖା ଯାଉନଥିଲେ । ସାହସ କରି ପାରୁନଥାଏ ଗେଟ୍‌ରେ ହାତମାରି ଶବ୍ଦ କରିବାକୁ । କିଛି ସମୟ ଠିଆ ହେବାପରେ ଶେଷରେ ସାହସ କରି ଗେଟ୍ ଦେହରେ ହାତ ମାରିଛି କି ନାହିଁ ଭିତରୁ ଗର୍ଜି ଉଠିଲା ଆଲ୍‌ସେସିଆନ୍ କୁକୁରଟାଏ । ଧାଇଁ ଆସିଲା ଗେଟ୍ ପାଖକୁ । ତା' ପଛରେ "ଜ୍ୟାକ୍-ଜ୍ୟାକ୍" ଡାକି ଡାକି ଗେଟ୍ ପର୍ଯ୍ୟନ୍ତ ଚାଲି ଆସିଲେ ଜଣେ ବୃଦ୍ଧ ।

ଗେଟ୍ ବାହାରେ ମୋତେ ଛିଡା ହୋଇଥିବାର ଦେଖି ପ୍ରଶ୍ନକଲେ – କାହାକୁ ଖୋଜୁଛ ?

ମୁଁ ତାଙ୍କ ପ୍ରଶ୍ନରେ ହତବତେଇ ଯାଇ କହିଲି– କାହାକୁ ଖୋଜୁନି, ରହିବା ପାଇଁ ଭଡାଘରଟିଏ ଖୋଜୁଛି ।

ଭଡାଘର ଖୋଜିବା ପାଇଁ ଏଠିକୁ କାହିଁକି ଆସିଛ ?

ହଁ, ଏ ଘର ଦେଖିବା ପରେ ଭାବୁଛି, ମୋତେ ଏଠିକା ଠିକଣା ଯିଏ ଦେଇଥିଲେ, ସିଏ ବୋଧେ ମୋ ଅବସ୍ଥାକୁ ଏମିତି ଉପହାସ କରିବା ପାଇଁ ।

କ'ଣ କରୁଛ ତମେ ?

କିଛି କରୁନି ଆଜ୍ଞା । କିଛି କରିବାର ସ୍ୱପ୍ନ ନେଇ ଗାଆଁରୁ ଚାଲି ଆସିଲି ଯେ ଏଠି ମୁଣ୍ଡ ଗୁଂଜିବାକୁ ଜାଗା ଖଣ୍ଡେ ପାଉନି ।

ଇତିମଧ୍ୟରେ ବୃଦ୍ଧ ଜଣକ ତାଙ୍କ କୁକୁରର ବେଲ୍‌ଟଟିକୁ ଧରି ଗେଟ୍ ଖୋଲି ସାରିଥିଲେ । ମୋତେ ଗୋଡରୁ ମୁଣ୍ଡଯାଏଁ ଥରେ ଚାହିଁ ପଚାରିଲେ – କେଉଁ ସ୍ୱପ୍ନକୁ ସାକାର କରିବାକୁ ଗାଆଁ ଛାଡି ସହରକୁ ଆସିଛ ?

ମୁଁ ଜଣେ ଶିଳ୍ପୀ, ଚିତ୍ର ଆଙ୍କେ । ଶୁଣିଲି ସହରରେ ଏହାର ଡିମାଣ୍ଡ ଅଛି, ସେହି ଭରସାରେ ଚାଲି ଆସିଲି ।

ତମେ ଶିଳ୍ପୀ । ଚିତ୍ର ଆଙ୍କ । ତମେ ବି ସେହି ପାଗଳାମିର ଶିକାର ?

ପାଗଳାମି ନୁହଁ ଆଜ୍ଞା, ମୁଁ ଏହାକୁ ମୋ ଜୀବନର ଲକ୍ଷ୍ୟ ବୋଲି ଧରି ନେଇଛି ।

ହୁଃ-ଲକ୍ଷ୍ୟ ନା ଛେନା ଗୁଡ ! ଇଏ ସବୁ ତମଭଳି ଅଳସୁଆ ଯୁବକଙ୍କର ପାଗଳାମି । ସେ ଏତେ ଘୃଣାରେ ହୁଃ-କହିଲେ ଯେ ମୁଁ ଭାବିଲି ଧଡାସ୍ କରି ଗେଟ୍ ବନ୍ଦ କରିଦେଇ ମୋତେ କହିବେ-ଗେଟ୍ ଆଉଟ୍ । ମାତ୍ର ସେମିତି କିଛି ନକରି କହିଲେ – ତମକୁ ଦେଖି ମୋର ଦୟା ଆସୁଛି । ମୁଣ୍ଡ ଗୁଂଜିବାକୁ ଚାହୁଁଛ ତ, ଆସ ଭିତରକୁ । ବଂଚିବାକୁ ଏବଂ ସ୍ୱପ୍ନ ଦେଖିବାକୁ ବହୁତ ରାସ୍ତା ପଡିଛି, ଶିଳ୍ପୀ ହେବାର ସ୍ୱପ୍ନ ଛାଡି ଅନ୍ୟ ମାର୍ଗ ଦେଖ ।

ଏତକ କହିସାରି ସେ ଚାଲିଲେ ଆଗେ ଆଗେ । ମୁଁ ତାଙ୍କୁ ଅନୁସରଣ କରି ଚାଲିଲି ।

ବୈଠକ ଘରେ ପହଂଚି ସେ ଖୁବ୍ ଦୃଢ ଓ ଗମ୍ଭୀର ଗଳାରେ ଡାକିଲେ – ଜଗୁ-ଜଗୁ ।

ମାତ୍ର ସେ ଡାକ ଶୁଣି କେହି ଆସୁନଥିଲେ । କିଛି ସମୟ ପରେ ସ୍ୱଗତୋକ୍ତି କଲାପରି କହିଲେ – ତାକୁ ତ ବଜାରକୁ ପଠାଇଛି, ଏଠି ଡାକ ଛାଡିଲେ କ'ଣ ହେବ ? ମୋ ଆଡକୁ ଚାହିଁ

Digitized by PPRACHIN, SOA

କହିଲେ ହଉ ତମେ ଏଇଠି ବସ, ଜଗୁ ଆସିଲେ ତମର ରହିବାର ବ୍ୟବସ୍ଥା କରିବ ।

ମୁଁ ବସିରହିଲି ବୈଠକଖାନାରେ । ବିସ୍ମୟ ହୋଇ ଦେଖୁଥିଲି ଘରଟିକୁ । ଶିଶୁ ଓ ମେହେଗାନୀ କାଠରେ ତିଆରି ଆଣ୍ଟିକ ପରି ସବୁ ଫର୍ଣ୍ଣିଚର । ଗଠନ କଳାରେ ଫୁଟି ଉଠୁଥିଲା ପ୍ରାଚୀନତା ସହ ଆଭିଜାତ୍ୟ । ସେ ସବୁର ହେପାଜତ୍ ମଧ ଏପରି ହେଉଥିଲା ଯେ ସେ ସବୁ ଦର୍ପଣ ପରି କରୁଥିଲେ ଚକ୍ ଚକ୍ । କାନ୍ଥରେ ଟଙ୍ଗା ଯାଇଥିଲା କିଛି ତୈଳଚିତ୍ର । ଆହୁରି ମଧ କ୍ୟାମେରାରେ ଉଠା ଯାଇଥିବା କିଛି ବ୍ଲାକ ଏଣ୍ଡ ହ୍ୱାଇଟ୍ ଫଟୋଗ୍ରାଫ୍ । ଫଟୋଗ୍ରାଫ୍‌ଗୁଡିକ ଯେତିକି ଆକର୍ଷଣୀୟ ଥିଲା, ତା'ଠାରୁ ଅଧିକ ଆକର୍ଷଣୀୟ ଥିଲା ଶିଶୁ କାଠରେ କୁଟିକମ୍ କରା ଫ୍ରେମ୍ । ମୁଁ ବିସ୍ମୟ ହୋଇ ସେ ସବୁ ଦେଖୁଥିବା ବେଳେ ସେ କହିଲେ – ଏଠି ଆମ ପରିବାରର ଦୁଇଟି ପିଢିର ଫଟୋ ରହିଛି । ଗୋଟିଏ ପିଢି ଅତୀତ ଓ ଗୋଟେ ପିଢି ବର୍ତ୍ତମାନ । ମାତ୍ର ବର୍ତ୍ତମାନ ପିଢିର ମୋତେ ଛାଡି କେହି ଜଣେ ବି ରହୁନାହାନ୍ତି ଏଠାରେ ।

ହେଇ ଦେଖ, ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଡିଗ୍ରୀ ଧରି ଯେଉଁ ଫଟୋଟି, ତାହା ମୋ ବଡ ପୁଅର । ସେ ଏବେ ଆମେରିକାର ସ୍ଥାୟୀ ବାସିନ୍ଦା । ପୂର୍ବରୁ ପ୍ରତିବର୍ଷ ଥରେ ଆସୁଥିଲା, ହେଲେ ବିଗତ ଦଶବର୍ଷ ହେଲାଣି ଆସିନାହିଁ । ବୋଧେ ତା' ମାଆ ବଂଚିଥିଲା ବୋଲି ଆସୁଥିଲା, ମାଆ ଚାଲିଗଲା ପରେ ଆଉ ଆସିବାର ଆବଶ୍ୟକତା ଉପଲବ୍ଧି କରିନାହିଁ । ଏପଟ କାନ୍ଥରେ ତା' ମାଆର ଫଟୋ । ମଝିରେ ଯେଉଁ ଫଟୋଟି ତାହା ମୋ ମଝିଆ ପୁଅର । ସେ ନାସାରେ ବୈଜ୍ଞାନିକ । ବିଦେଶୀ ମେମ୍‌କୁ ବାହାହୋଇ ସିଏ ବି ଏନ୍.ଆର.ଆଇ ଏବଂ ବିବାହ ପରଠାରୁ ଏଠିକୁ ଆସିନାହିଁ । ଏବେ ସିଏ ମୋତେ କିମ୍ବା ମୁଁ ତାକୁ ଦେଖିଲେ ଚିହ୍ନିପାରିବି କି ନା ସନ୍ଦେହ । ଶେଷରେ ଯେଉଁ ଫଟୋଟି ସିଏ ହିଁ ମୋର ଅସଲ ଦୁଃଖ । ଚୀନ୍‌ର ଦୁଃଖ ହୋୟାଙ୍ଗହୋ ପରି । ଭାବିଥିଲି ସେ ମୋ ପାଖରେ ରହି ଏ ସମସ୍ତ ସମ୍ପତ୍ତିର ହେପାଜତ୍ କରିବ, ମାତ୍ର ସେ ଏକ ଅଜବ ଖିଆଲର ଶିକାର ହେଲା । ଖିଆଲ ତ ନୁହେଁ, ପାଗଳାମି । ଆରେ ହଁ-ହଁ, ତମେ କ'ଣ କର ବୋଲି କହୁଥିଲ ?

ଶିଳ୍ପୀ-ଚିତ୍ର ଆଙ୍କେ ।

ହୁଁଃ-ଘରକୁ ଡାକି ସାରିଲିଣି ଯେତେବେଳେ, ଏବେ ତମକୁ ବାହାରି ଯିବାକୁ କହିବାଟା ଠିକ୍ ହେବନି । ମାତ୍ର ଜାଣିରଖ, ମୁଁ ଏହି ଚିତ୍ରକଳାକୁ ଘୃଣା କରେ । ମୋର ଏଇ ପୁଅ ଶିଳ୍ପୀ-ଚିତ୍ର ଆଙ୍କେ । ସେହି ଖିଆଲରେ ସେ ମୋ ପାଖରେ ରହୁନି । ସହରଠାରୁ ଦୂରରେ ମୋର ଗୋଟେ ଫାର୍ମ ହାଉସ୍ ଅଛି । ସେଇଠି ରହୁଛି ସିଏ । ସମ୍ପୂର୍ଣ୍ଣ ଏକା । ବାହା ହେଲାନି କି ସଂସାର କଲାନି । ଚିତ୍ରକଳାରେ ସେ କ'ଣ ଗୋଟେ ସନ୍ଧାନରେ ଅଛି । ତାକୁ ନ ପାଇବା ଯାଏ, ପଣ କରିଛି ବାହାହେବନି ବୋଲି । ହେଲେ ମୁଁ ଜାଣିଛି ସେ ଯାହା ଖୋଜୁଛି ତାକୁ ପାଇପାରିବ ନାହିଁ କି ବାହାହେବ ନାହିଁ । ଏଇ ଅଳ୍ପ ଦୂରରେ ସେ ରହୁଥିଲେ ମଧ ତା' ସହ ମୋର ସାକ୍ଷାତ ନାହିଁ କହିଲେ ଚଳେ । କେବଳ ଘୃଣାରେ ।

Digitized by PPRACHIN, SOA

ତାଙ୍କର ନାଁ କ'ଣ ?

କ'ଣ ତାକୁ ସାକ୍ଷାତ କରିବ ନା କ'ଣ ? ସିଏ ତ ଏବେ କାହାକୁ ସାକ୍ଷାତ କରୁନି । ଆଗରୁ ବହୁ ପେଣ୍ଟିଂ କରୁଥିଲା, ଚିତ୍ରକଳାରେ ତା'ର ନାଆଁ ବି ଥିଲା । ହେଲେ ଏବେ ସେ କେବଳ ତୂଳୀଟିଏ ଧରି ଗୋଟେ ଶୂନ୍ୟ କାନ୍‌ଭାସ୍ ଆଗରେ ବର୍ଷ ବର୍ଷ ହେଲାଣି ବସିରହୁଛି ବୋଲି ଶୁଣିଛି । କେଉଁ ଚିତ୍ର ଆଙ୍କିବାର ପ୍ରସ୍ତୁତିରେ ସେ ଅଛି, ସେ ହିଁ କେବଳ ଜାଣେ ।

ଇତ୍ୟବସରରେ ତାଙ୍କର ଜଗୁ ନାମକ ଭୃତ୍ୟଟି ଆସି ପହଂଚି ଯାଇଥିଲା । ତାକୁ ମୋର ରହିବାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇ କହିଲେ – ମୋ ପାଇଁ ମଧ୍ୟ ରୋଷାଇ କରିବାକୁ ।

ମୁଣ୍ଡ ଗୁଂଜିବାକୁ ଜାଗା ମିଳୁଥିବାରୁ ମୁଁ ତାଙ୍କ ପାଖରେ ଏତେ କୃତଜ୍ଞ ଥିଲି ଯେ ମୋର ଖାଇବାର ବୋଝ ତାଙ୍କ ଉପରେ ପଡୁ ବୋଲି ଚାହୁଁନଥିଲି । ମୁଁ ନାଇଁ-ନାଇଁ, ଆଜ୍ଞା କହୁ କହୁ ସେ ଗର୍ଜନ କରି କହିଲେ – ଏଠି କେବଳ ମୋ ହୁକୁମ୍ ଚାଲେ । ମୋ ଘରେ ଅନ୍ୟ କାହାର ଇଚ୍ଛା ବା ଅନିଚ୍ଛାର ମୂଲ୍ୟ କିଛି ନାହିଁ । ସେଥିପାଇଁ ତ ଜଣକ ପରେ ଜଣେ ଏ ଘର ଛାଡି ଚାଲି ଯାଇଛନ୍ତି । ହେଲେ ମୁଁ ମୋ ଜିଦ୍‌ରୁ ଓହରିଯାଇନି କି ଭାଙ୍ଗିପଡିନି । ତେଣୁ ତମେ ଯଦି ଏଠାରେ ରହିବାକୁ ଚାହୁଁଛ, ତେବେ ମୋର ହୁକୁମ୍ ମାନି ଚଳିବ, ନଚେତ୍ ଅନ୍ୟ ରାସ୍ତା ଦେଖ ।

ଅଗତ୍ୟା ମୋ'ର ଆଉ କିଛି କହିବାର ନଥିଲା । ମୁଁ ମୁଣ୍ଡ ପୋତି ଛିଡା ହୋଇଥିବା ବେଳେ ସେ ଜଗୁକୁ ନିର୍ଦ୍ଦେଶ ଦେଲେ ମୋର ରହିବା ଘର ଦେଖାଇଦେବାକୁ । ମୁଁ ଜଗୁ ପଛେ ପଛେ ଚାଲିଲି । ଜଗୁ ଗୋଟିଏ ପରେ ଗୋଟିଏ ରୁମ୍ ଅତିକ୍ରମ କରି ଶେଷକୁ ଯେଉଁ ରୁମ୍‌ଟି ମୋ ପାଇଁ ଖୋଲିଲା, ତାକୁ ଖୋଲୁ ଖୋଲୁ କହିଲା – ଆଉ କେଉଁ ଅତିଥି ଆସୁଛନ୍ତି ଯେ ତାଙ୍କ ପାଇଁ ସଜାହୋଇ ବନ୍ଦ ହୋଇ ରହିଥିବ । ଆପଣ ରୁହନ୍ତୁ ଏଠାରେ । ଆପଣ ବି ତ ଅତିଥି ନା !

ମୁଣ୍ଡ ଗୁଂଜିବାକୁ ଝୁମ୍ପୁଡି ଖୋଜୁଥିବା ବେଳେ ଏ ରାଜମହଲର ଅତିଥିଶାଳା ! ମୁଁ ବିସ୍ମୟାଭିଭୂତ ହୋଇ ଭାବୁଥିଲି ଭାଗ୍ୟ ବୋଧେ କିଛି ନୂଆ କରିବାର ସୁଯୋଗ ଦେବ ।

ରହିଗଲି ସିନା ରାଜକୀୟ କାଇଦାରେ, ହେଲେ ସାହସ କରିପାରୁନଥାଏ ମୋର ରଙ୍ଗ ତୂଳୀ ବାହାର କରି ଚିତ୍ର ଉପରେ ଧ୍ୟାନ ଦେବାପାଇଁ । ଚୌଧୁରୀ ସାହେବଙ୍କର ଚିତ୍ରକଳା ଉପରେ ଥିବା ଘୃଣା ମୋତେ ଏଥିରୁ ନିବୃତ୍ତ କରୁଥାଏ । ଥରେ ବୁଲୁ ବୁଲୁ ଦେଖିଲି ଗୋଟିଏ ରୁମ୍‌ର ଦ୍ୱାରଦେଶରେ ଲେଖାଯାଇଛି ତୂଳୀଶାଳା । ଏ ଘରଟିରେ କ'ଣ ଅଛି ବୋଲି ଜଗୁକୁ ପଚାରିଲି । ସେ କହିଲା – ଏ ଘରେ ସାହେବଙ୍କ ଘୃଣା ଭର୍ତ୍ତି ହୋଇଛି ।

ମାନେ !

"ଆମ ସାନ ସାହେବଙ୍କର ସମସ୍ତ ଚିତ୍ରକଳା ଭର୍ତ୍ତିହୋଇ ରହିଛି ଏ ଘରେ ।"

ଏ ଘରର ଚାବି ଅଛି ତମ ପାଖରେ ?

ଅଛି ଯେ ହେଲେ ସାହେବ ଥିବାବେଳେ ଏଘର ଖୋଲିଲେ ମହାବିପଦ । ଯେ ଯେତେବେଳେ ବାହାରକୁ ଯାଇଥିବେ ମୁଁ ସେ ଘର ଖୋଲି ଆପଣଙ୍କୁ ଦେଖାଇବି ।

Digitized by PPRACHIN, SOA

ଦିନେ ସାହେବଙ୍କ ଅନୁପସ୍ଥିତିରେ ଜଗୁ ମୋ ପାଖକୁ ଆସି କହିଲା – ସେ ଘର ଦେଖିବେ ବୋଲି କହୁଥିଲେ ପରା, ଆସନ୍ତୁ । ସେ ଘରର କବାଟ ଖୋଲୁ ଖୋଲୁ ଜଗୁ କହିଲା – ଏସବୁ ଲୋକଙ୍କୁ ଦେଖାଇବା ଜିନିଷ । ତା' ନକରି ଗୋଟେ ଅଜବ କ୍ରୋଧରେ ସାହେବ ତାକୁ ବନ୍ଦ କରି ରଖିଛନ୍ତି । ତାଙ୍କର ଉଦ୍ଦେଶ୍ୟ ଥିଲା ଏମିତି ବାରଣ ଦ୍ୱାରା ପୁଅ ତାଙ୍କର ଛାଡିଦେବ ଚିତ୍ରକଳାର ନିଶା । ଫେରିଆସିବ ଜମିଦାରିର ଦାୟିତ୍ୱ ନେବାପାଇଁ । ମାତ୍ର ଚିତ୍ରକଳା ଯାହା ରକ୍ତରେ, ସିଏ ଭଲା କାହିଁକି ଏସବୁ ଜଂଜାଳରେ ପଶି ଥାଆନ୍ତେ । ଚିତ୍ରକଳା ତ ଛାଡିପାରିଲେନି ବରଂ ଛାଡିଦେଲେ ଘରକୁ । ଏବେ ଯାଇ ରହୁଛନ୍ତି ଫାର୍ମ ହାଉସ୍‌ରେ ।

ଖୁବ୍ ସୁନ୍ଦର ଭାବରେ ଫ୍ରେମିଙ୍ଗ୍ କରାଯାଇ ରଖାଯାଇଥିଲା ସମସ୍ତ ପେଣ୍ଟିଂକୁ । ପ୍ରତ୍ୟେକ ପେଣ୍ଟିଂ ଏକରୁ ଆରକେ ବଳି ସୁନ୍ଦର ଓ ଭାବଧର୍ମୀ ଥିଲେ । ମୁଁ ଚିତ୍ରଗୁଡିକୁ ନିରୀକ୍ଷଣ କରି ଦେଖିବା ବେଳେ ଶ୍ରଦ୍ଧା ଓ ଭକ୍ତିରେ ମୋ ମୁଣ୍ଡ ନଇଁ ଯାଉଥିଲା ସେ ଶିଳ୍ପୀଙ୍କ ପାଇଁ । ମନେ ମନେ ନିଜକୁ ତୁଳନା କରୁଥିଲି । ଭାବି ପାରୁନଥିଲି ତାଙ୍କ ତୁଳନାରେ । ମୋର ସ୍ଥାନ କେଉଁଠି । ମନେ ମନେ ଭାବିଲି, ମୁଁ ଯେଉଁ ଗୁରୁଙ୍କ ସନ୍ଧାନରେ ଘରୁ ଆସିଥିଲି, ଇଏ ନିଶ୍ଚୟ ସେହି ଗୁରୁ, ନଚେତ୍ ଏମିତି ସଂଯୋଗ କେମିତି ଘଟିଥାଆନ୍ତା ?

ଗୁରୁଙ୍କ ସାକ୍ଷାତ୍ ପାଇଁ କାହାକୁ କିଛି ନ କହି ଦିନେ ଯାଇ ପହଂଚିଲି ତାଙ୍କ ଫାର୍ମ ହାଉସ୍‌ରେ । ଫାର୍ମ ହାଉସ କହିଲେ ବୁଝାଉଥିଲା ଗୋଟେ ଫଳ ବଗିଚ୍ଚ, ମାଛ ପୋଖରୀ, ଗୋରୁ ଗୁହାଳ ଇତ୍ୟାଦି । ସେଥିରେ ଯେ ଚାଷ ଉପଯୋଗୀ ଜମି ନଥିଲା ସେ କଥା ନୁହେଁ, ଚାଷ ଜମିତକ ଅଚଷା ଓ ଅରମା ହୋଇ ପଡିଥିଲା । କିନ୍ତୁ ସେ ଜମିର ହାବଭାବ କହୁଥିଲା ଏକଦା ସେ ଜମିରୁ ପ୍ରଚୁର ଶସ୍ୟ ଅମଳ ହେଉଥିଲା । ମୁଁ ଫାର୍ମ ହାଉସ୍ ଦାୟିତ୍ୱରେ ଥିବା ଲୋକଟିକୁ କହିଲି – ମୋତେ ଜଗୁ ପଠାଇଛି ସାନ ସାହେବଙ୍କୁ ଭେଟିବା ପାଇଁ ।

"ସାନ ସାହେବଙ୍କୁ ଭେଟିବେ ?" ମୋତେ ବିସ୍ମିତ ହୋଇ ଏ ପ୍ରଶ୍ନଟି ପଚାରି ଦେଇ କହିଲା, "ଜଗୁ ନ ଜାଣିଲା ପରି ପଠାଇ ଦେଲା କେମିତି ?" କିଏ ଜାଣେ ସେ ଭେଟିବାକୁ ଅନୁମତି ଦେବେ କି ନାହିଁ ।

କାହିଁକି ?

କାହିଁକି କ'ଣ, କିଏ ଭେଟିବାକୁ ଆସିଲେ ତାଙ୍କର ଏକାଗ୍ରତା ଉପରେ ଆଂଚ ଆସିବ, ସେଥିପାଇଁ ସେ କାହାରିକୁ ଭେଟୁ ନାହାନ୍ତି । ଦେଖୁନାହାନ୍ତି ଏଠାରେ ଲୋକଙ୍କ ଗହଳ ଚହଳ କମାଇ ଦେବାପାଇଁ କେମିତି ସୁନା ଫଳୁଥିବା ଜମିରେ ଚାଷ ବନ୍ଦ କରି ଦେଇଛନ୍ତି । ଜମିସବୁ କେମିତି ଅରମା ହୋଇ ପଡିଆ ପଡିଛି । ପୋଖରୀରେ ମାଛ ନାହାନ୍ତି କି ଗୁହାଳରେ ଗାଈ ନାହାନ୍ତି । ସେ କ'ଣ କରୁଛନ୍ତି ଯେ ତାଙ୍କର ଏକାଗ୍ରତା ଭଂଗ ହେବ, ତାହା ମୁଁ ଆଜିଯାଏ ବୁଝିପାରୁ ନାହିଁ । ଗୋଟିଏ ଶୂନ୍ୟ କାନ୍‌ଭାସ ଆଗରେ ତ କେବଳ ରାତିଦିନ ବସିଛନ୍ତି, ତୂଳୀଟିଏ ଧରି । କେଉଁ ଚିତ୍ର କରିବାର ଉପକ୍ରମ ସେ କରୁଛନ୍ତି, ସେ ନିଜେ ହିଁ କେବଳ ଜାଣନ୍ତି । କାନ୍‌ଭାସରେ କୌଣସି ଚିତ୍ର

Digitized by PPRACHIN, SOA

ଅଙ୍କାହେଲେ ସିନା କିଏ ଜାଣନ୍ତା, କି ଚିତ୍ର ହେଉଛି । ଯାହା ବି କୁହନ୍ତୁ, ଆମ ବଡ ସାହେବ ଠିକ୍ କଥା କହୁଛନ୍ତି – ଇଏ ଗୋଟେ ପାଗଳପଣ । ଚିତ୍ର ଆଙ୍କିବା ନାଆଁରେ ଗୋଟିଏ କାନ୍‌ଭାସ୍ ଆଗରେ ରାତିଦିନ ବସି କ'ଣ ଶୂନ୍ୟର ଚିତ୍ର ଆଙ୍କୁଛ ।

କି ଅଜବ ଶିଳ୍ପୀ ଇଏ ବାବା! ସେଥିରେ ଠିକ୍ ଠାକରେ ଖିଆ ନାହିଁ କି ପିଆ ନାହିଁ । ରୋଷେଇ କରିବାରେ ଆମର ହେଳା ନାହିଁ । ରାନ୍ଧିବାଢି ସାରି ଖାଇବାକୁ ବସାଇବା ପର୍ଯ୍ୟନ୍ତ ଆମେ ସିନା କରିପାରିବୁ, ହେଲେ ତାଙ୍କ ପାଇଁ ତ ଆଉ ଖାଇପାରିବୁ ନାହିଁ । ମୁହଁରେ ପଦିଏ କଥା କହିବା ମନା-କେବଳ ଯାହା ଇଶାରାରେ । ଯଦି କେତେବେଳେ ମନକୁ ଆସିଛି ଖାଇବେ ତ କେବଳ ଦେଇଥିବା ଭାତତକ ଖାଇଦେବେ । ସାଂଗରେ ନେଇଥିବା ତରକାରି ସେମିତି ଥୁଆ ହୋଇଥିବ । ଆଉ କେତେବେଳେ ତରକାରି ସବୁ କେବଳ ଖାଇବେ ଯେ ଦେଇଥିବା ଭାତ କି ରୁଟିରେ ହାତ ମାରିବେ ନାହିଁ । ବେଳେ ବେଳେ ତ ପଟେ ରୁଟି କି ପିଠାକୁ ଧରି ସେମିତି ସେଇ କାନ୍‌ଭାସ୍ ଆଗରେ ବସିଥିବେ ଯେ ବସିଥିବେ । ମୁଁ ଆଗରୁ ଜାଣିଥିଲି ଶିଳ୍ପୀମାନେ ସ୍ୱପ୍ନ ଜଗତର ମଣିଷ, ସବୁବେଳେ କଳ୍ପନା ବିଳାସରେ ରହନ୍ତି । ତାଙ୍କର ଚଳିଚଳନ ସାଧାରଣ ମଣିଷଙ୍କ ଠାରୁ ଭିନ୍ନ । ମାତ୍ର ଇଏ ଏତେ ଅସ୍ୱାଭାବିକ ସ୍ୱପ୍ନବିଳାସୀ ଯେ ତାଙ୍କର ହାବଭାବ କେବଳ ଅସାଧାରଣ ନୁହେଁ, ଅଜବ ମଧ୍ୟ ।

ଆଚ୍ଛା ସେ ଆଙ୍କିଥିବା ଚିତ୍ରସବୁକୁ ତମେ ଦେଖିଛ ନା ?

ଦେଖିଛି ମାନେ, ସେ ସବୁକୁ ପରା ଯତ୍ନରେ ସାଇତି ରଖିବା ଦାୟିତ୍ୱ ମୋର ଥିଲା । ଉଆସରେ ଗୋଟେ ଘର ପରା ଭର୍ତ୍ତି ହୋଇଛି ପେଣ୍ଟିଂରେ । ପୂର୍ବରୁ ବହୁଲୋକ ଆସି ତାଙ୍କ ପେଣ୍ଟିଂ ଦେଖି ତାରିଫ୍ କରୁଥିଲେ । ଦେଶ ବିଦେଶରୁ ବହୁ ବ୍ୟକ୍ତି ଆସି ତାଙ୍କର ଚିତ୍ରକୁ କିଣିବା ପାଇଁ ମଧ୍ୟ ପ୍ରଚୁର ଅର୍ଥ ଯାଚିଛନ୍ତି । ମାତ୍ର ସାନ ସାହେବଙ୍କର ଏକା ଜିଦ୍, ସେ ତାଙ୍କର ପେଣ୍ଟିଂକୁ ବିକିବେ ନାହିଁ । ପେଣ୍ଟିଂ ସବୁ ତାଙ୍କ ପାଇଁ ପୁତ୍ରକନ୍ୟା ସଦୃଶ । ସେମାନଙ୍କୁ ସେ ବିକିପାରିବେ କିପରି! ତାଙ୍କର ଚିତ୍ରକଳାର ପ୍ରଦର୍ଶନୀ ପାଇଁ ବହୁ ପ୍ରସ୍ତାବ ଆସିଛି, ମାତ୍ର ସବୁଥର ସେ ତାକୁ ପ୍ରତ୍ୟାଖ୍ୟାନ କରି କହନ୍ତି, ପ୍ରଦର୍ଶନୀର ଅର୍ଥ ଆତ୍ମପ୍ରଚାର । ତା'ଛଡା ମୁଁ ଆଜିଯାଏ ଯାହା ଆଙ୍କିଛି, ସେଥିରେ କ'ଣ ମୁଁ ସନ୍ତୁଷ୍ଟ ହେଲିଣିକି ? ମୁଁ ଯେତେବେଳେ ସନ୍ତୁଷ୍ଟ ନୁହଁ, ତାକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପିତ କରି କିପରି ସନ୍ତୁଷ୍ଟ କରିପାରିବି ? ଏହା କ'ଣ ସାଧାରଣ ଚିତ୍ରପ୍ରେମୀ ମାନଙ୍କର ଆବେଗ ଓ ଶ୍ରଦ୍ଧାକୁ ପ୍ରତାରଣା କଲାଭଳି ହେବ ନାହିଁକି ? ମୁଁ ଅପେକ୍ଷା କରୁଛି ମୋର ମାଷ୍ଟରପିସ୍‌କୁ ଶ୍ରେଷ୍ଠତମ କୃତିକୁ, ଯେଉଁ ଦିନ ସେଇଟା ଅଙ୍କା ସରିବ, ସେଦିନ ମୋର ସମସ୍ତ ଚିତ୍ରକୁ ମୁଁ ସର୍ବସାଧାରଣଙ୍କ ଆଗରେ ଉପସ୍ଥାପନ କରିବି ।

ମୁଁ ମନେ ମନେ ଭାବିଲି ଯେ ଜଣେ ଶିଳ୍ପୀ କିପରି ଜାଣିବ ତା'ର ଶ୍ରେଷ୍ଠତମ କୃତିକୁ ? ଶ୍ରେଷ୍ଠତମର ଅପେକ୍ଷାରେ ତ ଗୋଟିଏ ପରେ ଗୋଟିଏ ଚିତ୍ର ଜନ୍ମ ନିଏ । ଚିତ୍ରଟିଏ ଆଙ୍କି ସାରିବା ପରେ ଶ୍ରେଷ୍ଠତମର ସନ୍ତୁଷ୍ଟି ଆସେ ନାହିଁ ବୋଲିତ ଶିଳ୍ପୀଟି ଆଙ୍କି ବସେ ଆଉ ଗୋଟେ ଚିତ୍ର ।

Digitized by PPRACHIN, SOA

କେବଳ ସନ୍ଧାନରେ ଥାଏ ଶ୍ରେଷ୍ଠତମର । କୌଣସି ଶିଳ୍ପୀର ଜୀବଦ୍ଦଶାରେ କ'ଣ ଆସିପାରେ ଶ୍ରେଷ୍ଠତମ କୃତିର ସନ୍ତୋଷ ! ଶ୍ରେଷ୍ଠତମର ଅନ୍ୱେଷାରେ ସେ ଯାହା ଆଙ୍କିଥାଏ, ତା'ର ମୃତ୍ୟୁପରେ ସେଥିରୁ କେଉଁ ଗୋଟିକୁ ମିଳେ ଶ୍ରେଷ୍ଠର ଆଖ୍ୟା । ସେକଥା ଜାଣିବା ବା ଶୁଣିବା ପାଇଁ ଶିଳ୍ପୀଟି ନଥାଏ । ଯଦି ଶିଳ୍ପୀଟି ଜାଣି ପାରୁଥାଆନ୍ତା, ଏଇଟି ତା'ର ଶ୍ରେଷ୍ଠତମ କୃତି ବୋଲି ତେବେ ତାହାପରେ ତା'ର ଆଉ ଆଙ୍କିବାର ଆବଶ୍ୟକତା ରହନ୍ତା କି ?

ମନର ଭାବ ମନରେ ରଖି ପଚାରିଲି – ଆଚ୍ଛା ସାନସାହେବ କ'ଣ ସବୁଦିନ ଏହିପରି ?

ନା-ନା, ଆଗରୁ ଏପରି ନଥିଲେ । ପୂର୍ବରୁ ତ ସେ ବହୁତ ଖୁସି ମିଜାଜର ମଣିଷ ଥିଲେ । ଚିତ୍ରଟିଏ ସରିଗଲା ପରେ ଡାକ ଛାଡିବେ-ବିଶୁ, ବିଶୁ, ଆ, ଆ ଦେଖିବୁ ଆ । ମୁଁ ଆସି ତାଙ୍କ ପାଖରେ ପହଂଚିବା ବେଳକୁ ସେ ଖୁସିରେ ବଜାଉଥିବେ ସୁସୁରି । ଆଙ୍କିଥିବା ଚିତ୍ରକୁ ଦେଖାଇ ମୋତେ ପଚାରିବେ – କହ, କେମିତି ହୋଇଛି ? ମୁଁ ବା ସେ ଚିତ୍ରରୁ କ'ଣ ବୁଝିପାରିବି ! ଯେତେ ନିରିଖେଇ ଦେଖିଲେ ବି ବୁଝିପାରେନା ସେ ଚିତ୍ରର ବିନ୍ଦୁ ବିସର୍ଗ । ସେ କ'ଣ କେଉଁ ଗୋଟାଏ ଜିନିଷର ଚିତ୍ର ହୋଇଛି ଯେ ଅବିକଳ ଦେଖାଯାଉଛି ବୋଲି ଭଲ କହିଦେବି । କେବଳ କହେ – ସାନ ସାହେବ ଆଙ୍କିଛନ୍ତି, ଦୁନିଆସାରା ଭଲ କହୁଛନ୍ତି, ମୁଁ ବା କ'ଣ ଅଧିକ କହିବି ।

ସେଦିନ ସେ ଖୁବ୍ ହାଲ୍କା ଲାଗନ୍ତି । ମନ ପସନ୍ଦର ଖାଦ୍ୟ ଖାଇବା ପାଇଁ ବରାଦ କରନ୍ତି । ତାଙ୍କର ଏହି ଉଲ୍ଲାସପଣ ରହେ କିଛିଦିନ ଧରି । ସେ ବୁଲନ୍ତି ଫାର୍ମ ହାଉସ୍ ସାରା । କଥା ହୁଅନ୍ତି ଗଛ, ପତ୍ର, ଆକାଶ ସହ । ଏହା ଲାଗିରହେ ଆଉ ଗୋଟେ ଚିତ୍ର ଆଙ୍କିବାର କାଳିଶୀ ନଲାଗିବା ଯାଏ । ମାତ୍ର ଏବେ କେଉଁ ଗୋଟେ ଚିତ୍ରର କାଳିଶୀ ତାଙ୍କୁ ଲାଗିଚି ଯେ ମୁଁ ଜମା ଜାଣିପାରୁନି । ମାସ ମାସ, ବର୍ଷ ବର୍ଷ ଧରି ସେ ବସିଛନ୍ତି ଯେ ବସିଛନ୍ତି । କଥା ନାହିଁ କି ବାର୍ତ୍ତା ନାହିଁ, ଖିଆ ନାହିଁକି ପିଆନାହିଁ, ଲାଗୁଛି ସେ ଯେମିତି ଏ ଜଗତରୁ ଉର୍ଦ୍ଧ୍ୱରେ ଅନ୍ୟ କେଉଁ ଜଗତରେ ଅଛନ୍ତି । ଯାହା ବି ହେଲା କିଛି ଆଙ୍କୁଥାଆନ୍ତେ କି ମୁଁ ଜାଣନ୍ତି ଆଜି ନହେଲା କାଲି, ମାସେ ନହେଲେ ବର୍ଷେ ପରେ ସରିବ । ହେଲେ ଏମିତି ଶୂନ୍ୟ କାନଭାସ୍ ଆଗରେ ବର୍ଷ ବର୍ଷ ବସିଲେଣି ଯେ ମୋତେ ଲାଗୁଛି, ସେ ଚିରକାଳ ଏମିତି ବସିଥିବେ ।

ବିଶୁଠାରୁ ଏକଥା ଶୁଣିବା ପରେ ମୁଁ ଆଉ ଚାହିଁଲି ନାହିଁ ସିଧାସଳଖ ତାଙ୍କୁ ଭେଟିବା ପାଇଁ । କେବଳ ଅନୁରୋଧ କଲି ଫାର୍ମ ହାଉସରେ କିଛିଦିନ ରହିବାକୁ ଅନୁମତି ଦେବାକୁ, ଯାହା ଫଳରେ ମୁଁ ତାଙ୍କୁ ଦୂରରୁ ଥାଇ ଅନୁଧ୍ୟାନ କରିପାରିବି ।

ବିଶୁ ମୋତେ ପଚାରିଲା – ଆପଣ ବି କ'ଣ ଜଣେ ଶିଳ୍ପୀ ? ହଁ, ମୁଁ ଚିତ୍ର ଆଙ୍କେ, ହେଲେ ସାନସାହେବଙ୍କ ପରି ଏତେ ବଡ ଶିଳ୍ପୀ ନୁହଁ ।

ହଉ ଠିକ୍ ଅଛି – ଆପଣ ଏଠାରେ ରୁହନ୍ତୁ, କ'ଣ ଅନୁଧ୍ୟାନ କରିବାର ଅଛି କରନ୍ତୁ । ହେଲେ ତାଙ୍କୁ ଡିଷ୍ଟର୍ବ କରିବେ ନାହିଁ ।

ନା-ନା, ତମେ ସେଥିପାଇଁ ନିଃସନ୍ଦେହ ରହିପାର ।

Digitized by PPRACHIN, SOA

ମାତ୍ର ମୋର ଅନୁଧ୍ୟାନ ପୂର୍ବରୁ ମୋ ଉପସ୍ଥିତିକୁ ସେ ଜାଣିପାରିଲେ । ସେଦିନ ରାତ୍ରିଭୋଜନ ସମୟକୁ ବିଶୁ ହାତରେ ଖବର ଦେଲେ ତାଙ୍କ ସହ ସାକ୍ଷାତ ପାଇଁ ।

ବିଶୁଠାରୁ ଖବର ପାଇ ମୁଁ ଖୁସି ଯେତିକି ହେଲି, ମନେ ମନେ ପ୍ରମାଦ ମଧ୍ୟ ସେତିକି ଗଣି ତାଙ୍କ କୋଠରିକୁ ଗଲି । ମୋର ଉପସ୍ଥିତିକୁ ଉପଲବ୍ଧି କରି କାନ୍‌ଭାସ୍ ଉପରୁ ଆଖି ନ ଫେରାଇ ସେ କହିଲେ – ବସନ୍ତୁ ।

ମୁଁ ଜାଣେ ଆପଣ ଜଣେ ଶିଳ୍ପୀ । ଆପଣ ଯେବେଠାରୁ ଉଆସରେ ଅଛନ୍ତି, ସେବେଠୁ ଖବର ପାଇଛି । ଜାଣିଥିଲି ଆପଣ ନିଶ୍ଚୟ ଏଠାକୁ ଆସିବେ ବୋଲି, ମାତ୍ର କେବେ ଆସୁଛନ୍ତି ସେଥିପାଇଁ ଅପେକ୍ଷା କରୁଥିଲି ।

କେମିତି ଜାଣିଲେ ?

ଜଣେ ଶିଳ୍ପୀର ଚେତନା ଯେଉଁଠି ପରାହତ ହୁଏ, ଆଉ ଜଣେ କେହି ଆସି ତାକୁ ସେଠାରୁ ଉଧାର କରେ–ସେ ସମଧର୍ମୀ ହୋଇପାରନ୍ତି ବା ଈଶ୍ୱର ।

ଚେତନାର ପରାହତ ?

ହଁ, ମୁଁ ଯେଉଁ ଚିତ୍ର ଆଙ୍କିବାକୁ ଚାହୁଁଛି, ତା'ର ରଙ୍ଗର ସମନ୍ୱୟ ପାଇଁ ମୁଁ ବସି ରହିଛି ମାସ ମାସ, ବର୍ଷ ବର୍ଷ ଧରି ଏ ଶୂନ୍ୟ କାନ୍‌ଭାସ ଆଗରେ । ମୁଁ ଆଙ୍କିବାକୁ ଚାହୁଁଥିବା ଚିତ୍ରର ରୂପରେଖ ତ ମୁଁ ତିଆରି କରିସାରିଛି, ହେଲେ କେବଳ ସନ୍ଧାନ କରୁଛି ରଂଗର ।

କ'ଣ ସେ ଚିତ୍ରର ରୂପରେଖ ?

ମାୟା । ମାୟାର ବ୍ୟାପକ ରୂପ । ସେଠି ପ୍ରେମ ଥିବ, ଅହଂକାର ଥିବ, ଶୂନ୍ୟତା ଥିବ ।

ଯଥେଷ୍ଟ ବିନୟଭାବ ଦେଖାଇ ମୁଁ କହିଲି – ଏସବୁ ହେଉଛି ଅନୁଭବ ଓ ଚେତନାର ବିଷୟ । ଜଣେ ଶିଳ୍ପୀ ନିଜର ଅନ୍ତର୍ଦୃଷ୍ଟି ଓ ଚେତନାର ଗଭୀରତା ଅନୁଯାୟୀ ଏ ରଂଗର ପରିକଳ୍ପନା କେବଳ କରିପାରେ । କାରଣ ପ୍ରକୃତିର ଦୃଶ୍ୟମାନ ବସ୍ତୁଙ୍କୁ ଛାଡିଦେଲେ ସବୁତ କଳ୍ପନା ଉପରେ ପର୍ଯ୍ୟବସିତ ହୋଇ ରଂଗାୟିତ ହୋଇଥାଏ ।

ଆକାଶ ତ ଦୃଶ୍ୟମାନ ବସ୍ତୁନୁହେଁ, ତେବେ ଆକାଶର ରଂଗ ନୀଳ କାହିଁକି ? ପ୍ରଶ୍ନଟି ପଚାରି ସାରି ସାଂଗେ ସାଂଗେ କହିଲେ – ମୁଁ ଜାଣେ ଆପଣ ଏହାର ଏକ ବିଜ୍ଞାନସମ୍ମତ କାରଣ ଦେଇପାରିବେ । ମାତ୍ର ମନେରଖନ୍ତୁ ଯେଉଁଠି ବିଜ୍ଞାନର ସମସ୍ତ ତତ୍ତ୍ୱ ଓ ସିଦ୍ଧାନ୍ତ ପରାହତ ହୁଏ, ସେଠି କଳ୍ପନା ଓ ଅନ୍ତର୍ଦୃଷ୍ଟିର ସହାୟତା ନିଏ ମଣିଷ । ଲାଜର ରଂଗ ଲାଲ୍, ରାଗର ରଂଗ ଲାଲ୍, ରକ୍ତର ରଂଗ ଲାଲ୍, ହେଲେ ସବୁ ଲାଲ ରଂଗ କ'ଣ ସମାନ ? ଏ ତିନୋଟିକୁ ରଂଗେଇଲା ବେଳେ ଶିଳ୍ପୀଟିଏ ନିଜର କଳ୍ପନା ମିଶାଇ ରଂଗର ଗାଢତ୍ୱ ନିରୂପଣ କରେ । ଶିଳ୍ପୀଟିଏ କେବଳ ରଂଗ ଓ ତୂଳୀରେ ଖେଳେ ନାହିଁ, ରଂଗ ହେଉଛି ଶିଳ୍ପୀର ଚେତନାର ପରିପ୍ରକାଶ, ତୂଳୀ ହେଉଛି ମାଧ୍ୟମ ଓ କାନ୍‌ଭାସ୍ ହେଉଛି ଆଧାର । ମୋ ପାଖରେ ମାଧ୍ୟମ ଓ ଆଧାର ଥାଇ ମଧ୍ୟ ମୁଁ ଦିନ ଦିନ, ମାସ ମାସ ଧରି ଯେମିତି ଶୂନ୍ୟ କାନ୍‌ଭାସ ସାମ୍ନାରେ ବସିରହିଛି, ମୋତେ ଯିଏ ଦେଖିବ

Digitized by PPRACHIN, SOA

ନିଶ୍ଚୟ ପାଗଳ ବୋଲି ଭାବିବ । ବିକ୍ଷିପ୍ତ ଚେତନା ପାଗଳପଣ ହେଲେ ଚେତନାର ପରାହତ ଅବସ୍ଥା ମହାପାଗଳ ପଣ । ଆପଣଙ୍କର ଏ ଅନୁଭବ ଆସିଛି କି ନାହିଁ ମୁଁ ଜାଣେନା । ମାତ୍ର ପ୍ରତ୍ୟେକ ଶିଳ୍ପୀ ଭିତରେ ଏ ଅନୁଭବ ଦିନେ ନା ଦିନେ ଆସିବାକୁ ବାଧ । ହୁଏତ ତାହା ସାଧନା କରୁ କରୁ ଆସିପାରେ କିମ୍ବା ତାହାପାଇଁ ସାଧନା କରିବାକୁ ପଡିପାରେ । ହଁ–ଆପଣ ଯେଉଁକଥା କହୁଥିଲେ, ଦୃଶ୍ୟମାନ ବସ୍ତୁକୁ ଛାଡିଦେଲେ ଅନ୍ୟସବୁକୁ କଳ୍ପନାର ରଂଗ ଦେବାକୁ ପଡେ ତାହା ଠିକ୍ କଥା । ହେଲେ ଦୃଶ୍ୟମାନ ବସ୍ତୁକୁ ଆଙ୍କିବାର କାମ ହେଉଛି ଚିତ୍ରକରର, ଶିଳ୍ପୀର ନୁହଁ । ଆପଣଙ୍କର ଅନ୍ୱେଷା ଚିତ୍ରକରର ନା ଶିଳ୍ପୀର ?

ଏ ପ୍ରଶ୍ନଟି ମୋତେ ଛିଡା କରାଇଲା ଏକ ଚରମ ଦ୍ୱନ୍ଦ୍ୱରେ । ଏହାର ଉତ୍ତରଟି ଯେ ମୋତେ ଅଜଣା ଥିଲା ସେଥିପାଇଁ ନୁହଁ, ବରଂ କଳାକୁ ମାଧ୍ୟମ କରି ମୁଁ ଖୋଜୁଥିବା ଜିଇଁବାର ରାସ୍ତାଟି ପାଇଁ । କଳାକୁ ବୃତ୍ତି କରି ଜିଇବାର ପ୍ରୟାସ ସେ ମୁହୂର୍ତ୍ତରେ ମୋତେ ଏତେ ଘୃଣ୍ୟ ଲାଗିଲା ଯେ ତାକୁ ପ୍ରକାଶକରି ମୁଁ ଆଉଥରେ ନ୍ୟୂନ ହେବାକୁ ଚାହିଁଲି ନାହିଁ ।

ମୋର ନୀରବତାକୁ ଲକ୍ଷ୍ୟକରି ସେ କହିଲେ – ପ୍ରତ୍ୟେକ କଳା ଜୀବନକୁ ଦେଖିବାର ଏକ ମାଧ୍ୟମ ମାତ୍ର, ଜିଇବାର ଅବଲମ୍ବନ ନୁହେଁ । ଜୀବନ ଜିଇବାକୁ ଏତେ ବାଟ ଥିବାବେଳେ କଳାକୁ ପାଥେୟ କରିବା କଳା ପାଇଁ ଅପମାନ ନୁହେଁ କି ? କଳାକୁ ଅର୍ଥ ରୋଜଗାର କରିବାର ମାଧ୍ୟମ କରିଦେଲେ ସେ ତା'ର କଳାତ୍ମକ ଦିଗଟିକୁ ହରାଇ ବ୍ୟବସାୟିକି ଦୃଷ୍ଟିଭଂଗୀକୁ ଆଦରି ନିଏ । ଯେଉଁଠି କଳାର ବ୍ୟବସାୟ ପ୍ରାଧାନ୍ୟ ବିସ୍ତାର କରେ, ସେଠାରେ ସୃଜନଶୀଳତାର ମୃତ୍ୟୁ ହୁଏ । ଈଶ୍ୱର ଯେଉଁ ବିରଳ ପ୍ରତିଭାଟି ଆପଣଙ୍କୁ ଦେଇଛନ୍ତି ତାକୁ ବାଣିଜ୍ୟିକରଣ କରି ତା'ର ଅବମାନନା କରିବା ଠିକ୍ ହେବ ବୋଲି ଆପଣ ଭାବୁଛନ୍ତି କି ?

ମୋଠାରୁ କୌଣସି ଉତ୍ତର ନପାଇ ସେ ପୁଣି କହିଲେ – ଲୋକେ ମୋତେ ପାଗଳ ବୋଲି ଭାବୁଛନ୍ତି । ଭାବିବା ମଧ ସ୍ୱାଭାବିକ, କାରଣ ମୁଁ ଗୋଟେ ଶୂନ୍ୟ କାନଭାସ୍ ଆଗରେ ବର୍ଷ ବର୍ଷ ହେଲା ବସି ରହିଛି ଚିତ୍ରଟିଏ ଆଙ୍କିବା ପାଇଁ । ସାଧାରଣ ଲୋକଙ୍କ ଆଖିରେ ତାହା ଶୂନ୍ୟ କାନ୍‌ଭାସ୍, ମାତ୍ର ପ୍ରକୃତରେ ତାହା ଶୂନ୍ୟ କାନ୍‌ଭାସ୍ ନୁହଁ । ସୂର୍ଯ୍ୟଙ୍କ ଠାରୁ ଉଛୁଳିତ ସାତରଂଗ ପୃଥିବୀରେ ପହଂଚିବା ବେଳକୁ ମିଶିଯାଇ ଯେପରି ରଂଗଶୂନ୍ୟ ହେଉଛନ୍ତି, ସେହି ତତ୍ତ୍ୱରେ ମୋର ଚିତ୍ର । ଏକ ନିର୍ଦ୍ଦିଷ୍ଟ ଦୂରତାକୁ କାନ୍‌ଭାସଟି ଜଣାପଡିବ ଶୂନ୍ୟ, ମାତ୍ର ସେ ଦୂରତା ଡେଇଁ ସେ ଚିତ୍ରର ଦୃଶ୍ୟବଳୟ ମଧ୍ୟକୁ ପଶିଲେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ରଂଗ ଆସିବ ଆଖିର ସାମ୍ନାକୁ । ପାଖରେ ପହଂଚିଲେ ଯାଇ ଦେଖିହେବ ସାତରଂଗର ସାମାହିତ ସେ ଚିତ୍ରକୁ । ସାଧାରଣ ଦର୍ଶକମାନଙ୍କ ଠାରୁ ଯେଉଁ ଦୂରତାରେ ମୁଁ ସେ ଚିତ୍ରକୁ ରଖିଛି, ସେ ଦୂରତା ହେଉଛି ଏ ସଂସାରର ମାୟା । ମାୟାର ଦୂରତ୍ୱ ଅତିକ୍ରମ କଲେ ଯାଇ ସତ୍ୟର ସନ୍ଧାନ ମିଳିବ ।

ରଂଗରେ ରଂଗରେ ମାୟାବାଦକୁ ଉପସ୍ଥାପନା କରିବା ମୋର ଲକ୍ଷ୍ୟ ଥିଲା । ମାତ୍ର ପ୍ରେମ, ଅହଂକାର ଓ ଶୂନ୍ୟତାକୁ ରଂଗ ଦେବାରେ ମୋର ଚେତନା ବାରମ୍ବାର ପରାହତ ହୋଇଚାଲିଛି ।

Digitized by PPRACHIN, SOA

ଆପଣ ଜଣେ ଶିଳ୍ପୀର ଆବେଗ ନେଇ ଆସିଛନ୍ତି । ସେହି ନିର୍ଦ୍ଦିଷ୍ଟ ଦୂରତାର ପରିଧି ଭାଂଗୀ ମୁଁ ନେଇଯିବି ମୋ କାନ୍‌ଭାସ୍ ନିକଟକୁ ଆପଣଙ୍କୁ । ମୁଁ ଆଶା କରୁଛି ମୋର ପରାହତ ଚେତନାକୁ ଜାଗ୍ରତ କରି ଆପଣ ସହାୟକ ହେବେ ମୋର ଚିତ୍ରଟିକୁ ସମ୍ପୂର୍ଣ୍ଣ କରିବାରେ ।

ମୁଁ ବଡ ବିନମ୍ରତାର ସହ କହିଲି – ମୋର ଆଜିଯାଏଁ କେବଳ ଜଣେ ଚିତ୍ରକରର ଆଖି ରହିଛି । ଶିଳ୍ପୀର ଆଖି ଏଯାଏଁ ଆସିନି । ସେ ଆଖି ପାଇବାକୁ ମୋତେ କଠୋର ସାଧନା କରିବାକୁ ପଡିବ । ଯଦି ସେ ସାଧନାରେ ମୁଁ ସଫଳ ହୁଏ, ତେବେ ନିଶ୍ଚୟ ଫେରିବି ଆପଣଙ୍କ ପାଖକୁ ଏବଂ ସେହି ନିଷିଦ୍ଧ ଦୂରତାକୁ ଅତିକ୍ରମ କରି ପହଂଚିବି ଆପଣଙ୍କ ଶୂନ୍ୟ କାନ୍‌ଭାସ ପାଖରେ ।

□

Digitized by PPRACHIN, SOA

ଯାଯାବରର ଘର

ବିଶ୍ୱାବସୁ ଶବର । ସଂକ୍ଷିପ୍ତରେ ବିଶୁ ଶବର । ପତ୍ନୀ ହେମ ଶବର । ସଂକ୍ଷିପ୍ତରେ ଓ ଶ୍ରଦ୍ଧାରେ ହେମ କାଚରାଣୀ ।

ପିଠିରେ ସାତଆଠ ମାସର ପୁଅକୁ ବୋକ୍ଚ କରି, ମୁଣ୍ଡରେ ପାଣିକାଚ ଭର୍ତ୍ତି ବେତଟୋକେଇ ମୁଣ୍ଡାଇ ଘୁରି ବୁଲୁଥାଏ ଗାଆଁକୁ ଗାଆଁ ।

କାନ୍ଧରେ ଅନଳ ନଳର ବିଡା, କାଠବାହୁଙ୍ଗୀରେ ଥାକ ଥାକ ହୋଇ ସିକାରେ ଲଦା ହୋଇଥିବା ବଡସାନ ପେଡି ଚାରିଟା, ପେଡି ଉପରେ ବେକରେ ସରୁ ପଟିରେ ସୂତୁଲିରେ ବନ୍ଧା ଗୋଟେ ନେଉଳ ଧରି ବିଶୁ ବୁଲେ ପାରିଧିରେ ।

ବିଶୁ ଶବରର ପାଞ୍ଚ ଭାଇ । ଭାଇମାନେ ଭିନ୍ନେ ହୋଇଗଲା ପରେ ବିଶୁ ଭାଗରେ ପଡିଥିଲା ପାଞ୍ଚ ଖଣ୍ଡ ଗାଆଁ । ଅବଶ୍ୟ ସେମାନଙ୍କର ଭିନ୍ନେ ହବାଟା ବା କଅଣ ? କେଉଁ ଜମିଜମା, ଘରଦ୍ୱାର ଯେ ଭାଗବଣ୍ଟରା ହୋଇଥାଆନ୍ତା । କାହିଁ କେତେ ପୁରୁଷରୁ ଯାଯାବର । ସବୁ ଗାଆଁରେ ଘର, ସବୁ ଗାଆଁ ପାଇଁ ଦ୍ୱାର । ମାଆ ପିଠିର ବୋକ୍ଚରୁ ଓହ୍ଲାନ୍ତି ସିଧା ସଂସାରକୁ । ମୂଷା, ନେଉଳର ଖେଳ ଦେଖାଉ ଦେଖାଉ ସାପ ମନ୍ତର ଶିଖା । କାନ୍ଧରେ ସଜା ହୁଏ ସାପ ପେଡି ଓ ଲାଖି ନଳ ।

ଏଇ ପାଞ୍ଚଖଣ୍ଡ ଗାଆଁ ବିଶୁ ଓ ହେମର ପୃଥିବୀ । କାନ୍ଧରେ ପେଡି ସଜାଇ ବିଶୁ ବାହାରେ ସାପ ଖେଳ ଦେଖାଇ ତ, ମୁଣ୍ଡରେ କାଚର ବେତା ମୁଣ୍ଡାଇ ହେମ ଯାଏ କାଚ ବେପାର କରି । ସବୁଦିନ ଯେ ବେପାର ଠିକ୍ ହୁଏ ସେକଥା ନୁହଁ । ବେପାର ମାନ୍ଦା ଦେଖିଲେ ହେମ ଯଦି କେବେ କହୁଥିଲା – କ'ଣ ଏଇ ପାଞ୍ଚଟା ଗାଆଁରେ ନିରିଖ ମାରି ନଟୁ ପରି ଏହାରି ଭିତରେ ଘିର୍ ଘିର୍ ହୋଇ ବୁଲିଲେ ପେଟ ପୂରିଯିବ ? ଆମେ ତ ଯାଯାବର, ଆମ ସାତ ପୁରୁଷ ତ ଯାଯାବର ଥିଲେ, ଚାଲୁନୁ ଏହାର ସୀମା ଡେଇଁ ଦୂରଦୂରାନ୍ତକୁ ଯିବା । ନୂଆ ଜାଗାକୁ ଗଲେ ଲୋକଙ୍କୁ ତମ ଖେଳଦେଖା ନୂଆ ବି ଲାଗନ୍ତା ଏବଂ ମୁଁ ମୋର କାଚ ବିକିବାକୁ ନୂଆ ଗରାଖ ପାଆନ୍ତି । ତୋର ସେଇ ଏକା

Digitized by PPRACHIN, SOA

ଖେଳକୁ ବାର ବାର ଦେଖି ଲୋକେ ଏଠି ବିଜାର ହେଲେଣି, ଆଉ ମୋର ଏ ବେପାର କ'ଣ ଡାଲି, ତେଲ, ଲୁଣ କଥା ଯେ ଲୋକଙ୍କର ସବୁଦିନ ଦରକାର ?

: ହଁ ଯେ, ମାଡି ମାଡି ଆମର ଅଢେଇଟା ପେଟ ତ । ଏ ପାଞ୍ଚଟା ଗାଆଁରେ କ'ଣ ଆମ ପେଟ ଅପୂରା ରହିଯିବ । ମୋ ଭାଗରେ ପଡିଥିବା ଗାଆଁକୁ ଛାଡି କରିଗଲେ ଅନ୍ୟ ଲୋକ ମାଡି ବସିବେନି ?

: ମଲା ଏ ଗାଆଁ ଯେମିତି ତୋର ବୁଆର ଜମିଦାରୀରେ ଥିଲା, ଆଉ ସେ ଜମିଦାରୀ ଭାଗ ହୋଇ ତୋ ଭାଗରେ ଏଇଟା ପଡିଛି । ଏ ପାଞ୍ଚଟା ଗାଆଁ କାହିଁକି, ଆକାଶକୁ ବି ଭାଗ କରି ଦେଇଥିବ ତୋ ବୁଆ, ଯାଉନୁ ତୋ ରାଇଜ ଠିକ୍ ଅଛି କି ନାଇଁ ଘେରାଏ ଉଡି ଆସିବୁ ।

: ତୁଇ ଥଟ୍ଟା କରୁଛୁ, କର । ହେଲେ ଗୋଟିଏ କଥା କହ ତ, ତୋ ପେଟ କେବେ ଅପୂରା ରହିଛି କି ? ମୁଁ ଖେଳ ଦେଖାଇ ଗାଆଁମାନଙ୍କରୁ ଚାଉଳ, ବିରି, କୋଳଥ, ମାଣ୍ଡିଆ ଯାହା ପାଇଛି ଆଣିଛି । ଗାଆଁମାନଙ୍କର କିଆ ଗୋହିରୀରୁ ଗୋଧି ମାରିଛି, ନଳବଣରୁ ବଗ, ତୋଟାରୁ ଚଢେଇ, ଗଡିଆ ପୋଖରୀରୁ ଧଣ୍ଡ, କେଳା ପାଇଁ ଅଭକ୍ଷ କ'ଣ ଯେ ପେଟ ଅପୂରା ରହିବ ନା ଅପୋଷା ରହିବ । ଏଇ ଗାଆଁଗୁଡା ଏମିତି ମୁହଁଚିହ୍ନା ହୋଇଗଲାଣି ଯେ ଏଠି ଆଉ ଡର ଭୟ ଲାଗୁନି । ହେଲେ ତୁ ମାଇପି ଲୋକ, କାହୁଁ ଜାଣିବୁ ଯେ ଏବେକାର ବେଳକାଳ କେମିତି ? ପୁରୁଣା ଶାଢି କିମ୍ବା ଛିଣ୍ଡା ତମ୍ବୁତଳେ ରାତି ଏବେ ତୋ ପାଇଁ ନିରାପଦ ନୁହଁ, ଅଚିହ୍ନା ଜାଗାରେ । କେତେବେଳେ କେଉଁ ଛଟକରେ ତମ୍ବୁ ତଳେ ଢମଣା ପଶିଯିବ ତୁ ଜାଣିପାରିବୁ ନାହିଁ । ଭାଗ୍ୟ ସିନା ତତେ କେଲୁଣୀ କରି ଦେଇଛି, ହେଲେ ରୂପ ଦେଲା ବେଳକୁ ବୋଧେ ଭୁଲିଗଲା ଭଗବାନ ।

ନିଜ ରୂପର ପ୍ରଶଂସାରେ ଲାଜେଇଗଲା ହେମ । ଗିରସ୍ତର ମନ ରଖି କହିଲା, ହଉ ତୋର ଯେଉଁଠି ମନ, ମୁଁ ମନା କରିବି କାହିଁକି । ହେଲେ ଗୋଟିଏ କଥା କରୁନୁ, ଯଦି ଯାଯାବର ଜୀବନ ଛାଡି ଆମେ ଏଇ ଗାଆଁମାନଙ୍କ ଭିତରେ ବୁଲିବା ତେବେ ଗୋଟିଏ ପଡିଆ ଜାଗା ଦେଖି କୁଡିଆଟିଏ ନମାରି ବାରମ୍ବାର ତମ୍ବୁ ଉଠାଉଥିବା କାହିଁକି ?

: ତୁ ସ୍ଥାୟୀ ବାସିନ୍ଦା ହବା କଥା କହୁଛୁ ତାହେଲେ । ଯାଯାବର ଘର ।

: ମୁଁ କ'ଣ ତୋତେ ମହଲ ତିଆରି କରିବାକୁ କହୁଛି ଏଇ ଖରା, ବର୍ଷା, ଶୀତ, କାକରରୁ ରକ୍ଷା ପାଇଁ ମୁଣ୍ଡ ଉପରେ ଚାଳଛପର ନ ହେଲା ନାହିଁ, ବରଡା ଛପର ଖଣ୍ଡେ... ଯୁଆଡେ ଘୂରିଲେ ବି ସନ୍ଧ୍ୟାକୁ ସେଇ ଠାବକୁ ଫେରିଆସନ୍ତେ ।

ହଉ ମୁଁ ଆଖି ପକାଇବି, ମନ ପସନ୍ଦର ନିଛାଟିଆ ଜାଗାଟେ ମିଳିଲେ, ଯାଯାବର ଜୀବନରୁ ସ୍ଥାୟୀ ବାସନ୍ଦା ହୋଇଯିବା ।

ବିଶୁକୁ ଜାଗା ପାଇଁ ବେଶି ଖୋଜାଖୋଜି କରିବାକୁ ପଡିଲାନି । ନଈକୂଳରେ ମରାଡାହାଣୀ ପଡିଆ । ପଡିଆ ବୋଇଲେ ଗାଆଁ ଶ୍ମଶାନ । ବୁଦିବୁଦିଆ ବଣରେ ଭର୍ତ୍ତି । ପଡିଆ ପରେ ନଈବନ୍ଧ । ବନ୍ଧକୁ ଲାଗି ଅନାବାଦୀ ଓ ଗାଆଁ ଗୋଚର ଭାବେ ବିରାଟ ପଡିଆଟେ । ବନ୍ଧ କଡରେ ବିରାଟ ଏକ

Digitized by PPRACHIN, SOA

ବରଗଛ କାହିଁ କେଉଁ ଅନାଦି କାଳରୁ ଠିଆ ହୋଇଛି । ବିଶୁକୁ ପସନ୍ଦ ହେଲା ଜାଗାଟା । ସେ ପ୍ରଥମେ ତମ୍ବୁ ଟାଣିଲା ଗଛମୂଳେ । ତମ୍ବୁରେ ରହି ଆମଜାଇବାକୁ ଚାହିଁଲା କେମିତି ଲାଗୁଛି ସେ ଜାଗାଟା ତାକୁ ।

ତମ୍ବୁ ତଳେ ପ୍ରଥମ ରାତି ପରେ ବିଶୁ ପଚାରିଲା ହେମକୁ – କେମିତି ଲାଗୁଛି ତତେ ଏ ଜାଗା ?

– କ'ଣ କିଣିବୁ ନା କ'ଣ ଏ ଜାଗାକୁ ?

– ଆଲୋ ଇଏ ପରା ଅନାବାଦୀ, ଗୋଚର ଜାଗା, ୟାକୁ କିଏ କିଣିବ ?

– ଆଉ ପଚାରୁଛୁ କାହିଁକି ?

– ନାଇଁ, ଜାଗା ତୋର ଯଦି ପସନ୍ଦ ହେଉଥିବ, ତେବେ ଗାଁବାଲାଙ୍କୁ କହି ମୁଁ ଏଠି ପଲାଟିଏ ମାରିବି ।

ପସନ୍ଦ କାହିଁକି ହେବନି, ଗାଁର ସାହି ବସ୍ତିଠାରୁ ଦୂରରେ, ପାଖରେ ନଈ, ସବୁ ତ ସୁବିଧା ଏଠି ।

ଗାଁବାଲା ବି କାହିଁକି କିଏ ବିରୋଧ କରିଥାଆନ୍ତେ । ବିଶୁ ମାରିଲା ପଲାଟିଏ । ଯୋଗ ଦେଖି ସେ ବର୍ଷ ଜନଗଣନାରେ ମାଷ୍ଟ୍ର ଚଢାଇ ଦେଲା ତା' ନାଆଁ, ଗାଁର ବାସିନ୍ଦା ବୋଲି । ଯାଯାବରରୁ ସ୍ଥାୟୀ ବାସିନ୍ଦା ହୋଇଗଲା ବିଶୁ । ଭୋଟର୍ କାର୍ଡରେ ବି ନାଆଁ ଉଠିଲା ।

ବିଶୁର ବୟସ ବଢୁଥିଲା ବୋଲି, ଅବା ସେ ଆଗ୍ରହ ହରାଇ ବସୁଥିଲା ବୋଲି ଧୀରେ ଧୀରେ ସାପ ଖେଳରୁ ମନ ମାରିନେଉଥିଲା । ହେମ ଯଦି କେବେ ପଚାରୁଥିଲା – ଆଉ ଆଗ ଭଳି ତ କାହିଁ ନିତି ନିତି ପେଡି ଧରି ବୁଲିବାକୁ ମନ କରୁନୁ, ବିଶୁ କହେ ଏବେ ତ ମୁଁ ଆଉ ଯାଯାବର ନୁହଁ, ଯାଯାବର ଭଳି ବୁଲୁଥିବା ସାପମାନଙ୍କ ସହ ସାଙ୍ଗ ହୋଇ କାହିଁକି ଖେଳିବି ନା ଖେଳ ଦେଖାଇବି । ମୁଁ ଏବେ ବାସିନ୍ଦା ହେଲିଣି, ମୋର ଗୋଟେ ଘର ଅଛି । ହଁ ଲୋ, ଏବେ ଆଉ କହିପାରିବୁନି ଅନାବାଦିର ଘର ବୋଲି, ଜାଣୁ ସରକାର ମୋ ନାଆଁରେ ଲେଖିଦେଲେଣି ଏ ଜାଗାରୁ ଅଧଗୁଣ୍ଠେ । ରହ ଦେଖିବୁ ଅଳ୍ପ ଦିନରେ ମିଳିଯିବ ପଟ୍ଟା, କ'ଣ ଗୋଟେ ଯୋଜନାରେ ଘର କରିବାକୁ ବି ଟଙ୍କା ଦେବେ । ଯେତେବେଳେ ମୋର ନିଜର ଘର ହେଲାଣି, ମୁଁ ବେଘରିଙ୍କ ପରି ସାପ ଖେଳାଇ ବୁଲିବି କାହିଁକି ? ଏବେ ମୁଁ ଅନ୍ୟ ବେପାର କରିବି ।

– କି ବେପାର କରିବୁ ଶୁଣେ ?

– ମୁଁ ଭାବିଛି ସାପ କାମୁଡା ପାଇଁ ଗଦ, ତେଉଁରିଆ ଓ ପିଲାଙ୍କ ପାଇଁ ଟୁଟୁକା ଔଷଧ ଦେବି । ତୋର ତ ଚୁଡି ବେପାର, ଆମ ଗୁଜୁରାଣ କ'ଣ ମେଣ୍ଟିଯିବନି ?

ସାପ ପେଟ୍‌ରା ଛାଡି ବିଶୁ କାନ୍ଧରେ ପକାଇଲା ଗୋଟେ ବଡ ବୁଜୁଳା । ବୁଜୁଳା ଭିତରେ ଯାବତୀୟ ଚେରମୂଳି, ତେଉଁରିଆ ଓ ତାବିଜ୍ ଧରି ବୁଲିଲା ଗାଁକୁ ଗାଁ । ସାପୁଆ କେଳା ହିସାବରେ ନାଆଁ ଥିଲା ବିଶୁର, ପରିଚୟ ବି ଥିଲା । ସାପ କାମୁଡା ପାଇଁ ଗଦ, ସାପ ଘରକୁ ନ

Digitized by PPRACHIN, SOA

ଆସିବା ପାଇଁ ଗଦ, ପିଲାଙ୍କୁ ନଜର ଲାଗିବା, କାନ ବିନ୍ଧିବା, ଦାନ୍ତ ପୋକ ନ ଖାଇବା ପାଇଁ ଔଷଧ ସହ ତେଉଁରିଆ ଓ ତାବିଜ ଦେଲା । ଧୀରେ ଧୀରେ ବିଶୁର ବେପାର ଭଲ ଚାଲିଲା । ବିଶୁ ଶବରରୁ ସେ ପାଲଟିଗଲା ବିଶୁ ବଇଦ ।

ଧୀରେ ଧୀରେ ତା' ଔଷଧର କାଟ୍ତି ଓ କରାମତି ବଢ଼ିବାରୁ ଭିଡ ଲାଗିଲା ତା' ଘର ପାଖରେ । ଘର ପାଖକୁ ଆସୁଥିବା ଗ୍ରାହକଙ୍କୁ ସମ୍ଭାଳିବାରେ ହୋଇଯାଉଥିଲା ତା'ର ବେପାର । ତେଣୁ ବିଶୁ ଚିନ୍ତା କଲା ଏବେ ଆଉ କାନ୍ଧରେ ବୁଜୁଳା ପକାଇ ଗାଆଁ ଗାଆଁ ବୁଲିବା ଅପେକ୍ଷା ଘର ପାଖରେ ପସରା ମେଲାଇବା ଭଲ ।

ବିଶୁ ବଇଦ ଘର ପାଖରେ ପସରା ମେଲାଇବାରୁ ହେମ କାଚରାଣୀକୁ ବି ତର ମିଳିଲାନି ଘରର ଯାବତୀୟ କାମ କାର୍ଯ୍ୟ ସାରି କାଚ ପସରା ଧରି ଗାଆଁ ଆଡେ ଯିବାପାଇଁ । ଯେଉଁ ସ୍ତ୍ରୀଲୋକମାନେ ସେମାନଙ୍କ ପିଲାଛୁଆଙ୍କୁ ଧରି ବିଶୁ ପାଖକୁ ଔଷଧ ପାଇଁ ଆସୁଥିଲେ, କାମ ସରିବା କ୍ଷଣି ହେମ କାଚରାଣୀର କାଚ ପସରାକୁ ଦେଖୁଥିଲେ କିଣିବା ପାଇଁ । ଗାଆଁକୁ ଗାଆଁ ବୁଲି ଯେତେ ମୁଠା କାଚ ସେ ବିକି ନ ପାରନ୍ତା, ତା'ଠାରୁ ଢେର୍ ଅଧିକ କାଚ ବିକିଲା ଘର ପାଖରେ । ଘର କାମକୁ ଘର କାମ, ବିଶୁ ଓ ପିଲାର ଦେଖରେଖ୍ ସହ ତା' ବେପାର ଠିକ୍ ଚାଲୁଥିବାରୁ ହେମର ବି ମନ ଖୁସି ।

ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ ଆସିଲା ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ନିର୍ବାଚନ । ନୂଆ ନିୟମ ଅନୁଯାୟୀ ବିଶୁ ରହୁଥିବା ସମିତି ସଭ୍ୟ ସିଟ୍‌ଟି ପଡିଥିଲା ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ଆସନରେ । ସମିତି ସଭ୍ୟ ପାଇଁ ମନ ବଳାଇ ବସିଥିବା ବହୁ କୁଜି ନେତାଙ୍କ ମନ ଆମ୍ବିଳା ହେଲା । ଦଳ ତରଫରୁ ଖୋଜାଗଲା ଜଣେ ଆଦିବାସୀ ମହିଳା ଯାହାଙ୍କୁ ପ୍ରାର୍ଥୀ କରାଯିବ । ହେଲେ ଉପକୂଳବର୍ତ୍ତୀ ଅଞ୍ଚଳରେ ଆଦିବାସୀ ମହିଳା ବା ଆସିବେ କାହୁଁ, ସମିତି ସଭ୍ୟ ପାଇଁ ପ୍ରାର୍ଥୀ ହେବେ । ତନଖି କରାଗଲା ଭୋଟର୍ ଲିଷ୍ଟ । ଶେଷକୁ ମିଳିଲେ ମାତ୍ର ଦୁଇଜଣ – ବିଶ୍ୱାବସୁ ଶବର ଓ ହେମ ଶବର ।

ସବୁଦଳର ନେତାମାନେ ଧାଇଁଲେ ବିଶୁ ପାଖକୁ । ସମସ୍ତେ ଜାଣୁଥିଲେ ଯେହେତୁ ଏଠାରେ ଆଉ କେହି ଆଦିବାସୀ ମହିଳା ନାହାନ୍ତି, ଯେଉଁ ଦଳରୁ ହେମ ଶବରକୁ ପ୍ରାର୍ଥୀ କରାଯିବ, ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତା ହେବ । ସମସ୍ତେ ବୁଝାଉଥିଲେ ବିଶୁକୁ, ହେମକୁ ପ୍ରାର୍ଥୀ କରାଇବା ପାଇଁ । ବିଶୁ କିଛି ବୁଝିପାରୁ ନଥାଏ – ଏ ରାଜନୀତି କ'ଣ, ସମିତି ସଭ୍ୟା କ'ଣ ? ଏତେ ଏତେ ଜ୍ଞାନୀ, ଗୁଣୀ, ଧନୀ ଲୋକଙ୍କ ସ୍ତ୍ରୀମାନେ ଥାଉଁ ଥାଉଁ ହେମକୁ କାହିଁକି ଠିଆ କରାଇବାକୁ ସେମାନେ ଅନୁରୋଧ କରୁଛନ୍ତି ? ସମସ୍ତଙ୍କ କଥା ଶୁଣି ବିଶୁ କେବଳ ଏତିକି କହେ – ଆଜ୍ଞା ମହାପ୍ରଭୁମାନେ, ଭୋଟର୍ ଲିଷ୍ଟରେ ଆମ ନାଆଁ ଲେଖାଇବା ବେଳେ ସେ ମାଷ୍ଟ ଆଜ୍ଞା କହିଥିଲେ, କ'ଣ ଗୋଟେ ଯୋଜନାରେ ଘର ଖଣ୍ଡେ କରାଇଦେବେ ବୋଲି । ପାରିବେ ଯଦି ସେଥିରୁ ଖଣ୍ଡେ କରାଇ ଦିଅନ୍ତୁ, ଆମେ ବା କ'ଣ ଜାଣୁ ରାଜନୀତି ? ସେ ଝମେଲାରେ ଆମକୁ କାହିଁକି ପୂରାଉଛନ୍ତି ? ସାତ

Digitized by PPRACHIN, SOA

ପୁରୁଷରୁ ଯାଯାବର ଆମେ, ମନ ବଳିଲାରୁ ମୁଣ୍ଡ ଗୁଞ୍ଜିବାକୁ ପଲା ଖଣ୍ଡେ ମାରିଛୁ ।

ଆରେ କଥାରେ କହନ୍ତିନି – ଯାହାକୁ ସୁନା ଅଖାଅଖା, ତାକୁ ପିତଳ ଆଇଛି ବିକା । ତମ ସ୍ତ୍ରୀ ସମିତି ସଭ୍ୟା ହୋଇଗଲେ, ତାଙ୍କ ପାଖରେ ଧାଡି ଲାଗିବ ଇନ୍ଦିରା ଆବାସରେ ଘର ପାଇବା ପାଇଁ, ତମେ କ'ଣ ଏବେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ କରାଇଦିଅ ବୋଲି କହୁଛ ?

ବିଶୁ ଆଖିରେ ଲାଗିଲା ସପ୍ନ । ଗୁମ୍ ମାରି କିଛିକ୍ଷଣ ଚିନ୍ତା କଲା ପରେ କହିଲା – ହଉ ଆଜ୍ଞା । ଆପଣମାନଙ୍କ କଥା ରହିଲା, ଏଇଟା ତ ମୋ କଥା ନୁହେଁ ଯେ ମୁଁ ହଁ ବୋଲି କହିଦେବି । ମୁଁ ମୋ ସ୍ତ୍ରୀକୁ ପଚାରେ, ସେ ତିରିଲା ଲୋକ, ଏତେ ଦାୟିତ୍ୱକୁ ଯଦି ନେଇ ଉଠାଇ ପାରିବ ବୋଲି ରାଜି ହୁଏ ତେବେ ମୁଁ ଆପଣମାନଙ୍କୁ ଜଣାଇବି ।

ରାଜି ହେବନି କ'ଣ ? ରାଜି କରାଇବ ନା । କହିବ ତାଙ୍କ ରାଶିନକ୍ଷତ୍ରରେ ରାଜରାଣୀ ଯୋଗ ଅଛି, ସେ କାଚରାଣୀ ହୋଇ କାହିଁକି ପଡି ରହିବେ ?

ହଉ ଆଜ୍ଞା । ଆମେ ଦୁହେଁ ବିଚାରବିମର୍ଶ କରି ଜଣାଇବୁ । ସେ ଯଦି ପାରିବ ରାଜି ହେବ ।

ଏଠି ପାରିବା ନ ପାରିବା କଥା କାହିଁକି ଭାବୁଛ ? ତାଙ୍କୁ କାମ କରିବାକୁ କେହି କହିବେ ନାହିଁ, ସେ ଦାୟିତ୍ୱ ଆମର । ତାଙ୍କ ନାଆଁରେ ଆମେ ସବୁ କାମ କରିଦେବୁ ।

ବିଶୁଠାରୁ ସବୁ କଥା ଶୁଣି ଠୋ ଠୋ କରି ହସିଲା ହେମ । ହସ ବନ୍ଦ ହେବାରୁ କହିଲା, ରାତିରେ ସପନ ଦେଖନ୍ତି ବୋଲି ଜାଣିଛି, ହେଲେ ଏମିତି ଦିନଟାରେ ଚେଇଁକି କିଏ ସପନ ଦେଖେ ଦେଖି ନଥିଲି । ସେ ରାଜନୀତି କିଏ ଆମେ କିଏ ? ମୁଁ ବା କ'ଣ ଜାଣିଛି ? ହଉ ହେଲା – ଆମ ଜାତିଟା ଆଦିବାସୀ ହୋଇଗଲା ବୋଲି କ'ଣ ଏତେ ମାନ୍ୟର ଲୋକ ଥାଉଁ ଥାଉଁ ଆମେ ସେ କାମକୁ ମୁଣ୍ଡାଇପାରିବା ? ମୁଁ ତ ବାବା ପାରିବିନି, ତୁ ଯଦି ପାରିବୁ ତୋର ହଅଁ ମାର୍ ।

ଆଲୋ ! ଇଏ କ'ଣ ମୋ କଥା ହୋଇଛି ଯେ ହଅଁ ମାରିଦେବି ? ମୋ କଥା ହୋଇଥିଲେ ବିଚାରବିମର୍ଶ କରି କହିବି ବୋଲି କାହିଁକି କହିଥାଆନ୍ତି ! ଏଇଟା ପରା ମହିଳା ସିଟ୍ ବୋଲି ସେମାନେ କହୁଥିଲେ, ସେମାନେ ଏକଥା ବି କହିଛନ୍ତି ଯେ କେବଳ ନାଆଁଟା ତୋର ହେବ, କାମ ସବୁ ସେମାନେ ତୁଲାଇବେ ।

ଯଦି ଏକଥା, ମୋତେ କାହିଁକି ପଚାରୁଛୁ ? ତୁ ଯେଉଁଟା ଠିକ୍ ଭାବିବୁ କହିଦେବୁ, ମୁଁ କ'ଣ ତୋ କଥାରୁ ବାହାରି ଯାଉଛି ? ଭଲ ହେଲେ ତୁ ବୁଝିବୁ, ମନ୍ଦ ହେଲେ ତୁ ।

X X X X

ହେମ ଶବର ନିର୍ଦ୍ୱନ୍ଦ୍ୱରେ ଶାସକ ଦଳର ସଦସ୍ୟା ଭାବେ ସମିତି ସଭ୍ୟା ହେଲା । ଯୋଗକୁ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦ ବି ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ସେଥିରେ ବି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଗଲା । ଘଟୁଥିବା ଘଟଣା କ୍ରମ ବି କୌଣସି ପରୀ କାହାଣୀଠାରୁ ଊଣା ଲାଗୁ ନଥିଲା ତାକୁ । ହେମ କାଚରାଣୀରୁ ହେମ ମ୍ୟାଡାମ୍ ଯାଏଁ ଏ ଯାତ୍ରାକୁ ହାତୀ ସୁନା କଳସ ଢାଳିବା ନ୍ୟାୟରେ ଗ୍ରହଣ କରୁଥିଲା ସିଏ ।

Digitized by PPRACHIN, SOA

ନିଜ ସ୍ୱୀର ଏ ସଫଳତାରେ ପ୍ରଥମେ ପ୍ରଥମେ ଖୁସି ହେଉଥିଲା ବିଶୁ । ଯାହା ତା' ପାଇଁ ଏକଦା ସ୍ୱପ୍ନ ସଦୃଶ ଥିଲା – ଗାଡି, ଘୋଡା, ଥାଟ୍‌ବାଟ୍ ସବୁକୁ ଏକା ସଂଗରେ ପାଉଥିଲା ସିଏ । ସରକାରୀ ଗାଡି ହେମକୁ ନବାକୁ ଆସିବା କ୍ଷଣି ପ୍ରଥମେ ସଜିଲ୍ ହୋଇ ବସିଯାଉଥିଲା ବିଶୁ ଗାଡି ଭିତରେ । ହେମକୁ ବି ଭଲ ଲାଗୁଥିଲା ଗାଡି ଭିତରେ ବିଶୁର ସଖ୍ୟ । ହେଲେ ସେ ଭଲ ଲାଗିବାଟା ବେଶି ଦିନ ରହିଲା ନାହିଁ । ଧୀରେ ଧୀରେ ସେ ମିଶିଲା ବଡ ବଡ ନେତାଙ୍କ ସହ, ମନ୍ତ୍ରୀଙ୍କ ସହ । ସେମାନଙ୍କ ସହ ଯିବା ଆସିବା କଲା ସେମାନଙ୍କ ଗାଡିରେ ।

କିଛିଦିନ ଗଲା ପରେ ସରକାରୀ ଗାଡି ଆସିଲେ ତାକୁ ନେବା ପାଇଁ, ବିଶୁକୁ ସଜିଲ୍ ହେଉଥିବା ଦେଖି ସେ କହିଲା – ତୁ ତୋର କାମଧନ୍ଦା ଛାଡି ଆଉ କେତେଦିନ ମୋର ପଛ ପଛ ହେଉଥିବୁ, ବରଂ ଭଲ ହେବ ତୁ ଏବେ ଘରଦ୍ୱାର ଦାୟିତ୍ୱ ସମ୍ଭାଳ, ପିଲାଟାକୁ ବି ହେପାଜତ କର । ସେତେବେଳେ ସିନା ନୂଆ ନୂଆ ଥିଲି ସାଙ୍ଗରେ ବାହାରୁଥିଲୁ, ଏବେ ତ ସବୁ ଚିହ୍ନା ହୋଇଗଲେଣି, ସେମାନେ ବି ଢେର୍ ସାହାଯ୍ୟ କରୁଛନ୍ତି । ତୋର ଆଉ ଯିବା ଦରକାର ନାହିଁ ।

ବିଶୁ ବି ବୁଝିଗଲା – ସତକଥା, ସବୁଦିନ ତା' ସାଙ୍ଗ ଗୋଡାଣିଆ ହେଲେ ଏପଟେ ଘର ସମ୍ଭାଳିବ କିଏ ? ପିଲାଟା ବି ଖୁବ୍ ଛୋଟ, ତା'ର ଦାୟିତ୍ୱ ବି ଅଛି ।

ବିଶୁ ଉପରେ ଘରର ଦାୟିତ୍ୱ ଦେଇ ହେମ ଏବେ ବୁଲୁଥିଲା ଜିଲ୍ଲା ମହକୁମାରୁ ରାଜଧାନୀ ଯାଏ । ଘୁରୁଥିଲା ଏମ.ଏଲ.ଏ ଙ୍କ ସହ, ଘୁରୁଥିଲା ମନ୍ତ୍ରୀଙ୍କ ସହ । ରହୁଥିଲା ରାଜଧାନୀର ଅତିଥି ଭବନଠାରୁ ବିଭିନ୍ନ ଡାକବଙ୍ଗଳାରେ । ଏକଦା ମନ୍ତ୍ରୀଙ୍କ ସହ ଏକ ଡାକବଙ୍ଗଳାରେ ରାତ୍ରୀଯାପନ ସମୟରେ ଗଭୀର ରାତ୍ରୀରେ ଡକାଇ ପଠାଇଲେ ମନ୍ତ୍ରୀ ସାକ୍ଷାତ ଆଲୋଚନା ପାଇଁ । ମନ୍ତ୍ରୀଙ୍କ ଆମନ୍ତ୍ରଣ ସାକ୍ଷାତ ଆଲୋଚନା ପାଇଁ – ଏହାଠାରୁ ବଡ ସୁଖବର କିଛି ନଥିଲା ତା' ପାଇଁ । ସେ ମନ୍ତ୍ରୀଙ୍କ କକ୍ଷରେ ପହଞ୍ଚିବା ବେଳଖୁ ସେ ଥିଲେ ସମ୍ପୂର୍ଣ୍ଣ ଏକା । ତାକୁ ସମ୍ପୂର୍ଣ୍ଣ ଏକାକୀ ଦେଖି ପ୍ରଥମେ ଟିକିଏ ଛନକା ପଶିଥିଲା ହେମ ଛାତିରେ । ମାତ୍ର ଏ ଭୟ ବେଶିକାଳ ସ୍ଥାୟୀ ହେଲା ନାହିଁ । ସୋଫା ଉପରେ ବସାଇ ମନ୍ତ୍ରୀ ଖୁବ୍ ଆତ୍ମୀୟତାର ସହ କଥା ହେଲେ । କହିଲେ ମୁଁ ଶୁଣୁଛି ତମେ ଏଯାଏଁ କୌଣସି ଠିକାଦାର କିମ୍ବା ଅଫିସ୍‌ରଙ୍କଠାରୁ ଟଙ୍କା ଗ୍ରହଣ କରୁନା । ଅବଶ୍ୟ ନକରିବାଟା ଭଲ । ହେଲେ ଖାଲି ହାତରେ କ'ଣ ସଂସାର ଚଳେ ନା ବିନା ଟଙ୍କାରେ ରାଜନୀତି କରିହୁଏ ! ତମ ଜିଲ୍ଲାରେ ଯେତେସବୁ ଉନ୍ନୟନମୂଳକ କାର୍ଯ୍ୟ ହେବ, ସେଥିରେ ତମର ବି ଗୋଟେ ପଣ ଅଛି । ତମେ ନେଉନା ବୋଲି କହି, ତମକୁ ଦେବା ପାଇଁ ଜଣେ ଠିକାଦାର ଦେଇଛନ୍ତି । ରଖ ଏ ଟଙ୍କାକୁ, ତା'ର କାମ ତମ ପାଖକୁ ଗଲେ କରାଇଦେବ ।

ଏକକାଳୀନ ଏତେଗୁଡିଏ ଟଙ୍କା ଦେଖି ଘାବରାଇଗଲା ହେମ । ନାହିଁ-ନାହିଁ କହୁ କହୁ ମନ୍ତ୍ରୀଙ୍କ ଆତ୍ମୀୟ ସ୍ୱର୍ଶରେ ଗ୍ରହଣ କଲା । ଟଙ୍କା ରଖି ସାରିବା ପରେ ମନ୍ତ୍ରୀଙ୍କଠାରୁ ପାନୀୟ । ପାନୀୟ ଗ୍ରହଣ କରୁ କରୁ ଏକ ଚମତ୍କାର ଅନୁଭବ ଆସିଲା ତା' ଭିତରେ । ସେ ସମ୍ପୂର୍ଣ୍ଣ ହୋସ୍‌ରେ ଥିଲା, ଅଥଚ ଉଡିବା-ଉଡିବା ପରି ଲାଗୁଥିଲା ତାକୁ । ତା'ର ଉଡିବା ମୁହୂର୍ତ୍ତରେ ହିଁ ତାକୁ ଧରି

Digitized by PPRACHIN, SOA

ପକାଉଥିଲେ ମନ୍ତ୍ରୀ । କହୁଥିଲେ – ତମର ଏ ରୂପର ଉଚିତ ସମ୍ମାନ ହୋଇନି ଆଜିଯାଏଁ । ଏ ରୂପରେ ଜଣେ ରାଣୀ ହବା ଜାଗାରେ ଗୋଟେ ଶବର ସହ ରହି ଶବରୁଣୀ କିପରି ହେବ !

ଦ୍ୱିତୀୟ ଥର ପାଇଁ ନିଜ ରୂପର ପ୍ରଶଂସା ଶୁଣି ଖୁବ୍ ଉଲ୍ଲସିତ ହେଲା ହେମ ଅଥଚ ଲାଜରେ ନିଜର ମୁହଁକୁ ଢାଙ୍କିବାକୁ ଚେଷ୍ଟା କରୁଥିଲା । ତା' ମୁହଁ ଉପରୁ ହାତକୁ ହଟାଇ ନେଇ ମନ୍ତ୍ରୀ କହିଲେ – ଏ ଜହ୍ନ ଭଳି ମୁହଁକୁ ମେଘରେ ଢାଙ୍କୁଛ କାହିଁକି ? ମୁଁ ଜମା ମିଛ କହୁନାହିଁ, ତମେ ଯଦି ଚାହଁ ତେବେ ମୁଁ ତୁମକୁ ରାଣୀ କରି ରଖିବି । କ'ଣ ଦେଇଛି ସେ ବିଶୁ ଶବର ତମକୁ ? କି ସମ୍ମାନ ଦେଇଛି ତମର ଏ ରୂପକୁ ? ଏକଥା କହିବା ବେଳକୁ ହେମକୁ ମନ୍ତ୍ରୀ ସମ୍ପୂର୍ଣ୍ଣ ବାହୁ ବେଷ୍ଟନୀରେ ଧରି ସାରିଥିଲେ ।

ବିନା ପ୍ରତିବାଦରେ ମନ୍ତ୍ରୀଙ୍କ ବାହୁବେଷ୍ଟନୀରେ ଥିଲା ହେମ । ଧୀରେ ଧୀରେ ତାଙ୍କ ହାତ ଘୂରିଲା ତା' ଦେହର ଥାନ ଓ ଅଥାନରେ । ପୁଲକିତ ହେଉଥିଲା ହେମ ।

ରାତି ପାହିଲା ବେଳକୁ ବଦଳିଯାଇଥିଲା ହେମ । ମନେ ପକାଇବାକୁ ଚେଷ୍ଟା କରୁଥିଲା ଜୀବନର ଏମିତି ଏକ ସୁଖଦ ମୁହୂର୍ତ୍ତକୁ । ଯେତେ ମନେ ପକାଇଲେ ବି ଆସୁନଥିଲା ଏମିତି ଏକ ମୁହୂର୍ତ୍ତର ଛବି । ପାଲଟଣା ତମ୍ବୁ ତଳର ରାତି ଆଉ ଏ ତୁଳିତଳ୍ପ ଶେଯର ରାତି । ସାପ, ବେଙ୍ଗ, କୁକୁର, ଘୁଷୁରୀଙ୍କ ପରି ଦେହସୁଖ, ଆଉ ଏ ରାଣୀ ପରି ଦେହସୁଖ । ସେସବୁର ତୁଳନା କରୁ କରୁ ହେମ ପାଇଁ ବଦଳିଗଲା ଜୀବନର ପରିଭାଷା ।

ସପ୍ତାହକାଳ ମନ୍ତ୍ରୀଙ୍କ ସହ ଘୂରିବା ପରେ ନିଜ ଘରକୁ ଫେରିଲା ହେମ । ମାଆର ଫେରିବା ବାଟକୁ ଚକେଇ ବସିଥିବା ଛୁଆଟା ଧାଇଁ ଆସିଲା ତା' ପାଖକୁ । ଗୋଟିଏ ସମ୍ବେଦନା ଓ ଆଗ୍ରହରହିତ ଭାବେ ହଉ ହଉ ରହରହ, ମୋ ଲୁଗା ଅସନା ହୋଇଯିବ କହି ଆଡେଇଦେଲା ହେମ । ବିଶୁ ପଚାରିଲା – ଏତେଦିନ କୁଆଡେ ରହିଗଲୁ ?

ଦାୟିତ୍ୱ ଦେଇଛୁ, ତାକୁ ତ ପୁଣି ସମ୍ଭାଳିବି ନା ।

ହଁ ଯେ – ହେଲେ ନିଜ ପିଲାର ଦାୟିତ୍ୱ ପୁଣି ଅଛି ନା ?

ତୁ ନାହୁଁକି ? ରଖ୍ ଏ ଟଙ୍କା – ତୋର ଆଉ ସେ ଚେରମୂଳି ବିକି ବଇଦ ହବା ଦରକାର ନାହିଁ, ତୁ ଏବେ ପିଲାକୁ ସମ୍ଭାଳ୍ ।

ଏକାଥରକେ ଏତେଗୁଡିଏ ଟଙ୍କା ଦେଖି ବିଶୁ ତୋବ୍‌ବା ହୋଇ ପଚାରିଲା: ଏତେ ଟଙ୍କା ?

ଟଙ୍କା ତ, ଏତେ ଟଙ୍କା କ'ଣ ? ଇଏ ତ ଆରମ୍ଭ ମାତ୍ର, ମନ୍ତ୍ରୀ କହିଛନ୍ତି ଏବେ ଟଙ୍କାର ସୁଅ ଛୁଟିବ ।

ତୁ ତା'ହେଲେ ସେ ସୁଅରେ ଭାସିଯିବୁ ନିଶ୍ଚୟ ।

ନା – ମୁଁ ନୁହେଁ, ତୁ ଭାସିଯିବୁ ।

ଓଲେଇଗାଈଇର ଗୋଠରେ ମନ ନ ଲାଗିବା ପରି ଘରେ ଆଉ ମନ ଲାଗୁ ନଥିଲା ହେମର । କଷ୍ଟେମଷ୍ଟେ ରାତିଟି କଟାଇ ଦେଇ ସକାଳକୁ ସଜ ହୋଇ ପଡିଲା ଯିବାପାଇଁ । ତା'ର

Digitized by PPRACHIN, SOA

ସଜବାଜ ଦେଖି ବିଶୁ ପଚିରାଲି: କ'ଣ ଯିବା ପାଇଁ ବାହାରିଲୁଣି ନା କ'ଣ ?

ହଁ – ସେପଟେ ବହୁତ କାମ, ମନ୍ତ୍ରୀ ତ ଜମା ରାଜି ନଥିଲେ ମୁଁ ଘରକୁ ଆସେ ବୋଲି, ବହୁ କୁହାବୋଲା କରି ରାତିକ ପାଇଁ ଆସିଥିଲି । ଆସିଲି, ଦେଖିଗଲି ତମମାନଙ୍କୁ, ଏବେ ଯେଉଁ ଦାୟିତ୍ୱ ମୋ ଉପରେ ଅଛି ତାକୁ ସମ୍ଭାଳିବି ତ ? ମୁଁ କ'ଣ ଏ ଦାୟିତ୍ୱ ମୋ ନିଜ ଇଚ୍ଛାରେ ନେଇଥିଲି ? ହଁ – ତୋର ପକ୍କା ଘରଟିଏ କରିବାକୁ ଭାରି ଇଚ୍ଛା ଥିଲାନା, ଯେଉଁ ଟଙ୍କା ଦେଇଛି ସେଥିରେ ଘର ଆରମ୍ଭ କର, ମୁଁ ଆହୁରି ପଇସା ଦେବି ପୂରା କରିବାକୁ । ହଁ, ଆଉ ଗୋଟାଏ କଥା, ଏଥର ମୋର ଫେରିବା ମଧ୍ୟ ଡେରି ହୋଇପାରେ, ମୋ ପାଇଁ ବ୍ୟସ୍ତ ହେବୁନି ।

ବିଶୁ କେବଳ ବଲବଲ କରି ଚାହୁଁଥିଲା ହେମ ଆଡେ । ନିଜ ଆଖିକୁ ବିଶ୍ୱାସ କରିପାରୁ ନଥିଲା ଯେ ଏଇ କ'ଣ ସେଇ ହେମ, ଯାହା ସହ ସେ ଏତେ ବର୍ଷ ହେଲାଣି ସଂସାର କରିଥିଲା ! ରାଜନୀତି କ'ଣ ଏମିତି ନିଶା, ଯିଏ ଭୁଲାଇ ଦିଏ ସମ୍ପର୍କକୁ ଓ ସଂସାରକୁ ?

ହେମ ଚାଲିଗଲା ଗାଡି ଭିତରକୁ । ରାହା ଧରି ପଛରେ ଧାଉଁଥିଲା ଛୁଆଟା । ଗୋଟିଏ କ୍ରୋଧିତ ଚାହାଣୀରେ ବିଶୁକୁ କହିଲା – ଚାହିଁଛୁ କ'ଣ ? ତାକୁ ସମ୍ଭାଳେ ।

ଗଲା ଯେ ଗଲା ହେମ, ବସନ୍ତ ଋତୁ ପରି ତା' ଉପସ୍ଥିତି କେବଳ କେବେ କଦ୍‌ବା ଦଣ୍ଡେ ଘଡିଏ ପାଇଁ ହେଉଥିଲା ଘରେ, ତାହା କେବଳ ସମ୍ପର୍କ ଦାୟରେ ନଥିଲା, ଥିଲା ରାଜନୈତିକ ବାଧ୍ୟବାଧକତାରେ । ହେମକୁ ନେଇ ଅନେକ କଥା ଶୁଣେ ବିଶୁ, ହେଲେ ଶୁଣା କଥାକୁ ପରତେ ଯାଏନା । ମନକୁ ମନ କହେ ହେମ ସହ ସଂସାର ପୁରୁଣା ନ ହେଲେ ବି ସେତିକି ବର୍ଷର ସଂସାର କ'ଣ କମ୍ କି ମନକୁ ବୁଝିବା ପାଇଁ । ଲୋକେ ଅଦେଖା, ପରର ଶିରୀ ଦେଖନ୍ତି ନାହିଁ । କାଚରାଣୀଟିଏ ଯିଏ ଗାଆଁଗଣ୍ଡା ବୁଲି କାଚ ପିନ୍ଧାଉଥିଲା, ସିଏ ଏବେ ଗାଡି ଘୋଡା ଚଢି ବୁଲୁଛି, କେତେ ଲୋକଙ୍କ ଆଖିରେ ବା ଯିବ ଏ କଥା ?

କେବେ କେମିତି ବସନ୍ତ ପବନ ପରି ଆସୁଥିବା ହେମ, ଶେଷଥର ପାଇଁ ଆସିଥିଲା ବିଶୁ ପାଇଁ ଭୂମିକମ୍ପ ନେଇ । ଦିନେ ସନ୍ଧ୍ୟାରେ ଅଳ୍ପ ସମୟ ପାଇଁ ପହଞ୍ଚି କହିଲା – ମୁଁ ତତେ କେବଳ ଗୋଟେ ପଦ କଥା କହିବା ପାଇଁ ଆସିଛି । ଏବେ ତୋ ରାସ୍ତା ଓ ମୋ ରାସ୍ତା ଅଲଗା ଅଲଗା । ଭାବିଥିଲି ତୋତେ ଏ ବିଷୟରେ କିଛି କହିବି ନାହିଁ ବୋଲି, ହେଲେ ପୁଣି ଭାବିଲି କାହିଁକି ବା ତୋତେ ଭ୍ରମରେ ରଖିବି । ଯେତେବେଳେ ମୁଁ ନିଷ୍ପତ୍ତି ନେଇସାରିଛି, ତୋତେ ଶୁଣାଇ ଦେବାଟା ଠିକ୍ ହେବ । ହଁ–ପୂର୍ବ ସମ୍ପର୍କର ଦ୍ୱାହିରେ ମୁଁ ତୋ ପାଇଁ ଘର ଖଣ୍ଡେ କରାଇଦେବି, ତୁ ପିଲାଟାର ଦାୟିତ୍ୱ ନେଇ ତାକୁ ପାଠପଢା । ପୁଅ ପିଲାଟା, ବଡ ହୋଇଗଲେ ଗଲା । ତୋର ତ ଜଡିବୁଟିର ବେପାର ଅଛି, ବେଶ୍ ଚଳିଯିବ ।

ସେଦିନ ହେମ କଥାରେ ଭୂମିକମ୍ପ ହେଲା କି ସେ ସାଥିରେ ଭୂମିକମ୍ପକୁ ନେଇକରି ଆସିଥିଲା ବୁଝି ପାରୁ ନଥିଲା ବିଶୁ । ସେ ଚାଲିଗଲା ପରେ ରାତାରାତି ଭାଙ୍ଗି ଦେଇଥିଲା ନିଜର ଚାଳିଆକୁ । ଫିଙ୍ଗି ଦେଇଥିଲା ଜଡିବୁଟି, ତେଉଁରିଆ ଓ ତାବିଜ୍ ସବୁକୁ । ରାତି ପାହିଲା ବେଳକୁ

Digitized by PPRACHIN, SOA

ସେ ଓହ୍ଲାଉଥିଲା ଢିଅ ଉପରୁ, କାନ୍ଧରେ ଥିଲା ସାପପେଡି, ସାଙ୍ଗରେ ଥିଲା ଠୁକୁ ଠୁକୁ ହୋଇ ଚାଲୁଥିବା ପୁଅ ଓ ତା'ର ଗୋବିନ୍ଦି ମୂଷା ।

ଲୋକେ ତାକୁ ତାଟକା ହୋଇ ଚାହିଁଲା ବେଳେ ସେ ମନକୁ ମନ କହୁଥିଲା – ଯାଯାବରର ଗୋଟେ ଘର କ'ଣ ? ସାପର କ'ଣ ଘର ଥାଏ ? ସିଏ ଯେଉଁ ଗାତରେ ପଶିଲା ସେଇଟା ତା'ର ଘର । ମୋ ପେଡି ଖାଲି, ମୁଁ ସାପ ଖୋଜୁଛି ସାପ, ହେଲେ ଏଥର ସାପ ଧରିବା କ୍ଷଣି ମୁଁ ଆଗ ଭାଙ୍ଗିବା ତା' ବିଷ ଦାନ୍ତ, ତା'ପରେ ପୂରାଇବି ପେଡିରେ । ଚାଲ୍‌ରେ ପୁଅ ଚାଲ୍ – ତୋ ମୂଷା ବା କି ଖେଳ ଦେଖାଇପାରିବ, ସାପ ତ ନାହିଁ । ଆଗେ ସାପ ଧରେ ମୁଁ । ତୋତେ ଶିଖାଇବି ସାପଙ୍କୁ ଖେଳାଇବାର କଳା, ଯାଯାବର ହେବାର କୌଶଳ । ହେଲେ ପୁଅ କେବେ ବି କହିବୁ ନାହିଁ, ବାପା ଘର କର ବୋଲି । ଯାଯାବରର ଗୋଟେ କି ଘର ?

□

Digitized by PPRACHIN, SOA

ଦ୍ରୋହକାଳ

ସହରର ଉପକଣ୍ଠରେ ଏ କଲୋନୀ । ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସହରର ବାସିନ୍ଦାମାନଙ୍କ ଗୃହ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହନିର୍ମାଣ ବିଭାଗ ଦ୍ୱାର ଏହା ଏକ କୋର୍‌ହାଉସ୍ ଯୋଜନା । ଲୋକଙ୍କ ବିଶେଷ କରି ମଧ୍ୟବିତ୍ତ ଲୋକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିବାରୁ ଏ କଲୋନୀର ନାମ କଲ୍ୟାଣ ବିହାର । ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଛି ଘରସବୁ । କ୍ଷମତା ସ୍ରୋତରେ ଥିବା ଚଲାଖ ଚକିରିଆ ମାନେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ ସମ୍ପୂର୍ଣ୍ଣ ବ୍ୟବସାୟିକ ଆଭିମୁଖ୍ୟରେ ନିଜ ସ୍ତ୍ରୀ ଓ ପିଲାଛୁଆଙ୍କୁ ନାମରେ ଆବେଦନ କରିଥିଲେ ଘର ପାଇଁ । ଆବଣ୍ଟନ ପରେ ଘର ପାଇଥିଲେ ମଧ୍ୟ ସେତେ ବେଶି ତତ୍‌ପରତା ନାହିଁ କୋର୍ ହାଉସ୍‌କୁ ପୂର୍ଣ୍ଣାଙ୍ଗ କରିବାକୁ । ଯେହେତୁ କଲୋନୀଟି ସହରର ମୁଖ୍ୟ ସ୍ଥଳଠାରୁ ଢେର୍ ଦୂରରେ, ଘର ସମ୍ପୂର୍ଣ୍ଣ କରିଦେଲେ ଯେ ତତ୍‌କ୍ଷଣାତ୍ ଭଡାରେ ଲାଗିଯିବ ଏ ଭରସା ନଥିବାରୁ ବହୁଲୋକ ଘର ପାଇ ସାରିବା ପରେ ମଧ୍ୟ ଚୁପ୍‌ଚାପ୍ ବସି ରହିଥିଲେ । ସରକାରୀ କ୍ୱାଟର ପାଇ ନଥିବା କିମ୍ବା ସହର ଭିତରେ ନିଜର ଘର ନଥିବାରୁ କାଁ ଭାଁ କେତେଜଣ ଘରକୁ ସମ୍ପୂର୍ଣ୍ଣ କରି ରହିଛନ୍ତି । ତାହା ପୁଣି ଏଠି ସେଠି ଗୋଟିଏ ଗୋଟିଏ କରି । ସେଉରେଜ, ବିଜୁଳି ଓ ରାସ୍ତାଘାଟର ଉନ୍ନତି ଯାଏ ଅନ୍ୟ ସମସ୍ତ ଚତୁର ବ୍ୟକ୍ତିମାନେ ଅପେକ୍ଷା କରି ବସିଛନ୍ତି ।

ନିଜ ନାମରେ ଘର ଖଣ୍ଡେ ମିଳିଥିବାରୁ ଦୀନବନ୍ଧୁ ବାବୁ ଆଉ ଚାହିଁଲେ ନାହିଁ ସରକାରୀ ଭଡା ଘରେ ରହିବାକୁ । ତାଙ୍କର ଏ ନଚାହିଁବା ପଛରେ ଦୁଇଟି କାରଣ ଥିଲା – ଚକିରୀ ଆଉ ପାଞ୍ଚବର୍ଷ ଅଛି, ନିଜ ଘରକୁ ହେପାଜତ୍ କରି ଖାଲି ଜାଗାରେ କିଛି ଗଛବୃଛ ଲଗାଇଥିଲେ ଘରଟା ଘର ପରି ଲାଗିବ । ଦ୍ୱିତୀୟ କାରଣଟି କିନ୍ତୁ ପ୍ରଥମ କାରଣ ଅପେକ୍ଷା ଯଥେଷ୍ଟ ବଳିଷ୍ଠ । ଷଷ୍ଠ ବେତନ କମିଶନ୍ ଲାଗୁହେବା ପରେ କେନ୍ଦ୍ରସରକାରଙ୍କ କର୍ମଚାରୀ ହିସାବରେ ସେ ରାଜଧାନୀରେ ଯେତିକି ଘରଭଡା ପାଇବେ, ଯଦି ସରକାରୀ କ୍ୱାର୍ଟର ଛାଡି ନିଜ ଘରକୁ ଚାଲି ଯାଆନ୍ତି, ତେବେ ସେଇ ଟଙ୍କାରେ ତାଙ୍କର ଗୃହଋଣ ପରିଶୋଧ ହୋଇଯିବ । ଆନୁସଂଗିକ ସୁବିଧା ସୁଯୋଗ ନଥିବାକୁ

Digitized by PPRACHIN, SOA

ତରି ଏତେ ଗୁଡାଏ ଆର୍ଥିକ କ୍ଷତି ସହିବାର କୌଣସି ଆବଶ୍ୟକତା ନାହିଁ । ଅବଶ୍ୟ ପତ୍ନୀ ପ୍ରଥମେ ପ୍ରଥମେ ରାଜି ହେଉନଥିଲେ, ଯେହେତୁ ପିଲାମାନେ ସବୁ ବାହାରେ ପଢୁଥିଲେ କେହି ପତା ପଡୋଶୀ ନଥିବା କୌଣସି ସ୍ଥାନରେ ରହିବାଟା ଖାଁ-ଖାଁ ଓ ଭୀତିପ୍ରଦ ଲାଗିପାରେ ବୋଲି ତାଙ୍କର ଆଶଂକା ଥିଲା । ମାତ୍ର ଦୀନବନ୍ଧୁ ବାବୁଙ୍କର ଯୁକ୍ତିଥିଲା ଘର ନେଇଥିବା ଲୋକମାନେ ଆଜି ନହେଲେ କାଲିକୁ ତ ଯାଇ ସେଠାରେ ରହିବେ । ସମସ୍ତେ ଯଦି ଭାବିବେ ଅନ୍ୟମାନେ ରହି ସାରନ୍ତୁ ମୁଁ ଯିବି ବୋଲି ତାହାଲେ କିଏ ଯାଇ ଆଗ ରହିବ ? ସେଇ ଆଗଲୋକଟା ଆମେ କାହିଁକି ନହେବା ?

ନିଜ ଘରେ ରହିବାର ସ୍ୱପ୍ନରେ ବିଭୋର ଥିବା ଦୀନବନ୍ଧୁଙ୍କ ପତ୍ନୀ ଚିନ୍ତାକଲେ ହଁ ଆଜି ନହେଲେ ତ କାଲିକୁ ଯିବାକୁ ପଡିବ । ତା'ପରେ ପୁଅ ଦୁଇଜଣଙ୍କର ବାହାଘର ବି କରିବାକୁ ପଡିବ । ବଡପୁଅ ପାଇଁ ଆସୁଥିବା ପ୍ରସ୍ତାବ ସବୁ ଭୁବନେଶ୍ୱରରେ ନିଜର ଘର ନାହିଁ ବୋଲି ଭାଙ୍ଗି ଯାଇଛି । ତେଣୁ ନିଜର ଘର ତିଆରି କରି ଚାଲିଯିବା ଠିକ୍ ହେବ ।

ଦୀନବନ୍ଧୁ ଲାଗିପଡିଲେ ପୂରା ଦମ୍‌ରେ ଘରକୁ ସମ୍ପୂର୍ଣ୍ଣ କରିବାରେ । ତାଙ୍କ ଦେଖା ଦେଖି ଆଉ ଦୁଇଚାରିଜଣ ବି ଆସି ଜୁଟିଗଲେ ଘର ତିଆରି କରିବାରେ । ଘର ତିଆରିରେ ଲାଗିଥିବା ମିସ୍ତ୍ରୀ-କୁଲି ଓ ରେଜାମାନେ ସହରର ବସ୍ତିରେ ରହିବା ଅପେକ୍ଷା ଖାଲି ପଡିଥିବା କୋର୍ ହାଉସ୍ ମାନଙ୍କରେ ରହିବାକୁ ଶ୍ରେୟ ମଣିଲେ । ଏଥିରେ ଅବଶ୍ୟ ଘର ତିଆରି କରୁନଥିବା ମାଲିକ ମାନଙ୍କର କୌଣସି ଆପତ୍ତି ନଥିଲା । କାରଣ ବେଛପରୀ ହୋଇ ପଡି ରହୁଥିବା ଘର ଗୁଡିକର ମାଗଣାରେ ତ ଦେଖା ରେଖା ହୋଇ ପାରିବ ।

କଲ୍ୟାଣ ବିହାରର ଘରମାଲିକ ହିସାବରେ ଦୀନବନ୍ଧୁ ବାବୁ ପ୍ରଥମେ ଆସିଲେ ନିଜ ଘରକୁ । ଯଦିଓ ସେ ଏକୁଟିଆ ଆସିଥିଲେ, ପରିବେଶ କିନ୍ତୁ ଲାଗୁ ନଥିଲା ନିଛାଟିଆ । ତାଙ୍କ ଘର ଚାରିପଟରେ ଥିବା କୋର୍ ହାଉସ୍ ଗୁଡିକରେ ରହି ଯାଇଥିଲେ କିଛି କର୍ମଜୀବି ମିସ୍ତ୍ରୀ, କୁଲି ଓ ରେଜାମାନେ । ଦିନରେ ଗହଳ ଚହଳ ଲାଗୁଥିଲା ତିଆରି ହେଉଥିବା ଘର ମାନଙ୍କରେ । ତାଙ୍କ ଘର ଚାରିପଟେ ରହୁଥିବା ଲୋକମାନଙ୍କଠାରୁ ସେ ନିରାପଦ ଦୂରତା ରଖି ଚଳୁଥିଲେ ମଧ ଆଶ୍ୱସ୍ତ ଥିଲେ ସେମାନଙ୍କର ଉପସ୍ଥିତି ପାଇଁ । ପତ୍ନୀଙ୍କୁ ଉପଦେଶ ଦେଇ କହିଥିଲେ ଆବଶ୍ୟକତାଠାରୁ ଅଧିକ ସମ୍ପର୍କ କିମ୍ବା ଅଧିକ ନିକଟତର ହେବନାହିଁ ଏ ବସ୍ତିରେ ରହୁଥିବା ଲୋକମାନଙ୍କ ସହ । ଆଜିକାଲି ବେଳକାଳ ଭଲ ନାହିଁ, ସୁଯୋଗ ମିଳିଲେ ଏମାନେ କେତେବେଳେ କ'ଣ କରିବେ ଠିକଣା ନାହିଁ । ତେଣୁ ମୁଁ ଅଫିସ୍ ଯିବାପରେ ତମେ ଗେଟ୍ ଓ ଘରର ଜାଫ୍ରିରେ ତାଲା ପକାଇ ରହିବ, ମୁଁ ପହଂଚିଲା ପରେ ଖୋଲିବ । ମଝିରେ ମଝିରେ ଘରର ଛାତକୁ ଯାଇ ନଜର ପକାଇ ଦେଉଥିବ ଚାରିପଟରେ । ତମ ପାଖରେ ତ ମୋବାଇଲ୍ ରହୁଛି, କିଛି ଅସୁବିଧା ହେଲେ ମୋତେ ତୁରନ୍ତ ଜଣାଇବ ।

ଦୀନବନ୍ଧୁ ବାବୁଙ୍କର ବାଉଣ୍ଡାରୀକୁ ଲାଗିଥିବା କୋର୍‌ହାଉସ୍‌ରେ ରହୁଥିଲେ ଶ୍ରୀନିବାସ ଓ ତା'ର ପତ୍ନୀ । ପତିପତ୍ନୀ କହିଲେ ତ ଠିକ୍ ହେବନି, ବରଂ ଘରଛାଡି ଚାଲି ଆସିଥିବା ପ୍ରେମିକ ପ୍ରେମିକା । ଉଭୟଙ୍କର ଜାତି ଅଲଗା । ଝିଅଟି ଉଚ୍ଚବର୍ଣ୍ଣ ଗୋପାଳ ଘରର ଏବଂ ଶ୍ରୀନିବାସ କେଉଟ

Digitized by PPRACHIN, SOA

ଘରର ପିଲା । ୟାଙ୍କର ସମ୍ପର୍କ ଦେଖି ଝିଅ ଘରର ଲୋକେ, ସାହିଭାଇ ସବୁ ଠେଙ୍ଗା କାଢ଼ିଲେ । ଝିଅକୁ ଅନ୍ୟତ୍ର ବାହା କରାଇବାର ଯୋଗାଡରେ ଲାଗିଲେ । ସମସ୍ତଙ୍କୁ ଚକ୍‌ମା ଦେଖାଇ ଶ୍ରୀନିବାସ ଗୋପାଳ ଘରର ଝିଅ ଗୌରୀକୁ ଧରି ମାରିଲା ଛୁ । କିଛିଦିନ ଏପଟ ସେପଟ ବୁଲାବୁଲି କରି ଆସି ରହିଛନ୍ତି ଏଇଠି । ଶ୍ରୀନିବାସର ଚାକିରୀ ଅଛି ନା ବାକିରୀ । ସଂସାର ଚଳାଇବା ପାଇଁ ଏବେ ରାଜମିସ୍ତ୍ରୀମାନଙ୍କ ସାଂଗରେ ହେଲ୍‌ପର କାମ କରୁଛି ।

ଦୀନବନ୍ଧୁ ବାବୁ ଯଦିଓ ଏକ ଲକ୍ଷ୍ମଣରେଖା ଟାଣିଥିଲେ ତାଙ୍କ ପତ୍ନୀଙ୍କ ପାଇଁ ପାଖରେ ରହୁଥିବା ଲୋକମାନଙ୍କ ସହ ମିଳାମିଶା ନ କରିବା ପାଇଁ, ହେଲେ ପତ୍ନୀ ଦମୟନ୍ତୀ ଦେବୀ ତାକୁ ଅକ୍ଷରେ ଅକ୍ଷରେ ପାଳି ପାରୁନଥିଲେ । ସ୍ୱାମୀଙ୍କ କଥାମାନି ସେ ଗେଟ୍‌ରେ ତାଲା ଦେଇ ରହୁଥିଲେ ମଧ୍ୟ ବେଳେବେଳେ ଛାତ ଉପରୁ କିମ୍ବା ନିଜ ବାଉଣ୍ଡାରୀ କଡରେ ଠିଆହୋଇ ଗୌରୀ ସହ କଥା ହୁଅନ୍ତି । ନୂଆ ନୂଆ ସଂସାର କରିଥିବା ଗୌରୀ ଏବଂ ଗୌରୀ ପଛର ପ୍ରେମ କାହାଣୀ ଶୁଣି ସେ ମନେ ମନେ ଦୁଃଖ କରନ୍ତି । ଭାବନ୍ତି ଦେଖତ, କେତେ ଥିଲାବାଲା ଘରର ଝିଅ, କେତେ ପୁଣି ଗେହ୍ଲାରେ ବଢ଼ିଥିଲା, ଗୋଟେ କେଉଟ ପିଲାର ପ୍ରେମରେ ପାଗଳିନୀ ହୋଇ କେମିତି ହୀନସ୍ତା ହେଉଛି । ଗୌରୀ ପାଇଁ ସମବେଦନା ଜାହିର କରି ସେ ଯେତେବେଳେ ଆହା-ଚୁଚୁ କରନ୍ତି, ଗୌରୀ କହେ ମାଉସୀ ଏ ଜୀବନ ପାଇଁ ମୋର ଆଦୌ ଦୁଃଖ ନାହିଁ । ମୁଁ ତ ତାଙ୍କ ପାଇଁ ହସି ହସି ମରଣକୁ ବି ବରଣ କରି ନେଇଥାଆନ୍ତି । ଏ ରହିବା, ଖାଇବା, ପିଇବା ଦୁଃଖ ବା କି ଛାର ? ମୋର କେବଳ ଦୁଃଖ, ଇଏ ପାଠଶାଠ ପଢ଼ିଥିଲେ, ଚାକିରି ବାକିରି ଖୋଜୁଥିଲେ, ଚାକିରି କଲାପରେ ଯାଇ ଆମେ ବାହା ହୋଇଥାଆନ୍ତୁ । ହେଲେ ନିଆଁଲଗା ପରିସ୍ଥିତି ଏମିତି ହେଲା ଯେ ସେତେଦିନ ଯାଏ ଅପେକ୍ଷା କରି ହେଲାନାହିଁ । ଯେଉଁ ହାତରେ ସିଏ କଲମ ଘଷ କରିଥାଆନ୍ତେ, ସେଇହାତରେ ଏବେ ସକାଳରୁ ସଂଜଯାଏ କରଣୀ । ମୋ ପାଇଁ ସିନା ତାଙ୍କର ଆଜି ଏ ଦଶା ।

ଦମୟନ୍ତୀ ଦେବୀ ତାଙ୍କର ଦୁଃଖ ଶୁଣି ତାକୁ ଆଶ୍ୱାସନା ଦେଇ କହନ୍ତି ଅନ୍ଧାର ପିଠିଏକୁ ଆଲୁଅ ପିଠିଏ । ଏବେ ତମ ଜୀବନରେ ଅନ୍ଧାର ପକ୍ଷ ରହିଛି । ଧୈର୍ଯ୍ୟ ଧରିଲେ ଆଲୁଅ ପକ୍ଷ ଆସିବାକୁ ବେଶି ଡେରି ଲାଗିବ ନାହିଁ ।

ହଁ – ସେଇ ଭରସା ଓ ବିଶ୍ୱାସ ନେଇ ତ ଏମିତି ଭାବରେ ପଡି ରହିଛୁ ଏଠି । ଦେଖାଯାଉ ଆମ ଭାଗ୍ୟ ପଥର ତଳେ ଅଛି ନା ପତର ତଳେ !

ଏମିତି କଥାବାର୍ତ୍ତା ଭିତରେ ଗୌରୀ ପ୍ରତି ଦମୟନ୍ତୀ ଦେବୀଙ୍କ ମନରେ ଏକ ପ୍ରକାର ଶ୍ରଦ୍ଧା ଓ ଦୟା ଆସିଯାଇଥିଲା । ଗୌରୀକୁ ନିଜ ଘରକୁ ନ ଡାକିଲେ ମଧ୍ୟ ଦୀନବନ୍ଧୁ ବାବୁ ଗଲାପରେ ସେ ବେଳେବେଳେ ଚାଲିଯାଆନ୍ତି ଗୌରୀ ପାଖକୁ ଗପସପ କରିବାକୁ । ଏମିତି ଗପସପ ଭିତରେ ସେ ଜାଣିଲେ ଯେ ଗୌରୀ ଛଅମାସର ଅନ୍ତଃସତ୍ତ୍ୱା । ଅଭିଜ୍ଞ ଓ ଅଭିଭାବକ ସୁଲଭ ଢଙ୍ଗରେ ସେ ତାକୁ ଉପଦେଶ ଦିଅନ୍ତି ଏ ସମୟରେ ନିଜର ଓ ଭିତରେ ବଢୁଥିବା ପିଲାର କିପରି ଯତ୍ନ ନେବାକୁ ହେବ । ନିୟମିତ ଭାବେ ଡାକ୍ତର ପରାମର୍ଶ କରି ଔଷଧପତ୍ର ଖାଇବାକୁ ଓ ନିଜର ଖାଇବା ଓ

Digitized by PPRACHIN, SOA

ଶୋଇବାରେ ଧ୍ୟାନ ଦେବାକୁ । ଗୌରୀକୁ ବୁଝାଇ କହନ୍ତି, ବାପଘର ସୁଖ ଛାଡି ଏମିତି ଏକ ପରିବେଶକୁ ଆସିଲା ପରେ ମନ ବୁଝୁ ନଥିବ, ମାତ୍ର ତାକୁ ଘେନା କରି ମନ ଭିତରେ ବିଷାଦ ଭାବ ରଖିଲେ ପିଲା ଉପରେ ମଧ୍ୟ ତା'ର ପ୍ରଭାବ ପଡିବ । ତେଣୁ ଯେତେ ସମ୍ଭବ ଚେଷ୍ଟା କରିବୁ ସବୁବେଳେ ହସ ଖୁସିର ମିଜାଜ୍‌ରେ ରହିବାକୁ ।

ଘରେ କୌଣସି ଭଲ ଖାଇବା ଜିନିଷ ହୋଇଥିଲେ କିମ୍ବା ଘରକୁ ମିଠା ମିଠି ଆସିଥିଲେ ଦମୟନ୍ତୀ ଦେବୀ ଦୀନବନ୍ଧୁ ବାବୁ ଅଫିସ୍ ଚାଲିଗଲା ପରେ ଗୌରୀକୁ ନେଇ ଦିଅନ୍ତି । ପ୍ରଥମେ ପ୍ରଥମେ ଗୌରୀ ମନା କରୁଥିଲା ସେସବୁ ଗ୍ରହଣ କରିବାକୁ, ହେଲେ ଦମୟନ୍ତୀ ଦେବୀଙ୍କ ବାଧ୍ୟବାଧକତାରେ ଶେଷକୁ ଗ୍ରହଣ କଲା । ଏହି ଦବାନବା ଓ ଯିବା ଆସିବା ଭିତରେ ଦମୟନ୍ତୀଙ୍କର ଏକ ଅନ୍ତରଙ୍ଗ ମାୟା ଲାଗିଯାଇଥିଲା ଗୌରୀ ସହ । ତାଙ୍କ ନିଃସଙ୍ଗତାର ସାଥୀ ଥିଲା ଗୌରୀ ଏବଂ ଗୌରୀ ଗଭୀର ଆତ୍ମପ୍ରତ୍ୟୟ ନେଇ ଭରସା କରୁଥିଲା ତା'ର ଆଗକୁ ଆସୁଥିବା ଦିନମାନଙ୍କ ପାଇଁ ତାଙ୍କର ଉପଦେଶ ଓ ସହଯୋଗକୁ । ଦିନେ ମନକଥା ଖୋଲି ଗୌରୀ କହିଲା ଦମୟନ୍ତୀ ଦେବୀଙ୍କୁ-ମାଉସୀ, ଗୋଟିଏ ଝୁଙ୍କରେ ସିନା ଘରଛାଡି ଚାଲି ଆସିଲୁ । ପେଟ ତ ଯେନତେନ କରି ପୋଷି ନେଉଛୁ । ଘରୁ ଯେତେବେଳେ ସମ୍ପର୍କ କାଟି ଚାଲି ଆସିଛୁ ଏ ଅସମୟରେ କିଏ ଯେ ଦୟା ପରବଶ ହୋଇ ଆସିବେ ସେ ଆଶା ବି କରିବା ବୃଥା । ଇଏ ତ ପୁରୁଷ ପିଲା, କ'ଣ ବା ସେ କାମରେ ସାହାଯ୍ୟ କରି ପାରିବେ । ଯଦି ଦରକାର ପଡେ ସେ ସମୟକୁ ଟିକେ ସହାୟ ହେଲେ ଏ ଝିଅ ତମ ପାଖରେ ଋଣୀ ହୋଇ ରହିବ ।

ଦମୟନ୍ତୀ ଦେବୀ ଦୀନବନ୍ଧୁ ବାବୁଙ୍କର ଆକଟ କଥା ମନେ ପକାଇ କଥା ଟାଳାଇ କହିଲେ ହଉ ସେ ବେଳ ଆସୁ । ଏବେ ଠୁ ଏତେ ବ୍ୟସ୍ତ କାହିଁକି ?

ଦୀନବନ୍ଧୁ ବାବୁ ସୁରାକ୍ ପାଇ ଯାଇଥିଲେ ବସ୍ତି ବାସିନ୍ଦାମାନଙ୍କ ସହ ପତ୍ନୀଙ୍କର ମିଳାମିଶା ବିଷୟରେ, ତେଣୁ ଆକଟ କରି କହିଲେ – ତମେ ଦୁନିଆ ବିଷୟରେ ଖୁବ୍ କମ୍ ଜାଣିଛ, ଆଜିକାଲି ଯେତେ ସବୁ ଛୋଟ ମୋଟ କ୍ରାଇମ୍ ଓ ଚୋରୀଚୋରୀ ହେଉଛି ସବୁ ଏ ବସ୍ତିବାସିନ୍ଦା ମାନଙ୍କ କାମ । ସେମାନଙ୍କଠାରୁ ଯେତେ ଦୂରେଇ ରହିବ ଭଲ । ମୁଁ ମାନୁଛି, ତମେ ଏକାଏକା ରହି ବୋର୍ ହେଉଛ ବୋଲି, ସେମାନଙ୍କ ସହ ମିଶୁଛ । କିନ୍ତୁ ସେମାନଙ୍କ ସହ ନମିଶି ତମେ ତ ଟି.ଭି ଦେଖା କିମ୍ବା ବହିପତ୍ର ପଢା ପଢିରେ ସମୟ କାଟି ପାରନ୍ତ । ମାଡି ମାଡି ତମେ କେତେ ସମୟ ଏକା ରହୁଛ । ଏଇ ସାତ ଆଠ ଘଣ୍ଟା ତ ? ତମକୁ ଏକା ନରଖିବା ପାଇଁ ମୁଁ ମୋର ଟୁର୍ ସିଟ୍ ବଦଳାଇ ଅଫିସ୍‌ରେ ରହିଲି । ମିଶୁଛ ମିଶୁଛ । କୌଣସି ଦିନ ଯଦି କୌଣସି ସମସ୍ୟା ଆସେ ମୁଁ ତମ ପିଠିରେ ପଡିବି ନାହିଁ, ଆଗରୁ କହି ଦେଉଛି ।

ତମେ କ'ଣ ମୋତେ ପିଲା ଭାବିଛ ନା କ'ଣ ? ମୁଁ ଲୋକ ଦେଖି ଚାହିଁ ମିଶୁଛି ନା ସମସ୍ତଙ୍କ ସହ ମିଶି ଯାଉଛି । ବସ୍ତିରେ ଆସି ରହିଛନ୍ତି ବୋଲି ସବୁ ମଣିଷ କ'ଣ ଖରାପ ? ପରିସ୍ଥିତିରେ ପଡି ନଳରାଜା ଘାସ କାଟିଥିଲେ, ସେମିତି ବି କିଛି ଲୋକ ଅଛନ୍ତି ସେମାନେ

Digitized by PPRACHIN, SOA

ପରିସ୍ଥିତିରେ ପଡି ବସ୍ତି ବାସିନ୍ଦା ହୋଇଛନ୍ତି । ଆମେ ଯଦି ହୃଦୟକୁ ଏମିତି ସନ୍ଦେହୀ ଓ ସଂକୁଚିତ କରିଦେବା, ତେବେ ତ ସାରା ମଣିଷ ସମାଜ ଉପରେ ଆମର ବିଶ୍ୱାସ ତୁଟିଯିବ ? ହଉ ତମ ଇଚ୍ଛା, ଯାହା ତମେ ଠିକ୍ ଭାବୁଛ କର ।

ସମୟକ୍ରମେ କଲୋନୀଟିରେ ଆସି ଙ୍କାଁ-ଭାଁ କେତେ ଜଣ ରହିସାରିଥିଲେ । ରାତିରେ ଆଲୁଅ ଗଣି ହିସାବ କରି ହେଉଥିଲା କେତେ ଜଣ ଆସି ନିଜ ଘରେ ରହିଗଲେଣି ବୋଲି । ରାତିରେ ଛାତ ଉପରୁ ଥାଇ ଦେଖିଲେ ଲାଗୁଥିଲା ତମ୍ବୁଟଣା ଯୁଦ୍ଧ କ୍ଷେତ୍ରପରି । ଙ୍କାଁ-ଭାଁ ଆଲୁଅର ଫୁଆରା ସୂଚାଇ ହେଉଥିଲା ରାଜା, ମନ୍ତ୍ରୀ ଓ ସେନାପତି ମାନଙ୍କର ଉପସ୍ଥିତିକୁ ।

ଗଡି ଗଡି ଯାଉଥିଲା ମାସ । ପାଖେଇ ପାଖେଇ ଆସୁଥିଲା ଗୌରୀର ପ୍ରସୂତି ସମୟ । ସେଦିନ ଦିନ ତମାମ ଲାଗି ରହିଥିଲା ବର୍ଷା ।

ଶ୍ରୀନିବାସ ଯାଇଥିଲା କାମକୁ । ଗୌରୀକୁ ଟିକେ ଅସଜ ଅସଜ ଲାଗିଲା । ଦମୟନ୍ତୀ ଦେବୀଙ୍କ ଗେଟ୍ ପାଖକୁ ଆସି ଧୀରେ ସ୍ୱରରେ ଡାକିଲା – ମାଉସୀ, ମାଉସୀ, ରୋଷେଇ ଘର ଝରକାରୁ ଗୌରୀକୁ ଦେଖି ଗେଟ୍ ପାଖକୁ ଯାଇ ଦମୟନ୍ତୀ ପଚାରିଲେ କ'ଣ ହେଲା କିଲୋ ଝିଅ ?

ମାଉସୀ ଟିକେ ଅଡୁଆ ଅଡୁଆ ଲାଗୁଛି ତ, ସେଥିପାଇଁ ତମକୁ ପଚାରି ଦେବାକୁ ଆସିଥିଲି ।

ତୋ'ର ତ ବେଳ ଢେରଦିନ ବାକି ଅଛି । ଏହି ସମୟରେ ମଝିରେ ମଝିରେ ଏମିତି ହୁଏ । ତୁ ଯାଆ-ଘରେ ବିଶ୍ରାମ ନେ, ଏ ବର୍ଷା ପାଣିରେ ଏପଟ ସେପଟ ହଅନି ।

ଗୌରୀ ଚାଲିଗଲା ସିନା ନିଜ ମନକୁ ବୁଝାଇ ପାରିଲା ନାହିଁ । ସେ ଅପେକ୍ଷା କରୁଥିଲା ଶ୍ରୀନିବାସର ଫେରନ୍ତା ବାଟକୁ । କେହି ଜଣେ ପାଖରେ ନଥିବାରୁ ଏ କଷ୍ଟଟା ତାକୁ ଅଧିକ ଅଧିକ ଲାଗୁଛି । ଶ୍ରୀନିବାସ ଥିଲେ ହୁଏତ ଗପସପରେ ଏ କଷ୍ଟଟା ତାକୁ ଏତେ ଜଣା ପଡନ୍ତା ନାହିଁ ।

ଶ୍ରୀନିବାସ ଫେରିଲା ବେଳକୁ ରାତି ଘଡିଏ ହେଲାଣି । ବର୍ଷାରେ ଭିଜି ଭିଜି ଜାଲୁଆ ହୋଇ ଫେରିଥାଏ । ତା'ର ବର୍ଷା ଭିଜା ମୁହଁ ଓ ଶରୀରକୁ ଦେଖି ଗୌରୀ ଇଚ୍ଛା କଲା ନାହିଁ ସେ ଫେରୁ ଫେରୁ ତା' ଆଗରେ ତା'ର ଯନ୍ତ୍ରଣା କଥା କହି ତାକୁ ଆହୁରି ବ୍ୟସ୍ତ ବିବ୍ରତ କରାଇବା ପାଇଁ । ବଡ କଷ୍ଟରେ ଘୋଷାରୀ ଘୋଷାରୀ ହୋଇ ଉଠି ଉଲୁଗୁଣି ଉପରେ ଶୁଖୁଥିବା ଗାମୁଛାଟିଏ ତା' ଆଡକୁ ବଢାଇ ଦେଇ କହିଲା, ନିଅ ପୋଛିପାଛି ହୋଇ କପଡା ବଦଳାଇ ଦିଅ । ମୁଁ ବାଢି ଦେଉଛି ଖାଇନେବ । ବର୍ଷାରେ ଭିଜି ଭିଜି ଆସିଛ, ଥଣ୍ଡା ଧରି ପକାଇବ ।

ଶ୍ରୀନିବାସ ପୋଛାପୋଛି ହୋଇସାରି କପଡା ବଦଳାଇଲା । ଲକ୍ଷ୍ୟ କରୁଥିଲା ଗୌରୀ ଖାଇବାକୁ ବାଢିବା ବେଳେ ତା'ର ଯନ୍ତ୍ରଣାସିକ୍ତ ମୁହଁକୁ । ପଚାରିଲା – ଦେହ କ'ଣ ହେଉଛି କି ?

ଆଉ ନକହିଲେ ନଚଳିବ ଭାବି – ଗୌରୀ କହିଲା, ହଁ ଆଜି ଦିନମାନ ଟିକେ ଟିକେ ଯନ୍ତ୍ରଣା ହେଉଛି ।

ଦିନମାନ ହେଉଛି !

Digitized by PPRACHIN, SOA

ହଁ ଯେ, ମୁଁ ସେ ଦମୟନ୍ତୀ ମାଉସୀଙ୍କୁ ଯାଇ ପଚାରିଲି, ସେ କହିଲେ ଏବେ ତ ବେଳ ତେରଦିନ ବାକି ଅଛି, ଇଏ ସେ ଯନ୍ତ୍ରଣା ନୁହେଁ ।

ରକ୍ଷା, ତମେ ଦିନମାନ ଖାଇବା ପିଇବା ଠିକ୍ ଭାବରେ କରିଛ ତ ?

ହଁ – ।

ହଉ ତମେ ବସ, ମୁଁ ବଢ଼ାବଢ଼ି କରି ଦେଉଛି, ତମେ ଖାଇସାରି ବିଶ୍ରାମ ନିଅ । ଯଦି ଯନ୍ତ୍ରଣା ନକମେ ତେବେ କାଲି ଡାକ୍ତରଙ୍କୁ ଦେଖାଇବା ।

ବଢ଼ୁଥିଲା ରାତି । ବଢ଼ୁଥିଲା ଯନ୍ତ୍ରଣା । ମଧ୍ୟ ରାତ୍ରୀ ବେଳକୁ ଗୌରୀ ଉଠାଇଲା ଶ୍ରୀନିବାସକୁ – କହିଲା ଆଉ ପାରୁନି । ତମେ ଗୋଟାଏ କ'ଣ ବ୍ୟବସ୍ଥା କର । ଏ ଯନ୍ତ୍ରଣା ଅସମ୍ଭାଳ ହେଲାଣି ।

ଶ୍ରୀନିବାସ ଚାହିଁଲା ବାହାରକୁ । ବାହାରେ ଲାଗି ରହିଥିଲା ବର୍ଷାର ତାଣ୍ଡବ । ସେ ଥରେ ବାହାରର ବର୍ଷାକୁ ଓ ଥରେ ସ୍ତ୍ରୀର ମୁହଁକୁ ଚାହୁଁଥିଲା । ଭାବି ପାରୁନଥିଲା ଏ ପରିସ୍ଥିତିରେ ସେ କ'ଣ କରିବ ? କୁଆଡେ ଯିବ, କାହାକୁ ଡାକିବ, ଗୌରୀକୁ ଡାକ୍ତରଖାନାକୁ ନେବ କେମିତି ?

ଗୌରୀର ଯନ୍ତ୍ରଣାର ରୂପ ଉଃ-ଉଃହୁ, ଧୀରେ ଧୀରେ ବୋଉଲୋ-ବାପାଲୋ, ମରିଗଲି ଲୋ ରେ ରୂପାନ୍ତରିତ ହେଉଥିଲା । ବିବଶ ଶ୍ରୀନିବାସ ଚିନ୍ତା କରୁଥିଲା କାହାକୁ ଡାକି ଗୌରୀର ଜିମା ଦେଇ ସେ ଡାକ୍ତରଙ୍କ ପାଖକୁ ଯିବ ? ଏ ବର୍ଷା ପାଣିରେ କେଉଁ ଡାକ୍ତର ବା ଜଣେ ବସ୍ତିବାସିନ୍ଦାର ସ୍ତ୍ରୀ ଦେହ ଖରାପ ଖବର ଶୁଣି ଧାଇଁ ଆସିବ ? ସେ ବ୍ୟସ୍ତ ବିକଳ ହୋଇ ଗୌରୀକୁ ଆଉଁଷା ଘଷା କରି କହୁଥିଲା, ରାତି ପାହୁ ମୁଁ ଯାହା ଗୋଟେ ବ୍ୟବସ୍ଥା କରିବି ।

ଗୌରୀ ବି ବୁଝୁଥିଲା ଶ୍ରୀନିବାସର ବିବଶତା । ସେ ଯେତେ ଚେଷ୍ଟା କଲେ ବି ଯନ୍ତ୍ରଣାକୁ ଚାପି ରଖି ପାରୁନଥିଲା ଭିତରେ । ଛାଡୁଥିଲା ଚିତ୍କାର । ବିକଳ ଚିତ୍କାରରେ ଅଧିକ କରୁଥିଲା ସମଗ୍ର ପରିବେଶକୁ । ଆଉ ସମ୍ଭାଳି ପାରିଲାନି ଶ୍ରୀନିବାସ । ଛତାଟିଏ ଧରି ଘରୁ ବାହାରି ପଡି କହିଲା – ରହ ମୁଁ ସେ ମାଉସୀଙ୍କୁ ଡାକୁଛି ।

ଦମୟନ୍ତୀଙ୍କ ଗେଟ୍ ପାଖରେ ଛିଡା ହୋଇ ବହୁତ ଥର ଡାକ ଛାଡିଲା – ମାଉସୀ, ମାଉସୀ, ଟିକେ ଉଠ, ମୋ ସ୍ତ୍ରୀ ଭୀଷଣ ଅସୁସ୍ଥ । ଯନ୍ତ୍ରଣାରେ ଛଟପଟ ହେଉଛି ।

ଗେଟ୍ ଏବଂ ବହୁତ ଗୁଡାଏ କବାଟ ସାଙ୍ଗକୁ ଏ ବର୍ଷାର ଶବ୍ଦରେ ତା'ର ଡାକ ବୋଧହୁଏ ପହଂଚୁ ନଥିଲା ଘର ଭିତରକୁ । ସେ ଜୋର୍-ଜୋର୍‌ରେ ଡାକ ଦେଇ ଗେଟ୍‌କୁ ବାଡେଇଲା । ତଥାପି ଖୋଲି ନଥିଲା କବାଟ । ତା'ର ବର୍ଷା ଭିଜା କାତର ଡାକରେ କିନ୍ତୁ ଭାଙ୍ଗି ଯାଇଥିଲା ଦମୟନ୍ତୀ ଦେବୀଙ୍କ ନିଦ । ସେ ଉଠି ପଡି କାନ ପାରିଲେ ପୁଣିଥରେ ଶବ୍ଦ ଆଡକୁ । ବାରମ୍ବାର ଆସୁଥିବା ଡାକରୁ ସେ ନିଶ୍ଚିତ ହେଲେ ଯେ ପଡିଶା ଘରର ସେ ପିଲାଟା ଡାକୁଛି ବୋଲି ।

ସେ ଉଠାଇଲେ ଦୀନବନ୍ଧୁ ବାବୁଙ୍କୁ – କହିଲେ ଉଠ, ଉଠ ତ କିଏ ଜଣେ ଗେଟ୍ ବାଡେଇକି ଡାକୁଛି । ଦୀନବନ୍ଧୁ ବାବୁ କାନ ପାରିଲେ ସେ ଡାକ ଆଡକୁ । ଡାକ ଶୁଣିସାରି କହିଲେ – କିଏ ଜଣେ ତମ ନାଆଁ ଧରି ମାଉସୀ-ମାଉସୀ ଡାକୁଛି ।

Digitized by PPRACHIN, SOA

ହଁ – ଏ ଡାକ ଆମ ଘର ପାଖ ଶ୍ରୀନିବାସର ।

ଏତେ ରାତିରେ ସେ କାହିଁକି ଡାକୁଛି ?

ତା' ସ୍ତ୍ରୀର ଡେଲିଭରି ହବାର ଥିଲା, କ'ଣ କିଛି ଅସୁବିଧା ହେଲା ବୋଧେ ।

ତମକୁ ଡାକିଲେ ତମେ କ'ଣ କରିବ ? ତମେ ଧାଈ ନା ନର୍ସ ?

ସେମାନେ ଅସୁବିଧାରେ ପଡିଛନ୍ତି ନିଶ୍ଚୟ, ତା' ସ୍ତ୍ରୀ ମୋର ଚିହ୍ନା, ସେଥିପାଇଁ ହୁଏତ ତା' ସ୍ତ୍ରୀ କହିଥିବ ମୋତେ ଡାକିବା ପାଇଁ । ତମେ କବାଟ ଖୋଲି ଗେଟ୍ ପାଖକୁ ଯାଇ ଦେଖ ତ ଆଗେ, କ'ଣ ଅସୁବିଧା ହୋଇଛି ତାଙ୍କର ।

କ'ଣ କହିଲ, ମୁଁ ଏବେ କବାଟ ଖୋଲି ଯିବି ତା' ପାଖକୁ ତା'ର ଅସୁବିଧା କଥା ବୁଝିବାକୁ ।

ଅସୁବିଧାରେ ପଡିଥିବା ମଣିଷଙ୍କୁ ସାହାଯ୍ୟ କରିବା କ'ଣ ମଣିଷର କର୍ତ୍ତବ୍ୟ ନୁହେଁ କି ?

ତମେ ମୋତେ ଆଉ ସେ କର୍ତ୍ତବ୍ୟଜ୍ଞାନ ଶିଖାଅନା, ଏଣେ କହୁଛ ଡେଲିଭରି ହେବାର ଥିଲା, ଯଦି ସେ ପେନ୍ ହେଉଥାଏ, ଏଇନେ କହିବେ ଗାଡି ବାହାର କରି ଡାକ୍ତରଖାନାକୁ ନେବାକୁ । ଦେଖୁଛ ତ ଏ ବର୍ଷା ଯେମିତି କୁଟୁଛି । ତମେ ଚୁପ୍‌ଚାପ୍ ଶୁଅ । ସେ ଗେଟ୍ ବାଡେଇ ବାଡେଇ ଥକିଯାଇ ଭାବିବ ଆମେ ଗଭୀର ନିଦରେ ଶୋଇଛୁ । ଶୁଣି ପାରୁନାହିଁ । ରାତି ପାହୁ ଯାହା ଦେଖାଯିବ ।

ମନ ବୁଝୁ ନଥିଲା ଦମୟନ୍ତୀଙ୍କର, ହେଲେ ସେ କାଟି ପାରୁନଥିଲେ ସ୍ୱାମୀଙ୍କର କଥା । ଘର ଭିତରୁ ଥାଇ କେବଳ ସେ ଥରକୁ ଥର ଶୁଣୁଥିଲେ ଶ୍ରୀନିବାସ ଧାଇଁ ଆସି ମାଉସୀ-ମାଉସୀ ଚିଲ୍ଲାଇ ବାଡାଉଛି ଗେଟ୍, ପୁଣି ଧାଇଁ ଯାଉଛି ନିଜ ଘର ଭିତରକୁ ଗୌରୀ-ଗୌରୀ ଡାକି । ସେ ପଟୁ ଶୁଭୁଥିଲା ଏକ ଯନ୍ତ୍ରଣାର ଆର୍ତ୍ତନାଦ-ବୋଉଲୋ, ମରିଗଲି, ଆଉ ବଂଚିବି ନାହିଁ, ମରିଗଲି ଲୋ, କିଛି ସମୟ ପରେ ଶୁଭୁଥିଲା ଗୋଟେ ଚବିଶ ମଣିଷ ସ୍ୱର- ତମର କିଛି ହେବନି ଗୌରୀ, ଭଗବାନ ଏତେ ନିଷ୍ଠୁର ହୋଇ ପାରିବେ ନାହିଁ । ରାତି ପାହି ପାହି ଆସିଲାଣି । ରାତି ପାହିବାକ୍ଷଣି ମୁଁ ତମକୁ ଡାକ୍ତରଖାନା ନେଇଯିବି । ମୁଁ ଏବେ ତମକୁ ଏମିତି ଏକା ଛାଡି କୁଆଡେ ଯାଇ ପାରୁଛି ନା ନେଇ ପାରୁଛି ତମକୁ । ଏ ରାତି ପାହୁ, ରାତି ପାହିବାକ୍ଷଣି ମୁଁ ସବୁ ବ୍ୟବସ୍ଥା କରିଦେବି । ତମେ ବ୍ୟସ୍ତ ହୁଅନି, ଧୈର୍ଯ୍ୟ ଧର, କିଛି ହବନି, ଜମା କିଛି ହେବନି ।

ସମସ୍ତ ପ୍ରବୋଧନା ସତ୍ତ୍ୱେ ବି କମୁ ନଥିଲା ଯନ୍ତ୍ରଣା କାତର ଆର୍ତ୍ତନାଦ । ଉଃ-ଉହୁଃ, ଓହୋ-ମରିଗଲି ଲୋ ସହ ଏ କାନ୍ଦଣାର ଲହରୀ ବର୍ଷାଝରା ଆକାଶକୁ ଉଠୁଥିଲା ବାରମ୍ବାର । ହେଲେ ସେ ସ୍ୱର ନା ଉଠି ପାରୁଥିଲା ଆକାଶକୁ, ନା ପହଂଚି ପାରୁଥିଲା ଈଶ୍ୱରଙ୍କ ପାଖରେ । ବର୍ଷା ବିନ୍ଦୁ ସହ ମିଶି ସେ ଝରି ପଡୁଥିବ ତଳକୁ ଓ ଧକ୍କା ଖାଉଥିବ ପଥରର ଛାତିରେ ।

ଦମୟନ୍ତୀ ଦେବୀ ଶୋଇ ପାରୁନଥିଲେ ଘରେ ସେପଟରେ ଯନ୍ତ୍ରଣା ସମ୍ପ୍ରସାରିତ ହେଉଥିଲା ତାଙ୍କ ମନକୁ । କଟ-କଟ୍ କରି କାଟୁଥିଲା ହୃଦୟକୁ । ସେ ଶୋଇଥିବା ସ୍ୱାମୀଙ୍କ ଆଡକୁ ଘୃଣାରେ ଚାହିଁ ମନକୁ ମନ କହୁଥିଲେ – କେମିତିକା ନିଷ୍ଠୁର ହୃଦୟର ମଣିଷ ଇଏ । ମାନବିକତା ବୋଲି

Digitized by PPRACHIN, SOA

ଜିନିଷଟାକୁ କ'ଣ ଈଶ୍ୱର ଯାଙ୍କୁ ଆଦୌ ଦେଇ ନାହାନ୍ତି । ହେ ଭଗବାନ, ବିଚାରୀର କିଛି ନହେଉ, ଭଲରେ ଭଲରେ ପାଇ ଯାଉ ରାତି । ସକାଳ ହେବାକ୍ଷଣି ମୁଁ ଆଉ ଯାଙ୍କ ଆକଟ ମାନିବି ନାହିଁ ।

ଧୀରେ ଧୀରେ ଯନ୍ତ୍ରଣାର ସ୍ୱର କ୍ଷୀଣ ହୋଇ ଆସୁଥିଲା । ମନେ ମନେ ଆଶ୍ୱସ୍ତ ହେଉଥିଲେ ଦମୟନ୍ତୀ ଯେ ବିଚାରୀର କଷ୍ଟ କମିଗଲାଣି ବୋଧେ । ହଁ-ବେଳ ତ ହୋଇ ନଥିଲା, ଫଲସ୍ ପେନ୍ ହେଉଥିଲା । ବୋଧହୁଏ କମିଗଲାଣି । ରୋଷେଇଘର ଝରକା ପାଖକୁ ଯାଇ କାନ ପାରିଲେ-ଶୁଭୁ ନଥିଲା ଆଉ ଯନ୍ତ୍ରଣାର ଆର୍ତ୍ତି । କୃତଜ୍ଞତା ଜଣାଇଲେ ଈଶ୍ୱରଙ୍କୁ ।

ରାତି ପାହିବାକୁ ତଥାପି ବାକିଥାଏ – ହଠାତ୍ ଗୋଟେ ବୁକୁଫଟା ଆର୍ତ୍ତନାଦ ଉଠିଲା ଗଗନ ଥରାଇ । ସେ ଆର୍ତ୍ତନାଦରେ ଲାଗିଲା ଯେମିତି ଥମ୍ କରି ବନ୍ଦ ହୋଇଗଲା ବର୍ଷା ଓ ପବନ । ଶୁଭୁଥିଲା – ନା, ତମେ ମୋତେ ଏକା ଛାଡି ଯାଇ ପାରିବ ନାହିଁ ଗୌରୀ । ଅନା-ଅନା, ହେଇ ଦେଖ ରାତି ପାହି ପାହି ଆସିଲାଣି । ବର୍ଷାର ପ୍ରକୋପ ବି କମି କମି ଗଲାଣି । ହେଇଏ, ଅନା, ଅନା, ମୋ ଆଡକୁ, ଏମିତି ମୁହଁ ବୁଲାଇ ନିଅନି । ତା'ପରେ ଉଠିଲା ଆଉ ଏକ ଆର୍ତ୍ତନାଦ, ନାଇଁ ଗୌରୀ, ନାଇଁ...ନାଇଁ । ବାସ୍ ତା'ପରେ ସବୁ ଚୁପ୍ । ପବନ ବି ବର୍ଷା ବି ।

ବର୍ଷାଧୂଆ ସକାଳ ଓ ମେଘମୁକ୍ତ ଆକାଶରୁ ସିନ୍ଦୁରା ଫାଟିଲା । ଦମୟନ୍ତୀ ଦେବୀ ଉଠି ପଡି ଗେଟ୍ ଖୋଲି ଧାଇଁଲେ ଗୌରୀ ଘର ଆଡେ । ସାହାଣ ମେଲା ଘର । ଅସାଡ ହୋଇ ପଡିରହିଥିଲା ଗୌରୀ ଚଟାଣ ଉପରେ । ପାଣିମିଶା ରକ୍ତ ଜମି ରହିଥିଲା ଚଟାଣ ଉପରେ । ଗୌରୀର ଠିକ୍ ମୁଣ୍ଡ ଉପରକୁ ଘରର ଗୋଟେ କୋଣକୁ କାନ୍ଥକୁ ଆଉଜି ବସିବା ମୁଦ୍ରାରେ ବସିଥିଲା ଶ୍ରୀନିବାସ । ଆଖିଥିଲା ଖୋଲା । ଲାଗୁଥିଲା ସେ ଯେମିତି ମୁକ୍ତ ଆଖିରେ ଦେଖୁଛି ତା' ସାମ୍ନାରେ ଉଜୁଡି ଯାଇଥିବା ତା'ର ସଂସାର ଓ ପ୍ରିୟ ମଣିଷର ଅସହାୟ ମୃତ୍ୟୁକୁ ।

ଦମୟନ୍ତୀ ଦେବୀ ଡାକ ଛାଡିଲେ – ଗୌରୀ...ଗୌରୀ, ଶ୍ରୀନିବାସ-ଶ୍ରୀନିବାସ । ମାତ୍ର କେହି ଦେଉ ନଥିଲେ ଉତ୍ତର । ବ୍ୟସ୍ତ ହୋଇ ସେ ହଲାଇ ଦେଲେ ଶ୍ରୀନିବାସର ମୁଣ୍ଡକୁ । ପାଚିଲା ତାଳଟିଏ ଓଦା ମାଟିରେ ପଡିବା ପରି ନଥ କରି ପଡିଗଲା ଶରୀରଟି ଚଟାଣରେ । ହାଉଳି ଖାଇ ଦମୟନ୍ତୀ ଧାଇଁଲେ ନିଜ ଘରକୁ । ଦୀନବନ୍ଧୁଙ୍କୁ ଡାକିଲେ – ଆସ, ଆସ ଦେଖିବ ଆସ, କ'ଣ ଘଟିଯାଇଛି ଗତକାଲି ରାତିରେ ।

ସେ ଅଭାବନୀୟ ଦୃଶ୍ୟଟି ସମସ୍ତଙ୍କୁ ଯେମିତି ବ୍ୟଥିତ କରେ ଠିକ୍ ସେମିତି ବ୍ୟଥିତ କରିଥିଲା ଦୀନବନ୍ଧୁଙ୍କୁ । ସେ ସ୍ୱଗତୋକ୍ତି କଲାପରି କହିଲେ– ମୁଁ ଚଣ୍ଡାଳ କ'ଣ ଜାଣିଥିଲି ଏତେ ବଡ ଘଟଣାଟିଏ ଅପେକ୍ଷା କରିଥିବ ରାତି ପାହିବା ବେଳକୁ ? ଏମାନଙ୍କର କୌଣସି ସମ୍ପର୍କୀୟଙ୍କ ବିଷୟରେ ତମେ ଜାଣ ?

ଲୁହ ପୋଛୁ ପୋଛୁ ମୁଣ୍ଡ ହଲାଇ ନାହିଁ କଲେ ଦମୟନ୍ତୀ । ତେବେ ତ ପୋଲିସ୍ ଷ୍ଟେସନରେ ଖବର ଦେବାକୁ ହେବ ।

ପୋଲିସ୍ ଆସି ଖୋଜା ଖୋଜି କରି ପାଇଲେ ଶ୍ରୀନିବାସର ଘରର ଠିକଣା । ସେଠିକା

Digitized by PPRACHIN, SOA

ପୋଲିସ ଷ୍ଟେସନକୁ ଖବର ଦେଇ ଶବ ଦୁଇଟି ଉଠାଇ ନେଲେ ଇନ୍‌କ୍ୟୁଏଷ୍ଟ ପାଇଁ ।

ଦିନ ଯାଇ ରାତି ହେଲା । ସନ୍ଧ୍ୟାବେଳକୁ ଦମୟନ୍ତୀ ଦେବୀ କହିଲେ, ମୁଁ ଏ ଘରେ ଆଉ ରହିପାରିବି ନାହିଁ ।

ମାନେ !

ମୋ କାନ ପାଖରେ ସବୁବେଳେ ଅତଡା ଖାଉଛି–ମାଉସୀ, ମାଉସୀ, ଟିକେ କବାଟ ଖୋଲ । ବୁକୁ ଥରାଇ ଶୁଭି ଯାଉଛି ସେ ଆକୁଳ ଆର୍ତ୍ତି-ଉ ହୁଃ...ମରିଗଲି...ମରିଗଲି । ସେ ଡାକକୁ ପ୍ରତ୍ୟାକ୍ଷାନ କରି ରହିବା ତ ମୋ ଦ୍ୱାରା ସମ୍ଭବ ହେବନି ।

ଘଟଣାଟା ସଦ୍ୟ ଘଟିଛି ବୋଲି ତମକୁ ଏମିତି ଲାଗୁଛି, ସମୟକ୍ରମେ ସବୁ ଠିକ୍ ହୋଇଯିବ ।

ନା – କିଛି ଠିକ୍ ହେବନି । ରାତି ପାହିବାକ୍ଷଣି ମୁଁ ଚାଲିଯିବି କୁଆଡେ ? ପଚାରିଲେ ଦିନବନ୍ଧୁ ।

ଯେଉଁଠିକୁ ଗଲେ ସେ ଆକୁଳ ଚିତ୍କାର ମୁଁ ଜମା ଶୁଣି ପାରିବି ନାହିଁ ।

□

Digitized by PPRACHIN, SOA

ଶ୍ଳୋକର ଶେଷ ସ୍ୱର

ଆମେ ତାଙ୍କୁ କେବେ ସାଇକେଲ୍ ଚଢ଼ିବାର ଦେଖିନଥିଲୁ । ମାତ୍ର ପ୍ରତିଦିନ ସେ ସାଇକେଲ୍ ଧରି ସ୍କୁଲକୁ ଆସନ୍ତି ଏବଂ ପ୍ରାର୍ଥନା ସମୟର ଯଥେଷ୍ଟ ପୂର୍ବରୁ ପହଞ୍ଚି ସ୍କୁଲ ହତା ଭିତରେ ନିର୍ମିତ ସାଇକେଲ୍ ଷ୍ଟାଣ୍ଡ୍‌ରେ ତାଙ୍କର ସାଇକେଲ୍‌ଟି ନ ରଖି ହେଡ୍‌ମାଷ୍ଟରଙ୍କ ଅଫିସ୍ ଗୃହର କାନ୍ଥକୁ ଲାଗିଥିବା ଗୋଟେ ବହୁ ପୁରୁଣା ଝଂକାଳିଆ ଟଗର ଗଛରେ ସାଇକେଲ୍‌ଟିକୁ ଡେରି ଦିଅନ୍ତି । ତାଙ୍କ ସାଇକେଲ୍‌ରେ ବ୍ରେକ ଥାଏ କି ନଥାଏ ଆମକୁ ଜଣା ନଥିଲା, ମାତ୍ର ତାଙ୍କ ସାଇକେଲ୍‌ରେ ନା ସାଇଡ୍ ଷ୍ଟାଣ୍ଡ୍ ନା ଫୁଲ୍ ଷ୍ଟାଣ୍ଡ୍ କୌଣସିଟା ନଥିଲା । ବୋଧହୁଏ ସେଥିପାଇଁ ସେ ଷ୍ଟାଣ୍ଡ୍‌ରେ ସାଇକେଲ୍ ନ ରଖି ରଖୁଥିଲେ ଗୋଟେ ଗଛକୁ ଡେରି କରି ।

ସକାଳୁ ଉଠି ଅନ୍ୟ ସମସ୍ତ ନିତ୍ୟକର୍ମ ଯଥା ମୁହଁ ଧୋଇବା, ଦାନ୍ତ ଘଷିବା, ଝାଡା ଯିବା, ଗାଧୋଇବା ପରି ସେ ପ୍ରତିଦିନ ଗାଧୋଇଯିବା ପୂର୍ବରୁ ଗୋଟିଏ କପଡା ଧରି ସାଇକେଲ୍‌ଟିର ଅଷ୍ଟାଙ୍ଗ ଶରୀର ପୋଛିବେ, ଚକାକୁ ଚିପି ପମ୍ପ୍ ଠିକ୍ ଅଛି କି ନାହିଁ ପରୀକ୍ଷା କରିବେ । ଗୋଟେ ଡ୍ରପରରେ ତେଲ ନେଇ ତା'ର ନଟ୍, ବୁଲ୍‌ଟ ଓ ଏକସିଲ୍ ଇତ୍ୟାଦି ସ୍ଥାନେର ତେଲ ଦେବେ । ତାଙ୍କ ଏ ପ୍ରସ୍ତୁତି ଦେଖିଲେ ଯିଏ ନାହିଁ ସିଏ ଭାବିବ ଯେମିତି ସାଇକେଲ୍‌ରେ ସେ ବିଶ୍ୱଭ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।

ସାର୍ କେବେ ଘଣ୍ଟା ପିନ୍ଧୁ ନଥିଲେ, ମାତ୍ର ସମୟକୁ ଅନୁମାନ କରି ପାରିବାର ଦକ୍ଷତା ତାଙ୍କର ଏମିତି ଥିଲା ଯେ ସେ ନିଜର ସମସ୍ତ କାର୍ଯ୍ୟସାରି ଘରୁ ସ୍କୁଲକୁ ବାହାରିବା ଠାରୁ ସ୍କୁଲରେ

Digitized by PPRACHIN, SOA

ପହଞ୍ଚିବା ଯାଏ ସମୟ ଶୃଙ୍ଖଳିତ ହୋଇ ତାଙ୍କ ସହ ରହୁଥିଲା । ସେଥିପାଇଁ ଆମର ବଦ୍‌ରାଗୀ ପ୍ରଧାନଶିକ୍ଷକଙ୍କ ଠାରୁ ପ୍ରାର୍ଥନା କ୍ଲାସରେ ଅନୁପସ୍ଥିତ ପାଇଁ ସେ କେବେ ହେଲେ କୈଫତ ତଲବର ସମ୍ମୁଖୀନ ହୋଇ ନଥିଲେ ।

ନିଜ ଢିଅ ଉପରୁ ସାଇକେଲ ତଳକୁ ଗଡାଇବା ପୂର୍ବରୁ ସେ ଟାଙ୍ଗନ୍ତି ମାଟିଆ କପଡାର ଗୋଟିଏ ବ୍ୟାଗ୍ ହ୍ୟାଣ୍ଡଲ୍‌ରେ । ସେ ବ୍ୟାଗ୍ ଭିତରେ ଥାଏ ଅମରକୋଷ, ବ୍ୟାକରଣ ଓ ପ୍ରତ୍ୟେକ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ବହିରୁ ଖଣ୍ଡେ ଖଣ୍ଡେ । ବ୍ୟାଗ୍‌ଟି ଟାଙ୍ଗି ସାରିବା ପରେ ଡାହାଣ ହାତରେ ହ୍ୟାଣ୍ଡଲ୍ ଧରି ନିଜର ଧୋତିର କୁଞ୍ଚକୁ ଉଠାଇ ହାତ ଉପରେ ପକାନ୍ତି । ବେଲ୍‌କୁ ଟିକେ ବଜାଇ ଦେଇ ସ୍କୁଲ ଯାଉଛି ର ସୂଚନା ଦିଅନ୍ତି ପତ୍ନୀଙ୍କୁ । ସେ କେବେ କେବେ ବାହାରକୁ ଆସି କୌଣସି ଜିନିଷ ଆଣିବାର ଥିଲେ ବରାଦ କରନ୍ତି ତ ନଚେତ୍ ଯଦି ଘର ଭିତରେ କାମରେ ବ୍ୟସ୍ତ ଥାଆନ୍ତି – ହଉ, ଯା' ବୋଲି କହି ଦିଅନ୍ତି ।

ସେ ସାଇକେଲ୍ ଗଡାଇ ଗଡାଇ ଚାଲିବା ବେଳେ କୌଣସି ନୂଆ ଦେଖଣାହାରୀ ତାଙ୍କୁ ଦେଖିଲେ ନିଶ୍ଚୟ ଭାବିବ ଯେ ସେ କୌଣସି କାରଣ ବଶତଃ ସାଇକେଲରୁ ଓହ୍ଲାଇଛନ୍ତି କି ଆଗରେ ରାସ୍ତାଟା ଉଠାଣି ଅଛି, ଉଠାଣି କଟିଗଲା ପରେ ସେ ପୁଣି ସାଇକେଲ୍ ଚଢି କରି ଯିବେ ବୋଲି । ମାତ୍ର ସେମିତି କିଛି ହୁଏନା – ସେ ସେମିତି ସବୁବେଳେ ତାକୁ ଗଡାଇ ଗଡାଇ ହିଁ ଚାଲିଥାଆନ୍ତି ।

ସାର୍‌ଙ୍କର ଏ ସାଇକେଲ୍ ଗଡାକୁ ଦେଖି କିଏ ଯଦି ଭାବୁଥାଏ ସାର୍ ସାଇକେଲ୍ ଚଢିବା ଶିଖି ନାହାନ୍ତି, ତେବେ ସେ ମସ୍ତବଡ ଭୁଲଟିଏ କରିବ । ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନେ ଜାଣନ୍ତି ସାର୍ ଜଣେ ଦକ୍ଷ ସାଇକେଲ୍ ଚଢାଳି । ଯୁବକ ସମୟରେ ପଣ୍ଡିତ ହିସାବରେ ରମେଶ ଆଚାର୍ଯ୍ୟଙ୍କର ଯେମିତି ନାଆଁ ଥିଲା, ସାଇକେଲ ଚଢାଳି ହିସାବରେ ବି ସେତିକି ନାଆଁ ଥିଲା । ସେ ଏଠି ସେଠିକା ସଂସ୍କୃତ ଟୋଲ୍‌ରେ ପାଠ ପଢି ସ୍କୁଲରେ ପଣ୍ଡିତ ହୋଇ ନଥିଲେ । ଖୋଦ୍ କାଶୀ ବିଦ୍ୟାପୀଠରୁ ସଂସ୍କୃତ ଅଧ୍ୟୟନ କରି ଫେରିଥିଲେ । ତାଙ୍କର ବାପା ଥିଲେ ଯଜମାନୀ ଗ୍ରହାଚାର୍ଯ୍ୟ । ଆମ ଆଖ ପାଖ ଗାଆଁରେ ସେ ଏକମାତ୍ର ଯଜମାନୀ ଗ୍ରହାଚାର୍ଯ୍ୟ ଥିବାରୁ ତାଙ୍କର କାଟତି ମଧ୍ୟ ଯଥେଷ୍ଟ ଥିଲା, ରୋଜଗାର ବି । ହେଲେ ତାଙ୍କ ବାପାଙ୍କର ଏକ ମାତ୍ର ଦୁଃଖ ଥିଲା ସେ ବ୍ରାହ୍ମଣମାନଙ୍କ ପରି ଶୁଦ୍ଧ ଓ ସ୍ପଷ୍ଟଭାବେ ସଂସ୍କୃତ ଶ୍ଳୋକ ଓ ମନ୍ତ୍ରାଦି ଉଚ୍ଚାରଣ କରି ପାରୁନଥିଲେ । ସେ ଯେ ଏ ଦିଗରେ ଚେଷ୍ଟା କରି ନଥିଲେ ନୁହେଁ, ମାତ୍ର ବାଲ୍ୟକାଳରୁ ସଂସ୍କୃତ ଦୁର୍ବଳତା ପରବର୍ତ୍ତୀ କାଳରେ ଯେ ତାଙ୍କୁ ଏତେ ମହଂଗା ପଡିବ ସେ ଭାବି ନଥିଲେ । ଯାହା ହେଉ ଆଖ ପାଖ ଗାଆଁରେ ତାଙ୍କ ବୃତ୍ତିର ବିକଳ୍ପ ନଥିଲା ବୋଲି ସେ କେବଳ ଏଥିରେ ତିଷ୍ଠି ରହିଲେ ନାହିଁ ଭଲ ହିଁ ପଇସା ବି ରୋଜଗାର କଲେ ।

ନିଜ ଭଳି ଦଶା ପୁଅକୁ ନ ପଡୁ ଭାବି ପ୍ରଥମରୁ ହିଁ ସେ ସତର୍କ ଥିଲେ ପୁଅର ଶିକ୍ଷା ପ୍ରତି ।

Digitized by PPRACHIN, SOA

ପ୍ରାରମ୍ଭିକ ଶିକ୍ଷାର ସମାପ୍ତି ପରେ ସେ ପୁଅକୁ ପଠାଇଥିଲେ କାଶୀ ବିଦ୍ୟାପୀଠକୁ ସଂସ୍କୃତ ଶିକ୍ଷାରେ ପାରଦର୍ଶିତା ସହ ପୁରୋହିତ କର୍ମକାଣ୍ଡରେ ଦକ୍ଷତା ଅର୍ଜନ କରିବା ପାଇଁ । ସେତେବେଳେ କାଶୀକୁ ଯାଇ ସଂସ୍କୃତ ଅଧ୍ୟୟନ କରିବା ଏକ ମର୍ଯ୍ୟାଦାର ପ୍ରଶ୍ନ ଥିଲା । ମାତ୍ର ତାଙ୍କ ବାପାଙ୍କ କ୍ଷେତ୍ରରେ ଏହା କେବଳ ମର୍ଯ୍ୟାଦା ନୁହଁ, ବ୍ରାହ୍ମଣ ମାନଙ୍କୁ ଶାସ୍ତ୍ରଜ୍ଞାନରେ ପରାହତ କରିବା ଏକ ସ୍ୱାଭିମାନ ଥିଲା ।

ରମେଶ ନାୟକ କାଶୀରୁ ବିଦ୍ୟା ଅଧ୍ୟୟନ କରି ଫେରିବା ବେଳକୁ ହୋଇ ସାରିଥିଲେ ପଣ୍ଡିତ ରମେଶ ଶାସ୍ତ୍ରୀ । ଏ ନାମଟି କେବଳ ତାଙ୍କର ମୁହଁ ବୋଲା ନ ଥିଲା, କାଶୀ ବିଦ୍ୟାପୀଠରୁ ତାଙ୍କୁ ମିଳିଥିବା ସାର୍ଟିଫିକେଟ୍‌ରେ ଏହି ନାମ ଦର୍ଜ କରାଯାଇଥିଲା । ତେଣୁ ତାଙ୍କୁ ସେହି ନାମରେ ଗ୍ରହଣ କରିବାକୁ କାହାର କାହିଁକି ବା କୁଣ୍ଠାବୋଧ ରହିଥାଆନ୍ତା । ସେ ବିଦ୍ୟାଧ୍ୟୟନ ସାରି ଫେରିବା ପରେ ତାଙ୍କ ବାପା ଏକ ଆନୁଷ୍ଠାନିକ ଯଜ୍ଞ ଆୟୋଜନ କରି ନିଜ ପୁଅର ବୃତ୍ତି ପ୍ରବେଶ ସହ ତାଙ୍କର ପଣ୍ଡିତ ଓ ଶାସ୍ତ୍ରୀ ଉପାଧିକୁ ସର୍ବଜନ ସ୍ୱୀକୃତ କରିବାକୁ ଚାହିଁଲେ । କାଶୀ ନାମ ଯଦିଓ ଆମ ଅଂଚଳର ବ୍ରାହ୍ମଣ ମାନେ ଶୁଣିଥିଲେ, କିନ୍ତୁ କେହି ଦେଖି ନଥିଲେ । ବିଦ୍ୟାନଗରୀ କାଶୀ ଏବଂ ସେଠିକାର ବିଦ୍ୟାପୀଠର ପଣ୍ଡିତ ଓ ଶାସ୍ତ୍ରୀ ଉପାଧି ପାଇ ଫେରିଥିବା ବିଦ୍ୱାନ୍ ଆଗରେ କୌଳିକ ବୃତ୍ତି ଦାୟରେ କୌଣସି ଆନୁଷ୍ଠାନିକ ଶିକ୍ଷା ନ ଥାଇ କେବଳ ଘୋଷ ଦ୍ୱାରା ଆୟତ୍ତ କରିଥିବା ମନ୍ତ୍ରସ୍ମରଣକୁ ନେଇ ବଡିମା ଦେଖାଇବା ବୁଦ୍ଧିହୀନତାର ପରିଚୟ ହେବ ଭାବି, ସେମାନେ କେବଳ ଯଜ୍ଞରେ ସାମିଲ ହୋଇ ନଥିଲେ, ପଣ୍ଡିତ ରମେଶ ଶାସ୍ତ୍ରୀଙ୍କୁ ଶାସ୍ତ୍ରଜ୍ଞ ବୋଲି ସ୍ୱୀକୃତି ମଧ୍ୟ ପ୍ରଦାନ କରିଥିଲେ ।

ବ୍ରାହ୍ମଣ ମାନଙ୍କର ଏତାଦୃଶ ସରଳତାରେ ମୁଗ୍ଧ ହୋଇ ଯଜ୍ଞର ଉଦ୍‌ଯାପନ ସମୟରେ ପଣ୍ଡିତେ ଘୋଷଣା କଲେ ଯେ ସେ ବିଦ୍ୟାଧ୍ୟୟନ କରିଛନ୍ତି ତାହା କାହାରି ସହିତ ପ୍ରତିଯୋଗିତା କରିବା ପାଇଁ ନୁହେଁ, ବରଂ ବିଦ୍ୟାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ସଂକଳ୍ପ ନେଇ । ମୁଁ ଯଦି କୌଳିକ ବୃତ୍ତିରେ ପ୍ରବେଶ କରେ ତେବେ ସେ ବିଦ୍ୟାର ଉନ୍ନତି ସାଧନ ହେବ ନାହିଁ । ସୀମିତ ପରିସର ପାଇ ତାହା ଧୀରେ ଧୀରେ ଅବକ୍ଷୟ ହୋଇଯିବ । ତେଣୁ ମୁଁ ନିଷ୍ପତ୍ତି ନେଇଛି ଶିକ୍ଷା ଦାନରେ ନିଜକୁ ନିୟୋଜିତ କରିବି । ଜାତି ଶ୍ରେଷ୍ଠ ବ୍ରାହ୍ମଣ । ଏ ପୃଥିବୀ ହେଉଛି ଦେବତା ମାନଙ୍କର ଅଧୀନ, ଦେବତାମାନେ ହେଉଛନ୍ତି ମନ୍ତ୍ରର ଅଧୀନ ଏବଂ ମନ୍ତ୍ର ହେଉଛି ବ୍ରାହ୍ମଣମାନଙ୍କ ଅଧୀନ, ତେଣୁ ବ୍ରାହ୍ମଣ ମାନେ ପୂଜ୍ୟ ଓ ସମ୍ମାନର ଅଧିକାରୀ । ମୋର ସେମାନଙ୍କ ସହ କୌଣସି ପ୍ରକାରର ଜ୍ଞାନର ପ୍ରତିଯୋଗିତା କରିବାର ପ୍ରତିସ୍ପର୍ଦ୍ଧା ନାହିଁ ।

ଯଜ୍ଞ ଶେଷରେ ସମସ୍ତେ ତାଙ୍କୁ ସାଧୁସାଧୁ କହି ଉପଯୁକ୍ତ ବିଦ୍ୟାର ଅଧିକାରୀ ହୋଇଥିବାରୁ ଏଭଳି ବିନୟଭାବ ତାଙ୍କ ନିକଟକୁ ଆସିଛି ବୋଲି ପ୍ରଶଂସା କରିଥିଲେ ।

ଶିକ୍ଷାଦାନ କରିବାକୁ ବ୍ରତ କରିଥିବା ପଣ୍ଡିତଙ୍କ ପାଇଁ ଶିକ୍ଷାନୁଷ୍ଠାନର ଅଭାବ ନଥିଲା ।

Digitized by PPRACHIN, SOA

ମାତ୍ର ବ୍ରାହ୍ମଣଶାସନ ପରିବେଷ୍ଟିତ ଆମ ଗାଆଁ ସ୍କୁଲଟିକୁ ସେ ତାଙ୍କର ଶିକ୍ଷାଦାନର ପ୍ରକୃଷ୍ଟ କ୍ଷେତ୍ର ବୋଲି ବିଚାର କରି ପଣ୍ଡିତ ଶିକ୍ଷକ ହିସାବରେ ଏଠାରେ ଯୋଗ ଦେଇଥିଲେ । ନିଜ ନାମରେ ଯୋଡା ଯାଇଥିବା ପଣ୍ଡିତ ଓ ଶାସ୍ତ୍ରୀ ଉପାଧୀକୁ ସେ ତାଙ୍କର ଶିକ୍ଷାଦାନ ମାଧ୍ୟମରେ ଯଥାର୍ଥ ବୋଲି ପ୍ରମାଣ କରିଥିଲେ । ସେ ଜଣେ ସଂସ୍କୃତ ଶିକ୍ଷକ ହିସାବରେ ଯେତିକି ମାନ୍ୟ ଥିଲେ, ଜଣେ ପ୍ରବୀଣ ପ୍ରାଜ୍ଞ ଜ୍ଞାନୀ ହିସାବରେ ତା'ଠାରୁ ଅଧିକ ମାନ୍ୟର ଥିଲେ । ତେଣୁ ସେ ବାଟରେ ଚାଲିଯାଉଥିବା ସମୟରେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇ ଅନେକ ନମସ୍କାର କରୁଥିଲେ । ତାଙ୍କୁ ନମସ୍କାର କଲାକ୍ଷଣି ସେ ଆହୁରି ଅଧିକ ବିନୟଭାବ ଦେଖାଇ ଦୁଇହାତ ଯୋଡି ନମସ୍କାର କରିସାରି ପୁନଶ୍ଚ ଯୋଡହସ୍ତକୁ ଉପରକୁ ଉଠାଇ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସେ ନମସ୍କାରକୁ ସମର୍ପଣ କରି ଦେଉଥିଲେ ।

ତାଙ୍କର ପ୍ରତିନମସ୍କାର ଜଣାଇବାର ଏ ତରିକାଟି ତାଙ୍କୁ ବହୁ ସମୟରେ ମହଂଗା ପଡିଲା । କାରଣ ସେ ସାଇକେଲ ଚଢି ଆସିବା ସମୟରେ କିଏ ଯଦି ତାଙ୍କୁ ନମସ୍କାର କରୁଥିଲା, ସେ ଭୁଲିଯାଉଥିଲେ ଯେ ସେ ସାଇକେଲ ଉପରେ ବସିଛନ୍ତି ବୋଲି । ସେ ତାଙ୍କର ଚିରାଚରିତ ସ୍ୱଭାବରେ ଦୁଇହାତ ଯୋଡି ନମସ୍କାର କରିବା ବେଳେ ବହୁବାର ପଡି ଯାଇଛନ୍ତି ସାଇକେଲ୍‌ରୁ । ତାଙ୍କୁ ପ୍ରକୃତରେ ଶ୍ରଦ୍ଧା ଓ ଭକ୍ତି କରୁଥିବା ଛାତ୍ର କିମ୍ବା ବ୍ୟକ୍ତି ବିଶେଷମାନେ ତାଙ୍କୁ ଏଭଳି ଭାବେ ପ୍ରତି ନମସ୍କାର ନ ଜଣାଇ କେବଳ ମୁଣ୍ଡ ହଲାଇଦେଲେ ଚଳନ୍ତା ବୋଲି ଉପଦେଶ ଦେଲାବେଳେ ସେ କୁହନ୍ତି – "ମୁଁ ଈଶ୍ୱର ଦ୍ରୋହୀ କିପରି ହେବି । ଯିଏ ମୋତେ ନମସ୍କାର କରୁଛନ୍ତି ସେ ପଣ୍ଡିତ ରମେଶ ଶାସ୍ତ୍ରୀଙ୍କୁ ନମସ୍କାର କରୁନାହାନ୍ତି, ମୋ ଭିତରେ ଥିବା ବ୍ରହ୍ମକୁ ନମସ୍କାର କରୁଛନ୍ତି । ବ୍ରହ୍ମପ୍ରତି ଜଣାଯାଉଥିବା ନମସ୍କାରକୁ ମୁଁ ପରଂବ୍ରହ୍ମଙ୍କ ପାଖରେ ନ ପହଞ୍ଚାଇ ପାରିଲେ ସେ ଶ୍ରଦ୍ଧାଳୁ ମାନଙ୍କର କି ହିତ ବା ସାଧନ ହୋଇପାରିବ ?" ତେଣୁ ସମସ୍ତ ବାରଣ ସତ୍ତ୍ୱେ ବି ସେ ଜାରି ରଖିଥିଲେ ତାଙ୍କର ପ୍ରତିନମସ୍କାର ପଦ୍ଧତିକୁ ।

ଏକଦା ସେ ନଈବନ୍ଧ ଗଡାଣୀରୁ ସାଇକେଲ ତଳକୁ ଗଡାଉଥିବା ସମୟରେ ବନ୍ଧ ଉପରକୁ ଉଠୁଥିବା ତାଙ୍କର ଜଣେ ପ୍ରାକ୍ତନ ଛାତ୍ର ତାଙ୍କୁ ନମସ୍କାର କଲାକ୍ଷଣି ସେ ସ୍ୱଭାବ ବଶତଃ ଦୁଇହାତ ଉପରକୁ ଉଠାଇ ପ୍ରତିନମସ୍କାର କଲେ । ବାସ୍, ତା'ପରେ ଭାରସାମ୍ୟ ହରାଇ ସାଇକେଲ ସହ ସେ ଖସି ପଡିଲେ ନଈର ଅତଡା ତଳକୁ । ଭାଂଗିଗଲା ଗୋଟିଏ ଗୋଡ ଓ ସେ ହରାଇ ବସିଲେ ଚେତା । ଛାତ୍ରଟି ଏଭଳି ଏକ ଅସ୍ୱାଭାବିକ ପରିସ୍ଥିତିରେ ହତବାକ ହୋଇ ନିଜକୁ ଦୋଷୀ ମଣିଥିଲା । ଛାତ୍ରଟି ତୁରନ୍ତ ସାର୍‌ଙ୍କୁ ଧରି ପହଞ୍ଚିଥିଲା ଡାକ୍ତରଖାନାରେ । ଅବଶ୍ୟ ଡାକ୍ତରଖାନାରେ ପହଂଚିବା ବେଳକୁ ସାର୍‌ଙ୍କର ମୁଣ୍ଡରେ କୌଣସି ଆଘାତ ନଥିଲା, କେବଳ ଯାହା ଗୋଡ ଭାଙ୍ଗିଥିଲା । ଗୋଡରେ ପ୍ଲାଷ୍ଟର କରି ଆବଶ୍ୟକୀୟ ଔଷଧ ସହ ଛାତ୍ରଟି ତାଙ୍କୁ ପହଞ୍ଚାଇ ଦେଇଥିଲା ଘରେ । ଏକୋଇଶ ଦିନ କାଳ ଘରେ ଶୋଇ ରହିଥିଲେ ପଣ୍ଡିତେ । ପ୍ଲାଷ୍ଟର ଖୋଲା ହେବାପରେ କିଛିଦିନ ସାହାରା ନେଲେ ଗୋଟିଏ ବାଡିର ଚାଲିବା ପାଇଁ । ଛୁଟିଶେଷ କରି ସ୍କୁଲକୁ ବାହାରିବା

Digitized by PPRACHIN, SOA

ବେଳକୁ ପୁରୁଣା ସ୍ୱଭାବ ଅନୁଯାୟୀ ବାହାର କଲେ ସାଇକେଲ୍‌ଟିକୁ । ମାତ୍ର ସାଇକେଲ୍‌ଟିକୁ ପାଦ ଉଠାଇବା କ୍ଷଣି ମନେ ପଡିଗଲା ଦୁର୍ଘଟଣା କଥା, ତେଣୁ ସାଇକେଲ ଉପରେ ନ ଚଢି ତାକୁ ଗଡାଇ ଗଡାଇ ଚାଲିଲେ । ତାଙ୍କର ଅନୁଭବ ହେଲା ଦୁର୍ଘଟଣା ପରେ ଚାଲିବାକୁ ବାଡିଟି ଯେଉଁ ସାହାରା ଦେଉଥିଲା, ଏବେ ସାଇକେଲ୍‌ଟି ଠିକ ତାଙ୍କୁ ସେହି ସାହାରା ଦେଉଛି । ସେବେଠାରୁ ସାଇକେଲ୍ ଉପରେ ନ ଚଢି ସେ କେବଳ ତାକୁ ଗଡାଇ ଗଡାଇ ଚାଲନ୍ତି ।

ପ୍ରଥମେ ପ୍ରଥମେ ସମସ୍ତେ ଭାବୁଥିଲେ, ଯେହେତୁ ପଣ୍ଡିତଙ୍କ ଗୋଡ ଭାଂଗି ଯାଇଥିଲା, ବୋଧେ ପେଡେଲ୍ ମାରି ସାଇକେଲ୍ ଉପରେ ଚଢିବା ତାଙ୍କ ପାଇଁ କଷ୍ଟ ହେଉଛି । ସାଇକେଲ ଗଡାଇ ଗଡାଇ କୌଣସି ଉଚ୍ଚା ଜାଗା ଦେଖି ସେ ସାଇକେଲ ଚଢିବେ । ମାତ୍ର ସେମିତି କିଛି ହେଉନଥିଲା, ସେ ଯେମିତି ସାଇକେଲ ଗଡାଇ ଗଡାଇ ଘରୁ ବାହାରୁଥିଲେ, ଠିକ୍ ସେମିତି ସ୍କୁଲରୁ ଫେରିବା ବେଳେ ସାଇକେଲ ଗଡାଇ ଗଡାଇ ଘରକୁ ଯାଉଥିଲେ ।

ପଣ୍ଡିତେ ଥିଲେ ମହାକୋପୀ ଓ ଭଲ ଶିକ୍ଷକ । ସଂସ୍କୃତ କ୍ଲାସରେ ସେ ଯେମିତି ଭଲ ପାଠ ପଢାଉଥିଲେ, ସେମିତି ବି ଦଣ୍ଡ ଦେଉଥିଲେ । ଯେହେତୁ ସେ ସମୟରେ ସଂସ୍କୃତ ଶହେ ମାର୍କ ବାଧ୍ୟତାମୂଳକ ଥିଲା । ତେଣୁ ଭଲ ଛାତ୍ର, ମଝିମଝିକା ଛାତ୍ର ଓ ଦୁର୍ବଳ ଛାତ୍ର, ସମସ୍ତଙ୍କର ତାଙ୍କୁ ପ୍ରାଣେ ଭୟ ଥିଲା । ପ୍ରତିଦିନ ସେ କ୍ଲାସରେ ପହଂଚି ଆଜିର ଅନୁଚିନ୍ତା ଶୀର୍ଷକ ଦେଇ ଶ୍ଳୋକଟିଏ ଲେଖୁଥିଲେ ଏବଂ ଛାତ୍ରମାନଙ୍କୁ ଏହାର ଅର୍ଥ କରିବାକୁ କହୁଥିଲେ । ଅବଶ୍ୟ ସେ ଲେଖୁଥିବା ଶ୍ଳୋକଟି ଯେହେତୁ ପାଠ୍ୟ ପୁସ୍ତକ ବହିର୍ଗତ ଥାଏ, ତା'ର ଭୁଲ୍ ଅର୍ଥ ପାଇଁ ସେ କାହାରିକୁ ଦଣ୍ଡ ଦିଅନ୍ତି ନାହିଁ । କିନ୍ତୁ ଯଦି କିଏ ଧାତୁ ରୂପ, ଶବ୍ଦ ରୂପ କିମ୍ବା ଅମରକୋଷକୁ ଭୁଲ କରୁଥିଲା ତେବେ ସେ ଦେଖୁଥିଲା ପଣ୍ଡିତଙ୍କ ଉଗ୍ରରୂପ । ପଣ୍ଡିତଙ୍କ ପ୍ରତି ଥିବା ସ୍ୱଭାବିକ ଭୟ ପାଇଁ ସେ ସାଇକେଲ୍‌କୁ ଗଡାଇ ଗଡାଇ ଆସିଲେ କି ଚଢି ଚଢି ଆସିଲେ ସେଥିପ୍ରତି ନିଘା ଦେବାକୁ କୌଣସି ଛାତ୍ରଙ୍କର ସାହସ ନଥିଲା ।

ସମୟ ବଦଳିଲା । ପରିବର୍ତ୍ତିତ ସମୟରେ ସଂସ୍କୃତ ସହ ହିନ୍ଦୀର ଅନୁପ୍ରବେଶ ଘଟିଲା । ଛାତ୍ରମାନଙ୍କ ପାଖରେ ବିକଳ୍ପ ରହିଲା ସଂସ୍କୃତ କିମ୍ବା ହିନ୍ଦୀ ବିଷୟ ନେବା ପାଇଁ । ଯେହେତୁ ସଂସ୍କୃତ ବହୁଛାତ୍ରଙ୍କୁ କଷ୍ଟ ଲାଗୁଥିଲା, ବିକଳ୍ପ ଅଭାବରେ ପଢିବା ପାଇଁ ବାଧ ହେଉଥିଲେ, ହିନ୍ଦୀ ବିଷୟ ଅନ୍ତର୍ଭୁକ୍ତ ହେବା କ୍ଷଣି ସେମାନେ ହିନ୍ଦୀ ନେବାକୁ ଆଗଭର ହୋଇ ପଡିଲେ । ସେମାନଙ୍କୁ ସଂସ୍କୃତ ଯାହା କଷ୍ଟ ଲାଗୁ ନ ଲାଗୁ ପଣ୍ଡିତଙ୍କ କଠୋର ଶୃଙ୍ଖଳା ଏବଂ ଦଣ୍ଡରୁ ତ୍ରାହି ପାଇବାକୁ ସେମାନେ ଚାହୁଁଥିଲେ । ଏତଦ୍‌ବ୍ୟତୀତ ସେମାନଙ୍କର ଯୁକ୍ତିଥିଲା ଯେ ସଂସ୍କୃତ ପଢି ଆମର କେଉଁ ପଣ୍ଡିତ ହେବାର ଅଛି । ବରଂ ରାଷ୍ଟ୍ରଭାଷା ହିନ୍ଦୀକୁ ପଢିଥିଲେ, ଓଡିଶା ବାହାରକୁ କୁଆଡେ ଗଲେ ଅନ୍ତତଃ ହିନ୍ଦୀ କହିହେବ ଓ ବୁଝିହେବ ତ ।

ହିନ୍ଦୀ ଓ ସଂସ୍କୃତ ରୂପକ କୁରୁକ୍ଷେତ୍ର ଯୁଦ୍ଧରେ ପାଣ୍ଡବ ପକ୍ଷ ପରି ବହୁ କମ୍ ଯୋଦ୍ଧା ରହିଲେ । ହେଲେ ପଣ୍ଡିତେ ଆଦୌ ନିରୁତ୍ସାହିତ ନ ହୋଇ କହିଲେ – "ଦେବଭାଷା ପଢିବାର ଭାଗ୍ୟ କ'ଣ

Digitized by PPRACHIN, SOA

ସମସ୍ତଙ୍କୁ ମିଳେ ? ସବୁ ଭାଷାର ଜନନୀ ସଂସ୍କୃତ । ତାକୁ ନ ଜାଣିଲେ କେତେ ବା ଉଡିପାରିବ ଜଣେ ? ଯେଉଁମାନେ ଯାଇଛନ୍ତି ହିନ୍ଦୀ ପଢିବାକୁ ଯାଆନ୍ତୁ, ବଳେ ଭୁଲ୍ ବୁଝିପାରି ଫେରିବେ । ହିନ୍ଦୀ ସାହିତ୍ୟ ପଢି ସେମାନେ କ'ଣ ସଂସ୍କୃତ ଭଳି ମାର୍କ ରଖି ପାରିବେ ?"

ମାତ୍ର ପଣ୍ଡିତଙ୍କର ସମସ୍ତ ପୂର୍ବାନୁମାନ ଭୁଲ ପ୍ରମାଣିତ ହେଉଥିଲା । ବର୍ଷକୁ ବର୍ଷ ହିନ୍ଦୀ ନେବାକୁ ପିଲାଏ ବେଶୀ ଆଗଭର ହେଉଥିଲେ, ଏବଂ ହିନ୍ଦୀରେ ମଧ ବୋର୍ଡ ପରୀକ୍ଷାରେ ସଂସ୍କୃତ ଭଳି ମାର୍କ ରହୁଥିଲା । ଏସବୁ ଦେଖିବା ପରେ ପଣ୍ଡିତ ମହାଶୟେ ବୋଧେ ଚିନ୍ତା କରୁଥିଲେ ତାଙ୍କର ଦିନ କାଳ ସରିଆସିଲା । ଅବଶ୍ୟ ଏସବୁ ଘଟିବା ବେଳକୁ ପଣ୍ଡିତଙ୍କର ଅବସର ମାତ୍ର ଅଳ୍ପ କେତୋଟି ବର୍ଷ ଥିଲା ।

ସଂସ୍କୃତ ପଢିବାକୁ କେହି ପିଲା ନଥିଲେ ମଧ ପଣ୍ଡିତେ ସବୁଦିନ ଠିକ୍ ସମୟରେ ସାଇକେଲ ଗଡାଇ ଗଡାଇ ସ୍କୁଲରେ ପହଞ୍ଚନ୍ତି ଏବଂ ସ୍କୁଲଛୁଟି ପରେ ପୁନଶ୍ଚ ସାଇକେଲ ଗଡାଇ ଗଡାଇ ଫେରି ଯାଆନ୍ତି । ତାଙ୍କର ଏପରି ବିନା କ୍ଲାସରେ ବସି ବସି ଦରମା ପାଇବାକୁ କିଛି ଶିକ୍ଷକ ପସନ୍ଦ କଲେ ନାହିଁ । ସେମାନେ ପ୍ରଧାନଶିକ୍ଷକଙ୍କ ପାଖରେ ଅଭିଯୋଗ କଲେ ଯେ ଜଣେ ବିନା କାର୍ଯ୍ୟରେ କାହିଁକି ବସି ବସି ଦରମା ନେବେ ? ଯଦି ତାଙ୍କ ପାଠ ପଢିବାକୁ ପିଲା ରାଜି ହେଲେ ନାହିଁ, ତେବେ ସେ ଅନ୍ୟ ବିଷୟ ପଢାନ୍ତୁ । ଆମେ କହୁନୁ ଯେ ସେ ଗଣିତ, ବିଜ୍ଞାନ କିମ୍ବା ଇଂରାଜୀ ପଢାନ୍ତୁ ବୋଲି ସାହିତ୍ୟ ତ ପଢାଇ ପାରିବେ ? ଯଦି ସେ ସଂସ୍କୃତ ଛାଡିଦେଲେ ଆଉ କିଛି ପଢାଇ ପାରିବେ ନାହିଁ, ତେବେ ଶିକ୍ଷାମଣ୍ଡଳଧୀଶଙ୍କୁ କହି ତାଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଉ, କମ୍ ସେ କମ୍ ତାଙ୍କର ଜ୍ଞାନ ଅନ୍ୟ କୌଣସି ସ୍କୁଲର କାର୍ଯ୍ୟରେ ଲାଗି ପାରିବ ।

ଯେହେତୁ ତାଙ୍କର ଅବସର ଆଉ ଅଳ୍ପ କେତେ ମାସ ଥିଲା, ତାଙ୍କୁ ବଦଳି କଲାଭଳି ଅପରାଧଟିଏ ମୁଣ୍ଡରେ ମୁଣ୍ଡାଇବାକୁ ପ୍ରଧାନଶିକ୍ଷକ ଚାହୁଁନଥିଲେ । ତେଣୁ ସେ ସମସ୍ୟାର ସମାଧାନ ପାଇଁ ଥରେ ପଣ୍ଡିତଙ୍କୁ ତାଙ୍କ ଅଫିସକୁ ଡକାଇ ତାଙ୍କୁ ଓଡିଆ କ୍ଲାସ୍ ନେବାପାଇଁ ପରାମର୍ଶ ଦେଲେ । ପଣ୍ଡିତ ରାଜିହେଲେ ମାତ୍ର କେବଳ କବିତା ପଢାଇବା ପାଇଁ । ତାହାହିଁ ହେଲା ।

ପଣ୍ଡିତ ମହାଶୟ ପ୍ରଥମ ଥର ପାଇଁ ରିତିମତ ପ୍ରସ୍ତୁତ ହୋଇ କ୍ଲାସ୍‌କୁ ଗଲେ ଏବଂ କବି ସୂର୍ଯ୍ୟ ବଳଦେବ ରଥଙ୍କର "ଜଗତେ କେବଳ ଜନେ ହସିବେ" ପଢାଇଲେ । ଯେହେତୁ, ମୂଳ ସଂସ୍କୃତ ମାର୍କା ଜ୍ଞାନୀସିଏ, କେବଳ କବିତାର ଅର୍ଥ ନ ବୁଝାଇ ପ୍ରତ୍ୟେକ ଶବ୍ଦର ଶବ୍ଦରୂପ, ଧାତୁରୂପ ସହ ଶବ୍ଦର ଉତ୍ପତ୍ତି ସହ ଏହାର ବ୍ୟବହାରିକ ପ୍ରୟୋଗ ସଂପର୍କରେ କହୁଥିଲେ । ଛାତ୍ରମାନଙ୍କର ନୀରବତା ତାଙ୍କୁ ଆହୁରି ଅଧିକ ଉତ୍ସାହ ଦେଲା । ସେ କବିତା ସହ, ସଂସ୍କୃତର ବିଭିନ୍ନ କାବ୍ୟର ତୁଳନାତ୍ମକ ଚିତ୍ର ପ୍ରଦାନ କରିବାକୁ, ଅଥଚ ତାଙ୍କୁ ଜଣା ନଥିଲା ଯେ ଛାତ୍ରମାନେ ତାଙ୍କୁ ତାଙ୍କର ପୂର୍ବ କଠୋର ଭାବମୂର୍ତ୍ତି ଭୟରେ ନୀରବ ରହି ଶୁଣୁଛନ୍ତି ବୋଲି । କ୍ଲାସ୍ ଶେଷରେ ତାଙ୍କର ସାହିତ୍ୟ ପଢାଇବାର ଦକ୍ଷତା ସଂପର୍କରେ ଛାତ୍ରମାନଙ୍କ ମୁହଁରୁ ଶୁଣିବା ପାଇଁ ସେ ଜଣେ ଉତ୍ତମ ଛାତ୍ରକୁ ଏ

Digitized by PPRACHIN, SOA

ବିଷୟରେ ମତାମତ ପଚାରିଲେ । ଛାତ୍ରଟି କିଛି ସମୟ ନୀରବ ରହି କହିଲା, "ସାର୍ ଭଲ ପଢାଇଲେ ଯେ, ହେଲେ ଜଣେ ସଂସ୍କୃତ ସାର୍ ଓଡିଆ ପଢାଇଲେ ଏହା ଜଗତେ କେବଳ ଜନେ ହସିବେ ସଦୃଶ ହେଉଛି ।"

ବାସ୍, ତା'ପର ଠାରୁ ପଣ୍ଡିତେ ଆଉ କେବେ ସ୍କୁଲ ଆସି ନଥିଲେ ଅବସର ଗ୍ରହଣ ଯାଏ । ଦୀର୍ଘଦିନ ମେଡିକାଲ ଛୁଟି ନେଇ ଘରେ ରହିଲେ । ପଣ୍ଡିତଙ୍କ କଥା ଆଉ କାହାର ସ୍ମରଣରେ ଆସି ଥାଆନ୍ତା କି ନାହିଁ, ମାତ୍ର ଶିକ୍ଷା ବିଭାଗ ତାଙ୍କର ଅବସର ତାରିଖଟିକୁ ଜଣାଇବାରୁ ତାଙ୍କ କଥା ସ୍ମରଣକୁ ଆସିଲା । ଖୁବ୍ ଅଳ୍ପ ସମୟଥାଇ ସୂଚନାଟି ମିଳିଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବାକୁ ଏକ ଛୋଟକାଟର ସଭା ଆୟୋଜନ କରାଗଲା ସ୍କୁଲରେ । ସ୍କୁଲର ଦୁଇଜଣ ଶିକ୍ଷକ ଯାଇ ପଣ୍ଡିତଙ୍କୁ ତାଙ୍କର ଅବସର ତଥା ସମ୍ବର୍ଦ୍ଧନା ସଭା ସଂପର୍କରେ ସୂଚନା ଦେଲେ ।

ସମ୍ବର୍ଦ୍ଧନା ସଭାର ନିର୍ଦ୍ଦିଷ୍ଟ ସମୟରେ ପଣ୍ଡିତେ ତାଙ୍କର ସାଇକେଲଟି ଗଡାଇ ଗଡାଇ ସ୍କୁଲରେ ପହଞ୍ଚିଲେ । ଯେହେତୁ ଅବସରର ଯଥେଷ୍ଟ ପୂର୍ବରୁ ସେ ମାନସିକ ସ୍ତରରେ ସ୍କୁଲରୁ ଅବସର ନେଇ ସାରିଥିଲେ, ତେଣୁ କାର୍ଯ୍ୟକାଳ ସରିଯାଉଥିବାର କୌଣସି ପ୍ରକାରର ବିଷାଦ ତାଙ୍କ ମନରେ ନଥିଲା, ବରଂ ସେ ଖୁସିଥିଲେ ଯେ ଇଚ୍ଛାବିରୁଦ୍ଧରେ ଛୁଟିରେ ରହି ଦରମା ନେବାର ଝନ୍‌ଝଟରୁ ତାଙ୍କୁ ମୁକ୍ତି ମିଳି ଯାଉଥିଲା ବୋଲି ।

ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ କିଛି ଛାତ୍ର ତାଙ୍କର ଗୁଣାବଳି ଗାନ କରି ଭାଷଣ ଦେଲେ । ଶେଷରେ ପଣ୍ଡିତଙ୍କ ପାଳି ପଡିଲା ସମ୍ବର୍ଦ୍ଧନାର ଉତ୍ତର ଦେବାପାଇଁ । ସେ ଏକ ସଂକ୍ଷିପ୍ତ ଭାଷଣ ଦେଇ କହିଲେ – ପ୍ରଗତି ଓ ପରମ୍ପରାର ସଂଘର୍ଷରେ ପରମ୍ପରାର ହିଁ ସବୁବେଳେ ପରାଜୟ ହୋଇଥାଏ । ଏ ଯୁଗରେ ଦେବତା ମାନେ ଯେତେବେଳେ ମୃତ, ସେମାନଙ୍କ ଭାଷା ଓ ସଂସ୍କୃତିର ସୁରକ୍ଷା କରୁଛି ବୋଲି ମୁଁ ଯେଉଁ ଭ୍ରମରେ ଥିଲି, ତାହା ମୋର ଦୂରହେଲା । ଆମେମାନେ ଆମର ସଂସ୍କୃତିକୁ ଭୁଲି ସାରିବା ପରେ ସଂସ୍କୃତକୁ ଭୁଲି ଯିବାଟା ବା କେଉଁ ବଡ କଥା ? ମୁଁ ତ ବିଦାୟ ନେଇ ସାରିଥିଲି ଅନେକ ଦିନ ଆଗରୁ, ଆଜି ତାହାର ଔପଚାରିକତା ପୂରଣ ହୋଇଥିବାରୁ ମୁଁ ବହୁତ ଖୁସି । ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟ ।

ଉପଢୌକନ ଭାବରେ ପଣ୍ଡିତଙ୍କୁ ଦିଆଯାଇଥିଲା ଏକ ଶାଲ ଏବଂ ଛତାଟିଏ । ସଭା ସରୁସରୁ ପଣ୍ଡିତେ ବାହାରିଲେ ଘରକୁ । ସବୁଦିନ ସାଇକେଲ ଗଡାଇ ଗଡାଇ ଯାଇଥିବା ପଣ୍ଡିତେ, ହୁଏତ ତତ୍କାଳ ନିଷ୍କ୍ରାନ୍ତ ହେବାପାଇଁ, ସାଇକେଲ ହ୍ୟାଣ୍ଡଲରେ ଛତାଟି ଓଳାଇ ହଠାତ୍ ସାଇକେଲ ଚଢି ବାହାରି ପଡିଲେ ।

ସ୍କୁଲ ଗେଟ୍ ପାଖରେ ଛିଡା ହୋଇଥିବା କିଛି ଛାତ୍ର ପଣ୍ଡିତଙ୍କୁ ଶେଷ ବିଦାୟ ସୂଚକ ନମସ୍କାର ଜଣାଇବାକୁ ଯେତେବେଳେ ମୁଣ୍ଡ ନୁଆଁଇଲେ, ପଣ୍ଡିତେ ବୋଧହୁଏ ଭୁଲିଗଲେ ଯେ ସେ ସାଇକେଲ ଚଢିକରି ଯାଉଛନ୍ତି ବୋଲି । ଛାତ୍ରମାନଙ୍କୁ ପ୍ରତିନମସ୍କାର ଜଣାଇବାକୁ ସେ ଉପରକୁ ହାତ ଉଠାଇ

Digitized by PPRACHIN, SOA

ଉଚ୍ଚାରମ କଲେ –

ଆକାଶାତ୍ ପତିତମ୍ ତୋୟଂ
ଯଥା ଗଚ୍ଛତି ସାଗରେ
ସର୍ବ ଦେବଂ ନମସ୍କାର
କେଶବଂ ପ୍ରତିଗଚ୍ଛତି

ସେ କେଶବଂ ପ୍ରତି ଗଚ୍ଛତି କହିବା ବେଳକୁ ସାଇକେଲର ହ୍ୟାଣ୍ଡଲ ମୋଡି ହୋଇ ସାରିଥିଲା । ସେ ତତ୍କ୍ଷଣାତ୍ ପଡିଗଲେ ତଳେ । ସେ ପଡିବା ସମୟରେ ଛତାଟି ତାଙ୍କ ପେଟତଳେ ରହି ଯିବାରୁ ତାହା ତାଙ୍କ ପେଟରେ ଫୁଟି ପିଠି ପଟକୁ ଦିଶୁଥିଲା । ରକ୍ତ ପିଚକାରୀ ମାରିବା ଭଳି ବାହାରି ସଂପୂର୍ଣ୍ଣ ଭିଜାଇ ଦେଇଥିଲା ସଦ୍ୟ ଉପହାରରେ ମିଳିଥିବା ଶାଲ୍‌ଟିକୁ । ପିଲାମାନେ କିଂ କର୍ତ୍ତବ୍ୟ ବିମୂଢ ହୋଇ ତାଙ୍କୁ ଉଠାଇବା ବେଳକୁ ସାର୍ ଆଉ ନଥିଲେ ।

□

Digitized by PPRACHIN, SOA

ଉତ୍ତରାଧୀକାର

ଯେତେ ଭାଇ ସେତେ ଘର, ଯେତେ କନିଆଁ ସେତେ ବର – ନ୍ୟାୟରେ ବାବାଜି ଓ ସଦେଇ ଭିନ୍ନେ ହେବାଟା କୌଣସି ବଡ କଥା ନଥିଲା । ଗାଆଁର ଅନ୍ୟ ଘରମାନଙ୍କ ପରି ଓ ଅନ୍ୟ ଭାଇ ଭାଇ ମାନଙ୍କର ଭିନ୍ନେ ହେବାର ପୂର୍ବ ପ୍ରସ୍ତୁତି ପରି ତାଙ୍କ ଘରେ ମଧ ସେମିତି ଏକ ପ୍ରସ୍ତୁତି ଯଥା – ଉଭୟଙ୍କ ସ୍ତ୍ରୀଙ୍କ ଭିତରେ ଜୋର୍‌ରେ ଝଗଡା ଲାଗିବା, ସ୍ତ୍ରୀ ଲୋକଙ୍କ ଝଗଡା ଓ ଝଗଡାରୁ ହାତାହାତି, ବାଡି ଠେଙ୍ଗା ଉଠା ଉଠି ଯାଏଁ ମଧ କଥା ବହୁଥର ଯାଉଥିଲା । କେତେବେଳେ ବୁଢାର ଅନୁରୋଧ ଓ ମଧସ୍ଥତାରେ ଦୁଇଭାଇ ହାତାହାତିରୁ ଓ ଦୁଇ ଯାଆ ଛାତିକୁ ଛାତି ଲଗାଇ ପରସ୍ପରର ଗୋହି ଖୋଳାରୁ ନିବୃତ ହେଉଥିଲେ । ଝଡ ପରର ନୀରବତା ପରି ଘର ଶାନ୍ତ ହୋଇ ଯାଉଥିଲେ ମଧ ବାତ୍ୟାର ବିଧ୍ୱସ୍ତି ପ୍ରଭାବରେ ଦୁଇ ଯାଆ ଆରମ୍ଭ କରି ଦେଉଥିଲେ ଚୂଲି ମୁଣ୍ଡକୁ ନଯିବାର ସତ୍ୟାଗ୍ରହ ଓ ଅନଶନ ଧର୍ମଘଟ ।

ବୁଢୀ ବେଳେ ଓଳିଏ ଏପଟ ସେପଟ ହେବ । ନାତି, ନାତୁଣୀ ତିନିଟାଙ୍କ ବିକଳ ସହି ନପାରି ଚୁଡା କି ମୁଢିରୁ ଗଣ୍ଡେ ଗଣ୍ଡେ ଧରାଇ ଦେଇ ଟାଣି ଓଟାରି ହୋଇ ଚୂଲି ଧରାଇବ । ଭାତ ମୁଠାଏ, ଡାଲି ଗଣ୍ଡିଏ ଫୁଟାଇ ସାରି ଦୁଇବୋହୁଙ୍କୁ ପାଖକୁ ପରସ୍ତେ ପରସ୍ତେ ଯାଇ କହୁଥିବ – ତମେ ତ ଯାହା ଲାଗୁଛ ଲାଗୁଛ – ଏ ଛୁଆ ଓ ଆମେ ବୁଢା ବୁଢୀ ଦିଇଟା କି ଅପ୍ରାଧ କରିଛୁ ଆମକୁ ଏମିତି ଓପାସରେ ରଖୁଛ । ଘର କରି ଭଲମନ୍ଦ, କଳି ତକରାଳ ଅଛି । ରାଗତମରେ ତ ଯାହା କୁହାକୁହି ହେଉଛ । ପୁଣି କାହିଁକି ଏ ଉପାସ ? ନିଜେ ତ ଉପାସ ରହୁଛ ରହୁଛ ସାରା ପରିବାରକୁ ବି ସେଥିରେ ଘାଣ୍ଟୁଛ । ଛୁଆ ତିନିଟା ହେଁ-ହେଁ ହୋଇ ଦାଣ୍ଡ ଦୁଆର ବାଡି ଦୁଆର ହେଉଛନ୍ତି ଏକଥା କ'ଣ ତମକୁ ଭଲ ଲାଗୁଛି । ଉଠ । ଚାଲ, ଚାଲ, ଖାଅ ।

ବଡ ବୋହୁ କ'ଣ ଭାବିବ କେଜାଣି – ତମ ତମ ହୋଇ ଉଠି ପରିଶ୍ରା କରିବାକୁ ଯିବ । ମନକୁ ମନ ବିଡି ବିଡି ହେଉଥିବ । ମୁହଁ, ଗୋଡ ହାତ ଧୋଇ ଆସି ନିଜକୁ ଧିକ୍‌କାରୁ ଥିବ – ପୋଡା କପାଳ ତ ମୋ, ନହେଲେ ଆଜି ଏତେ କଥା ଶୁଣିବାକୁ ପଡୁଥାଆନ୍ତା ? ପେଟରୁ କାଟି,

Digitized by PPRACHIN, SOA

ମାଟି ସାଂଗରେ ମାଟି ହୋଇ ମଣିଷ ଗଛ ଲଗାଉଥିଲି – ମଣିଷ ଗଛ । ଏବେ ଫଳ ମୁଁ ଖାଇବିନି ତ କିଏ ଖାଇବ ? ଯାଙ୍କୁ କେତେଥର କହିଲିଣି – ପଛକେ ବଖତେ ଖାଇ ବଖତେ ଉପାସ ରହିବା, ଯେଝା କର୍ମକୁ ଯେଝା ଆଦରି ରହିବା ଭଲ । ତାଙ୍କ ସୁଖ ତାଙ୍କଠି, ଆମ ଦୁଃଖ ଆମଠି ରହୁ ହେଲେ ମଣିଷ ଟିକେ ଶାନ୍ତିରେ ରହୁ । କହିଲେ କ'ଣ ନା ସାହି, ଭାଇ, ଗାଆଁ ଲୋକେ କ'ଣ କହିବେ – ବାପା ବୋଉ ଦି'ଜଣ ଥାଉ ଥାଉ ଭିନ୍ନେ ହୋଇଗଲେ ।

ଏବେ କ'ଣ ସାଇ, ଭାଇ, ଗାଆଁ ଲୋକେ ଜାଣୁନାହାନ୍ତି ଏ ରାମା ଭୀମା ଝଗଡା । ମୁଁ ସହିପତା ମୁଦୁଲି ଘରର ଝିଅ । ମୋ ବାପା ଭାଇଙ୍କ ପାଖରେ ଧନ ନଥିଲେ ବି ମାନ ଅଛି । ମୋତେ ଶାଶୁଘରେ ଶଶୁଣା ଓ ଗୁରୁଜନଙ୍କୁ କିପରି ମାନ୍ୟ ଦିଆଯାଏ ଶିଖାଇ ଥିଲେ । ମୁଁ ଆସି ଦଶବର୍ଷ ବୋହୁ ହେବାପରେ ସିଏ ଆସିଲା । କିଏ କହି ଦେଉ ତ ଏ ଦଶବର୍ଷ ଭିତରେ କିଏ ମୋ' ପାଟି ଶୁଣିଥିଲା କି ମୋ ମୁଣ୍ଡରୁ ଲୁଗା ଖସିବା ଦେଖିଥିଲା । ଆଉ ଇଏ କାଲି ସକାଳେ ଆସିଛି, ଏଇନେ ତା'ର କଞ୍ଚା ଭୂଆଷୁଣି ବେଳ । ହେଲା ପାଠ ଦିଅକ୍ଷର ପଢିଛି, ଭାଇ ରାଜନୀତି କରୁଛି ବୋଲି ଧରାଧରି କରି ଶିକ୍ଷା କର୍ମୀରେ ଭର୍ତ୍ତି କରିଦେଇଛି । ଦରମା କେତେ ମିଳୁଛି ମାଆ ଗଂଗେଇ ଜାଣନ୍ତି – ତା' ବୋଲି କ'ଣ ଚନ୍ଦ୍ର ସୂର୍ଯ୍ୟ ମାନିବ ନାହିଁ? ଆଉ ସିଏ ଯା' ହାତ ଧରି ଏତେ ଫଡ ଫଡ ହୋଉଛି ତାକୁ ଏତୁରୁ ଏତେଟିଏ କରି ମାଷ୍ଟ୍ର କଲା କିଏ? ପୁଅ ପରି ତାକୁ ଦେଖିଥିଲି ତା' ଦୋଷ ଦେବି କାହିଁକି – ଇଏତ ଆସି କି ମନ୍ତର ଫୁଙ୍କୁଛି କେଜାଣି ଭାଇ ଆଗରେ ଠିଆ ହେଉନଥିବା ପିଲା ଆସି ହାତାହାତି କରିବାକୁ ବସିଲାଣି ।

ଶାଶୁ ଏ ବିଡି ବିଡି ଶୁଣି ପୁଣିଥରେ ଆକଟିବେ – ମାଆ ଯାହାତ ହୋଇଗଲା ହୋଇଗଲା, ପୁଣି ସେଇ କଥାକୁ ଘଣ୍ଟାଘଣ୍ଟି କାହିଁକି ? ଏବେ ତୁ' ପଦେ କହିବୁ ସିଏ ପଦେ କହିବ – ପୁଣି ଲାଗିବ ପାଲା, ମୋ ମାଆଟା ପରା ବଢା ବଢି କରି ସମସ୍ତଙ୍କୁ ଖାଇବାକୁ ଦେଏ ।

ଏମିତି ଗୋଟିଏ ଦୃଶ୍ୟ ବାରମ୍ବାର ଅଭିନୟ ହେଉଥିଲା ତାଙ୍କ ଘରେ । ଗୋଟିଏ ଦୃଶ୍ୟ ପରର ଯବନିକା ପରି କିଛି ଦିନ ବିତି ଯାଉଥିଲା, ପୁଣି ମଝିରେ ମଝିରେ ନିମ୍ନରୁ ମଧ୍ୟମ ଧରଣ ଝଗଡା ଥରେ ଅଧେ ହୋଇଯାଏ । ହେଲେ ଧାରାବାହିକତା ଲାଗି ରହିଥିଲା ।

ଦିନେ ସକାଳୁ ସକାଳୁ ଆରମ୍ଭ ହୋଇଗଲା ଝଡର ତାଣ୍ଡବ । କଥାଟି ଥିଲା ସଦେଇ ଓରଫ ସଦାନନ୍ଦ ତା' ଚାକିରୀ ପଇସାକୁ ପୂରା ଘରେ ନଦେଇ ବ୍ୟାଙ୍କରେ ଜମା ରଖି ଅଂଗଧନ କରୁଅଛି । ଏକଥା ଜଣା ପଡିଲା ସେ ତା'ର ବ୍ୟାଙ୍କ ଜମା ବହିଟିକୁ ଯେଉଁଟିକୁ ସେ ଅତି ସତର୍କ ଓ ଗୋପନୀୟ କରି ରଖୁଥିଲା ତା' ଅକସ୍ମାତ୍ କିପରି ବାବାଜି ଆଖିରେ ପଡିଗଲା । ନିଜର ଅଳ୍ପ ଶିକ୍ଷା ଦୀକ୍ଷାରୁ ସେ ତା' ଭିତରୁ କିଛି ବୁଝି ନପାରି ଗାଆଁର ତା'ର ଜଣେ ଅତି ବିଶ୍ୱସ୍ତ ଲୋକକୁ ଦେଖାଇ ପଚାରିଲା । ତା'ଠାରୁ ତା' ଜମାରାଶିର ପରିମାଣ ଶୁଣି ସେ ଫେରି ଆସୁଥିବା ବେଳେ ସେ ଲୋକଟି ନିଆଁରେ ଘିଅ ପକାଇବା ପରି କହିଲା – ତୁ ଏପଟେ ଖଟି ଖଟି ମାଟି ସହ ମାଟି ହେଉଥା'ରେ ଭାଇ, ସେ ତା'ର ସେପଟେ ଅଂଗଧନ କରୁଥାଉ । କରିବେନି କାହିଁକି ଦି'ଜଣ

Digitized by PPRACHIN, SOA

ଯାକ ରୋଜଗାରିଆ-ଜଣକ ପଇସା ଖାଇଲେ ଜଣକ ପଇସା ବଂଚିବ ।

କଥାଟା ବାବାଜି ମୁଣ୍ଡରେ କଂକଡା ବିଛା ପରି ଲାହୁଡ ମାରିଦେଲା, ରାତିରେ ଆସି ନିଜ ସ୍ତ୍ରୀ ସହ ପରାମର୍ଶ କଲା । ତା' ସ୍ତ୍ରୀ ତାକୁ ଆହୁରି ତତାଇ ନେଇ କହିଲା – ଏବେ ଜାଣିଲ ବୋଲକି ଚେତା ପଶିଲା କି ? ମୁଁ ତୁମକୁ ଆଗରୁ ଏକଥା କହୁନଥିଲି କି । ହୋଟେଲରେ ଖାଇବା ପରି ମାସ ଶେଷରେ ଟଙ୍କା କେତେଟା ପକାଇ ଦେଉଛନ୍ତି । ଘରର ହାନୀଲାଭ, ଭଲମନ୍ଦ, ଜମିବାଡି ଖର୍ଚ୍ଚ, କୁଣିଆ ମଇତ୍ର, ଗଲା ଆଇଲା, ରୋଗ ବୈରାଗ କୌଣସିଥିଲେ କିଛି ମୁଣ୍ଡ ଖେଳଉଛି ସଦେଇ । ସବୁ ଭାଇ ଉପରେ ତମେ ବି କେବେ ପଚାରିଛ ତୁ' କେତେ ଦରମା ପାଉଛୁ, କେତେ ଦେଉଛୁ ବୋଲି ? ଆଉ ଏବେ ସେ ଅଂଗଧନ କଲା ବୋଲି ମୋତେ କାହିଁକି କହୁଛ ? ତମରି ପରି କ'ଣ ସେ ନିର୍ବୁଦ୍ଧିଆ ହୋଇଛି ପ୍ରତିବର୍ଷ ବାଦାମ ବିକା, ବିରିବିକା ପଇସାକୁ ରଖି ଜମି କିଣିବ । କ'ଣ ନା' ପୈତୃକ ସମ୍ପତ୍ତିରେ ଆମେ ଯଦି କିଛି ନଯୋଡିଲୁ ତେବେ କି ପୁଅ । ତମେ ଦେହକୁ ନ ପିନ୍ଧି, ପେଟକୁ ନଖାଇ, ପିଲାପିଲିଙ୍କୁ ନଦେଖି ଯୋଡୁଥାଅ, ସେ ତା' ପଇସାକୁ ଜମା ରଖି ରଖି ବି ସେ ଜମିରୁ ଅଧାଭାଗ ବସାଇବ ।

ନା – କାଲି ଏହାର ଗୋଟେ ଫଇସଲା କରିବାକୁ ପଡିବ । କାଲି ରାତି ପାହିଲେ ହାଣ୍ଡି ଅଲଗା । ମୋ ନିଜ ଭାଗ୍ୟକୁ ଆଦରି ରହିବା । ଠିକ୍ ହେବ ।

ସକାଳୁ ଉଠି ବାବାଜି ବାପାକୁ କହିଲା – ମୁଁ ଭାବୁଛି ଆମେ ଦୁଇଭାଇ ଏବେ ଅଲଗା ହୋଇଯିବୁ ।

ସବୁ ଝଗଡାର ମୁକସାକ୍ଷୀ ଥିବା ବାପାଙ୍କୁ ବାବାଜିର ଏ ଭିନ୍ନେ ହେବାର ମାନସିକତାକୁ ବୁଝିବାକୁ ଡେରି ଲାଗିଲା ନାହିଁ । ସେ କିଛି ସମୟ ଗୁମ୍ ମାରି ବସିବା ପରେ କେବଳ କହିଲେ – ତୁ ଚାଷବାସ କରୁଛୁ, ତୋ ପେଟ ଅପୂରା ରହିବନି ଯେ ହେଲେ ତୋ ପିଲା ଦି'ଟାଙ୍କ ପାଠ ପଢା କଥା ମୁଁ ଭାବୁଥିଲି ।

ଯାହା ଭାଗ୍ୟରେ ଥିବ ହେବ । ଏଇ ଚାଷ କରି ତ ମୁଁ ସଦେଇକୁ ପଢାଇ ମାଷ୍ଟ୍ର କରି ପାରିଲି । ଯଦି ଏ ଦୁଇଟା ପଢିବେ ତେବେ ଟଙ୍କା ପାଇଁ ଅଟକି ଯିବେନି । ଆଉ ରହିଲା ସଦେଇର ସାହାଯ୍ୟ କଥା – ଯିଏ ଏକାନ୍ନବର୍ତ୍ତିରେ ଥାଉଁ ଥାଉଁ ଅଂଗଧନ କଲାଣି ସେ କ'ଣ ମୋ ପିଲାଙ୍କୁ ଦେଖିବ ଏ ଭରସା ମୁଁ କରିବି । ତା'ପରେ ସବୁଦିନର ଝଗଡା, କଳିତକରାଳ ଠାରୁ ଥରକେ ସମାଧାନ ହୋଇଯିବା ଭଲ ।

ଆମେ ବୁଢା ବୁଢୀ ଦିଇଟା ଆଖି ବୁଜି ଦେଇଥିଲେ – ତମେ ତମର ଯାହା କର ଆମର କହିବାର ନଥିଲା । ଭାଇ-ଭାଇ ଭିତରେ ଭିନ୍ନେ ହେବାଟା କେଉଁ ନୂଆ କଥାଟେ ଯେ । ହେଲେ ଆମ ଦିଇଟାକୁ ଭଗବାନ ଏତେ ଦିନ ବଂଚାଇ ରଖିଲେଣି ଯେ ଭାବୁଛି ବୋଧେ କିଛି ଦହଗଂଜ ଯୋଗ ଅଛି ।

ନା–ବାପା ତମେ ସେମିତି କାହିଁକି ଭାବୁଛ ? ମୁଁ ଚାରିଟା ପେଟ ପୋଷିବି, ଆଉ ଦିଇଟା

Digitized by PPRACHIN, SOA

ପେଟକୁ ମୁଁ କ'ଣ ପୋଷି ପାରିବି ନାହିଁ । ତମେ ଦୁଇଜଣ ମୋ ପାଖରେ ରହିବ ।

ହଉ–ତୋ' ଇଚ୍ଛା ଆଉ ତୁ ଯେଉଁଟାକୁ ଠିକ୍ ମନେ କରୁଛୁ କର । ତୋ' ବୋଉକୁ ଓ ମୋତେ ଅନ୍ତତଃ ତୁମ ମାନଙ୍କର ଭିନ୍ନେ ହେବାର ପ୍ରସଂଗ ଭିତରକୁ ନଟାଣିଲେ ଭଲ ।

ସନ୍ଧ୍ୟାବେଳକୁ ସାହି, ଭାଇ ଓ ଗାଆଁର କିଛି ଭଦ୍ରଲୋକ ବସିଲେ ବାବାଜି ଓ ସଦେଇର ଭିନ୍ନେ ଘରର ଭାଗବଣ୍ଟରା ପାଇଁ । ଘରର ଆସବାବ ପତ୍ର ସମାନ ଦୁଇଭାଗ ହୋଇଗଲା । ଜମିବାଡ଼ି, ଘରଦ୍ୱାର, ଗାଈ, ଗୋରୁ ବି ସମାନ ଭାଗ ହୋଇଗଲା । ଶେଷକୁ କଥା ଆସିଲା ବୁଢା ବୁଢୀଙ୍କ ପାଖକୁ । ଜଣେ ଭଦ୍ରଲୋକ ପଚାରିଲେ – ଆରେ ବୁଢାବୁଢୀ କାହା ପାଖରେ ରହିବେ ?

ବାବାଜି ଉଠି ପଡି କହିଲା – ବାପା, ବୋଉଙ୍କର ମୋ ପାଖରେ ରହିବାକୁ ମନ । ଆପଣମାନେ ତ ଜାଣନ୍ତି ମୋ ଚାଷରୁ ଯାହା କମାଇ ହେବ, ସେଥିରେ ଏବେ ଜମିତକ ଦୁଇଭାଗ ହୋଇଗଲା । ମୁଁ କ'ଣ କହୁଥିଲି କି ବାପା, ବୋଉଙ୍କ ପାଇଁ ଗୋଟେ ଭାଗ ଜମି କରି ଦେଇଥିଲେ ବାପା ବୋଉ ମୋ ପାଖରେ ରହିଯାଇଥାଆନ୍ତେ ।

ହଉ ଠିକ୍ ଅଛି । ବୁଢା ବୁଢୀଙ୍କୁ ପଚାର ଯାଉ, ଯଦି ସେ ଦୁଇଜଣ ତମ ପାଖରେ ରହିବାକୁ ରାଜି ତେବେ ସେମାନଙ୍କ ପାଇଁ ଗୋଟେ ଭାଗ ଜମି କରାଯିବ ।

ଏଯାଏଁ ଚୁପ୍‌ଥିବା ସଦେଇ କହିଲା – ତାହା କେମିତି ହେବ ? ବାପା ବୋଉ ଆମ ଉଭୟଙ୍କର, ସେ ତାଙ୍କ ଆଡେ କାହିଁକି ରହିବେ । ଜଣେ ଜଣେ ହୋଇ ଆମ ଉଭୟଙ୍କ ଆଡେ ରୁହନ୍ତୁ ଓ ଜମି ସମାନ ଭାଗ ହୋଇଯାଉ । ଜମି ଅଧିକ ରଖିବାର ଚକ୍କରରେ ଏଇଟା ଭାଇଙ୍କର ଗୋଟେ ଚାଲ ।

ନା – ମୁଁ ଜମି ଅଧିକ ପାଇବା ଆଶାରେ ବାପା ବୋଉଙ୍କୁ ରଖିବାକୁ କହିନଥିଲି । ମୁଁ ସେମାନଙ୍କୁ ମୋ ପାଖରେ ରଖିବାକୁ ଆଗ୍ରହୀ । ମାତ୍ର ଯେହେତୁ ମୁଁ ଚାଷ କରୁଛି ଏବଂ ମୋର ବାହାର ରୋଜଗାର କିଛି ନାହିଁ କିଛି ଅଧିକ ଜମି ହୋଇଥିଲେ ମୁଁ ସେମାନଙ୍କ ଦାୟୀତ୍ୱ ଭଲ ଭାବରେ ନେଇ ପାରିଥାଆନ୍ତି ।

ନା – ବାପା, ବୋଉ ଜଣ ଜଣ ହୋଇ ଆମ ଦୁଇଜଣଙ୍କ ଆଡେ ରୁହନ୍ତୁ କିମ୍ବା ଛଅ ଛଅ ମାସ କରି ରୁହନ୍ତୁ । ଯଦି ଭାଇଙ୍କର ବାପାବୋଉଙ୍କ ପ୍ରତି ଏତେ ଦରଦ ଓ ଭକ୍ତି ସେ ସେମାନଙ୍କୁ ପୂରା ରଖନ୍ତୁ ମାତ୍ର ଜମି ଅଧିକ ଏକ ଭାଗ ବଦଳରେ ନୁହେଁ ।

ଜଣେ ଭଦ୍ରଲୋକ କହିଲେ – ଜମି ଏକ ଭାଗ ବାପା, ମାଆଙ୍କ ପାଇଁ ରଖିବାକୁ ଯେତେବେଳେ ଗୋଟେ ପୁଅ ରାଜି ନୁହଁ, ଏବଂ ଉଭୟ ରାଜି ବାପା କିମ୍ବା ମାଆକୁ ରଖିବାକୁ । ତେବେ ଗୋଟିଏ କାମ କରାଯାଉ ବୁଢା ଓ ବୁଢୀ ଦୁଇ ପୁଅଙ୍କ ଆଡେ ଜଣେ ଜଣେ ହୋଇ ରୁହନ୍ତୁ ।

ଆଉ ଜଣେ ତାଙ୍କୁ ସମର୍ଥନ କରି କହିଲେ – ହଁ ସେଇଆ ହେଉ ଜଣକ ପାଖରେ ବୁଢା ଓ ଆଉ ଜଣକ ବୁଢୀ ରହୁ । କ'ଣ ଏଥିରେ ରାଜି ?

Digitized by PPRACHIN, SOA

ରାଜି –

ତେବେ କିଏ ବାପାକୁ ନେବ କିଏ ମାଆକୁ ନେବ ତମେ ଦି'ଜଣ ଫଇସଲା କର ।

ସଦେଇ କହିଲା – ଯିଏ ବି ମୋ ପାଖରେ ରହିଲେ ମୋର ଆପତ୍ତି ହୁଅନ୍ତା ନାହିଁ । ମାତ୍ର ଆପଣ ମାନେ ତ ଜାଣିଛନ୍ତି ଆମେ ସ୍ୱାମୀ ସ୍ତ୍ରୀ ଉଭୟେ ଚାକିରିଆ । ଏବେ ସିନା ଏକାଠି ଥିଲୁ ବୋଲି ନଚେତ୍ ଆମେ ଦୁହେଁ ସ୍କୁଲକୁ ଯିବୁ । ବଡ ପୁଅ ସ୍କୁଲକୁ ଯିବ, ସାନପୁଅଟିକୁ ସମ୍ଭାଳିବା ପାଇଁ ଜଣେ ସ୍ତ୍ରୀ ଲୋକ ଦରକାର । ତେଣୁ ମୋ ଆଡେ ବୋଉ ରହିଲେ ମୋତେ ସୁବିଧା ହେବ ।

କ'ଣ ବାବାଜି ତୋର ଏଥିରେ କିଛି ଆପତ୍ତି ଅଛି ? ନା –

ହଉ ତେବେ ତୋ ଆଡେ ବୁଢା ଓ ସଦେଇ ଆଡେ ବୁଢୀ ରହିଲେ ।

ଭିନ୍ନେ ଭାନ୍ନେ ଓ ବଣ୍ଟା କୁଣ୍ଟାର ପର୍ବ ସରିବା ପରେ ପରଦିନ ଘରର ଠିକ୍ ମଝିରୁ ଦି'ଭାଗ କରି ବସିଗଲା ବରଡା ଓ ବାଉଁଶର ତାଟି ।

ବୋଉ ପଚାରିଲା ସଦେଇକୁ – ଆରେ ଭିନ୍ନେ ତ ହୋଇଗଲ, ହାଣ୍ଡିତ ଅଲଗା ହୋଇଗଲା, ଘର ତ ଭାଗ ହୋଇଗଲା, ପୁଣି ଏ ବରଡା ତାଟି କାହିଁକି ମଝିରେ ?

ତୁ ବୁଝି ପାରିବୁନି ବୋଉ । ମୁହଁକୁ ମୁହଁ ଛୁଆଁ ଛୁଇଁ ହେଲେ ପୁଣି କେତେ କଥା ବାହାରିବ । ତେଣୁ ସେ ସେପଟେ ଆମେ ଏପଟେ କିଏ କ'ଣ କଲା, କିଏ କ'ଣ ଖାଇଲା ନଖାଇଲା କେହି ଦେଖିବାର ନାହିଁ । ମୁଁ ଜାଣିଲି ମୋ ଭାଗ ଏପଟେ, ମୁଁ ଏଇଥିରେ ଓ ଏତିକିରେ କାରବାର କରିବି ଓ ସେ ତାଙ୍କ ଭାଗରେ । ଆଗ ଝମେଲା ପଛକୁ କାହିଁକି ରହିବ । ଭଲରେ ମନ୍ଦରେ ଗୋଡ ବଜାବଜି ହୋଇ ଝଗଡା ହେବ ।

ହଉ – ତୋ ଇଚ୍ଛା ।

ବରଡା ତାଟିର ସେପଟରେ ଥାଇ ବୁଢୀ ଭାବୁଥାଏ ଦୁଇ ଭାଇଙ୍କର ସିନା ମନ ମିଳିଲା ନାହିଁ ଭିନ୍ନେ ହୋଇଗଲେ । ହେଲେ ଆମେ ବୁଢା ବୁଢୀ ଦିଇଟା ଏମିତି ମନ ମିଳୁ ମିଳୁ ଭିନ୍ନେ କାହିଁକି ହେଲୁ । ବୁଢା ସେପଟେ କ'ଣ ଖାଇଲା କି ଖାଉଛି ମୁଁ ଜାଣି ପାରୁନି ବି ମୁଁ ଏପଟେ କ'ଣ ଖାଇଲି ସେ ଜାଣି ପାରୁନାହାନ୍ତି । ବୁଢା ସାଂଗରେ କିମ୍ବା ସେ ବୋହୂ ସାଂଗରେ କଥାବାର୍ତ୍ତା ହେବାକୁ ପୁଅ ବୋହୂ ଦେଖେଇ ନେଖେଇ କହିଲାଣି – ବୋଉ ତମେ ଆମ ପଟର, ସେପଟର ହାନୀ, ଲାଭ, ଭଲ ମନ୍ଦରେ ତମର ମୁଣ୍ଡ ଖେଳାଇବାର କିଛି ନାହିଁ । ତାଙ୍କ ସାଂଗରେ ବି କଥା ହେବାର ଦରକାର ନାହିଁ । ସେମିତି କଲେ ଅଯଥା ଏପଟେ ଅଶାନ୍ତି ବଢିବ ।

ଚାକିରୀଆ ପୁଅ ବୋହୂଙ୍କ ପାଖରେ କଞ୍ଚା ପଇସା । ତେଣୁ ଟିକେ ଖାଇବା ପିଇବା ଭଲ । ଭିନ୍ନେ ହେବାପରେ ସାନପୁଅ ଯେଉଁଦିନ ଘରକୁ ପ୍ରଥମେ ମାଂସ ଆଣିଲା, ରନ୍ଧା ବଢା ସରିବା ପରେ ବୁଢୀ ପୁଅକୁ କହିଲା – ତୋ' ବାପା ତ ଟିକେ ଆଇଁଷ ତୁଣ୍ଡିଆ, ବାବାଜୀ ତ ମାଂସ ଆଣି ପାରିନି । ତୋ' ବାପାକୁ ଟିକେ ତରକାରୀ ଦେଇ ଆସ ।

ସଦେଇ ସଂଗେ ସଂଗେ କହିଲା – ତୁ ଖାଇବୁ କୌରବଙ୍କର ଗାଇବୁ ପାଣ୍ଡବଙ୍କର । ତୋ'

Digitized by PPRACHIN, SOA

ନିଜ ଚିନ୍ତା ତୁ କର । ସେ ସେପଟେ ଅଛନ୍ତି ତାଙ୍କ କଥା ସେମାନେ ବୁଝିବେ । ଭାଇ ଏତେ ଗଡ଼ କାଢୁଥିଲେ, ଭିନ୍ନେ ହେବାକୁ ହୁମ୍ବୁ-ହୁମ୍ବୁ ହେଲେ, ବାପାଙ୍କୁ କ'ଣ ଟିକିଏ ମାଂସ କିଣି ଖୋଇ ପାରିବେ ନାହିଁ ?

ବୁଢ଼ୀ ଆଉ କଥା ଲେଉଟାଇଲା ନାହିଁ । ତା' ବରାଦରେ ମାଂସ ରଖି ପୁଅ ବୋହୂ ଖାଇ ଦେଇ ସ୍କୁଲ ଚାଲିଯିବା ପରେ ସେ ଖାଇ ପାରିଲା ନାହିଁ । ବରଡା ତାଟିକୁ ଫାଙ୍କ କରି ବଡ ବୋହୂକୁ ଡାକି କହିଲେ ନେ – ତୋ' ଶଶୁର ଓ ପିଲାଦିଇଟାକୁ ୟାକୁ ଟିକେ ଟିକେ ଦେଇ ଦେ ।

ବଡ ବୋହୂ କହିଲା – ଏଇଟା ପୁଣି ଝଗଡାକୁ ଡାକିବା କଥା ହେବ ବୋଉ । ସେମାନେ ଜାଣିଲେ କଥା ଖରାପ ହେବ ।

ସେମାନେ କେହି ନାହାନ୍ତି ସ୍କୁଲ ଗଲେଣି । ଜାଣିବେ କାହିଁକି । ତୁ ଜଲଦି ଗିନାଟାକୁ ଫେରାଇ ଦେ, ମୁଁ ରଖିଦେବି ।

ବୁଢୀର ଏପରି ତରକାରୀ ଦିଆନିଆ ଦିନେ ଧରାପଡିଗଲା ସାନବୋହୂ ହାତରେ । ସାନବୋହୂ ସେଦିନ ରଣଚଣ୍ଡୀ ମୂର୍ତ୍ତି ଓ ବଡବୋହୂକୁ ଏମିତି ତୁଚ୍ଛ କରି କହିବା ଯିଏ ଶୁଣିବ ସେ ଉଭୟ ଆଖି ଓ କାନ ବନ୍ଦ କରିନେବ ।

ବୁଢୀ ତାକୁ ବୁଝେଇବା ଛଳରେ କହିଲେ – ବଡ ବୋହୂର କିଛି ଦୋଷ ନାହିଁ ସବୁ ଦୋଷ ମୋର । ବୁଢାଟା ସେପଟେ ଶାଗ କି ବଡିଚୂରା ଟିକିଏ ଲଗାଇ ଖାଉଥିବ ଏପଟେ ମୁଁ କ'ଣ ମାଂସ କି ମାଛ ଖାଇ ପାରିବି ?

ଆମେ କ'ଣ ମନା କରୁଛୁ ବାପାଙ୍କୁ ରଖିବାକୁ, ସେ ସେତେବେଳେ ଆବୁରା ପଡିଲେ କାହିଁକି ? ତମକୁ ସିନା ଆମେ ଖାଲି ଖାଲି ପୋଛୁଛୁ, ବାପା ତ ସେଠାରେ ତାଙ୍କର ପାଳ ଜଗୁଛନ୍ତି, ବିଲକୁ ଖାଇବାକୁ ନେଇ ଯାଉଛନ୍ତି, ଗୁଆ ପୋତା ବେଳେ ମୂଲିଆ ମଜୁରୀଆକୁ ଜଗି କାମ ଉଠାଉଛନ୍ତି । ତାଙ୍କୁ ସେମାନେ ବସାଇ ବସାଇ ପୋଷୁ ନାହାନ୍ତି । ଭଲ ଖାଇବାକୁ ଟିକେ ଦେବେନି କାହିଁକି ? ଆଉରି ଏ ବୁଢୀ କାଳେ ତମର ଏତେ ବୁଢା ସୋହଗ ବାହାରୁଛି । ଯଦି ତମକୁ ଆମ ପଟର ଭଲ ଜିନିଷ ଏକା ଏକା ନରୁଚୁଛି ତେବେ ତମେ ତାଙ୍କ ପଟେ ରୁହ । ତାଙ୍କ ସାଙ୍ଗରେ ଘାଣ୍ଟି ହୁଅ, ଆମର କିଛି କହିବାର ନାହିଁ । ମାତ୍ର ଏପଟୁ କୌଣସି ଜିନିଷ ସେପଟକୁ ଯିବ ନାହିଁ – ଖବରଦାର୍ ।

ସବୁ ମୂଳରେ ଆମର ଏଇ ଖଣ୍ଡା ଘର । ଘରଟା ଏମିତି ହୋଇଛି ମଝିରେ ପାଚେରୀ ଉଠାଇ ହେବନି । ତେଣୁ କେତେଥର ୟାଙ୍କୁ କହିଲିଣି ଆମ ଅଧାକ ଭାଗିଁ ଆମେ ଗୋଟେ ନୂଆ ଘର କରିଦେବା – ସେମାନଙ୍କ ଠାରୁ ସବୁ ସଂପର୍କ ତୁଟିଯିବ । ଆଜି ସେ ଘରକୁ ଆସନ୍ତୁ । ନୂଆ ଘରଟିଏ କରିବ ତ ଯଦି କର ନଚେତ୍ ଅନ୍ୟ କିଛି ବ୍ୟବସ୍ଥା କର । ଏବେ ଏବେ ତରକାରୀ ଯାଉଛି ବୋଲି ଜାଣିଲି, ଆଉ କ'ଣ କଣ ଯାଉଥିବ ମୁଁ କ'ଣ ଜାଣେ, ମୁଁ ସ୍କୁଲ ଗଲାବେଳକୁ କ'ଣ ଘରେ ତାଲା ଦେଇଯିବି ?

Digitized by PPRACHIN, SOA

ସାନ ବୋହୂ! ଢେର କହିଲୁଣି । ଶେଷକୁ ମୋତେ ଗେରଣୀ କରି ଦେଲୁ । ମୁଁ ହାତ ଉଠାଇ ଯଦି କିଛି ଦେଇଥିଲି ତେବେ ତରକାରୀ ଟିକିଏ – ତାହା ପୁଣି ମୋ ଭାଗର । ଯାହାକୁ ଦେଇଥିଲି ସେ ଆଉ କେହି ନୁହଁ ତୋ'ର ଶ୍ୱଶୁର । ସେତିକି ଦୋଷରେ ଢେର କଥା ସହିଲିଣି । ଯା' ହାତ ଧରି ଆସିଥିଲି ଓ ଆଜି ଆସି ବୁଢ଼ୀ ହେଲିଣି ସେ ବି ଦିନେ ମୋର ମହତ ଉଖାଳି ଏମିତି କଥା କହିନଥିଲା । ସେ ଏବେ ଅକ୍ଷମ ଓ ଆମେ ଦୁହେଁ ନିରୁପାୟ । ନଚେତ୍ ତମେ ଦୁହେଁ ଭିନ୍ନେ ହେବା ସଂଗେ ସଂଗେ ଆମକୁ ଭିନ୍ନେ କରି ଦେଇନଥାନ୍ତ । ତମେମାନେ ବି ପୁଅ ଜନ୍ମ କରିଛ – ଭଗବାନ ନ କରନ୍ତୁ ଏ ଦୁଃଖ ତମକୁ ଆସୁ । ମାତ୍ର କେବେବେଳେ ଯଦି ଆସେ ତେବେ ଅନୁଭବ କରିବ । ଭାଇ ଭାଇଠାରୁ ଭିନ୍ନେ ହେବା ଓ ସ୍ୱାମୀ ସ୍ତ୍ରୀ ଠାରୁ ଭିନ୍ନେ ରହିବା ଏକା କଥା ନୁହଁ ।

ସାନବୋହୂ କ'ଣ ଭାବିଲା କେଜାଣି ଚୁପ୍ ହୋଇଗଲା । ବୁଢ଼ୀ ଭାବୁଥିଲା ସଦେଇ ସ୍କୁଲରୁ ଫେରିବା ପରେ ଏ ପୁଣି ତାକୁ ଶିଖାଇ ଶାଖେଇ କହିବା ପରେ ସେ ପୁଣି ତା'ର ରାଗ ଶୁଝାଇବ । ସଦେଇ ସ୍କୁଲରୁ ଫେରି ବୋହୁ ଓ ପିଲାମାନଙ୍କ ଠାରୁ ସବୁ ଶୁଣିଲା, ମାତ୍ର ଚୁପ୍ ରହିଲା । କେବଳ କହିଲା ମୁଁ ଏହାର ବିକଳ୍ପ ଭାବି ସାରିଛି, ଆଉ ମାତ୍ର ଅଳ୍ପଦିନ ।

ସାନବୋହୂ ପଚାରିଲା – କ'ଣ ବିକଳ୍ପ ଭାବିଛ ?

ଏ ଖଂଜାକୁ ଭାଙ୍ଗି ଦେଇ ଆମର ଏକ ଅଲଗା କୋଠାଘର କରିବା ।

ସେ କଥା ତ ମୁଁ ତୁମକୁ କେତେ ଦିନ ହେଲା କହିଲିଣି – ଏବେ ହେଜିଲ ।

ନା – ମୁଁ ଆଗରୁ ହେଜିଲିଣି, ସେଥିପାଇଁ ତ ମୋ ସାଂଗ ଓଭରସିଅରକୁ ଗୋଟେ ପ୍ଲାନ୍ ତିଆରି ପାଇଁ ଦେଇଥିଲି । ଯୋଗକୁ ସେ ଆଜି ହିଁ ତିଆରି କରି ଦେଇଛି ।

ସତେ ନା କ'ଣ ? ଦେଖାଅ ତ ।

ଘରର ପ୍ଲାନ୍‌ଟା ଦେଖି ଏକ ମଧୁର ସ୍ୱପ୍ନରେ ବୁଡ଼ିଗଲା ସାନବୋହୂ । ବଡ ପୁଅ ତାକୁ ହଲାଇ ଦେଇ ପଚାରିଲା ସେଇଟା କ'ଣ ବୋଉ ?

ଆମ ଘର – ଆମ ନୂଆ ଘର ।

କାଇଁ ଦେଖା ତ ଆମ ନୂଆ ଘର କେମିତି ହେବ – ମୁଁ ଦେଖେ ।

ତୁ କ'ଣ ଏ ପ୍ଲାନ୍‌ରୁ କିଛି ବୁଝି ପାରିବୁ । ଦେ ତୋ ବାପାଙ୍କୁ କହ ବୁଝାଇ ଦେବେ ।

ସେ ପ୍ଲାନ୍‌ଟା ଧରି ବାପାଙ୍କ ପାଖକୁ ଗଲା, ସଦେଇ ପୁଅର ପ୍ଲାନ ଦେଖିବାର ଆଗ୍ରହ ଦେଖି ତାକୁ ବୁଝାଇଲେ – ଏଇଟା ହେବ ଆମ ଡ୍ରଇଁ ରୁମ୍, ଏଇଟା ବେଡ୍ ରୁମ୍, ଏଇଟା ବି ବେଡ ରୁମ୍, ଏଇଟା ରୋଷେଇ ଘର, ଏଇଟା ଠାକୁର ଘର ଆଉ ଏଇଟା ଡାଇନିଂ ସ୍ପେଶ୍ ।

ପୁଅ ମନଯୋଗ ଦେଇ ପ୍ଲାନ୍ ଦେଖୁ ଦେଖୁ ପଚାରିଲା – ଏଇ ବେଡ୍ ରୁମ୍‌ଟା କାହାର ?

ଏଇ ବେଡ୍ ରୁମ୍‌ଟା ଆମର ଆଉ ଏଇ ବେଡ୍ ରୁମ୍‌ଟା ତୋର ଓ ସନିର ।

ଆମ ଦୁଇଜଣଙ୍କର କ'ଣ ଗୋଟେ ବେଡ୍‌ରୁମ୍ ? ହଁ – ତମେ ତ ଏଇନେ ସାନ ପିଲା ।

Digitized by PPRACHIN, SOA

ତମେ ବଡ ହେଲା ବେଳକୁ ଦେଖିବାନି ।

ବାପା ଏ ଘରଟାର ମଝି କେଉଁଟା ?

ମଝି ! – ମଝି କ'ଣ କିରେ ?

ଯେଉଁଠୁ ଘରକୁ ସମାନ ଦୁଇଭାଗ କରିହେବ । ହଁ ବାପା ମୁଁ କହି ଦେଉଛି ମୁଁ ନା ମଝିରେ ଇଟା କାନ୍ଥ ଉଠାଇ ଦେବି ଯେଉଁ ବାଟ ଦେଇ ବୋଉ ଆଉ ତମକୁ କେବେ ବି ତରକାରୀ ଦେଇପାରିବ ନାହିଁ କି ଗାଳି ଶୁଣିବ ନାହିଁ ।

ବିସ୍ମୟାଭୂତ ହୋଇ ସଦେଇ ଚାହିଁଲା ପୁଅ ଆଡେ । ପୁଅ ତା' ସାନଭାଇକୁ କହୁଥାଏ ହେଇ ଦେଖ ଏଇଟା ଆମ ଘର ତୁ ଏପଟରେ ମୁଁ ସେପଟରେ । ଉଭୟ ତାଳି ମାରି ବହେ ନାଚିଗଲେ ଆମ ଘର – ଆମ ଘର ହୋଇ ।

ସଦେଇ ଓ ତା'ର ସ୍ତ୍ରୀ ପରସ୍ପରର ମୁହଁକୁ କେବଳ ଚାହୁଁଥିଲେ, କେହି କାହାରିକୁ କିଛି କହି ପାରୁନଥିଲେ ଅଥଚ ଅନୁଭବ କରୁଥିଲେ ପୁଅର ବାଳ ଚପଳତାର ଭେଟର ଗଭୀରତାକୁ ଓ ବେଦନାକୁ ।

□

Digitized by PPRACHIN, SOA

ଆବେଶ ମାତୃତ୍ୱ

ବୁବୁନ୍ ଏବେ କରୁଥିବ କ'ଣ ? କିଏ ତାକୁ ଆଜି ଖୁଆଇ ଦେଇଥିବ ରାତିରେ ? କିଏ ତାକୁ ଶୁଆଇ ଦେଇଥିବ ପରୀ କାହାଣୀ ଓ ଲୁଲାବି ଶୁଣାଇ ? ଓଃ କେମିତି ଚିରଚିରା ଛାଡି କାନ୍ଦୁଥିଲା ସେ । ମୋତେ ଯେତେବେଳେ ଟେକି ଆଣି ଭର୍ତ୍ତି କରାଗଲା କାର୍‌ରେ ? ସତେ ଯେମିତି ମୁଁ ଶାଶୁ ଘରକୁ ଯାଉନି, ଯାଉଛି ଶ୍ମଶାନପୁରୀକୁ । ତା'ର ବିକଳ କାନ୍ଦଣା ଲାଗୁଥିଲା ଯେମିତି ତା' ଆଖି ଆଗରେ ଜଳି ଯାଉଛି ମୋର ଚିତାଭସ୍ମ । ତା'ର ଆକୁଳ ଆର୍ତ୍ତଚିତ୍କାର – ମାମା-ମାମା, ମୋତେ ନେ – ମୋତେ ନେ, ମୁଁ ତୋ ସାଙ୍ଗରେ ଯିବି । ମୁଁ ଯିବି, ମୁଁ ଯିବି, ଫଟାଇ ଦେଉଥିଲା ଛାତି ।

ପାଦ ମୋର ବଢୁ ନଥିଲା ଆଗକୁ । ବାରମ୍ବାର ମୁଁ ଫେରି ଯାଉଥିଲି ତା' ପାଖକୁ । ଜତାଇ ଧରୁଥିଲି ଛାତିରେ । ନାନୀ ଏ ଦୃଶ୍ୟ ଦେଖି କହିଲା – ବୁବୁନ୍ ତା' ପାଖରେ ଥିବାଯାଏ ଯାଏ, ତାକୁ ବିଦା କରି ହେବନି ଶାଶୁ ଘରକୁ । ମୁଁ ବୁବୁନ୍‌କୁ ନେଇଯାଉଛି, ତମେ ତା'ର ବିଦା ହେବାର ବ୍ୟବସ୍ଥା କର । ନାନୀ ବୁବୁନ୍‌କୁ ଜବରଦସ୍ତ ଭିଡି କରି ନେଇଗଲା ବେଳେ, ସେ ଲାଠି ପରି ବାଂକି ଯାଇ ଚିତ୍କାର କରୁଥିଲା – ମୋତେ ନେଇ ଯା' ମାମା, ମୋତେ ତୋ ସାଙ୍ଗରେ ନେ ମାମା । ନାନୀ ବୁବୁନ୍‌କୁ ଯେତେ ଯେତେ ଦୂରକୁ ଧରି ଚାଲି ଯାଉଥିଲା, ତା'ର କାନ୍ଦଣାର ସ୍ୱର ଓ ମାମା ମାମା ଡାକ ସେତେ ଗଭୀର ଭାବରେ ମୋ କାନରେ ବାଜୁଥିଲା । ଏପରିକି କାର୍ ଭିତରେ ବସିଥିବା ବେଳେ କାର୍‌ର ଶବ୍ଦ ମୋତେ ଶୁଭୁଥିଲା ବୁବୁନ୍‌ର ମାମା-ମାମା ଡାକ ପରି ।

କେତେ ମାସର ହୋଇଥିବ ବୁବୁନ୍ – ନାନୀ ଯେତେବେଳେ ତାକୁ ମୋ ପାଖରେ ଛାଡି ଦେଇ ଯାଇଥିଲା ? ଛଅ ସାତ ମାସର ବୋଧେ । ଅମୂଲ ବେବି ପରି ଦିଶୁଥିଲା ଡଉଲ ଡାଉଲ ଓ ହସକୁରା । ହାତ ବଢେଇଲେ ଡେଇଁ ପଡୁଥିଲା କାଖକୁ । ଭୋକ ବେଳେ ପାଟିରେ ଫିଡିଙ୍ଗ ବୋତଲ ଦେଇ ଦେଲେ ଦିନ ତମାମ୍ କାନ୍ଦର ନାଆଁ ନଥିଲା । ନାନୀର ଆମ ଘରେ ରହଣୀ ସମୟରେ

Digitized by PPRACHIN, SOA

ସେ ମୋତେ ଏତେ ମାତ୍ରାରେ ଆଦରି ଯାଇଥିଲା ଯେ ମୋ କୋଳରୁ ତାକୁ କିଏ ଉଠାଇ ନେଲେ ଚିହିରା ଛାଡି କାନ୍ଦୁଥିଲା । ମୁଁ ତାକୁ ଧୋ-ଧୋ ବାୟା ନକଲା ଯାଏଁ ଶୋଉନଥିଲା । ନାନୀ ଆମ ଘରେ ଥିବା ସମୟରେ ମଝିରେ ମଝିରେ ଛୁଟିରେ ଆସନ୍ତି ଭିଣୋଇ । ସେ ଆସିଲେ ନାନୀଠାରୁ ମୋ ବିଛଣା ଅଲଗା ହୋଇଯାଉଥିଲା । ମୋତେ ବିଛଣାରେ ନଦେଖି ବୁବୁନ୍ ରାହାଧରି କାନ୍ଦୁଥିଲା । ତା' କାନ୍ଦରେ ବ୍ୟସ୍ତ ଓ ବିବ୍ରତ ହୋଇ ନାନୀ ତାକୁ ଆଣି ମୋ ପାଖରେ ଛାଡି ଦେଇଯାଉଥିଲା ଓ ଥଟ୍ଟାରେ କହୁଥିଲା – ତୁ ତା'ର ଅସଲି ମାଆ ଲୋ, ନେ ସମ୍ଭାଳ ଯା'କୁ ।

ମୁଁ ନାନୀକୁ କହୁଥିଲି – ତୁ ମାଆ ପରି ମୋ ପାଇଁ ଏତେ କଲୁ । ବାଳୁତ ବୟସରେ ମାଆର ବିଚ୍ଛେଦ ଦୁଃଖ ମୋତେ ଜାଣିବାକୁ ଦେଇନୁ । ମୁଁ ତ ପୁଣି ତୋ' ଋଣ ଶୁଝିବି ନା ?

କ'ଣ କହିଲୁ କ'ଣ କହିଲୁ ? ଋଣ ଶୁଝିବୁ ? କି ଋଣ ? କାହାର ଋଣ ? ଧୀରେ ଧୀରେ ନାନୀ କଣ୍ଠରେ ଭରି ଆସିବ କୋହ । ବଦଳି ଯିବ ତା'ର ସ୍ୱର । କୋହଭରା ସ୍ୱରରେ କହିବ – ତୋ'ର କ'ଣ ମନରେ ଥିବା ବୋଉର ଶେଷ ସମୟର କଥା । ବୋଉ ମଲା ବେଳକୁ ପା' ତୁ ତା' ଖଟ ମୁଣ୍ଡରେ ବସି ସଢେଇରେ ଭାତ, ଡାଲି, ତରକାରୀ ରାନ୍ଧୁଥିଲୁ । ବୋଉ ତୋ ଆଡକୁ ଥରେ କରୁଣ ଦୃଷ୍ଟିରେ ଚାହିଁଲା । କ'ଣ ଭାବିଲା କେଜାଣି ମୋ ମୁଣ୍ଡ ଉପରେ ହାତ ଥାପି କହିଲା – ମୋ ମାଆଟା ପରା, ଯା'ର ଖେଳ ଘରକୁ ତୁ ଭାଂଗି ଦେବୁନୁ । ତୋର ତ ବୁଝିବା ବୟସ ହେଲାଣି, ଇଏ ତୋର ଭଉଣୀ ନୁହଁ ଝିଅ ବୋଲି ଭାବିବୁ । ସେତେବେଳେ ବାପା ଛିଡା ହୋଇଥିଲେ ଖଟ ଦାଢରେ । ହାତରେ ଠାରି ତାଙ୍କୁ ଡାକିଲା ବୋଉ । ବୋଉର ଏ ଅବସ୍ଥାରେ ଭିତରେ ଭିତରେ ଭାଙ୍ଗି ପଡୁଥିବା ବାପା ଆମର ଲାଗି ଆସିଲେ ବୋଉ ପାଖକୁ । ବାପାଙ୍କ ହାତକୁ ନିଜ ଦୁଇ ହାତ ମୁଠା ଭିତରେ ରଖି ବୋଉ କହିଲା – ଏମାନଙ୍କ ଦାୟୀତ୍ୱ ତୁମକୁ ଲାଗିଲା । ଧୀରେ ଧୀରେ ବାପାଙ୍କ ହାତକୁ ତା' ମୁଣ୍ଡ ପାଖକୁ ନେଇ କହିଲା – ଦାୟୀତ୍ୱ ଲାଗିଲା । ବାସ୍, ସେତିକି ଯଥେଷ୍ଟ ଥିଲା ବାପାଙ୍କର ଲୁହର ବନ୍ଧ ଭାଙ୍ଗିବାକୁ । ସେ କୋହ ମିଶା କାନ୍ଦଣାରେ ଲୋଟି ପଡିଲେ ବୋଉ ଉପରେ । ବାପା ପ୍ରକୃତିସ୍ଥ ହେବା ବେଳକୁ ବୋଉ ଗୋଟେ ପରମ ତୃପ୍ତିର ଭାବ ନେଇ ଶୋଇ ଯାଇଥିଲା ମହାନିଦ୍ରାରେ ।

ବୋଉର ଶେଷ ଅନୁରୋଧକୁ ରକ୍ଷା କରି ବାପା ଆମ ଦୁହିଁଙ୍କ ଉଭୟ ମାଆ ଓ ବାପର ସ୍ନେହ ଓ ଶ୍ରଦ୍ଧା ଦେଇ ପାଳିଛନ୍ତି । ବଂଶ ରକ୍ଷା ପାଇଁ ପୁଅଟିଏ ଦରକାର – ବନ୍ଧୁ, ବାନ୍ଧବ, ଶୁଭାକାଂକ୍ଷୀ ଯିଏ ଯେତେ ବୁଝାଇଥିଲେ ମଧ ବାପା ରାଜି ହୋଇ ନଥିଲେ ଦ୍ୱିତୀୟ ବିବାହ ପାଇଁ । ସବୁବେଳେ ସମସ୍ତଙ୍କୁ କହିଛନ୍ତି ଏ ଦୁହେଁ ମୋର ପୁଅ ବି ଝିଅବି । ବୋଉର ଅନୁରୋଧ ରକ୍ଷା କରି ବାପା ଏତେ ବଡ ତ୍ୟାଗଟିଏ କଲେ, ମୁଁ ତ କେବଳ ବୋଉର ଉପଦେଶ ପାଳନ କରି ମୋର କର୍ତ୍ତବ୍ୟ କରିଥିଲି, ତୁ ଏଥିରେ ଋଣୀ ହେଲୁ କେମିତି ?

ନାନୀ ଆମ ଘେ ଥିବାବେଳେ ଭିଣୋଇଙ୍କର ପୋଷ୍ଟିଂ ହେଲା ଲଦାଖ୍‌ରେ । ସୈନ୍ୟବାହିନୀ ଚାକିରୀ, ନ ଯିବାର ଜୁ ନାହିଁ । ପୋଷ୍ଟିଂ ଅର୍ଡର ପାଇ ମୁହଁ ଶୁଖାଇ ଛୁଟି ଧରି ଆସି ପହଞ୍ଚିଲେ

Digitized by PPRACHIN, SOA

ଘରେ । ଘରେ ସମସ୍ତେ ତାଙ୍କର ପୋଷ୍ଟିଂ ଜାଗା କଥା ଶୁଣି ମନଦୁଃଖ କଲାବେଳେ, ଭିଣୋଇ କହିଲେ ସେଠାରେ ଫ୍ୟାମିଲି ହୋଲଡର ମାନଙ୍କ ପାଇଁ ବେସ୍ କ୍ୟାମ୍ପରେ ରହିବାକୁ କ୍ୱାଟର ଦିଆଯିବ । ଯେଉଁମାନେ ଫ୍ୟାମିଲି ନେବେ ନାହିଁ, ସେମାନଙ୍କ ହାଇଅଲଟିଚ୍ୟୁଡରେ ରହିବାକୁ ପଠାଇବେ । ହେଲେ ଆମ ପାଇଁ ଏବେ ସମସ୍ୟା ହେଉଛି ବୁବୁନ୍‌କୁ ନେଇ ବେସ୍ କ୍ୟାମ୍ପରେ ମଧ ରଖିହେବନି । ଏତେ ଛୋଟ ପିଲା, ସେ କ'ଣ ଆଡଜଷ୍ଟ କରିପାରିବ ସେ କ୍ଲାଇମେଟ୍‌ରେ ?

ସମସ୍ତେ ଏ ବିଷୟରେ ଚିନ୍ତିତ ଥିବାବେଳେ ବାପା କହିଲେ, ବୁବୁନ୍ ଏଇଠି ରହୁ ।

ଏତେ ଛୋଟ ପିଲାଟା, ମାଆକୁ ଛାଡି କେମିତି ରହିବ ? ପଚାରିଲେ ଭିଣୋଇ ।

ଆରେ ମୁଁ ପରା ଦୁଇଟା ପିଲାଙ୍କର ମାଆ ଓ ବାପ ହୋଇ ସେମାନଙ୍କୁ ସମ୍ଭାଳିଥିଲି । ଏବେ ତ ସେମାନଙ୍କ ଦାୟୀତ୍ୱ ନାହିଁ, ଆଉ ଗୋଟିଏ ଛୁଆର ବାପ ଓ ମାଆ ହୋଇ ସମ୍ଭାଳିବି ।

ବାପାଙ୍କ କଥାରେ ଯୋଗଦେଇ ମୁଁ କହିଲି – ବୁବୁନ୍ ଏଠି ରହିବା ପରଠାରୁ ମୋତେ ଏମିତି ଆଦରି ଯାଇଛି ଯେ ଆଉ ନାନୀକୁ ଖୋଜୁନାହିଁ । ମୋ ହାତରେ ଖାଇବା, ମୋ ପାଖରେ ଶୋଇବା ଓ ମୋ ସାଙ୍ଗରେ ଖେଳିବା ଭିତରେ ସେ କେବେ ବି ଖୋଜୁନି ତା' ମାଆକୁ । ମୁଁ ଭାବୁଛି ତା'ର କିଛି ଅସୁବିଧା ହେବନି । ସେ ରହିଯିବ ଆମ ପାଖରେ ।

ସେବେ ଠାରୁ ବୁବୁନ୍ ରହିଯାଇଥିଲା ମୋ ପାଖରେ । ଛଅ ସାତ ମାସରୁ ଆସି ଛଅ ସାତ ବର୍ଷର ହେଲାଣି । ତା'ର ଦରୋଟି ହସଠାରୁ ଆଜିଯାଏ ତା' ଅଝଟ ପଣର ଅଦୌତିକୁ ସହି ଆସିଛି ମାଆ ପରି । ମୁଁ ତାକୁ ଜନ୍ମ ଦେଇନି ସତ ଅଥଚ ସେ ମୋତେ ଦେଇଛି ମାତୃତ୍ୱର ଅନୁଭବ । ଛୋଟବେଳେ ତାକୁ ଛାତିରେ ଶୁଆଇଦେଇ ନାନା ବାୟା ଶୁଣାଇବା ବେଳେ ଇଚ୍ଛା ହୁଏ ସଂଚରୀ ଯାଆନ୍ତାକି ମୋ ସ୍ତନରେ କ୍ଷୀର, ବୁବୁନ୍ ତାକୁ ଚୋଷି ଚୋଷି କରି ଦିଅନ୍ତି ନିଃଶେଷ । ଅନେକ ଥର ଏଇ ଚିନ୍ତା ମୋର ଅବଚେତନ ମନରୁ ଚାଲିଆସିଛି ସଚେତନ ମନକୁ । ସଚେତନ ମନକୁ ଏ ଚିନ୍ତା ପଶିବା କ୍ଷଣି ମୁଁ ପ୍ରକୃତିସ୍ଥ ହୋଇଯାଏ ଯେ ବୁବୁନ୍ ସଂଚରୀ ନାହିଁ ମୋ ଜରାୟୁରେ, କେବଳ ସଂଚରିଛି ମୋ ହୃଦୟରେ । ମୁଁ ତା'ର କୁମାରୀ ମାଆ । ତାକୁ ସ୍ତନ୍ୟପାନ କରାଇବାର ସୌଭାଗ୍ୟ ମୋର ନାହିଁ କିମ୍ବା ସେ ଅନୁଭବ ଟିକକ ସେ ମୋତେ ଦେଇପାରିବ ନାହିଁ ଚିରକାଳ ।

ମୋତେ ଲାଗୁଥିଲା ମୁଁ କେବଳ କାୟିକ ଭାବରେ ଚାଲିଆସିଛି ଶାଶୁ ଘରକୁ । ହେଲେ ମୋର ମନ ଓ ଆତ୍ମା ରହିଯାଇଛି ବୁବୁନ୍ ପାଖରେ । ବୁବୁନ୍ କଥା ଯେତେ ଯେତେ ଭାବୁଥିଲି, ସେତେ ସେତେ ଅସ୍ଥିର ହୋଇ ପଡୁଥିଲି ଭିତରେ ଭିତରେ । ଶାଶୁ ଘରେ ବାହାଘରଜନୀତ ଗହଳି ଚହଳି ନୂଆ ବୋହୂ ଦେଖିବାର ଭିଡ ଭିତରେ ସାମିଲ କରି ପାରୁନଥିଲି ନିଜକୁ । ତୁହାକୁ ତୁହା ଝଡି ବରଷା ଆସିବା ପରି ମୋ ଭିତରକୁ ଆସୁଥିଲା ଗୋଟିଏ ଚିନ୍ତା – ରାତି ବଢି ବଢି ଚାଲିଛି, ବୁବୁନ୍ ଏବେ କରୁଥିବ କ'ଣ ? ସେ ଶୋଇବ କେମିତି ? ନାନୀ କ'ଣ ତାକୁ ସମ୍ଭାଳି ପାରିବ ? ସେ କ'ଣ ଶୋଇପାରିବ ଆଜି ରାତିରେ ?

ରାତି ବଢି ବଢି ଚାଲିବା ସହ କମି କମି ଯାଉଥାଏ ଗହଳ ଚହଳ । କିଛି ସ୍ତ୍ରୀଲୋକ ଆସି

Digitized by PPRACHIN, SOA

ସଜାଇ ପକାଇଲେ ମୁଁ ବସିଥିବା ପଲଙ୍କକୁ । ସଜାଇଲେ ଦୀପ, ମଲ୍ଲୀଫୁଲ ବିଛାଇଲେ । ସେସବୁ କରୁଥିବା ସମୟରେ ବହୁତ କିଛି ଥଟ୍ଟାମଜା କଥା କହୁଥିଲେ । ହେଲେ ମୁଁ ସେମାନଙ୍କ କଥାରେ ନିଜକୁ ଆଦୌ ସାମିଲ କରିପାରୁ ନଥିଲି । ମୋର ମନ ଯାଇଥିଲା ବୁବୁନ୍ ପାଖରେ । ସବୁ ସଜାସଜି କରି ବାହାରିବା ବେଳକୁ ସେମାନେ କେବଳ କହିଲେ – ତମେ ଏବେ ଯାହା ଚିନ୍ତାରେ, ଆଉ ବ୍ୟସ୍ତ ହୁଅନି, ଆମେ ତାଙ୍କୁ ଧରି କରି ଆସୁଛୁ ।

ସେମାନେ ଯାଇଛନ୍ତି କି ନାହିଁ ପାଖ ଘରୁ ଛୁଆଟିଏ କାନ୍ଦିବାର ସ୍ୱର ଶୁଭିଲା । ତା'ର କାନ୍ଦଣା ମୋତେ ଲାଗିଲା ବୁବୁନ୍‌ର କାନ୍ଦଣା ପରି । ଇଚ୍ଛା ହେଉଥିଲା ଦଉଡି ଯାଇ କୋଳେଇ ନେବି ପିଲାଟାକୁ । ପରମୁହୂର୍ତ୍ତରେ ଭାବିଲି – ନା, ଏଇଟା ବାପ ଘର ନୁହେଁ, ଶାଶୁଘର । ନୂଆ ବୋହୂର ଏପରି କାର୍ଯ୍ୟକୁ ଦେଖିଲେ ଲୋକେ କ'ଣ ଭାବିବେ । ମନକୁ ବୁଝାଇ ଅଟକାଇ ଦେଲି ସତ, ହେଲେ ଅଟକାଇ ପାରିଲି ନାହିଁ ହୃଦୟକୁ । ଖୋଲିଲି ଗୋଟେ ବାକ୍‌ସ, ଯେଉଁଥିରେ ସାଇତି ରଖିଥିଲି ବୁବୁନ୍‌ର ଶୈଶବରୁ ଆଜିଯାଏର ଫଟୋସବୁ । ଆରେ ! ଇଏ କ'ଣ ଫଟୋ ସହ ବୁବୁନ୍‌ର କେତେ ହଳ ପୋଷାକ ଏଥିରେ କେମିତି ? ମନେ ପଡିଲା ମୁଁ ବାକ୍‌ସ ସଜାଡିବା ବେଳେ ବୁବୁନ୍ ଜିଦି କରୁଥିଲା – ମାମା ତମ ଶାଢୀ ସହ ମୋ ଡ୍ରେସ୍ ବି ରଖିଦିଅ । ଆମେ ଦୁହେଁ ଏଠାରୁ ଚାଲିଯିବା । ମୁଁ ତାକୁ ଥଟ୍ଟାରେ କହିଲି – ହଉ ଦେ, ତୋ ଡ୍ରେସ୍ ବି ରଖିଦେବି । ଦେଖତ, ସତକୁ ସତ ତା' ଡ୍ରେସ୍ କିପରି ଏଠାରେ ରହିଯାଇଛି ।

ଧୀରେ କରି ଉଠାଇଲି ବୁବୁନ୍‌ର ଡ୍ରେସ୍ । ଛାତିରେ ଜାବୁଡି ଧରିଲି ସବୁ ଡ୍ରେସ୍‌କୁ । ବୁବୁନ୍‌ର ଡ୍ରେସ୍‌ରୁ ମଧ ମୁଁ ବାରି ପାରିଲି ତା'ର ବାସ୍ନା । ମୁଁ ଭୁଲିଗଲି ନିଜକୁ । ମୁଁ ଶୁଙ୍ଘି ଚାଲିଥିଲି ତା'ର ଡ୍ରେସ୍‌କୁ ଓ ଅନୁଭବ କରୁଥିଲି ତାକୁ । ଏମିତି ଭାବରେ କେତେ ସମୟ ଯାଇଛି ମୁଁ ଜାଣେନା । ପ୍ରକୃତିସ୍ଥ ହେବା ବେଳକୁ ଦେଖିଲି ମୋ ସ୍ୱାମୀ ଠିଆ ହୋଇଛନ୍ତି ମୋ ସାମ୍ନାରେ । ତାଙ୍କୁ ଦେଖି ମୁଁ ଫେରି ଆସିଲି ମୋର ସ୍ୱାଭାବିକତାକୁ ।

ବାସର ରାତିର ଔପଚାରିକତା ପରେ କିଛି କ୍ଷଣ ମଧୁର ଆଳାପ । ଆଳାପରୁ ଆଲିଙ୍ଗନ, ଆଲିଙ୍ଗନରୁ ଚୁମ୍ବନ । ଆଲୋକ ହେଲା ନିର୍ବାପିତ । ଜଳୁଥିବା କେବଳ ବାସର ପ୍ରଦୀପ । ସ୍ତିମିତ ଆଲୋକ ଭିତରେ ସରୀସୃପ ପରି ଖେଳି ବୁଲୁଥିଲା ଦୁଇଟି ହାତ । ଘନ ଘନ ଖର ନିଶ୍ୱାସରେ ଦୁଇଟି ଥରିଲା ଥରିଲା ଓଠ ଚୁମି ଯାଉଥିଲା ମୋର ଆଖି, ନାକ, ଗ୍ରୀବା ଓ ସ୍ତନାଗ୍ର । ଧୀରେ ଧୀରେ ଓଠଟି ସ୍ଥିର ହୋଇଗଲା ସ୍ତନାଗ୍ରରେ । ଆରମ୍ଭ ହେଲା ଚୁମ୍ବନରୁ ଚୋଷଣ ।

ଇଏ କ'ଣ ? ଛାଇ ଆଲୁଅ ଭିତରେ ମୁଁ ଯାହାକୁ ଦେଖୁଥିଲି, ସେ ମୋର ସ୍ୱାମୀ ନୁହେଁ ବୁବୁନ୍ । ସାତ ଆଠ ମାସର ବୁବୁନ୍ । ଗୋଟିଏ ସ୍ତନ ପାଟିରେ ଓ ଆରିଟିକୁ ହାତରେ ଧରି ଚାହିଁଛି ମୋ ମୁହଁକୁ । ମୋ ଭିତରେ ସଂଚରି ଯାଉଛି ମାତୃତ୍ୱର ଆବେଗ । ପରମ ତୃପ୍ତିରେ ଭରି ଯାଉଛି ପ୍ରାଣ । ତରଳି ଯାଉଛି ମୋର କୁମାରୀତ୍ୱର ବରଫ – ରତିତୃଷ୍ଣାରେ ନୁହେଁ ମାତୃତ୍ୱର ଆବଗରେ । ସେହି ଆବେଗ ସ୍ପନ୍ଦିତ ମୁହୂର୍ତ୍ତଟିକୁ ବୋଧେ ମୋର ଅପେକ୍ଷା ଥିଲା ଆଜିଯାଏ । ଗୋଟେ ଅନନୁଭୂତ

Digitized by PPRACHIN, SOA

ଶିହରଣରେ ପୁଲକିତ ହୋଇ ଉଠୁଥିଲା ପ୍ରାଣ । ଗୋଟେ ପୁଲକିତ ଉଚ୍ଚାଟରେ ହଜି ହଜି ଯାଉଥିଲା ଚେତା । ସେହି ଚେତା ହଜିବାର ଅନୁଭବଟି ଏତେ ସୁଖକର ଥିଲା ଯେ ହେଉନଥିଲା ଫେରିଯିବାକୁ ଚେତନ ଅବସ୍ଥାକୁ ।

ଧୀରେ ଧୀରେ କମି କମି ଆସୁଥିଲା ଦୀର୍ଘଶ୍ୱାସ । କୋହଳ ପଡି ଆସୁଥଲା ଓଠ ଓ ହାତର ବନ୍ଧନ । ଝଡ ପରର ପ୍ରକୃତି ପରି ଦେହ ଲାଗୁଥିଲା ଅସାଡ-ଅସାଢ । ସ୍ୱାଭାବିକ ଅବସ୍ଥାକୁ ଫେରିବା ପରେ ଦେଖିଲି ମୋ କୋଳରେ ମୁଣ୍ଡ ରଖି ଶୋଇଯାଇଛନ୍ତି ସେ । ତାଙ୍କ ମୁଣ୍ଡର ବାଳକୁ ସାଉଁଳଉ ସାଉଁଳଉ ମୋ ପାଟିରୁ ବାହାରି ପଡିଲା – ଆହାଃ ବୁବୁନ୍ । କେତେ ଯୁଗରୁ ମୋର ଅପେକ୍ଷା ଥିଲା ଏହି ମୁହୂର୍ତ୍ତଟିକୁ ? କେତେ ଯୁଗରୁ ?

□

Digitized by PPRACHIN, SOA

ବିଲେଇ

ଧୂ-ଧୂ ଖରାବେଳ । ଡ୍ରଇଂ ରୁମ୍‌ରେ ବସି କବିତା ଲେଖାରେ ମଗ୍ନ ଥିଲେ ବ୍ରଜବାବୁ । ମନେ ପକାଉଥିଲେ ପିଲାଦିନର ଖରାବେଳକୁ । ନା-ଗାଁରେ ସେତେବେଳେ ଇଲେକ୍ଟ୍ରି ଥିଲା, ନା ପଙ୍ଖା, ନା କୁଲର୍ । ହାତ ତିଆରି ବରଡା ପତ୍ରର ବିଚଂଣା କେବଳ ସାହା ଥିଲା ଉପକୂଳିଆ ଗୁଡିଗୁଳି ଓ ଗରମ ପାଇଁ । ଘରେ ରହି ନପରି କେହି କେହି ଚାଲିଯାଆନ୍ତି ଆମ୍ବତୋଟା ଅବା ଗାଆଁ ମୁଣ୍ଡ ବରଗଛ ତଳକୁ କାଖରେ ସଉପ ଜାକି, ଅସହଣି ଖରାବେଳ ଲାଗୁଥିଲା ଅସରନ୍ତି ସେତେବେଳେ । ଗରମ ସାଙ୍ଗକୁ ଗୁଳ୍‌ଗୁଳି ପାଇଁ ଦେହସାରା ଫୁଟି ଉଠୁଥିଲା ଘିମିରି । ବଡମାନଙ୍କ ଆକଟରେ ଖରାକୁ ନ ବାହାରିବା ପାଇଁ ସଉପ ଉପରେ ମୁହଁ ମାଡି ଶୋଉ ଶୋଉ, ସେମାନେ ଆଖି ବୁଜିବା କ୍ଷଣି ଘରୁ ବାହାରି ଆମ୍ବତୋଟା କିମ୍ବା ନଈ କୂଳର ତରଭୁଜ ପାଳରେ ହାଜର ହୋଇ ଯାଉଥିଲେ ସିଏ ଓ ତାଙ୍କ ସମବୟସୀ ସାଥୀମାନେ । କା' ବାଡିରୁ ଆମ୍ବଚୋରି ତ କାହା ପାଳରୁ ତରଭୁଜ ଓ ଫୁଟି କାକୁଡି ଚୋରିରେ ବିତୁଥିଲା ଖରାବେଳ ।

ଏବେ ହଜିଲା ଅତୀତର ଖରାବେଳକୁ ସହରୀ ଜୀବନର ସ୍ୱାଚ୍ଛନ୍ଦ ଭିତରେ ମନେ ପକାଇ ପାରୁଥିଲେ ମଧ୍ୟ ସେ ଅନୁଭୂତିକୁ ଶବ୍ଦରେ ତୋଳିବା ପାଇଁ ଶବ୍ଦ ଖୋଜି ପାଉ ନଥିଲେ ସେ । ଓଠରେ କଲମ କାମୁଡି ଅଟକି ଯାଉଥିଲେ ଶବ୍ଦଟିଏ ପାଖରେ । ହଠାତ୍ ଗୋଟିଏ କ୍ଷୀଣ ସ୍ୱରର ମ୍ୟାଉଁ ମ୍ୟାଉଁ ତାଙ୍କର ଧ୍ୟାନ ଭଂଗ କଲା, ଅଥଚ ପ୍ରଥମେ ପ୍ରଥମେ ସେ ଶବ୍ଦଟି ଉପରେ ସେ

Digitized by PPRACHIN, SOA

ଗୁରୁତ୍ୱ ନଦେଇ ଧ୍ୟାନମଗ୍ନ ରହିଥିଲେ ଶବ୍ଦ ସନ୍ଧାନରେ । ଶବ୍ଦଟି କ୍ରମଶଃ ପ୍ରବଳରୁ ପ୍ରବଳତର ହେଲା । ନିଜର ଧ୍ୟାନଭଗ୍ନ ହେଉଥିବାରୁ ସେ ବିରକ୍ତ ହୋଇ ହେସ୍-ହେସ୍ କହିବାରୁ ଦ୍ୱାରର ପରଦା ତଳୁ ଘର ଭିତରକୁ ଆଗମନ ହେଲା ଏକ କୁନି ଅତିଥିର ।

ସେ ଅବାଞ୍ଛିତ ଅତିଥିଟିକୁ ଘରୁ ତଡିବାକୁ ଚେଷ୍ଟା କଲାବେଳକୁ ସେ ପଶିଗଲା ତାଙ୍କର ପଲଙ୍କ ତଳକୁ । ସେ ଖୋଜିଲେ ବାଡିଟିଏ ତାକୁ ଖେଂଚି ବାହାର କରିବାକୁ । ଏତେ କୋମଳ ଓ କୁନିଥିଲା ଯେ ଅତିଥିଟି, ତା' ଦେହରେ ଯେମିତି କୌଣସି ଚୋଟ୍ ନବାଜେ ସେଥିପ୍ରତି ଯଥେଷ୍ଟ ସତର୍କ ହୋଇ ସେ ତାକୁ ଖେଂଚୁ ନ ଥିଲେ ହୁରୁଡାଇ ଥିଲେ କେବଳ । ମାତ୍ର ତାଙ୍କ ଘରେ ଆସ୍ଥାନ ଜମାଇବାକୁ ସେ ଯେପରି ବଦ୍ଧପରିକର ହୋଇ ଆସିଥିଲା । କେବଳ କ୍ଷୀଣ ଭାବରେ ମ୍ୟାଉଁ-ମ୍ୟାଉଁ ଶବ୍ଦ କରି ସେ ଯେମିତି କହୁଥିଲା ମୋତେ ରଖ, ମୋତେ ରଖ । ତା' ଶବ୍ଦର କାତରତା ଅବା ଶରଣାର୍ଥୀକୁ ଆଶ୍ରୟ ଦେବା ନ୍ୟାରେ ସେ ମନେ ମନେ ଭାବିଲେ, ରହୁ, କୁନି ଛୁଆଟିଏ ଯିବ କୁଆଡେ । ମନେ ପଡିଲା ବ୍ରଜବାବୁଙ୍କର କେଉଁ ଗୋଟେ ବହିରୁ ପଢିଥିଲେ ଯେଉଁଥିରେ ଶ୍ରୀମା ଶ୍ରଦ୍ଧାଳୁମାନଙ୍କର ପ୍ରଶ୍ନର ଉତ୍ତର ଦେଉଥାଆନ୍ତି । ଜଣେ ପ୍ରଶ୍ନକର୍ତ୍ତାଙ୍କର ପ୍ରଶ୍ନଥିଲା – ବିଲେଇ ରାସ୍ତା କାଟିଲେ ଆମେ ଗାଡି ବନ୍ଦକରି କିଛି ସମୟ ସ୍ଥିର ରହି ଯାଉ କାହିଁକି ? ଏହା କ'ଣ ଅନ୍ଧବିଶ୍ୱାସ ? ଏ ପ୍ରଶ୍ନର ଉତ୍ତରରେ ଶ୍ରୀମା କହିଥିଲେ – ବିଲେଇ ହେଉଛି ଏମିତି ଏକ ଜୀବ ଯାହା ଉପରେ ଅଶରୀର ଆତ୍ମାମାନେ ଖୁବ୍ ସହଜରେ ସବାର ହୋଇ ପାରନ୍ତି । ମଣିଷ ପାଖକୁ କୌଣସି ବାର୍ତ୍ତା ନେଇ ଆସିବାକୁ ଅଶରୀର ଆତ୍ମାମାନେ ବିଲେଇକୁ ପ୍ରକୃଷ୍ଟ ମାଧ୍ୟମ ବୋଲି ଭାବନ୍ତି ।

ବ୍ରଜବାବୁ ଭାବିଲେ ହୁଏତ କୌଣସି ଅଶରୀର ଆତ୍ମା ତାଙ୍କ ପାଖକୁ କୌଣସି ମହତ୍ତର ଉଦ୍ଦେଶ୍ୟରେ ବିଲେଇ ମାଧ୍ୟମରେ ଆସିଥାଇ ପାରନ୍ତି । ହଉ, ତା'ର ଯାହା ବାର୍ତ୍ତା ଦେବାର ଅଛି ଦେଉ, ଦେଇ ସାରିଲେ ସେ ବଳେ ଚାଲିଯିବ । ମୋତେ ଏବେ ମୋ ନିଜ କାର୍ଯ୍ୟ କରିବାର ଅଛି । ଅଟକି ଯାଉଥିବା ଶବ୍ଦ ପାଖକୁ ସେ ଫେରିଲେ ପୁନଶ୍ଚ । ସେ ଶବ୍ଦକୁ ଖୋଜିବା ଭିତରେ ଏତେ ମଗ୍ନଥିଲେ ଯେ ଭୁଲି ଯାଇଥିଲେ ବିଲେଇଛୁଆଟି ଏବଂ କୋଠରି ଭିତରେ ତା'ର ଉପସ୍ଥିତିକୁ ।

ଶବ୍ଦମଗ୍ନ ଅବସ୍ଥାରେ କେତେ ସମୟ ଗଲାଣି ଜାଣିପାରୁ ନ ଥିଲେ ବ୍ରଜବାବୁ । ତାଙ୍କ ପାଦରେ ଏକ କୋମଳ ସ୍ପର୍ଶରେ ତାଙ୍କର କଟିଗଲା ଶବ୍ଦମଗ୍ନତା । ଟେବୁଲ ତଳକୁ ଚାହିଁ ଦେଖିଲେ ବିଲେଇ ଛୁଆଟି ଚାଟୁଛି ତାଙ୍କ ପାଦର କନିଷ୍ଠ ଆଙ୍ଗୁଳିଟିକୁ । ମନେ ମନେ ଭାବିଲେ ମାଆକୁ ଛାଡି ଆସିଥିବା ଏ କୁନି ଛୁଆଟିର ଓଠ ଖୋଜୁଛି ମାଆର ସ୍ତନାଗ୍ର । ସେ କେବଳ ଭୋକିଲା ନ ଥିବ ଏ ପ୍ରଚଣ୍ଡ ଖରାରେ ଶୋଷିଲା ମଧ୍ୟ ଥିବ । ହଠାତ୍ ତାଙ୍କ ଭିତରେ ସେ ଛୁଆଟି ପ୍ରତି ଦୟା ଜାତ ହେଲା, ଅସମ୍ଭବ ଦୟା । ଭାବିଲେ ଏ ଅସମୟରେ ଏ ଛୋଟ ଛୁଆଟିକୁ କ'ଣ ଖାଇବାକୁ ଦିଆଯାଇପାରେ । ପଶିଲେ ରୋଷେଇ ଘରକୁ । କ୍ଷୀର ହାଣ୍ଡିରୁ ଗୋଟିଏ ଗିନାରେ କିଛି କ୍ଷୀର ଆଣି ରଖିଲେ ତା' ସାମ୍ନାରେ । ଉଭୟ କ୍ଷୁଧା ତୃଷାରେ ଆତୁର ଥିବା ଛୁଆଟି ତା'ର କୁନି ଜିଭରେ

Digitized by PPRACHIN, SOA

ଋଟିନେଲା କ୍ଷୀରଟକ । ଭୋକ ଓ ଶୋଷ ଉଭୟ ମରିଯିବା ପରେ ସେ ପୁନଶ୍ଚ ଶୋଇ ପଡ଼ିଲା ତାଙ୍କ ଟେବୁଲ ତଳେ ।

ଖରା ଗଡ଼ି ଅପରାହ୍ନ ହେଲା । ନିଦ୍ରା ତେଜି ପତ୍ନୀ, ବ୍ରଜବାବୁଙ୍କ ପଢ଼ା ରୁମ୍‌କୁ ଆସି କହିଲେ – କି କବିତା ଲେଖୁଛ ? ଏତେବଡ ଖରାବେଳଟା ସାରା ବସି ରହିଛି ପଢ଼ାଟେବୁଲ ପାଖରେ ? ଏହି ସମୟରେ କୁନି ବିଲେଇଟି ନିଦ ଭାଙ୍ଗିବାରୁ ସେ ମ୍ୟାଉଁ-ମ୍ୟାଉଁ ହେଲା । ସେ ଶବ୍ଦ ଶୁଣି ଚହିଁକି ଉଠି ବ୍ରଜବାବୁଙ୍କ ପତ୍ନୀ କହିଲେ – ଏ ଘରେ ବିଲେଇ ଛୁଆଟେ ପଶିଛି ନା କ'ଣ ! ଆଣ୍ଠେଇ ପଡ଼ି ଋହିଁଲେ ଖଟତଳ ଓ ଟେବୁଲ ତଳକୁ । ଆରେ ତମ ପଢ଼ା ଟେବୁଲ୍ ତଳେ ଶୋଇଛି ଏ ବିଲେଇ ଛୁଆଟି, ତମେ ଦେଖିନ ନା କ'ଣ ?

ଦେଖିଛି, ଦେଖିଛି ।

ଦେଖିଛ ଯଦି ତାକୁ ବାହାର ନକରି ରଖିଛ କାହିଁକି ? କୁଆଡେ ଗଲା ବାଡ଼ି । ସେ ଛୋଟ ବାଡ଼ି ଖଣ୍ଡେ ଧରି ତାକୁ ହୁସ୍ ହୁସ୍ କରିବାକୁ ଯାଉଛନ୍ତି । ଦେଖିଲେ ତା' ଆଗରେ ଥୁଆ ହୋଇଛି ଛୋଟ ଗିନାଟିଏ । କ'ଣ ତାକୁ କ୍ଷୀର ଫାର ଆଣି ପିଆଇଛ ନା କ'ଣ ?

ନିଆଶ୍ରୀ ଛୁଆଟା ଖରା ସହି ନପାରି ଭୋକ ଶୋଷରେ ଆଉଟୁ ପାଉଟୁ ହୋଇ ଘର ଭିତରକୁ ପଶି ଆସିଲା । ମୁଁ ଯେତେ ଗୋଡାଇଲେ ବି ଗଲାନି । ହଉ ଥାଉ ଥାଉ ଭାବି ମୁଁ ମୋ ପଢ଼ାରେ ମନ ଦେଇଛି କି ନାହିଁ କିଛି ସମୟ ପରେ ଦେଖିଲି ସେ ଚୁଚୁମୁଛି ମୋ ଗୋଡ଼ର ଆଙ୍ଗୁଳିକୁ ।

ସେଇଠୁ ତମେ ଦୟା ପାଇ ଘରୁ କ୍ଷୀର ଆଣି ତାକୁ ପିଆଇଲ ନୁହେଁ ?

ହଁ –

ହଉ ପିଆଇଲ ପିଆଇଲ ଭଲ କଲ । ଏବେ ତା' ମାଆକୁ ଖୋଜି ତା' ପାଖରେ ଛାଡ଼ି ଦେଇ ଆସ, ଯଦି ତା' ମାଆକୁ ନ ପାଅ ବି ବଜାରରେ ଛାଡ଼ିଦେବ । ତମେ ତ ଜାଣ ବିଲେଇ କୁକୁରଙ୍କ ଛାଇ ବି ଘରେ ପଡ଼ିବା ମୋର ପସନ୍ଦ ନୁହେଁ ।

ମୁଁ ତା' ମାଆକୁ ଏବେ ଖୋଜିବି କେଉଁଠି ? ଏତେ ଛୋଟ ଛୁଆଟାକୁ ମୁଁ କେଉଁ ଭରସାରେ ବଜାରରେ ଛାଡ଼ିଦେବି ? ତାକୁ ବଜାରରେ ଛାଡ଼ିଦେବା ଯାହା ମାରିଦେବା ମଧ୍ୟ ସେଇଆ । ବିଲେଇକୁ ମାରିବା ଭଳି ମହାପାପ ମୁଁ କେମିତି କରି ପାରିବି ।

ମୁଁ ତ ତମକୁ ତାକୁ ମାରିବାକୁ କହୁନି, ଛାଡ଼ି ଦେଇ ଆସିବାକୁ କହୁଛି ।

ସେଇ ଏକ କଥା ନୁହେଁ କି ?

ଆଉ କ'ଣ ତମେ କହୁଛ ଏହାକୁ ଘରେ ରଖି ପାଳିବ ବୋଲି ?

ମୁଁ ପାଳିବା କଥା କହୁନି, ଜୀବନ ରକ୍ଷା ପାଇଁ ଘରକୁ ପଶିଆସିଥିବା ଏକ ନିରୀହ ଜୀବକୁ ରଖିବା ଆମ୍ଭର ଦାୟିତ୍ୱ କି ନୁହେଁ ।

Digitized by PPRACHIN, SOA

ରଖ ତମ ତମର ଦାୟିତ୍ୱ କଥାକୁ । ଭଲରେ କହି ଦେଉଛି ବିଲେଇ ଫିଲେଇକୁ ମୁଁ ଘରେ ଆଦୌ ରଖେଇ ଦେବିନି ।

ହଉ ତାକୁ ଘରେ ରଖିବାନି । ମୁଁ ତା' ପାଇଁ ଗୋଟିଏ ସ୍ୱତନ୍ତ୍ର ବ୍ୟବସ୍ଥା କରିବି, ତମର ବ୍ୟସ୍ତ ହେବାର ନାହିଁ ।

କ'ଣ ତା' ପାଇଁ ଗୋଟେ ଘର ତିଆରି କରି ଦେବନା କ'ଣ ? ନିଜ ମୁଣ୍ଡ ଗୁଂଜିବାକୁ ତ ଘର ଖଣ୍ଡେ କରିପାରିଲନି ଆସି ଚାକିରି ସରିବାକୁ ବସିଲାଣି, କହିଲେ କ'ଣ ନା ବିଲେଇ ପାଇଁ ଗୋଟେ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ ! ହଉ ତମେ ଯାହା କରୁଛ କର, ସେ ଯେମିତି ମୋ ରୋଷେଇ ଘର କି ଠାକୁର ଘରେ ନପଶେ ।

ଧମକ ଦେଇ ପତ୍ନୀ ଚାଲିଯିବା ପରେ ବ୍ରଜବାବୁ ଲାଗିପଡିଲେ ତା' ପାଇଁ ଗୋଟେ ବ୍ୟବସ୍ଥା କରିବାକୁ । ଗ୍ୟାରେଜ୍ ଘର ଦେଇ ଛାତକୁ ଯାଇଥିବା ଶିଡି ତଳେ ବିଛାଇଲେ ଅଖା । ତାକୁ ନେଇ ସେଠି ଛାଡି ଦେଇ କହିଲେ – ଆଜିଠୁ ତୁ ଏଇଠି ରହିବୁ । ଏଇଠି ଖାଇବୁ । ହଁ, ଦେଖ, ଘର ଭିତରକୁ କେବେ ପଶିବୁ ନାହିଁ । ପଶିଲେ ମୋ ପଢା ଘରଯାଏ, ରୋଷଇ ଘର କି ପୂଜା ଘରକୁ ଜମା ନୁହେଁ ।

ବିଲେଇ ପାଇଁ ଅଣାଗଲା ଅଲଗା ଗିନା, ସେ ପିଇବ କ୍ଷୀର । ତା' ପାଇଁ ବରାଦ କରାଗଲା ଅଲଗା କ୍ଷୀର । ଚନ୍ଦ୍ରକଳା ପରି ବଢୁଥିଲା ସିଏ । ଧୀରେ ଧୀରେ ଖାଇଲା ଭାତ । ହେଲେ ସମସ୍ୟା ଥିଲା ବିଲେଇଙ୍କ ପ୍ରତି ଅସମ୍ଭବ ଘୃଣା ଥିବାରୁ ପତ୍ନୀ କୌଣସି ଦାୟିତ୍ୱ ନେଲେ ନାହିଁ, ବରଂ ବ୍ରଜବାବୁଙ୍କ ଉପରେ ଗରଗର ହେଉଥିଲେ ତାଙ୍କର ଏ ଅସମ୍ଭବ ବିଲେଇ ପ୍ରୀତି ଦେଖି ।

ବିଲେଇକୁ ନେଇ ଘରେ ଅଯଥା କଳହ ସୃଷ୍ଟି ନ କରିବାକୁ ମନସ୍ଥ କରି ବ୍ରଜବାବୁ ତା'ର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେଇଗଲେ । ଅଫିସ୍‌ରୁ ଘରକୁ ଫେରିବା ବେଳକୁ ତା' ପାଇଁ କ୍ଷୀର, ଅଫିସ୍ ପାଖ ଝୁମ୍ପୁଡି ହୋଟେଲରୁ ତା' ପାଇଁ ଭାତ ଓ ମାଛ ଟିକେ ଧରି ପ୍ରତ୍ୟହ ଧରି ଆସନ୍ତି ।

ଧୀରେ ଧୀରେ ବିଲେଇଟି ପାଲଟି ଯାଇଥିଲା ତାଙ୍କ ଦୈନନ୍ଦିନ ଜୀବନର ଏକ ସାଥୀ । ସେ ଅଫିସ୍‌ରୁ ଘରକୁ ଫେରିବା କ୍ଷଣି ଯୁଆଡେ ଥିଲେ ବି ଧାଇଁ ଆସିବ ତାଙ୍କ ପାଖକୁ । ଘୁରୁ-ଘୁରୁ ହୋଇ ତାଙ୍କ ଚାରିପେଟ ଘୂରିଘୂରି ଗେଲ ହେବ ! କୋଳରେ ଶୋଇବ । ସେ ଆଣିଥିବା ଖାଦ୍ୟ ନଦେବା ଯାଏ ଛାଡିବନି ପାଖ । ତାଙ୍କ ଆସିବାର ଖବର ପାଇ ପତ୍ନୀ ଡ୍ରଇଂ ରୁମ୍‌କୁ ଆସିବା କ୍ଷଣି ବିଲେଇଟି ତତ୍‌କ୍ଷଣାତ୍ ନିଷ୍କ୍ରାନ୍ତ ହୋଇଯାଏ ସେଠାରୁ । ହଠାତ୍ ପଡିଯାଏ ତା' ଆନନ୍ଦରେ ଭଙ୍ଗା ।

ଛୁଟିଦିନ, ରବିବାର ଇତ୍ୟାଦିରେ ବ୍ରଜବାବୁ ଘରେ ଥିବାବେଳେ ବିଲେଇଟିର ଆନନ୍ଦ କହିଲେ ନସରେ । ନସର ପସର ହେଇଥିବ ତାଙ୍କ ଚାରିପଟେ ! ବ୍ରଜବାବୁ ବଗିଚାରେ ଫୁଲ ଗଛରେ ପାଣି ଦେଉଥିବା ବେଳେ ସେ ବୁଲୁଥିବ ପଛେପଛେ । ଇଜି ଚେୟାରରେ ବସି ଖବରକାଗଜ ପଢିବା

Digitized by PPRACHIN, SOA

ବେଳେ, ସେ ଶୋଇ ରହିବ ଚେୟାର ତଳେ । ସେ ଲେଖାଲେଖି କରିବାକୁ ତାଙ୍କ ଟେବୁଲ୍ ପାଖରେ ବସିବା କ୍ଷଣି ସେ ଏକ ବିଚିତ୍ର ଭଂଗୀରେ ଗୋଟେ ଗୋଡ ଉପରେ ମୁଣ୍ଡ ଥୋଇ ଉପରକୁ ଚାହିଁ ଶୋଇବ । ବ୍ରଜବାବୁ ତା'ର ଶୋଇବା ଭଙ୍ଗୀକୁ ବହୁତ ଥରି ନିରିଖେଇ ଦେଖନ୍ତି । ତାଙ୍କୁ ଲାଗେ ପିଲାବେଳେ ରାତିରେ ଲଣ୍ଠନ ଆଲୁଅରେ ପାଠ ପଢୁଥିବା ସମୟରେ ବୋଉ ଯେପରି ମୁଣ୍ଡତଳେ ହାତ ଦେଇ ଶୂନ୍ୟକୁ ଚାହିଁ ଶୋଇ ରହେ, ଠିକ୍ ସେମିତି ବିଲେଇଟି ଶୋଉଛି । ଅନେକଥର ତ ଭାବିଛନ୍ତି ବୋଉ ଆଉ ବିଲେଇ ରୂପରେ ତାଙ୍କ ପାଖକୁ ଆସି ଯାଇନି ତ !

ବ୍ରଜବାବୁଙ୍କ ବିଲେଇ ସଉକ ଦେଖି ତାଙ୍କ ପତ୍ନୀ ଗଭୀର ଅସନ୍ତୁଷ୍ଟ ହୋଇଛନ୍ତି । କୁକୁର, ବିଲେଇ ଇତ୍ୟାଦି ପ୍ରାଣୀଙ୍କ ପ୍ରତି ତାଙ୍କର ପ୍ରଚୁର ଘୃଣା ଯୋଗୁଁ, ସେ ଚାହୁଁ ନଥିଲେ ଯେ ବିଲେଇଟି ନସର ପସର ହେଉ ତାଙ୍କ ଘର ଭିତରେ । ଏତଦ୍‌ବ୍ୟତୀତ ତାଙ୍କ ଅବଚେତନ ଭିତରେ ଆଉ ଗୋଟେ ଅନ୍ଧବିଶ୍ୱାସ ବସା ବାନ୍ଧିଥିଲା ଯେ ବିଲେଇଗୁଡା ଆଣ୍ଠୁକୁଡା କୋଳକୁ ଆଦରନ୍ତି । ପିଲାମାନେ ପାଠପଢା ନେଇ ବାହାରେ ରହୁଛନ୍ତି, ଆଜିକାଲି ବେଳକାଳ ଯେମିତି କେତେବେଳେ କ'ଣ ହେବ କିଏ ଜାଣେ ? ନିଜ ମନର ଅଶୁଭ ଚିନ୍ତା ଓ ଭାବନାକୁ ସେ ଯଦିଓ ବ୍ୟକ୍ତ କରି ପାରନ୍ତି ନାହିଁ ବ୍ରଜବାବୁଙ୍କ ଆଗରେ କିନ୍ତୁ ବିଲେଇ ପ୍ରତି ଅସହଣୀ ଭାବ ଦେଖାଇବାରେ କାର୍ପଣ୍ୟ କରନ୍ତି ନାହିଁ । ସେ ବହୁତଥର ତାଙ୍କୁ କହନ୍ତି – ହେଲା, ଅତି ଛୋଟ ଥିଲା ବାହାରେ ଛାଡି ଦେଇଥିଲେ ମରିହଜି ଯାଇଥାଆନ୍ତା ବୋଲି ଭୟରେ ତାକୁ ପାଳିଲ । ଏବେ ତ ବଡ ହୋଇଗଲାଣି, ନେଇ ଯାଅ ଘରଠାରୁ ଦୂରରେ ତାକୁ ଛାଡି ଦେଇ ଆସ, ଆଉ ଯେମିତି ସେ ଏଠାକୁ ଆସି ନପାରେ ।

ପତ୍ନୀଙ୍କ କଥା ଶୁଣି ବ୍ରଜବାବୁ କହନ୍ତି – ଭଲା କଥାତ ତମେ କହୁଛ ? ଗୋଟିଏ ଜୀବକୁ ପିଲାବେଳୁ ମୁଁ ପାଳିଛି । ନିଜ ପିଲାଙ୍କ ପରି ସେ ଆଦରିଛି ମୋତେ । ଏତେ ବଡ ହୋଇଗଲାଣି ବୋଲି ତାକୁ କିପରି ଛାଡିଦେବି ବାହାରେ । ଦେଖିବାକୁ ଗଲେ ସେ ତ ତମର କିଛି ଅସୁବିଧା କରୁନି କି ତୁମକୁ କିଛି ହଇରାଣରେ ପକାଉନି । ତମେ ତ ଆଜିଯାଏ ତା'ର କୌଣସି ଦାୟିତ୍ୱ ନେଇନ । ତମ ରୁଚିକୁ ସମ୍ମାନ ଦେଇ ରଖିବା ଦିନଠାରୁ ଆଜିଯାଏ ତା'ର ଖାଇବା ପିଇବା ଦାୟିତ୍ୱ ମୁଁ ନେଇଛି । ଦେଖ, ପଶୁହେଲେ ବି ମୁଁ ତାକୁ ବୁଝାଇ ଦେଇଛି ଯେ ଗ୍ୟାରେଜ୍ ଓ ମୋ ପଢାଘର ବ୍ୟତୀତ ସେ ଆଉ କେଉଁଠିକୁ ନଯିବା ପାଇଁ । କହିପାରିବ କେବେ ସେ ପଶିଛି ତମ ପୂଜା ଘରକୁ ନା ରୋଷେଇ ଘରକୁ ? ତମ ବେଡ୍ ରୁମ୍‌କୁ ମଧ୍ୟ କେବେ ଯାଇନି । ନିରୀହ ପ୍ରାଣୀଟିଏ – ତା' ପ୍ରତି ତମର ଏତେ ଅସହିଷ୍ଣୁଭାବ କାହିଁକି ?

ବିଲେଇ ପାଳିବା ଭଲ ନୁହେଁ, ଏଇଥି ପାଇଁ ।

କିଏ ତମକୁ ଏ ବୁଦ୍ଧି ଶିଖାଇଲା ? ପଚାରିଲେ ବ୍ରଜବାବୁ ।

କ'ଣ ଭଲ ନୁହେଁ କହିଲ ?

କହିଲିତ ଭଲ ନୁହେଁ – କ'ଣ ଭଲ ନୁହେଁ କାହିଁକି ପଚାରୁଛ ?

Digitized by PPRACHIN, SOA

ହଉହେଲା, ମୁଁ ତମ ଅନ୍ଧବିଶ୍ୱାସକୁ ସମ୍ମାନ ଦେଉଛି । ହେଲେ ତାକୁ ପାଳିଛି କିଏ ? ସିଏ ତ ଏ ଘରକୁ ବଳେ ବଳେ ଆସିଥିଲା । ଗୋଟିଏ ଜୀବ ଯଦି ବଳେ ବଳେ ଆସେ ଏବଂ ତାକୁ ବଞ୍ଚାଇ ରଖିବାକୁ ଯଦି ଆମେ ସାମାନ୍ୟ କିଛି ଖାଦ୍ୟ ଦେଇଦେଉଁ, ତାହାହେଲେ କ'ଣ ଏଇଟା ତାକୁ ପାଳିବା ହେଲା । ନା ଆମେ ତାକୁ କେବେ ଗାଧୋଇ ଦେଉଛନ୍ତି ନା ଡାକ୍ତର ଦେଖାଇ ତା' ଭଲ ମନ୍ଦ ପାଇଁ ଔଷଧ ଦେଇଛନ୍ତି, କ'ଣ କରିଛନ୍ତି ଯେ ତା' ପାଇଁ ଆମେ ତାକୁ ପାଳିଛନ୍ତି ବୋଲି କହିବା । ବରଂ ଏତିକି କୁହାଯାଇପାରେ ଅନ୍ୟମାନଙ୍କ ଘରେ ନ ପାଳିକି ବି ଯେମିତି ବିଲେଇ କୁକୁର ରହିଯାଆନ୍ତି, ଇଏ ବି ଆମ ଘରେ ସେମିତି ଅଛି ।

ତମସହ ଯୁକ୍ତି କରି କିଏ ପାରିଲାଣି ନା ପାରିବ । ତମକୁ କହିବ କିଛି ଲାଭ ନାହିଁ, ମୁଁ ତା' ବ୍ୟବସ୍ଥା ନିଜେ କରିବି କହି ଗରଗର ହୋଇ ଚାଲିଗଲେ ପତ୍ନୀ ।

ପତ୍ନୀଙ୍କ ଉପସ୍ଥିତି ସମୟରେ ବିଲେଇଟି ବୋଧହୁଏ ଅତି ସନ୍ତର୍ପଣରେ ପଲଙ୍କ ତଳେ ଲୁଚିଥିଲା, ସେ ଯେମିତି ଚାଲିଯାଇଛନ୍ତି, ସେମିତି ଧୀରେ ଧୀର ବାହାରିଲା ଖଟତଳୁ । ଧୀରେଧୀରେ ବ୍ରଜବାବୁଙ୍କ ପାଦ ପାଖକୁ ଆସି ଅତି ସୁଧାର ଭାବରେ ଚାଟିଲା ତାଙ୍କ ପାଦକୁ । ବ୍ରଜବାବୁଙ୍କୁ ଲାଗୁଥିଲା ସେ ଯେମିତି ସବୁ ଶୁଣି ପକାଇଛି ପତ୍ନୀଙ୍କ କଥା ଏବଂ ତାଙ୍କ କଥାରେ ବ୍ୟାଥାରେ ଭାଙ୍ଗିପଡି ଜଣାଉଛି ତା'ର ମନର ବେଦନା । ବ୍ରଜବାବୁ ତାକୁ ଆଶ୍ୱାସନା ଦେଲା ଭଳି କହିଲେ – ତୋର ବ୍ୟସ୍ତ ହେବାର କିଛି ନାହିଁ । ମୁଁ ଥିବାଯାଏ ତତେ ଏ ଘରୁ କେହି ତଡି ପାରିବେ ନାହିଁ, ତାଙ୍କର ଏମିତି କଥୋପକଥନ ସମୟରେ କ'ଣ ଗୋଟାଏ ନେବାକୁ ହଠାତ୍ ପଶି ଆସିଲେ ପତ୍ନୀ । ତାଙ୍କୁ ସେ ଘରକୁ ପଶି ଆସିବାର ଦେଖି ଆତ୍ମରକ୍ଷା ଭୟରେ ସହସା ନିଷ୍କ୍ରାନ୍ତ ହୋଇଗଲା ବିଲେଇଟି । ତା'ର ଏମିତି ହଠାତ୍ ଚାଲିଯିବା ଦେଖି ପତ୍ନୀଙ୍କୁ ଚାହିଁ ବ୍ରଜବାବୁ କହିଲେ – କଥା କହି ପାରୁନଥିବା ପଶୁପକ୍ଷୀ ମଧ୍ୟ ବୁଝିପାରନ୍ତି ଭଲ ପାଇବା ଓ ଘୃଣାକୁ । ଦେଖ ତ ସେ କେମିତି ଏଇନେ ବସି ବସି ମୋ ପାଦ ଚାଟୁଥିଲା, ତମକୁ ଆସିବା ଦେଖି କେଉ ଛଟକରେ ଚାଲିଗଲା ।

ବୁଝି ପାରୁଥିଲେ ବୁଝୁଥାଉ, ହେଲେ ମୁଁ ତ ତାକୁ କେବେ ମାରଧର କରିନି ।

ନା', ସେମାନେ ଆଚରଣ ଓ ଉଚ୍ଚାରଣରୁ ହିଁ ଠଉରାଉ ନିଅନ୍ତି ତାକୁ ଶ୍ରଦ୍ଧା କିମ୍ବା ଘୃଣା କରୁଥିବା ଲୋକକୁ । ସେମାନେ କଥା କହିପାରନ୍ତିନି ସତ, ହେଲେ ତାଙ୍କର ଷଷ୍ଠ ଇନ୍ଦ୍ରିୟ ମଣିଷମାନଙ୍କ ଠାରୁ ଢେର ଶକ୍ତିଶାଳୀ ।

ପତ୍ନୀ ତାଙ୍କ କଥା ବୁଝିଲେ କି ନାହିଁ ବ୍ରଜବାବୁ ଜାଣିବାର ଅବକାଶ ନଥିଲା । ହେଲେ ସେ ଗଲାବେଳେ କହିଲେ – ବିଲେଇ ରୂପରେ ତମ ବୋଉ ଆସିଛନ୍ତି ବୋଲି କହୁଛ ତ, ହଁ ସିଏତ ମୋତେ ଢେର ସାନ୍ଧି ସାନ୍ଧି ଗଲେ । ଯେଉଁ ବୟସ ସ୍ୱାମୀ ସୁହାଗ କରିବା କଥା, ସେ ବୟସରେ ଘରର ଦ୍ୱାହି ଦେଇ ଅଟକାଇ ରଖିଲେ । ତାଙ୍କ ମଲାପରେ ଯାଇ ଘରୁ ଗୋଡ କାଢି ତମ ପାଖକୁ ଆସି ପାରିଲା ମଣିଷ । ହେଲେ ସେତିକିରେ କ'ଣ ତାଙ୍କ ମନ ବୁଝି ନଥିଲା ଯେ ଏବେ ବିଲେଇ

Digitized by PPRACHIN, SOA

ରୂପରେ ପୁଣି ଚାଲିଆସିଲେ ?

ବ୍ରଜବାବୁ ଉପଲବ୍ଧି କଲେ କଥାର ମଂଜ କେଉଁଠି ଓ ପତ୍ନୀଙ୍କର ବିଲେଇ ଉପରେ ଏତେ ରାଗ କାହିଁକି ? ପତ୍ନୀଙ୍କୁ ବୁଝାଇବାକୁ ଯାଇ କହିଲେ – ତମେ ବୋଉ ଉପରେ ଆଜିଯାଏ ଦୋଷ ଦେଇ ଆସିଛ ସେ ତମକୁ ମୋ ଚାକିରୀ ଜାଗାକୁ ନଛାଡି ଘରେ ଅଟକାଇ ରଖିଲା ବୋଲି ହେଲେ କେବେ ଗୋଟେ ମାଆର ମନ ନେଇ ପୁଅ ବୋହୂର ସଂସାର କଥା ଚିନ୍ତା କରିଛ ? ତମକୁ ବୋଉ ଘରେ ଅଟକାଇ ରଖିବାର ଉଦ୍ଦେଶ୍ୟ ଥିଲା ବାରମ୍ବାର ତା' ପୁଅକୁ ତା' ପାଖରେ ପାଇବା । ଅଧାବୟସରୁ ବୈଧବ୍ୟ ଏବଂ ନିଃସଂଗ ଜୀବନ ବିତାଇଥିବା ମୋ ବୋଉ କ'ଣ ବା ବଡ ଆଶାଟିଏ କରି ପକାଇଥିଲା । ତମର ସମସ୍ତ ହତାଦର ଏବଂ ଉପେକ୍ଷାକୁ ସେ ସହି ଯାଇଥିଲା କେବଳ ମୋତେ ବାରମ୍ବାର ପାଖରେ ପାଇବା ପାଇଁ । ତମେ ନିଜେ ଭାବ, ଏତେ ବର୍ଷ ହେଲାଣି ବୋଉ ଗଲାଣି, ଆମେ କେବେ ଗାଆଁକୁ ଯାଇ ସେ ରଖି ଯାଇଥିବା ଜମିବାଡି ଘରଦ୍ୱାରର ଦାୟିତ୍ୱ ବୁଝି ପାରିଛନ୍ତି ? ଅନ୍ୟକୁ ଦାୟିତ୍ୱ ଦେଇ ଆମେ ଆରାମରେ ସହରରେ ରହି ଯାଇଛନ୍ତି ।

ମଲା, କିଏ କ'ଣ ପରଲୋକ ବୁଝୁଛନ୍ତି କି ?

ହଁ ଯେ, କେବଳ ଆମ ଘରର ଦେଖାରେଖା କରିବାକୁ ତ ଆମେ ସବୁ ସମ୍ପତ୍ତି ତାକୁ ଛାଡି ଦେଇ ଆସିଛନ୍ତି ନା । ସେଇ ସମ୍ପତ୍ତିକୁ ତ ବୋଉ ମତେ ପାଠ ପଢାଉଥିଲା, ସେଇଥିରୁ ସଞ୍ଚୟ କରି ପକ୍କା ଖଞ୍ଜାଟିଏ କରି ପାରିଥିଲା ।

ମୁଁ କ'ଣ ତମକୁ କେବେ ମନା କରିଛି କି ତମ ସଂପତ୍ତିର ହେପାଜତ କରିବାକୁ । ତମେ ଯଦି ଭାବୁଥାଅ ମୋ ଭାଇମାନେ ତାହାର ହେପାଜତ ନାଆଁରେ ସବୁ ଖାଇ ଯାଉଛନ୍ତି ବୋଲି, ତେବେ ଏଥର ମୁଁ ତାଙ୍କୁ ମନା କରି ଦେଉଛି । ସେମାନେ କ'ଣ ଉପରେ ପଡି ନେଉଥିଲେ ନା କ'ଣ, ଆମେ କହିବାରୁ ସିନା ସେ ଦାୟିତ୍ୱ ନେଲେ ।

ଦେଖ ତମେ ଭଲ ଅର୍ଥକୁ ଅନର୍ଥ କରୁଛ । ମୋର କହିବାର ଉଦ୍ଦେଶ୍ୟ ତାହା ନଥିଲା ।

ତମର ଉଦ୍ଦେଶ୍ୟ କ'ଣ ମୁଁ ଭଲ ଭାବରେ ଜାଣେ କହି ଦୁମ୍‌ଦୁମ୍ ହୋଇ ଚାଲିଗଲେ ।

ବିଲେଇଟି ରହିବା ଦିନରୁ ଛୋଟମୋଟ କଥାରେ ପତ୍ନୀ ଖିଟ୍‌ମିଟ୍ ହେଉଥିଲେ । ମାନସିକ ସ୍ତରରେ ମୋ ଠାରୁ ଦୂରେଇ ଯାଉଥିଲେ । ଯେତେବେଳେ ପରିବାର ଭିତରେ କୌଣସି କଥାର ଆଲୋଚନା ହେଉଥିଲା, ତାହା ଛିଣ୍ଡୁଥିଲା ଯାଇ ବିଲେଇ ପାଖରେ । ବ୍ରଜବାବୁ ପତ୍ନୀଙ୍କ ଅସନ୍ତୋଷକୁ ସମ୍ମାନ ଦେଇ ବହୁତ ଥର ବି ଭାବିଛନ୍ତି – ନା, ଆଉ ନୁହେଁ, ଏ ଦିନ୍‌ଦିନ୍ ଝାମେଲା ରଖିବା ଅପେକ୍ଷା ତାକୁ ଦିନେ ଗାଡିରେ ନେଇ ଦୂରରେ ଛାଡି ଦେଇ ଆସିବି । ଯେତେଥର ସେ କାର୍ଯ୍ୟଟି କରିବାକୁ ମନସ୍ଥ କରନ୍ତି, ସବୁଥର ତାଙ୍କର ବିବେକ ତାଙ୍କୁ ବାଧାଦିଏ । ଗୋଟିଏ ଆଶ୍ରିତ ପ୍ରାଣୀ, ଯିଏ ଏତେ ଅନାବିଳ ଭାବେ ଭଲ ପାଇବା ତାଙ୍କୁ ଅଜାଡି ଦେଉଛି, ତାକୁ କୌଣସି ବଣ, ଜଙ୍ଗଲ କିମ୍ବା ହାଟ ବଜାରରେ ନିରାଶ୍ରୟ କରି କିପରି ଛାଡି ଦେଇ ଆସି ପାରିବେ ? ପ୍ରତିଥର ନିଜ

Digitized by PPRACHIN, SOA

ଚିନ୍ତାକୁ ପ୍ରତିହତ କରି ଭାବନ୍ତି, ସମୟ ସହିତ ପତ୍ନୀ ନିଶ୍ଚୟ ବୁଝିଯିବେ । ଥାଉ ବିଚରା ପ୍ରାଣୀଟି ।

ଥରେ ଅଫିସ୍ କାର୍ଯ୍ୟରେ ସେ ଦୁଇଦିନ ପାଇଁ ବାହାରକୁ ଯାଇଥିଲେ । ଯଦିଓ ତାଙ୍କ ଅନୁପସ୍ଥିତିରେ ପତ୍ନୀ ବିଲେଇଟିର କୌଣସି ଦାୟିତ୍ୱ ନିଅନ୍ତି ନାହିଁ, ମାତ୍ର ତାଙ୍କ ଅନୁପସ୍ଥିତିରେ ମଧ୍ୟ ବେଶ୍ ଆରାମରେ ଚଳିଯାଏ ସେ । ସେ ଘରେ ପହଞ୍ଚିବା କ୍ଷଣି ହାଜର ହୋଇଯାଏ ସେ । ସେଥର ଫେରିବା ବେଳରେ ବାଟରୁ ଧରି କରି ଆସିଥିଲେ ତା' ପାଇଁ କ୍ଷୀର ପ୍ୟାକେଟ୍ ଓ ହୋଟେଲରୁ ମାଛ ଓ ଭାତ । ତାଙ୍କର ବିଶ୍ୱାସ ଥିଲା ସେ ପହଞ୍ଚୁ ପହଞ୍ଚୁ ବିଲେଇଟି ଆସି କୈଫତ୍ ତଲବ କଲାପରି ଅଳି କରିବ ତାଙ୍କ ପାଖରେ ।

ଅଥଚ ସେମିତି କିଛି ଘଟିଲାନି । ଦୁଇଦିନ ହେଲାଣି ସେ ନଥିଲେ । କୁଆଡେ ବୁଲାବୁଲି କରୁଥିବ, ବଳେ ବାସ୍ନା ପାଇ ଆସିଯିବ ଭାବି ଲୁଗାପଟା ବଦଳାଇ ଫ୍ରେଶ୍ ହେଲେ । ତାଙ୍କ ଘରେ ପହଞ୍ଚିବାଟା ଘଣ୍ଟେ ଗଲା, ଦୁଇଘଣ୍ଟା ଗଲା ଅଥଚ ଫେରୁନଥିଲା ସିଏ । କେବେ ତ ଏମିତି ହୁଏନା । ମନେ ମନେ ଭାବିଲେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପତ୍ନୀ ତାକୁ କୁଆଡେ ନେଇ ଛାଡି ଦେଇ ଆସିଲେ କି ? ନା ଯାଉ, ଆଉ କିଛି ସମୟ, ପରେ ପଚାରିବେ ପତ୍ନୀଙ୍କୁ । ସନ୍ଧ୍ୟାହେଲା ତଥାପି ସେ ଆସିଲା ନାହିଁ । ଆଉ ସମ୍ଭାଳି ନପାରି ପଚାରିଲେ ପତ୍ନୀଙ୍କୁ – ବିଲେଇ କୁଆଡେ ଯାଇଛି ଦେଖା ନାହିଁ ଯେ ?

ମଲା, ମୁଁ କେମିତି ଜାଣିବି ସେ କୁଆଡେ ଗଲା ବୋଲି । ତମେ କ'ଣ ତା' ଦାୟିତ୍ୱ ମୋତେ ଦେଇକରି ଯାଇଥିଲ ନା ସେ ମୋ ପାଖକୁ ଆସେ ? ମୋ ଛାଇ ପଡିଲେ ତା' ନାହି ଡେଇଁବା ପରି ମୋତେ ଦେଖିବା କ୍ଷଣି ପରା ତମ ପଢା ଘରୁ ସେ ଉଭାନ ହୋଇଯାଏ । ହେଲେ ଯାଇ ଯାଇ ଯିବ କୁଆଡ । ଏଇ କେଉଁଠି ପାଖ ହାକରେ ବୁଲୁଥିବ, ଏବେ ତମେ ଫେରିଲଣି, ବାସ୍ନା ପାଇ ସେ ଫେରି ଆସିବନି କି ।

ରାତି ପାହିଲା । ଦିନ ବିତିଲା । ଦିନ ପରେ ଦିନ ବିତିଲା । ତଥାପି ଫେରିଲା ନାହିଁ ବିଲେଇ । ବ୍ରଜବାବୁ ହୋଇ ପଡୁଥିଲେ ଅଧୀର, ତାଙ୍କର ମାନସିକ ବିବ୍ରତତା ସଂକ୍ରମିତ ହେଲା ପତ୍ନୀଙ୍କ ପାଖକୁ । ସେ ବି ବ୍ୟସ୍ତ ହେଲେ ବିଲେଇଟି କୁଆଡେ ଚାଲିଗଲା ବୋଲି । ବୁଝୁଥିଲେ ସ୍ୱାମୀଙ୍କ ଅଥୟପଣକୁ । ତାଙ୍କ ଭିତରେ ଗୋଟାଏ ଧାରଣା ଜନ୍ମିଲା ଯେ ତାଙ୍କର ବିଲେଇଟି ପ୍ରତି ଥିବା ବିଦ୍ୱେଷ ହିଁ ବିଲେଇଟିକୁ କୁଆଡେ ଚାଲିଯିବାକୁ ବାଧ୍ୟ କରିଛି । ଘରେ ଥିବା ପ୍ରାଣୀଟିଏ ସେ ଦୁଇଦିନ କ'ଣ ଖାଇଲା କାହିଁକି ଥରଟିଏ ବି ତାଙ୍କ ମନକୁ ଆସିଲା ନାହିଁ । ପୁନଶ୍ଚ ଭାବିଲେ ତାଙ୍କ ସ୍ୱାମୀ ଭାବୁନାହାନ୍ତି ତ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେ ବିଲେଇଟିକୁ କୁଆଡେ ବାହାରେ ଛାଡି ଦେଇ ଆସିଛନ୍ତି ବୋଲି ? ଯଦିଓ ଏମିତି ଏକ ସନ୍ଦେହକୁ ସେ ଶବ୍ଦରେ ପ୍ରକଟ କରିନାହାନ୍ତି, ତଥାପି ତାଙ୍କର ଆଖି ଓ ମାନସିକ ହାବଭାବରେ ତାଙ୍କୁ ବାରମ୍ବାର ଠିଆ କରାଇଛି ସନ୍ଦେହର କାଠଗଡାରେ । ତାଙ୍କର ଏମିତି ସନ୍ଦେହ ବି ନିରାଧାର ବୋଲି କହିହେବନି ।

Digitized by PPRACHIN, SOA

ସେଦିନ ରାତିରେ ଶୋଇବା ବେଳେ ସେ ବ୍ରଜବାବୁଙ୍କୁ କହିଲେ – ମୁଁ ବିଲେଇଟିକୁ ଘୃଣା କରୁଥିଲି ସତ, ତା'ର ଉପସ୍ଥିତିକୁ ସହ୍ୟ କରିପାରୁନଥିଲି ସତ, ଏକଥା ବି ସତ ଯେ ତମ ଅନୁପସ୍ଥିତିର ଦୁଇଦିନ ଯାଏ ମୋ ମନକୁ କେବେ ଆସି ନଥିଲା ସେ ଖାଇଛି କି ନାହିଁ, ହେଲେ ତମ ପାଳିତ ବିଲେଇଟିକୁ ବାହାରେ ଛାଡି ଆସିବା ଭଳି ଗର୍ହିତ କାର୍ଯ୍ୟ ମୁଁ କରିନାହିଁ ।

ମୁଁ ତ ଏକଥା ଭାବି ନାହିଁ, ତମେ କିପରି ଏକଥା ଭାବିଲ ?

ତମେ ଏକଥା ଭବିଛ କି ନ ଭାବିଛ ମୁଁ କହିପାରିବି ନାହିଁ । ମାତ୍ର ତମର ନୀରବତା ଏବଂ ବ୍ୟସ୍ତତା ମୋତେ ଏକଥା ଭାବିବାକୁ ବାଧ୍ୟ କରିଛି ।

ଦେଖ, ମୋର ଏ ବ୍ୟସ୍ତତା ବିଲେଇଟି ପାଇଁ ସତ, ହେଲେ ମୋ ଦୃଷ୍ଟିରେ ସେ ଗୋଟିଏ ସାଧାରଣ ବିଲେଇ ନଥିଲା, ଥିଲା ମୋ ବୋଉ । ତା'ର ସମସ୍ତ କାର୍ଯ୍ୟକଳାପ ଭିତରେ ମୁଁ ଦେଖୁଥିଲି ମୋ ବୋଉକୁ । ମୁଁ କେବଳ ଭାବୁଥିଲି ଜୀବଦ୍ଦଶାରେ ବୋଉ ସହ ଥିବା ତମର ଭାବଗତ ଦୂରତା ମୃତ୍ୟୁ ପରେ ବି ରହିଗଲା କି ? – କାରଣ ସେ ଆସିବା ଦିନଠାରୁ ତମେ ତା' ପ୍ରତି ଅସହଣୀ ହୋଇ ପଡୁଥିଲ ଏବଂ ସେ ବି ସଂଭ୍ରମତା ରକ୍ଷାକରି ତମେ ମୋ ରୁମ୍‌କୁ ଯିବାକ୍ଷଣି ତତ୍‌କ୍ଷଣାତ୍ ପଳାଇ ଯାଉଥିଲା ।

କାହିଁ ତମେ ତ ଏକଥା ମୋତେ ଦିନେ ବି କହିନ ?

କହିଥିଲେ କ'ଣ ହୋଇ ଥାଆନ୍ତା ?

ମୁଁ ମୋ କୃତକର୍ମର ପ୍ରାୟଶ୍ଚିତ୍ତ କରିବାର ଏକ ସୁଯୋଗ ପାଇଥାଆନ୍ତି ।

ଛାଡ, ସେ ଯେତେକି ଦିନ ପାଇଁ ଆସି ଆମ ପାଖରେ ରହିବାକୁ ଚାହୁଁଥିଲା, ରହିକରି ଚାଲିଗଲା । ଏବେ ତା' କଥା ଭାବି ଲାଭନାହିଁ ।

ସେଦିନ ରାତିରେ ବ୍ରଜବାବୁ ସ୍ୱପ୍ନ ଦେଖିଲେ – ବିଲେଇଟି ଆସୁଛି ଘରକୁ । ଧୀରେ ଧୀରେ ମ୍ୟାଉଁ ମ୍ୟାଉଁ କରି ତାଙ୍କ ବିଛଣାରେ ବସୁଛି । ବିଛଣାରେ ବସିବା ପରେ ସେ ପାଲଟି ଯାଉଛି ବୋଉ । ସାଉଁଳାଉଛି ତାଙ୍କର ମୁଣ୍ଡକୁ । ବୁଝାଇକି କହିବା ପରି କହୁଛି – ବାୟାଟାରେ କି ? ଆସିଥିଲି ତୋ ଭଲ ମନ୍ଦ ଦେଖିବାକୁ, ଦେଖିଲି । ତୁ ମୋତେ ଚିହ୍ନି ପାରିଲୁ, ହେଲେ ବୋହୂ ଚିହ୍ନି ପାରିଲାନାହିଁ । ତା'ର ମୋ ପ୍ରତି ଘୃଣା ଥିଲା, ଘୃଣାଟା ଈର୍ଷାରେ ବଦଳିଲା । ତୋ' ପରିବାରରେ ଅଶାନ୍ତି ବଢିଲା, ତମେ ଦୁହିଁଙ୍କ ଭିତରେ ମାନସିକ ବ୍ୟବଧାନ ବଢିଲା । ମାଆ ମୁଁ, ମଲାପରେ ବି ତମର ମଙ୍ଗଳ କାମନା କରିବି । ସେଥିପାଇଁ ଯେମିତି ଆସିଥିଲି ସେମିତି ଚାଲିଗଲି । ତୁ ବାୟାଟା ମୋତେ ଖୋଜି ଖୋଜି ବ୍ୟସ୍ତ ହେଉଛୁ କାହିଁକି ? ମୁଁ ପରା ତୋ' ସାଥିରେ ସବୁବେଳେ ଅଛି ।

ବ୍ରଜବାବୁ ବୋଉ-ବୋଉ ଡାକି ନିଦରୁ ବିଳିବିଳେଇ ହୋଇ ଉଠିବା ବେଳକୁ, ପତ୍ନୀ ଉଠି ପଡି କହିଲେ – ହେଇ ଦେଖ - ତମ ବିଲେଇ ଆସିଛି, ମୁଁ ସ୍ପଷ୍ଟ ଭାବେ ଶୁଣିଛି ତା'ର ସ୍ୱର, ଏଇ ବିଛଣା ଉପରେ । ସେ ବସିଥିଲା ଆମ ବିଛଣାରେ, ତମ ମୁଣ୍ଡ ଉପରେ । ତମେ ଲାଇଟ୍ ଜଳାଅ ।

Digitized by PPRACHIN, SOA

ଏଇ ଘରେ କେଉଁଠି ଅଛି ସେ ବିଲେଇ ।

ବ୍ରଜବାବୁ ଲାଇଟ୍ ଜଳାଇଲେ । ପତ୍ନୀକୁ କହିଲେ ତମେ ସ୍ୱପ୍ନ ଦେଖୁଥିଲ ବୋଧେ ।

ପତ୍ନୀ କହିଲେ ନା ସ୍ୱପ୍ନ ନୁହେଁ – ସତ ।

ହଁ – ସତ, ସେ ବିଲେଇ ନ ଥିଲା, ଥିଲା ମୋ ବୋଉ, ବୋଉ ଆସିଥିଲା,

ନା ବିଲେଇ...

ନା ବୋଉ ।

ହଉ ବିଲେଇ ହଉ କି ବୋଉ ହଉ, ଆମର ମଂଗଳ କାମନା କରି ସେ ଏ ଘରୁ ଚାଲି ଯାଇଛି – କହିଲେ ବ୍ରଜବାବୁ ।

□

Digitized by PPRACHIN, SOA

ଭ୍ରମାବତାର

ଦୂତିଯ୍ଥା ଓଷା, ମଙ୍ଗଳା ଓଷା, ତାରିଣୀ ବ୍ରତ ଠାରୁ ଆରମ୍ଭ କରି ଗୁଣୀ ଗାରେଡି, ବଇଦ ଓ ସାଧୁ ସନ୍ୟାସୀଙ୍କର ଆଶ୍ରା ନେଇସାରିବା ପରେ ମଧ ଗଛରେ ଧରୁ ନଥିଲା କଷି । ଠାକୁରାଣୀ ପୀଠରେ ଅଧିଆ ପଡିବା ଠାରୁ କେଉଁ ତୀର୍ଥର ପାଣିତ, କେଉଁ ପୋଖରୀର ବୁଡ, କେଉଁଠି ଅଧିକା, ସବୁକୁ କେବଳ ବିଶ୍ୱାସ ନୁହେଁ ପରମ ନିଷ୍ଠାରେ ପାଳନ କରୁଥିଲା ଯଶୋଦା । ଅନଉ ଅନଉ ଆସି ଏଗାର ବର୍ଷ ପୂରିବାକୁ ବସିଲାଣି, ଅଥଚ ଖାଲି ପଡିଛି ତା'ର କୋଳ ଆଜିଯାଏ । ଓଷା, ବାର, ବ୍ରତ ସହ ସେ ଯେ ଡାକ୍ତର ନଦେଖାଇଛି ଏକଥା ନୁହଁ । କେବଳ ତାକୁ ନୁହେଁ ନନ୍ଦକୁ ମଧ ପରୀକ୍ଷା କରିଛନ୍ତି ଡାକ୍ତର ମାନେ । ଖାଲି ରକ୍ତ, ମଳ, ମୂତ୍ରରେ ପରୀକ୍ଷା ନୁହଁ ନାନା ପ୍ରକାର ଥୋବରା ପରୀକ୍ଷା ମଧ କରାଇ ଅଛନ୍ତି । ଶେଷକୁ କହନ୍ତି ସବୁ ଠିକ୍ ଅଛି, କାହାରି କୌଣସି ଅସୁବିଧା ନାହିଁ । ଅପେକ୍ଷା କର । ଯଦି ଅପେକ୍ଷା କରିବାକୁ ଧୈର୍ଯ୍ୟ ନାହିଁ ତେବେ ଅମକ ଜାଗାକୁ ଯାଇ ସମକ ଡାକ୍ତରଙ୍କୁ ଭେଟ ସେମାନେ ସବୁ ନୂଆ ନୂଆ ପଦ୍ଧତିରେ ଚିକିତ୍ସା କରି ପିଲାପିଲି କରାଉଛନ୍ତି ।

ଯଶୋଦାର ଯେ ମନ ହୋଇନି ଯାଇ ବଡଡାକ୍ତରଙ୍କୁ ଦେଖାଇ ଏଥିପାଇଁ ବ୍ୟବସ୍ଥା କରିବାକୁ, ସେ କଥା ନୁହଁ । ହେଲେ ସେଥିପାଇଁ ଲାଗୁଥିବା ଖର୍ଚ୍ଚ କଥା ଶୁଣି ସେ ହାଁ-ଫାଡେ । ଟଙ୍କା ଶହରେ ନୁହଁ ହଜାରରେ ନୁହଁ, କଥା ଯାଇ ଲକ୍ଷରେ । ଠେଲା ଗାଡି ବୁଲାଇ ପ୍ଲାଷ୍ଟିକ ଖେଳନା ବିକୁଥିବା ନନ୍ଦକୁ କାହିଁକି ଏତେ ବଡ ଦାବୀଟାଏ କରି ବିଚଳିତ କରିବ ? ହଁ ଦାବୀ କଲେ କେଉଁ ପୂରଣ ହୋଇ ପାରିବକି ସେ କଥା, ଗାଆଁରେ ଜମିବାଡିର ଚିହ୍ନ ନାହିଁ । ବାଡି ଗୋବରେ ଗୋବେ ବୋଲି ଦିଅ । ତା' ଉପରେ ନୂଆଣିଆ ଚାଳ ଘର ଦୁଇବଖରା । ଦି' ବରଷ ହେଲାଣି ବି ଛାଆ ହୋଇନି ସେଇଟା ।

ଶାଶୁ ଥିଲା ଯାଏ ଯଶୋଦା ରହୁଥିଲା । ଲିପା ପୋଛା କରି ତାକୁ ହେପାଜତ କରୁଥିଲା । ଶାଶୁ ମଲାପରେ ସେମାନେ ତ ଗାଆଁ ଛାଡି ଦେଇ ଆସି ଏ ବସ୍ତିରେ ରହୁଛନ୍ତି । ଯାହା ଭଲମନ୍ଦ ଦି'ପଇସା ହେଉଛି, ଖାଇବା ପିଇବା, ସଉକ ଅପେକ୍ଷା ଡାକ୍ତର ଦେଖା ଓ ଓଷଦ କିଣାରେ ତ

Digitized by PPRACHIN, SOA

ସବୁ ଯାଉଛି । ନା-ଅଛି ସଂଚୟ, ନା ଜମିବାଡି ଯେ ବିକି ଭାଂଗି ଦେଇ ଡାକ୍ତର ଦେଖାଇବ । ଆଉ ତା' ମନର କଥା ଯଦି ସେ ନନ୍ଦକୁ କହି ଦେବନା, ସେ କହିବ ରହ ତୁ ବ୍ୟସ୍ତ ହଅନା, ଯେତେ ଟଙ୍କା ଲାଗୁ ପଛେ ମୁଁ ବ୍ୟବସ୍ଥା କରିବି । ହେଲେ କି ବ୍ୟବସ୍ଥା ଅବା କରି ପାରିବ ସିଏ? କ'ଣ ଚୋରୀ କରିବ ନା ଡକାୟତି ତା' ମନର ସାଧ ପୂରଣ ପାଇଁ? ଟଙ୍କା ଯୋଗାଡ କରି ନପାରି ବିଚରା ଯାହା ହାଇଁପି ସାଇଁପି ହେବ ସ୍ତୀର ମନ ରଖି ପାରିଲାନି ବୋଲି ଏତେ କଷ୍ଟ ଓ ଦୁଃଖ ସହୁଛି ଲୋକଟା, ପୁଣି କାହିଁକି ଅଯଥାରେ ତା' ଉପରେ ନିରୁପାୟତାର ବୋଝ ଲଦି ଦେବ ।

ଥରେ ତାଙ୍କ ବସ୍ତିରେ ରହୁଥିବା ରିକ୍ସାବାଲାଟିଏ ଖବର ଦେଲା – ଋଷୀକେଶରୁ ଆସିଛନ୍ତି ଜଣେ ସିଦ୍ଧ ବାବା । ସହରରେ ଦେଉଛନ୍ତି ପ୍ରବଚନ । ସେ ସ୍ପର୍ଶ କଲା ମାତ୍ରେ ଭଲ ହୋଇଯାଉଛି ରୋଗ ବୈରାଗ, ଧନ, ଜନ ଓ ମନୋକାମନା ପୂରଣ ପାଇଁ ଦେଉଛନ୍ତି ତାବିଜ ଓ ରତ୍ନପଥର । ସହରର ସବୁ ବଡ ବଡିଆଙ୍କର ଏବେ ମେଲଣ ଲାଗିଛି ସେଠି ଆଶୀର୍ବାଦ ପାଇଁ । ତାଙ୍କର ପ୍ରବଚନ ଶୁଣିବା ପାଇଁ ଯେତିକି ଭିଡ, ତା'ଠାରୁ ଅଧିକ ଭିଡ ମନୋକାମନା ପୂରଣ ପାଇଁ ତାଙ୍କ ଠାରୁ ଆଶୀର୍ବାଦ ନେବା ପାଇଁ । ଖବରଟି ଶୁଣି ଭିତରେ ଭିତରେ ଉଲ୍ଲସିତ । ହୋଇ ପଡିଲା ଯଶୋଦା । ପରମୁହୂର୍ତ୍ତରେ ସତର୍କ ହେଲା ନିଜ ସ୍ଥିତି କଥା ଚିନ୍ତା କରି । ସିଦ୍ଧ ବାବା ସିଏ, ସହରର ସବୁ ବଡ ବଡ ଲୋକ ମାନେ ତାଙ୍କୁ ଭେଟିବାକୁ ଯାଉଛନ୍ତି । ଧନ ଦରବ ଉପହାର ଦେଇ ପୋତି ପକାଉଥିବେ ବାବାଙ୍କୁ ସେମାନେ । କ'ଣ ବା ଅଛି ତା' ପାଖରେ ସେ ନେଇଯିବ ସିଦ୍ଧ ବାବାଙ୍କ ପାଖକୁ? ପୁଣି ମନକୁ ମନ ଭାବିଲା ସିଏତ ବାବା, ସିଦ୍ଧ ପୁରୁଷ । ତାଙ୍କୁ କ'ଣ ଧନ ଦରବର ମୋହ ଥିବ ନା ସେ କାହାଠାରୁ ଧନପ୍ରାପ୍ତିର ଲାଳସା ଦେଇ ଏଠାକୁ ଆସିଥିବେ । ହଉ ହେଲା ଧନ ଦରବ ଉପହାର ନେଇ ସେ ତାଙ୍କର ଆଶୀର୍ବାଦ ନ ନେଇ ପାରିଲା ନାହିଁ ପ୍ରବଚନତ ଶୁଣି ପାରିବ?

ନନ୍ଦ ଘରକୁ ଫେରିବା ପରେ ତାକୁ ତା'ର ମନକଥା କହିଲା ଯଶୋଦା । ଘଡିଏ ଗୁମ୍ ଖାଇ ନନ୍ଦ କହିଲା – ମୋର ଆଉ ସେ ବାବା ଫାବାଙ୍କ ଉପରେ ଭରସା ନାହିଁ କି ବିଶ୍ୱାସ ନାହିଁ । ପ୍ରବଚନକୁ ଯିବୁ ବୋଲି କହୁଛୁ ଯେ, ସେଥିରୁ ଆମେ କ'ଣ ବୁଝିବା । ଫେରିକଲା ବେଳେ ମୁଁ ଅନେକଥର ବହୁବାବାଙ୍କ ପ୍ରବଚନ ଶୁଣିଛି । ସମସ୍ତେ ସେହି ଗୀତାକୁ ଶୁଣାଇବେ । ମନକୁ ସଂଯତ କରିବାକୁ କହିବେ । ଏ ଜୀବନଟା କ୍ଷଣିକ, ତାକୁ ଈଶ୍ୱରଂକ ସେବାରେ ସମର୍ପିତ କରିବାକୁ ଉପଦେଶ ଦେବେ । ସମସ୍ତେ ଯଦି ସବୁ କାମ ଦାମ ଛାଡି ଈଶ୍ୱରଙ୍କ ସେବାରେ ଲାଗିପଡିବେ ତେବେ ଏ ଦୁନିଆଁ ଚଳିବ କେମିତି? ମୁଁ ସେମାନଙ୍କ କଥାକୁ ଅବାସ୍ତବ କଥା ମନେକରି ହସିଦିଏ । ହଉ ତୋ'ର ଯଦି ମନ ମୁଁ ମନା କରିବିନି । ଶୁଣୁଛି ଏ ବାବା କୁଆଡେ ଭକ୍ତଙ୍କ ମନକଥା ବୁଝି ଆଶୀର୍ବାଦ ଦେଉଛନ୍ତି । ପ୍ରବଚନକୁ ନଯାଇ ବରଂ ବଡି ଭୋରରୁ ଉଠି ବାବାଙ୍କ ଦର୍ଶନ ପାଇଁ ଗଲେ ଭଲହେବ । କାଳେ ଆମ ଭାଗ୍ୟରେ ତାଙ୍କର ଆଶୀର୍ବାଦ ଲେଖା ଥିବ ।

ମନ ଖୋଜୁଥିଲା ଯାହା ନନ୍ଦ ବତାଇଲା ତାହା । ରାତିଭରି ନିଦ ନଥିଲା ଯଶୋଦା ଆଖିରେ । ରାତି ପାହିବାକୁ ଢେର ବାକି ଥିଲା, ଉଠିପଡି ସ୍ନାନଶୌଚ ହୋଇ ନନ୍ଦକୁ ଉଠାଇଲା ।

Digitized by PPRACHIN, SOA

କହିଲା – ଉଠ, ଭକ୍ତଙ୍କ ଭୀଡ ବଢିବା ପୂର୍ବରୁ ଆମେ ସେଠି ପହଞ୍ଚିଯିବା । କଥାମାନି ଉଠିପଡିଲା ବନ୍ଧ ତରବରରେ ନିତ୍ୟକର୍ମ ସାରି ବସ୍ତିରୁ ବାହାରି ପଡି ଷ୍ଟେସନ ଆଡେ ମୁହାଁଇଥିବା ପାହାନ୍ତିଆ ରିକସାଟିଏ ଧରି ସେମାନେ ଚାଲିଲେ ଶାରଦା ଆଶ୍ରମ । ଆଶ୍ରମ ପାଖରେ ପହଞ୍ଚି ଦେଖିଲେ ତାଙ୍କ ଆଗରୁ କେତେଜଣ ବି ଆସି ଦର୍ଶନ ଆଶାରେ ଅପେକ୍ଷା କରି ଠିଆ ହୋଇଛନ୍ତି ସେଠାରେ । ସମସ୍ତେ ଖୁବ୍ ଧୀର ଓ ସନ୍ତର୍ପଣ ସ୍ୱରରେ କଥା ହେଉଥିଲେ । ବାବା ଏଇନେ ଭିତରେ ପୂଜାପାଠ ଓ ଆଳତୀ କରୁଛନ୍ତି । ପୂଜା ସରିଲା ପରେ ପହଡ ଖୋଲିବ । ବାବା ଦର୍ଶନ ଦେବେ ଭକ୍ତମାନଙ୍କୁ ।

ଅପେକ୍ଷା କରିଥିବା ସମୟତକ ଯଶୋଦା ବାବାଙ୍କର ଏକ ରୂପକୁ ମନେ ମନେ ଧ୍ୟାନ କରୁଥିଲା । ଭାବୁଥିଲା କେମିତିକା ହୋଇଥିବେ ବାବା ? କ'ଣ ସିନେମା କିମ୍ବା ଟିଭିରେ ଦେଖାଯାଉଥିବା ବାବାଙ୍କ ପରି ନା ଯାତ୍ରା କିମ୍ବା ନାଟ ପାର୍ଟିରେ ଦେଖିଥିବା ବାବାଙ୍କ ପରି ? ଛାତି ଉପରେ ଲମ୍ବିଥିବ ଲମ୍ବା ଦାଢୀ, ଶୁଦ୍ଧ ଓ ଶ୍ୱେତବସ୍ତ୍ର ପରିଧାନ କରି ଲାଗୁଥିବେ ଦେବୋପମ । ନା ଗେରୁଆ ବସ୍ତ୍ର ପରିଧାନ କରି ଲାଗୁଥିବେ ଦିବ୍ୟ ଦିବ୍ୟ । ବାବାଙ୍କୁ ନିଜ କଳ୍ପନାରେ ଭିନ୍ନ ଭିନ୍ନ ରୂପ ଦେଇ ଯଶୋଦା ଚିନ୍ତା କରୁଥିବା ବେଳେ ପହଡ ଖୋଲିଲା । ପହଡ ଖୋଲିବା ପୂର୍ବରୁ ବାବାଙ୍କର ଏକାନ୍ତ ଅନୁଗତ ଏବଂ ଆୟୋଜକ ପରି ମନେ ହେଉଥିବା ଜଣେ ଭକ୍ତ ସମବେତ ଭକ୍ତଙ୍କ ଉଦ୍ଦେଶ୍ୟରେ କହିଲେ – ସମସ୍ତଙ୍କୁ ଅନୁରୋଧ ଯେ ସମସ୍ତେ ସଂପୂର୍ଣ୍ଣ ନିରବତା ଅବଲମ୍ବନ କରିବେ । ବାବା ଜଣ ଜଣ କରି ସମସ୍ତ ଭକ୍ତମାନଙ୍କ ପାଖକୁ ଯିବେ । ସିଏ ଭକ୍ତମାନଙ୍କ ମନକଥା ଜାଣନ୍ତି । ଯାହାର ଭାଗ୍ୟ ଟେକ୍ ବାବା ତାହାରି ପାଖରେ ହିଁ ପାଟି ଖୋଲିବେ, ଆଶୀର୍ବାଦ ଦେବେ ।

ଯଶୋଦା ଭିତରେ ବଢୁଥିଲା ହୃତସ୍ପନ୍ଦନ । ଯାହାର ଭାଗ୍ୟ ଟେକ୍ ତାକୁହିଁ କେବଳ ଆଶୀର୍ବାଦ ଦେବେ ବାବା । ଏଠି ତାହାଲେ ତାକୁ ନିରାଶ ହୋଇ ଫେରିବାକୁ ପଡିବ । ଭାଗ୍ୟ ଟେକ୍ ହୋଇଥିଲେ ତା' କୋଳ କ'ଣ ଆଜିଯାଏଁ ଖାଲି ପଡିଥାଆନ୍ତା ? ହଉ ଆସିଛି ଯେତେବେଳେ ଆଶୀର୍ବାଦ ନହେଲା ନାହିଁ ଦର୍ଶନତ ହୋଇଯିବ ।

ପହଡ ଖୋଲିଲା । ବାହାରକୁ ବାହାରି ଆସିଲା ଧୂପ, ଝୁଣାର ମହମହ ବାସ୍ନା ଭର୍ତ୍ତି ଧୂଆଁ । ସେ ଧୂଆଁ ଭିତରେ କୁହୁଡିଆ ଦିଶୁଥିଲେ ବାବା । ଧୂଆଁ ଧୀରେ ଧୀରେ ଘରିଆଡେ ଖୋଲାଇ ହୋଇଯିବା ପରେ ଉଭାହେଲେ ଜଣେ ସୌମ୍ୟ ଦର୍ଶନ ଯୁବକ ସୁଲଭ ବାବା । ସଂପୂର୍ଣ୍ଣ ଶ୍ୱେତ ବସ୍ତ୍ରରେ ଆବୃତ । ଖୁବ୍ ଧୀର ଓ ମନ୍ଥର ଗତିରେ ବାବା ବାହାରକୁ ଆସିଲେ । ସମବେତ ଭକ୍ତଙ୍କ ଉପରେ ଦୃଷ୍ଟି ନିକ୍ଷେପ କରି ପୁଣି କିଛି ସମୟ ଚକ୍ଷୁ ମୁଦ୍ରିତ କଲେ । ସମସ୍ତେ ଯୋଡ ହସ୍ତରେ ଅପେକ୍ଷା କରିଥାନ୍ତି ବାବାଙ୍କର ଆଗମନକୁ । ବାବା ଚକ୍ଷୁ ଖୋଲି ଧୀରେ ଧୀରେ ଆଗକୁ ବଢିଲେ । ଭକ୍ତଙ୍କ ସମ୍ମୁଖରେ ବାବା ପହଞ୍ଚିବା କ୍ଷଣି ଜଣ ଜଣ କରି ଲମ୍ବହୋଇ ପଡି ଯାଉଥିଲେ ବାବାଙ୍କ ଗୋଡ ତଳେ ଏବଂ ସଂଗେ ସଂଗେ ଜଣାଉଥିଲେ ଦୁଃଖ । ବାବା କେବଳ ସ୍ମିତ ହସ ହସି ଜଣକ ପରେ ଜଣକୁ ଅତିକ୍ରମ କରି ଯାଉଥିଲେ । ବୋଧହୁଏ କାହାରି ଭାଗ୍ୟ ଟେକ୍ ନଥିଲା ବାବାଙ୍କ ଆଶୀର୍ବାଦ ପାଇବା ପାଇଁ ।

Digitized by PPRACHIN, SOA

ଶେଷକୁ ପଡିଲା ଯଶୋଦାର ପାଳି । ସେ ଲମ୍ବ ହୋଇ ବାବାଙ୍କ ପାଦତଳେ ପଡିଯାଇ କେବଳ ଏତିକି କହିବାକୁ ସକ୍ଷମ ହୋଇଥିଲା ବାବା ପୁତ୍ର...

ବାବା ସେଇଠି ସ୍ଥିର ହୋଇଗଲେ କିଛି ସମୟ । ପାଟି ଖୋଲିଲେ – ସ୍ୱୟଂ ଈଶ୍ୱର ଆସିବେ ତମ ଘରକୁ । ହଁ ତାଙ୍କର ଆସିବାର ବେଳ ଉପଗତ । ସେ ଆଜିଯାଏ ପରୀକ୍ଷା କରି ଚାଲିଥିଲେ ତମର ନିଷ୍ଠା ଓ ଆରାଧନାକୁ । ତମେ ସେଥିରେ ଉତ୍ତୀର୍ଣ୍ଣ ହୋଇ ସାରିଲଣି । କେବଳ ଟିକିଏ ସମସ୍ୟା ରହିଛି ।

ସମସ୍ୟା ! ସମସ୍ୟା କ'ଣ ବାବା ?

ଦିବ୍ୟ ପୁରୁଷ ଯେତେବେଳେ ତମର କୋଳମଣ୍ଡନ କରିବେ, ତାଙ୍କ ପାଇଁ ଦିବ୍ୟ ପୂଜାର୍ଚ୍ଚନା ଆବଶ୍ୟକ । ସେଥିପାଇଁ ମନ୍ତ୍ରଶକ୍ତି ଦରକାର ।

ମନ୍ତ୍ରଶକ୍ତି ! ମୁଁ ତ କୌଣସି ମନ୍ତ୍ର ଜାଣେନାହିଁ ବାବା, ମନ୍ତ୍ରଶକ୍ତି ପାଇବି କେଉଁଠୁ ?

ମନ୍ତ୍ରଶକ୍ତି ଗୁରୁ ଦିଅନ୍ତି, ଗୁରୁ ।

ମୋତେ କୃପାକରି ମନ୍ତ୍ରଶକ୍ତି ଦିଅନ୍ତୁ ବାବା ମୋତେ ଏହି ବନ୍ଧ୍ୟାଦୋଷରୁ ରକ୍ଷା କରନ୍ତୁ ।

ଦେବି ହେଲେ ମନ୍ତ୍ରଦାନର ସମୟ ଏଇଟା ନୁହେଁ । ତମେ ଆଜି ପ୍ରବଚନ ପରେ ରାତ୍ର ସମୟରେ ଏଠାକୁ ଆସ । ତୁମକୁ ମନ୍ତ୍ରଦାନ ସହ ମୁଁ ମାର୍ଗ ପ୍ରଦର୍ଶନ କରିବି । ହଁ ମନେରଖ ସେ ମନ୍ତ୍ରଶକ୍ତିକୁ ଧାରଣ ପାଇଁ ସଂପୂର୍ଣ୍ଣ ନିଷ୍ଠାରେ ଓ ପବିତ୍ର ହୋଇ ଆସିବ ।

ପାଖରେ ଠିଆ ହୋଇ ନନ୍ଦ ଭାବୁଥିଲା ତା'ର ଭାଗ୍ୟ ରବି ଏବେ ଉଦୟ ହେବେ ବୋଧେ । ବାବା ଯଶୋଦା ପାଖରେ ହିଁ ପାଟି ଖୋଲିଲେ । ମନକଥା ଜାଣିବା ପରି କହିଲେ – ସ୍ୱୟଂ ଈଶ୍ୱର ଆସୁଛନ୍ତି ତମ କୋଳକୁ । ପୁଣି ନିଜ ତରଫରୁ ମନ୍ତ୍ରଶକ୍ତି ଦେବା ପାଇଁ ଆମନ୍ତ୍ରଣ କଲେଣି ।

ସେ ଦିନ ତମାମ ଏକ ଉଚ୍ଚାଟ ଅନୁଭବ ଏବଂ ତନ୍ମୟ ଉଲ୍ଲାସତା ମଧ୍ୟରେ ବୁଡି ରହିଥିଲା ଯଶୋଦା । ସନ୍ଧ୍ୟା ହେବାକ୍ଷଣି ସେ ଶୌଚ ଓ ସ୍ନାନ କରି ପବିତ୍ର ହୋଇପଡିଲା । ପେଡିରୁ କାଢି ତା'ର ମହାର୍ଘ ଶାଢୀକୁ ପିନ୍ଧିଲା । ଧୂପ, ଦୀପ, ଅଗରୁ, ଚନ୍ଦନ ଓ ଫୁଲ ଧରି ନନ୍ଦସହିତ ବାହାରି ପଡିଲା ଆଶ୍ରମ ଅଭିମୁଖେ । ଆଶ୍ରମରେ ପହଞ୍ଚିବାର କିଛି ସମୟ ପରେ ଶେଷ ହେଲା ବାବାଙ୍କ ପ୍ରବଚନ । ବାବା ତାଙ୍କର ବିଶ୍ରାମ କକ୍ଷକୁ ଫେରିବା ସମୟରେ କେବଳ ଥରେ ମାତ୍ର ଦୃଷ୍ଟି ନିକ୍ଷେପ କଲେ ଯଶୋଦା ଉପରେ ଏବଂ ଚାଲିଗଲେ ଭିତରକୁ । ତାଙ୍କ ପରେ ପଛେ ପଛେ ଭିତରକୁ ପଶିଗଲେ କିଛି ପରିଚାରକ ମଧ ।

ଯଶୋଦା ମନେ ମନେ ବ୍ୟସ୍ତ ହୋଇପଡି ଜଣେ ପରିଚାରକଙ୍କୁ କହିଲା – ବାବା ତାକୁ ଡକାଇଛନ୍ତି ମନ୍ତ୍ର ଦାନ କରିବା ପାଇଁ । ପରିଚାରକଟି ଯଶୋଦାକୁ ଅଭୟମୁଦ୍ରା ଦେଖାଇ ଭିତରକୁ ଗଲା । କିଛି ସମୟ ପରେ ଫେରି ଆସି କହିଲା । ବାବା ଏଇନେ ଭୋଜନ କରିବେ । ଭୋଜନ ପରେ ସେ ନିର୍ଦ୍ଦେଶ ଦେବେ ଭିତରକୁ ଯିବା ପାଇଁ ।

ଯଶୋଦା ଆଶ୍ୱସ୍ଥ ହେଲା – ଏଇଥିପାଇଁ ଯେ ସେ ନଗଣ୍ୟ ହେଲେ ବି ତା'ର ଉପସ୍ଥିତି

Digitized by PPRACHIN, SOA

ପ୍ରତି ବାବା ସଚେତନ ଅଛନ୍ତି । ଭିତରକୁ ଯାଉଁ ଯାଉଁ ତ ଖବର ପଠାଇଲେ । ଗୋଟେ ଚରମ ଉତ୍‌କଣ୍ଠାରେ ସେ ଅପେକ୍ଷା କଲା ବାବାଙ୍କ ଡାକରାକୁ । ଘଣ୍ଟେ ଗଲା – ଦୁଇଘଣ୍ଟା ଗଲା । ଶେଷରେ ବାବାଙ୍କ କୋଠରୀର ପହଡ ଖୋଲିଲା । ଜଣେ ପରିଚାରକ ନିଶବ୍ଦରେ ଯଶୋଦା ଓ ନନ୍ଦଙ୍କ ପାଖକୁ ଆସି କହିଲେ – ଯଶୋଦାଙ୍କୁ ବାବା ଡକାଇଛନ୍ତି ।

ଅତ୍ୟନ୍ତ ବିହ୍ୱଳ ହୋଇ ନନ୍ଦ ଓ ଯଶୋଦା ଉଭୟେ ଯାଉଥିଲେ ଭିତରକୁ ଯିବା ପାଇଁ । ପରିଚାରକ ଜଣକ ନନ୍ଦକୁ ବାରଣ କରି କହିଲେ, ଯାହାକୁ ମନ୍ତ୍ରଶକ୍ତି ଦିଆଯିବ ସେହିଁ କେବଳ ଭିତରକୁ ଯିବେ । ମନ୍ତ୍ରଦାନ ସମୟରେ ଆଉ କେହି ରହିପାରିବେନି ଭିତରେ ।

ନନ୍ଦର ଏଥିରେ ଆପତ୍ତି କରିବାର କିଛି ନଥିଲା । ସେ ଦୁଆର ମୁହଁରୁ ଫେରି ଆସିଲା । ଯଶୋଦା କେବଳ ଗଲା ଭିତରକୁ । ବାବା ବସିଥିଲେ ଧ୍ୟାନ ମୁଦ୍ରାରେ । ସେ ଯଶୋଦାର ଉପସ୍ଥିତିକୁ ଉପଲବ୍ଧ କରି କହିଲେ – ବସ ବସ । ସଂପୂର୍ଣ୍ଣ ପବିତ୍ର ହୋଇ ଆସିଛ ତ ?

ବାବା ଆସନ ତ୍ୟାଗକରି ଉଠି ଆସି ଗୋଟିଏ କମଣ୍ଡଳୁରୁ କିଛି ଜଳ ସିଂଚନ କଲେ ଯଶୋଦା ଉପରେ । ଗୋଟିଏ ଅଦ୍‌ଭୁତ ଆଧିଭୌତିକ ପରିବେଶ ଭିତରେ ଉଚ୍ଚାଟିତ ହୋଇ ଉଠିଲା ଯଶୋଦା । ଜଳ ସିଂଚନ ପରେ ବାବା କିଛି ପ୍ରସାଦ ଦେଲେ ସେବନ ପାଇଁ । ପ୍ରସାଦ ସେବନର କିଛି ସମୟ ପରେ ଯଶୋଦା ଅନୁଭବ କଲା ସେ ଆଉ ନିଜ ଭିତରେ ନାହିଁ । ପରିବେଶର ଚମତ୍‌କାରୀତାକୁ ସେ ଦେଖୁଛି କେବଳ ହେଲେ କିଛି ଅନୁଭବ କରିପାରୁ ନାହିଁ । ଗୋଟେ ମାଦକୀୟ ତନ୍ଦ୍ରା ଧୀରେ ଧୀରେ ଅବଶ କରି ପକାଉଛି ତା'ର ସମସ୍ତ ଚେତନାକୁ । ସେ କେବଳ ଘୁରିବୁଲୁଛି ସ୍ୱପ୍ନ ରାଜ୍ୟରେ ଶୂନ୍ୟ ଚେତନାର ଜଡ ଶରୀରକୁ ଧରି ।

ସ୍ତିମୀତ ଆଲୋକ, ଦେବୀମୂର୍ତ୍ତି ଓ ଗୋଟେ କ୍ୟାସେଟ୍‌ରୁ ଧୀର ଅଥଚ ଗମ୍ଭୀର ସ୍ୱରରେ ଶୁଭୁଥିଲା "ଓଁ" – ଏତିକି ଅନୁଭବ କରି ହେଉଥିଲା ଯଶୋଦାକୁ ଆସିବାର ପ୍ରସ୍ତୁତି ଏ ନିଷ୍କ୍ରୟ ଧୀରେ ଧୀରେ ସେ ଅନୁଭବ କଲା ତା'ର ଚେତା ଅଛି କିନ୍ତୁ ଚେତନା ନାହିଁ । ଓଁ ର ଗୁରୁଗମ୍ଭୀର ସ୍ୱରରେ ଉଠିଲେ ଗୁରୁଦେବ । ତା' ସାମ୍ନାକୁ ଆସି ତା' ଆଖିକୁ ନିର୍ଦ୍ଦିଷ୍ଟ ଓ ଅପଲକ ନୟନରେ ଚାହିଁଲେ । ଆଖିକୁ ନବିଷ୍ଟ ଭାବରେ ଚାହିଁଲେ ଏତେ କଷ୍ଟ ହୁଏ ବୋଲି ତାକୁ ଜଣା ନଥିଲା । ଲାଗୁଥିଲା ତା'ର ମୁଣ୍ଡ ଯେପରି ଫାଟି ଫାଟି ଯାଉଛି । ବାବା ଆଶୀର୍ବାଦ ଭଁଗୀରେ ତା' ମୁଣ୍ଡ ଉପରେ ହାତ ରଖିଲେ । ଗୋଟେ ଅଦ୍‌ଭୁତ ଓ ପୁଲିକତ ଶିହରଣ ଆଣି ଦେଲା । ସେ ଆଶୀର୍ବାଦ । ଯଶୋଦାକୁ ଲାଗୁଥିଲା ସେ ଆଉ ସମ୍ଭାଳି ପାରିବ ନାହିଁ ଏମିତି ଅଦ୍‌ଭୁତ ଅନୁଭବକୁ । ସେ ଅଚେତ ହୋଇ ପଡିବ । ସତୁକ ସତ ସେ ଅଚେତ ହୋଇ ଆସିଲା । ବାବା ତାକୁ ଦୁଇ ବାହୁରେ ସମ୍ଭାଳି ନେଲେ । ଧୀରେ କରି ଶୁଆଇ ଦେଲେ ମୁଲାୟମ ଗଦି ଉପରେ । ସେ ହୋଇ ପଡିଲା ଚେତନା ଶୂନ୍ୟ । ତା'ପରେ କ'ଣ ଘଟିଲା ସେ ଆଉ ଜାଣେନି ।

ଯଶୋଦାର ଚେତା ଆସିବା ବେଳକୁ କେତେ ସମୟ ଯାଇଥିଲା ତାକୁ ଜଣା ନଥିଲା । ସେ ଚେତା ପାଇ ଆଖି ଖୋଲି ଦେଖିଲା ଯେ ବାବା ବସିଛନ୍ତି ଧ୍ୟାନସ୍ଥ ମୁଦ୍ରାରେ । ଉଠି ପଡି ନିଜ

Digitized by PPRACHIN, SOA

ଲୁଗାପଟାରେ ଅବିନ୍ୟସ୍ତ ଅବସ୍ଥା ଦେଖି ସେ ଚମକି ପଡିବା ସହ ତର ତରରେ ସଜାଡି ନେଲା । ମନେ ମନେ ଭାବିଲା – ଚେତା ଶୂନ୍ୟ ହୋଇ ପାଗଳୀଙ୍କ ପରି ଏ କ'ଣ କରି ପକାଇଛି ? ଲୁଗାପଟା ଠାରୁ ଅନ୍ତବାସ ଯାଏ ସବୁ ଖୋଲି ପକାଇଛି । ମନ୍ତ୍ରଶକ୍ତି ଧାରଣ ପାଇଁ ବାବା ଯେଉଁ ଆଧାର ଭୂମି ପ୍ରସ୍ତୁତ କରୁଥିଲେ ସେଥିପାଇଁ ମୁଁ ଯୋଗ୍ୟା ନଥିଲି ନା କ'ଣ ? ମୋର ଏମିତିକା ହାବଭାବ ଦେଖି କ'ଣ ଭାବିଥିବେ ବାବା ?

ଲୁଗାପଟାକୁ ଠିକ୍ ଭାବେ ସଜାଡି ସାରି ଉଠି ଠିଆ ହେଲା ଯଶୋଦା, କେମିତିକା ଗୋଟେ ଅବଶ ଅବଶ ଲାଗୁଥିଲା ଦେହ ହାତ । ଲାଗୁଥିଲା ତା' ଶରୀର ଉପରେ ଯେମିତି ବାତ୍ୟାଟିଏ ବହିଯାଇଛି ଏବଂ ଉଜାଡି ପକାଉଛି ତା' ଶରୀରର ବହୁ ଅଂଶକୁ । ସେ ସଂପୂର୍ଣ୍ଣ ଭାବେ ପ୍ରକୃତିସ୍ଥ ହେଲା ବେଳକୁ ଜଣେ ପରିଚାରକ ସମ୍ଭବତଃ ବାବାଙ୍କର ଘନିଷ୍ଠ ଭକ୍ତ ଘର ଭିତରକୁ ପଶି ଆସି କହିଲା – ବାବା ତୁମକୁ ମନ୍ତ୍ରଦାନ କରିସାରିଛନ୍ତି । ମନ୍ତ୍ରଶକ୍ତିର ପ୍ରଭାବରେ ତମେ ସଂପୂର୍ଣ୍ଣ ମୂର୍ଚ୍ଛା ହତା ଥିଲ । ତେଣୁ ତୁମକୁ ନ ଉଠାଇବା ପାଇଁ ବାବା ନିର୍ଦ୍ଦେଶ ଦେଇଥିଲେ । ଅପେକ୍ଷା କରି କରି ବହୁ ବିଳମ୍ବ ହେବାରୁ ବାବା ଧ୍ୟାନରେ ବସିଗଲେ । ମାତ୍ର ଧ୍ୟାନରେ ବସିବା ପୂର୍ବରୁ କହିଥିଲେ – ତମର ଚେତା ଆସିବା ପରେ ଏକଥା କହି ଦେବାକୁ । ତମେ ଏବେ ଘରକୁ ଯାଇପାର ।

ରାତି କେତେ ହୋଇଥିଲା ଜଣା ନଥିଲା ଯଶୋଦାକୁ । ସେ ବାବାଙ୍କ ପ୍ରକୋଷ୍ଠରୁ ବାହାରି ନନ୍ଦକୁ ଖୋଜିଲା । ନନ୍ଦ ଅପେକ୍ଷା କରି କରି ଆଶ୍ରମର ପିଣ୍ଡାରେ ଢୁଳାଇ ପଡିଥିଲା । ସେ ତା' ପାଖକୁ ଯାଇ ତାକୁ ଉଠାଇଲା – ଉଠ, ଘରକୁ ଯିବା ।

ନନ୍ଦ ଆଖି ମଳି ମଳି ପଚାରିଲା – ବାବା ମନ୍ତ୍ରଦାନ କଲେ ତ ? ହଁ – ସେଇଥିପାଇଁ ଏତେ ସମୟ ଲାଗିଲା । ଚାଲ ଏଥର ଘରକୁ ।

ସିନ୍ଦୁରା ଫାଟିବା ଫାଟିବା ହେଉଥିଲା, ଉଭୟେ ଫେରିଲେ ତାଙ୍କର ବସ୍ତିକୁ । ଘରେ ପହଞ୍ଚିବା ବେଳକୁ ସକାଳ । ନନ୍ଦ କହିଲା – ମୁଁ ଯାଉଛି ଗାଧୋଇ ପାଧୋଇ ଆସେ, ଆଜି ମଧୁପୁର ହାଟବାରି ।

ନନ୍ଦ ଗାଧୋଇ ପାଧୋଇ ଆସି ଚୁଡାଚକଟା ଟିକେ ଖାଇ ବାହାରି ପଡିଲା ହାଟକୁ । ସେ ଯିବା ପରେ ଯଶୋଦା ମନେ ପକାଇଲା ଗତ ରାତିରେ ମନ୍ତ୍ରଧାରଣା କଥା । ଚେତାଥିବା ଯାଏଁ ଘଟଣା ଗୁଡିକ ତା'ର ମନେ ପଡୁଥିଲା । ହେଲେ ତା'ପରେ ? ସେ ଯେଉଁଟାକୁ ସନ୍ଦେହ କରୁଥିଲା, ସେଇଟା ଘଟିଲା କି ତା'ପରେ । କ'ଣ ହେଲା ? ସେ କେବଳ ଅନୁଭବ କରିଥିଲା ସରୀସୃପ ପରି ହାତ ଖେଳି ବୁଲୁଥିଲା ତା' ଦେହ ସାରା । ହେଲେ ତା'ପରେ । ନିଜ ଶରୀରକୁ ଅନାବରଣ କରି ସେ ପରଖିଲା ସନ୍ଦେହର ସତ୍ୟତାକୁ । ଧୀରେ ଧୀରେ ତା'ର ସନ୍ଦେହ ସବୁ ସତ୍ୟ ହେବାକୁ ଲାଗିଲା ।

ପୁତ୍ର ପ୍ରାପ୍ତିର ମୋହରେ ବାବାଙ୍କ ଉପରେ ଥାପିଥିବା ବିଶ୍ୱାସ ପାଇଁ ନିଜକୁ ଧିକ୍କାରିଲା । ନନ୍ଦର ସରଳତା ପ୍ରତି ବିଶ୍ୱାସଘାତ କରିଥିବାରୁ ନିଜ ପ୍ରତି ଘୃଣା ଆସିଲା । ମନ୍ତ୍ରଦାନର ଆଢୁଆଳରେ ଲୁଚିଥିବା ବ୍ୟଭିଚାରର ସ୍ୱରୂପ ଧୀରେ ଧୀରେ ସଫା ଦିଶୁଥିଲା ତା' ସାମ୍ନାରେ । ପାପ ବୋଧରେ

Digitized by PPRACHIN, SOA

ଭାରାକ୍ରାନ୍ତ ହୋଇଗଲା ମନ । ଭାବିଲା ଏ ବୋଝକୁ ହାଲ୍କା କରିବା ପାଇଁ ନନ୍ଦ ଆଗରେ ଖୋଲି କରି କହିଦେବ ମନ୍ତ୍ରଦାନର ଇତିବୃତ୍ତି । ପରକ୍ଷଣରେ ଭାବିଲା – ପୁରୁଷ ପୁଅ, ସବୁକଥା ଜାଣିବା ପରେ ସେ କ'ଣ ଆଉ ଆଗ ଭଳି ଗ୍ରହଣ କରିପାରିବ ଯଶୋଦାକୁ । ନା ସେ ତା'ର ବିଶ୍ୱାସକୁ ନେଇ ଶାନ୍ତିରେ ଥାଉ, ମୁଁ ବରଂ ମୋର ବ୍ୟଭିଚାରକୁ ନେଇ ସନ୍ତୁଳି ହୁଏ । ନଚେତ୍ ଭୁଲିଯିବି ଏହାକୁ ଗୋଟେ ରାତ୍ରର ଦୁଃସ୍ୱପ୍ନ ପରି ।

ଦିନ ଗଡିଲା । ମାସ ବି । ପ୍ରଥମ ମାସ ଗଡିବା ପରେ ଯଶୋଦା ମନେ ପକାଇଲା ଦିନ ବାରକୁ । ସଠିକ୍ କରି ମନେ ପକାଇ ପାରିଲା ନାହିଁ । ଭାବିଲା ଏମିତି ତ କେତେଥର ହୋଇଛି, ପୁଣି ଯେଉଁ କଥାକୁ ସେହି କଥା । ଭାବୁଥିବ ଏଥର ବୋଧେ ସମ୍ଭବ ଭ୍ରୂଣ, କିନ୍ତୁ ଅସଲ ବେଳକୁ ପାଣି ଫାଟିଯିବ ସ୍ୱପ୍ନ । ଏଥର ବି ସେମିତି ହେଉଥିବ । ଯାଉ ଆଉ ଗୋଟେ ମାସ ।

ଆହୁରି ମାସେ ଗଲା । ମାସ ଗଡିବା ସାଂଗକୁ ମନ ଭାରି ଭାରି ଲାଗିଲା । ଛାତିତଳୁ ଅତଡା ଖସିବା ପରି ଅନୁଭବ ହେଲା । ପେଟ ଘାଣ୍ଟି ଚକଟି ହୋଇ ଓଇ ଉଠିଲା । ତଥାପି ସନ୍ଦେହ ମୁକ୍ତ ନ ହୋଇ ସେ ଅପେକ୍ଷା କଲା ଆଉ ଗୋଟେ ମାସ, କେତେଥର ଭାବିଛି ସାହି ପଡିଶାର ସ୍ତ୍ରୀ ଲୋକ ମାନଙ୍କୁ ପଚାରିବକି ଗର୍ଭ ସଂଚରିବାର ଲକ୍ଷଣମାନ । ପୁଣି ଭାବେ – ସହଜେ ତ ସେମାନେ ଥଟ୍ଟା କରୁଛନ୍ତି ବାଂଝ ବୋଲି, କଥା ଯଦି ମିଛ ହୁଏ ତେବେ କହିବେ ମାଖୁନାକୁ ଗର୍ଭ ସଂଚାରରେ ଭେଳିକି ଦେଖାଉଛି । ନା – ଥାଉ ।

ତୃତୀୟ ମାସ ଗଡିବା ପରେ ସେ ନିଶ୍ଚିତ ହୋଇଗଲା ଯେ – ଏଥିର କଷି ଧରିଛି । ଖୁସିରେ ନନ୍ଦ ଆଗରେ ବ୍ୟକ୍ତକଲା ମନର କଥା । ନନ୍ଦ ଖୁସିରେ ଗଦ୍‌ଗଦ୍ ହୋଇ କହିଲା – ବାବା ନିଶ୍ଚୟ ଦିବ୍ୟ ପୁରୁଷ, ଇଏ ତାଙ୍କର ମନ୍ତ୍ରଦାନର ଫଳ ।

ବାବାଙ୍କ ମନ୍ତ୍ରଦାନ କଥା ମନରେ ପଡିବା କ୍ଷଣି ଯଶୋଦା ମନକୁ ଛୁଇଁଲା ପାପ । ଏଇଟା ତ ଆଉ ବାବାଙ୍କର ଦେଣ ନୁହଁତ ? ପୁଣି ମନକୁ ବୁଝାଇଲା – ବାବା ତାକୁ ଦେଖୁ ଦେଖୁ ତ କହିଥିଲେ ସ୍ୱୟଂ ଈଶ୍ୱର ଆସୁଛନ୍ତି ତମ ଘରକୁ । ସେ ତ ତାଙ୍କୁ ସେତେବେଳ ଯାଏଁ କହି ନଥିଲା ଯେ ସେ ପୁତ୍ର ପ୍ରାପ୍ତି ପାଇଁ ବ୍ୟାକୁଳ ଅଛି ବୋଲି । ଯେଉଁଟା ଘଟିଛି ତାହା ବିଧି ନିର୍ଦ୍ଦିଷ୍ଟ ଥିଲା ବୋଧେ । ଈଶ୍ୱରଙ୍କୁ ଗର୍ଭରେ ଧାରଣ କରିବାକୁ ହେଲେ ଗୋଟେ ଈଶ୍ୱରୀୟ ଚେତନା ଓ ନୈସର୍ଗିକ ପରିବେଶ ତ ଦରକାର ନା । ବାବା ଏଇଥି ପାଇଁ ବୋଧେ ପ୍ରେରିତ ହୋଇ ଆସିଥିଲେ କାରଣ ଦେବଶିଶୁର ଜନ୍ମ ପାଇଁ ନନ୍ଦ ବୋଧେ ଯୋଗ୍ୟ ନୁହେଁ ।

ବହୁ ବର୍ଷ ପରେ ଯଶୋଦାର କୋଳ ପୂରିବ ସେଥିପାଇଁ ନନ୍ଦର ଖୁସି କହିଲେ ନସରେ । ସେ ଏବେ ମନା କରିଦେଇଛି ଯଶୋଦାକୁ ଭାରି କାମ କରିବାକୁ । ବଡି ସକାଳୁ ଉଠି ଘରର ଯାବତୀୟ କାମ ସହ ସେ ରୋଷେଇ ବାସ ମଧ୍ୟ ସାରିଦିଏ । ଯଶୋଦାକୁ ସାଂଗରେ ବସାଇ ଖୁଆଇ ଦେଇ କହେ ମୁଁ ଭାତ, ଡାଲି, ତରକାରୀ ଘୋଡେଇକି ରଖି ଦେଇଛି ତୁ ଗାଧୁଆ ବେଳକୁ ଖାଇନେବୁ । ମୋର ତ ଫେରୁ ଫେରୁ ଡେରୀ । ତୁ ଓପାସରେ ବିଲ୍‌କୁଲ୍ ରହିବୁନି । କେବେ ସିନା

Digitized by PPRACHIN, SOA

ଏକା ଥିଲୁ ଯାହା କରୁଥିଲୁ ଚଳୁଥିଲା, ଏବେ ତ ତୋ ଖାଇବାକୁ ଚାହିଁ ବସିଛି ଭିତରେ ଆଉ ଜଣେ, ସେ ଯେମିତି ଓପାସରେ ନରହେ – ବୁଝିଲୁ ।

ନନ୍ଦ ଚାଲିଯାଏ ତା'ର ଠେଲା ଗାଡିଧରି । ଆଗତ ସନ୍ତାନର ରୂପରେଖ କଳ୍ପନା କରି ଯଶୋଦା ବୁଡି ରହେ ସ୍ୱପ୍ନରେ । ସ୍ୱପ୍ନ ଦେଖୁ ଦେଖୁ ମାସ ପରେ ମାସ ଗଡି ରାତି ପାହିବାର ବେଳ ଆସି ପହଁଞ୍ଚିଲା । ଦିନେ ରାତି ଅଧରେ ଆରମ୍ଭ ହେଲା ଗର୍ଭଯନ୍ତ୍ରଣା । ବସ୍ତିର ଜଣେ ବୁଢ଼ୀକୁ ଡାକି ଆଣିଲା ନନ୍ଦ । ସେ ଆସି ଯଶୋଦାର ହାଲହରକତ ଦେଖି କହିଲା ବେଳ ହୋଇଗଲାଣି, ୟାକୁ ତୁରନ୍ତ ଡାକ୍ତରଖାନା ନେଇଯାଅ ।

ରିକ୍ସାଟିଏ ଡାକି ବଡ ହେପାଜତରେ ଯଶୋଦାକୁ ବସାଇ ନନ୍ଦ ନେଇଗଲା ଡାକ୍ତରଖାନାକୁ । ବାଟସାରା ଯଶୋଦାର ଆକୁଳ ଆର୍ତ୍ତି ବଢି ବଢି ଯାଉଥିଲା । ନନ୍ଦ ତାକୁ ଖାଲି ପ୍ରବୋଧନା ଦେଇ କହୁଥାଏ – ହେଇ ହୋଇଗଲା ଡାକ୍ତରଖାନା । ଡାକ୍ତରଖାନା ଆଗରେ ରିକ୍ସା ଅଟକାଇ ନନ୍ଦ ଧାଇଁଲା ଏପଟ ସେପଟ ହୋଇ – ଡାକ୍ତରଙ୍କୁ ଖୋଜିବାରେ । ଡାକ୍ତର ଜଣଙ୍କୁ ପାଇଯାଇ ସେ ତବ ତବ ହୋଇ କହିଗଲା ତା' ସ୍ତ୍ରୀର ଡେଲିଭରି ହେବା କଥା । ଡାକ୍ତର ଜଣକ ଜଣେ ନର୍ସଙ୍କୁ ନିର୍ଦ୍ଦେଶ ଦେଲେ ତାକୁ ଲେବର ରୁମ୍‌କୁ ନେବାପାଇଁ । ଯଶୋଦା ଚାଲିଗଲା ଲେବର ରୁମ୍ ଭିତରକୁ । ବାହାରେ ଅପେକ୍ଷା କରି ରହିଲା ନନ୍ଦ ।

ରାତି ପାହି ପାହି ଆସୁଛି – ଏହି ସମୟରେ ଶୁଭିଲା କୁଆଁ-କୁଆଁ ରାବ । ଖୁସି ଓ କୃତଜ୍ଞତାରେ ନନ୍ଦ ହାତ ଯୋଡିଲା ଈଶ୍ୱରଙ୍କ ଉଦ୍ଦେଶ୍ୟରେ । ଅଳ୍ପ ସମୟ ପରେ ପ୍ରସୂତି କକ୍ଷରୁ ବାହାରି ଆସିଲେ ଜଣେ ଧାଇ । ନନ୍ଦ ତାଙ୍କୁ ଆତୁର ହୋଇ ପଚାରିଲା – କ'ଣ ହୋଇଛି ପୁଅ ନା ଝିଅ ?

ସେ ନନ୍ଦ ହାତକୁ ପ୍ରେସ୍‌କ୍ରିପ୍‌ସନ୍‌ଟିଏ ବଢାଇ ଦେଇ କହିଲେ – ଯାଅ ଆଗେ ଔଷଧ କିଣିଆଣ, ପଛେ ପଚାରିବ କ'ଣ ହୋଇଛି । ଜଗନ୍ନାଥ ହୋଇଛନ୍ତି - ଜଗନ୍ନାଥ ।

ପ୍ରେସ୍‌କ୍ରିପ୍‌ସନ୍ ଧରି ନନ୍ଦ ଧାଇଁଲା ଔଷଧ ଦୋକାନ ଆଡେ । ଧାଉଁ ଧାଉଁ ଭାବୁଥିଲା – ବାବା ତାହେଲେ ଠିକ୍ କହୁଥିଲେ – ସ୍ୱୟଂ ଈଶ୍ୱର ଆସିବେ ବୋଲି ମୋ ଘରକୁ । କାହାର ଏପୁଣ୍ୟ ବଳ ? ଇଏ ନିଶ୍ଚୟ ଯଶୋଦାର ପୁଣ୍ୟ ବଳ । କେତେ ଠାକୁର, ମହାଦେବ, ନ ପୂଜିଛି, କେତେ ଓଷାବ୍ରତ ନ କରିଛି ବିଚାରୀ ପୁଅଟିଏ ପାଇଁ । ତା'ରି ଭକ୍ତିରେ ନିଶ୍ଚୟ ଠାକୁର ଆସିଛନ୍ତି ମୋ କୋଳକୁ ପୁତ୍ର ହୋଇ । ନଚେତ୍ ମୋର ସେ ପୁଣ୍ୟବଳ କାହିଁ ? କେବେ ତ ମୁଁ ଠାକୁର ମହାଦେବଙ୍କୁ ମୁଣ୍ଡିଆଟିଏ ବି ମାରିନି ।

ସେ ଏକା ନିଶ୍ୱାସରେ ଯାଇ ଔଷଧ ଧରି ଫେରି ଆସିଲା । ତା' ମନ ଖାଲି ଅସ୍ତବ୍ୟସ୍ତ ହେଉଥାଏ ପୁଅକୁ ଟିକିଏ ଦେଖିବା ପାଇଁ । ସେ ଔଷଧତକ ନର୍ସଙ୍କ ହାତକୁ ବଢାଇ ଦେଉଁ ଦେଉଁ ପଚାରିଲା – ପୁଅକୁ ଟିକେ ଦେଖି ହୁଅନ୍ତାନି ?

ପୁଅକୁ ଦେଖିବ ତ ବ୍ୟସ୍ତ କାହିଁକି ? ଆଉ ଅଳ୍ପ ସମୟ ମଧ୍ୟରେ ତ ଯାତ୍ରା ଲାଗିଯିବ ତାକୁ ଦେଖିବା ପାଇଁ ।

Digitized by PPRACHIN, SOA

କାହିଁକି ଦିଦି ?

ତମର ସବୁ ପ୍ରଶ୍ନର ଉତ୍ତର ମୁଁ ଏଇନେ ଦେଇ ପାରିବିନି । ମୁଁ ଆଗ ଯାଏଁ ଔଷଧ ଦିଏ ।

ଦିଦି କହିଗଲେ ଯାତ୍ରା ଲାଗିବ ପୁଅକୁ ଦେଖିବା ପାଇଁ । କ'ଣ ଈଶ୍ୱର ମାନବ ରୂପରେ ନ ଆସି ଭଗବାନଙ୍କ ରୂପରେ ଆସିଛନ୍ତି ନା କ'ଣ ? ଯଶୋଦା ତ କେବେ କହିପାରୁନଥିବ ଏମାନଙ୍କୁ ଯେ ସାଧୁବାବା କହିଥିଲେ ଈଶ୍ୱର ତା' କୋଳକୁ ଆସିବେ ବୋଲି । ପିଲାଟି ଦେହରେ ଶଙ୍ଖ, ଚକ୍ର, ଗଦା, ପଦ୍ମର ଚିହ୍ନ ଧରି ଆସିଛିନା କ'ଣ, ସମସ୍ତେ ତାକୁ ଚିହ୍ନି ପକାଇଲେଣି ?

କିଛି ସମୟ ପରେ ଯଶୋଦାକୁ ବାହାରକୁ ଅଣାଗଲା, ଜଣେ ନର୍ସ ନନ୍ଦକୁ ଡାକି କହିଲା – ପୁଅକୁ ଦେଖିବ ବୋଲି ଉଚ୍ଛନ୍ନ ହେଉଥିଲ ପରା, ଦେଖ ଆସି ତମ ପୁଅକୁ ।

ଇଏ କ'ଣ! କି ଅଦ୍‌ଭୁତ ଶିଶୁ ଇଏ! ମୁହଁ ଉପରେ ପୁରା ଗୋଲ ଗୋଲ ଆଖି, ନାକ ବୋଲି କେବଳ ଦୁଇଟା ନାକ ପୁଡା ଓ ପାଟି ଯେମିତି ଚିରି ହୋଇ ଯାଇଛି ଗାଲଯାଏ, ନନ୍ଦର ବିସ୍ମୟଭାବକୁ ଆହୁରି ବଢାଇ ଦେବାକୁ ନର୍ସଟି ପିଲାଟିକୁ ଗୁଡେଇ ଧରିଥିବା କପଡାକୁ କାଢି ଦେଲା । ଚିହିରି ଉଠିଲା ନନ୍ଦ । କହୁଣୀ ତଳକୁ ହାତ ଦିଇଟା ନାହିଁକି ଆଣ୍ଠୁ ତଳକୁ ଗୋଡ ଦିଇଟା ନାହିଁ ।

ଇଏ କ'ଣ ସେହି ଈଶ୍ୱର ଯାହାଙ୍କ କଥା ସାଧୁବାବା କହିଥିଲେ ? ସେ ଈଶ୍ୱର ହୁଅନ୍ତୁ କି ଯିଏ ହୁଅନ୍ତୁ – ତାଙ୍କର ମଣିଷ ରୂପରେ ଆସିବାର ଥିଲା । କାଠ ପଥରରେ ସିନା ଈଶ୍ୱରଙ୍କର ଏ ରୂପକୁ ଗ୍ରହଣ କରିହେବ, ହେଲେ ରକ୍ତ ମାଂସରେ ତ ସମ୍ଭବ ନୁହଁ । ସେ ଚିତ୍କାର କରି ଉଠିଲା ନା ମୋର ଈଶ୍ୱରୀୟ ନୁହଁ ମାନବୀୟ ସନ୍ତାନ ଦରକାର ।

ଖବରଟା ବିଜୁଳି ବେଗରେ ଖେଳିଗଲା ସାରା ସହରରେ । ବାବାଙ୍କର ଶିଷ୍ୟମାନେ ଯେଉଁମାନେ ସେଦିନ ଯଶୋଦା ଆଶୀର୍ବାଦ ପାଇବା ସମୟରେ ଉପସ୍ଥିତ ଥିଲେ, ସେମାନେ ବାବାଙ୍କୁ ସିଦ୍ଧ ପୁରୁଷ ହିସାବରେ ପରିଚିତ କରାଇବା ପାଇଁ ଏକଥାକୁ ଆହୁରି ଜୋରସୋର୍‌ରେ ପ୍ରଚାର କଲେ । ସାରା ସହରରୁ ଲୋକେ ଧାଡି ଛୁଟିଲେ ଡାକ୍ତରଖାନାକୁ ଈଶ୍ୱରଙ୍କ ଶିଶୁରୂପ ସନ୍ଦର୍ଶନ ପାଇଁ । ଲୋକ ଗହଳ ତଥା ମିଡିଆ ବାଲାଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଦୁଇଦିନ ପରେ ଯଶୋଦାକୁ ରିଲିଭ୍ କରିଦିଆଗଲା ହସ୍‌ପିଟାଲରୁ ।

ଯଶୋଦା ରହୁଥିବା ବସ୍ତିର ବାସିନ୍ଦା ମାନେ ଖୁସି ହେଉଥିଲେ ଯେ ତାଙ୍କ ବସ୍ତିରେ ଜଗନ୍ନାଥ ଜନ୍ମ ହୋଇଛନ୍ତି ବୋଲି । ନନ୍ଦ ଓ ଯଶୋଦା ବସ୍ତିରେ ପହଞ୍ଚିବା ପୂର୍ବରୁ ବସ୍ତିବାଲା ବସ୍ତିକୁ ସଫା ସୁତୁରା କରି ତିଆରି କରି ଦେଇଥିଲେ ତୋରଣ ଓ ପୂଜା ମଣ୍ଡପ । ମଣ୍ଡପ ଚାରିଟେ ବେଢି ବସିଥିଲେ ସଂକୀର୍ତ୍ତନ ଦଳ । ନନ୍ଦ ଓ ଯଶୋଦା ପିଲାଟିକୁ ଧରି ବସ୍ତି ପାଖରେ ପହଞ୍ଚୁ ପହଞ୍ଚୁ ଶଙ୍ଖ, ଘଣ୍ଟା, ହୁଳାହୁଳି ସହ କୀର୍ତ୍ତନରେ ଉଚ୍ଛୁଳି ପଡିଲା ବସ୍ତି । ଶିଶୁଟିକୁ ଏନ୍ତୁଡିଶାଳକୁ ନୁହେଁ ସିଧା ନିଆଗଲା ମଣ୍ଡପ ଉପରକୁ । ଅସୁମାରୀ ଲୋକଙ୍କର ଭିଡ ଲାଗିଥିଲା କେବଳ ସେହି ଦେବଶିଶୁର ଝଲକଟିଏ ପାଇବାକୁ ।

Digitized by PPRACHIN, SOA

ମଣ୍ଡପ ଉପରେ ଶିଶୁ । ଚାରିପଟେ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ । ଭିଡ ନିୟନ୍ତ୍ରଣ ପାଇଁ ପୋଲିସ୍ ଓ ଗାଡିମଟର ରହିବା ପାଇଁ ବସ୍ତି ବାହାରେ ଅସ୍ଥାୟୀ ଷ୍ଟାଣ୍ଡ । ଧୀରେ ଧୀରେ ଶ୍ରଦ୍ଧାଳୁ ଭକ୍ତମାନେ ଦର୍ଶନ କରିବା ସହ ପ୍ରଣାମୀ ହିସାବରେ ଟଙ୍କା ପଇସା ପକାଇବା ଆରମ୍ଭ କଲେ । ବଢୁଥିଲା ଭିଡ, କମୁନଥିଲା ଗହଳି ଓ ଜମୁଥିଲା ଟଙ୍କା । ଭିଡ ଓ ହୋ ହାଲ୍ଲା ଭିତରେ କେହି ବି ସୋର କରୁନଥିଲେ ସେହି ଈଶ୍ୱରୀୟ ଶିଶୁର ଖାଇବା ପିଇବା ସଂପର୍କରେ ।

ଯଶୋଦା କେବଳ ମୂକ ହୋଇ ବସିଥିଲା ଶିଶୁଟି ପାଖରେ । ଅପଲକ ନୟନରେ ଚାହିଁ ରହିଥିଲା ଶିଶୁଟି ଆଡେ । ମନକୁ ମନ କହୁଥିଲା – ତୁ ଈଶ୍ୱର ହୋଇପାରୁ କିମ୍ବା ଈଶ୍ୱରୀୟ ଭ୍ରମ । ହେଲେ ମୋର ଦରକାର ଥିଲା ମାତୃତ୍ୱ ଏକ ସାଧାସିଧା ମଣିଷ ପିଲାର ମାଆ ଭାବରେ । ତୋର ଏ ରୂପ ନା ମୋତେ ଦେଇ ପାରିବ ମାତୃତ୍ୱ ନା ପୂରଣ କରିପାରିବ ମୋର ମାତୃତ୍ୱର ଆବେଗ । ମୁଁ ତ ଚାହିଁ ନଥିଲି ତୋର ଏହି ରୂପ । ତୁ ଜଗନ୍ନାଥ ନହୋଇ କୃଷ୍ଣ ହୋଇ କି ରାମ ହୋଇ ଆସି ଥାଆନ୍ତୁ ଭଲା ।

ବେଳ ଗଡୁଥିଲା ଅଥଚ କମୁନଥିଲା ଗହଳି । ଧୀରେ ଧୀରେ ଗହଳି ସହିତ ତାଳଦେଇ ବଢୁଥିଲା ପ୍ରଣାମୀର ପାହାଡ । ରାତି ବେଳକୁ ପ୍ରଣାମୀ ଟଙ୍କା ଭିତରେ ଲୁଚି ଯାଇଥିଲା ଶିଶୁଟି । ଭିଡ କମିବା ପରେ ନନ୍ଦ ଟଙ୍କାକୁ ସବୁ ବସ୍ତାରେ ଭର୍ତ୍ତି କରିସାରି ଶିଶୁଟିକୁ ଉଠାଇବା ବେଳେ ଦେଖିଲା ଶିଶୁଟି ପାଲଟି ଯାଇଛି ଗୋଟେ ଜଡ ମାଦଳ । ସେ ଚିତ୍କାର କରି ଉଠିଲା । ଯଶୋଦା ଆମ ପୁଅ...ଆମ ଈଶ୍ୱର... ।

ମୂକ ପଣରୁ ମୁକୁଳି ଯଶୋଦା ଦେଖିଲା ଶିଶୁଟି ପାଲଟି ଯାଇଛି ଜଡ । ସ୍ତବ୍ଧ ହୋଇଗଲା କିଛି କ୍ଷଣ ଯାଏ । ତା'ପରେ କହିଲା – ନା ସେ ଈଶ୍ୱର ଥିଲା ନା ଈଶ୍ୱରଙ୍କ ଅବତାର । ଗୋଟେ ଈଶ୍ୱରୀୟ ଭ୍ରମର ବେଧବୁଜୁଳା ଥିଲା ସିଏ । ଯାଉ । ମୋତେ ମୁକ୍ତି ଦେଉ । ଯାଉ... ।

□

Digitized by PPRACHIN, SOA

ସ୍ୱାଭିମାନ

'ଋଣ ବୋଝରେ ଚାଷୀର ଆତ୍ମହତ୍ୟା' ଘଟଣା ଯେତେବେଳେ ବନାଗ୍ନି ପରି ବ୍ୟାପୁଥିଲା ବରଗଡ଼ରୁ ସୁନ୍ଦରଗଡ଼, ରାୟଗଡ଼ାରୁ ଜଗତ୍‌ସିଂହପୁର, କଳାହାଣ୍ଡିରୁ କନ୍ଧମାଳ ଓ ଯାଜପୁରରୁ କେନ୍ଦୁଝର, ବସନ୍ତର ପ୍ରଥମ ଖବର ପରି ସାମ୍ବାଦିକ ମାନେ ଘୁରି ବୁଲୁଥିଲେ ଏ ସବୁ ଖବର ସଂଗ୍ରହରେ । ବାରମ୍ବାର ବନ୍ୟା, ବାତ୍ୟା, ମରୁଡ଼ି ଓ ପଂଗପାଳଙ୍କୁ ସାମ୍ନା କରି କରି ମଣିଷରୁ ପଥର ପାଲଟି ଯାଇଥିବା ଚାଷୀଟି ଭିତରେ ଋଣ ମୁକ୍ତ ଜୀବନ ଜିଇଁବାର ସ୍ୱାଭିମାନ ଟିକକ ଯେ ବଞ୍ଚି ରହିଥିଲା ତାହାହିଁ ଥିଲା ଯଥେଷ୍ଟ ସାନ୍ତ୍ୱନାର ବିଷୟ ।

ବିବ୍ରତ ହେଉଥିଲା ଶାସନ, ବ୍ୟସ୍ତ ରହୁଥିଲା ପ୍ରଶାସନ । କୃଷିମନ୍ତ୍ରୀଙ୍କର ଆସନ ହେଉଥିଲା ଟଳମଳ । ଏ ଦେଶର ମେରୁଦଣ୍ଡ ବୋଲାଉଥିବା କୃଷକ ମାନଙ୍କର ଆତ୍ମହତ୍ୟା ପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଯେତେ ସମ୍ଭବ ଗଣମାଧ୍ୟମରୁ ଦୂରେଇ ରହିବାକୁ ପ୍ରୟାସ କରୁ କରୁ ଅକସ୍ମାତ କୌଣସି ସଭା ସମିତିରେ ବିରୋଧୀ ଦଳର ଏହା ଏକ ରିତିମତ ଷଡ଼ଯନ୍ତ୍ର ବୋଲି ମନ୍ତବ୍ୟ ଦେଇ ବିବାଦୀୟ ହୋଇ ପଡ଼ିଥିବା ମନ୍ତ୍ରୀ ମହୋଦୟ ଆପାତତଃ ନିଷ୍ପତ୍ତି ନେଇଥିଲେ ସାମ୍ବାଦିକଙ୍କର ସମସ୍ତ ପ୍ରଶ୍ନକୁ ଏଡ଼ାଇ ଦେବାପାଇଁ ତଦନ୍ତ କମିଶନର ରିପୋର୍ଟ ଆଳରେ ।

ରିପୋର୍ଟ ଆସୁଥିଲା, ଯେଭଳି ଅନ୍ୟାନ୍ୟ ସମସ୍ତ ତଦନ୍ତ କମିଶନର ରିପୋର୍ଟ ଆସେ । ତହସିଲଦାର ରିପୋର୍ଟ ଦେଉଥିଲେ ଯଦିଓ ବିଗତ ବର୍ଷମାନଙ୍କ ତୁଳନାରେ ଚଳିତବର୍ଷ ବୃଷ୍ଟିପାତ ହାର କମ୍ ଥିଲା ତଥାପି ଫସଲହାନୀ ପରିସ୍ଥିତି ଆସିନଥିଲା । ସରଜମିନ୍ ତଦନ୍ତ ପରେ ଏକଥା ଜଣା ପଡ଼ିଛି ଯେ ଚାଷୀ ଉପରେ ଋଣ ଥିଲା ମାତ୍ର ତାହା ଭାରାକ୍ରାନ୍ତ କଲାପରି ନୁହେଁ । ଦେଶର ଲୋକପ୍ରିୟ ଶାସନ ବ୍ୟବସ୍ଥା ଗତବର୍ଷ ଋଣ ଛାଡ଼ କରି ସାରିବା ପରେ ଚାଷୀଙ୍କୁ ପୁନଃ ଋଣ ପ୍ରଦାନ କରାଯାଇଥିଲା ଯାହାର ପରିଶୋଧର ଅବଧି ଏଯାଏଁ ଉପଗତ ହୋଇନି କିମ୍ବା ଋଣ ଆଦାୟ ପାଇଁ କୌଣସି ନୋଟିସ୍ ପଠାଯାଇ ନାହିଁ । ଫସଲହାନୀର ସ୍ଥିତି ଯଦିଓ ଆସିନଥିଲା, ଅନୀୟମିତ ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲହାନୀର ଆଶଙ୍କା ଉପୁଜିଥିଲା ନିଶ୍ଚୟ । ଏହି ଆଶଙ୍କାଟି

Digitized by PPRACHIN, SOA

ଏକମାତ୍ର କାରଣ ନୁହେଁ ଆତ୍ମହତ୍ୟାର, ଏଥିପାଇଁ କିଛି ପାରିବାରିକ ଓ ସାମାଜିକ ସ୍ଥିତି ହିଁ ଦାୟୀ ।

ଥମୁ ନଥିଲା ଚାଷୀ ଆତ୍ମହତ୍ୟାର ଖବର କିମ୍ବା କମୁ ନଥିଲା ଏହାକୁ ନେଇ ଚାଲିଥିବା ରାଜନୀତି । କୃଷିମନ୍ତ୍ରୀଙ୍କର ଇସ୍ତଫା ଦାବୀଠାରୁ ମୁଖ୍ୟମନ୍ତ୍ରୀ ଏ ବିଷୟରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦାବୀ ହୋଇ ବିଭିନ୍ନ ବ୍ଲକ୍, ଜିଲ୍ଲାମହକୁମା ଠାରୁ ଆରମ୍ଭ କରି ରାଜଧାନୀ ଯାଏଁ ଲମ୍ବୁଥିଲା ବିକ୍ଷୋଭ ଓ ଧାରଣାର ଧାଡି ।

ସବୁ ଧାରଣା ଓ ବିକ୍ଷୋଭର ଏକ ସ୍ୱାଭାବିକ ଆୟୁଷ ଥାଏ, ଏବଂ ତାହା ମିଆଦ ପୂରଣ ହୋଇଗଲେ ସେ ଆନ୍ଦୋଳନ ଆପେ ଆପେ ବନ୍ଦ ହୋଇଯାଏ । ଯଦି ଗଣମାଧ୍ୟମର ରିପୋର୍ଟ ଏବଂ ଲୋକଙ୍କ ବିକ୍ଷୋଭ କିମ୍ବା ଧାରଣାକୁ ସମ୍ମାନ ଜଣାଇ ରିପୋର୍ଟ ବିଭାଗୀୟ ମନ୍ତ୍ରୀଙ୍କୁ ହଟାଯାଏ, ତେବେ ଏପରି ସମୟ ଆସିବ ଆଉ ମନ୍ତ୍ରୀ ହେବାକୁ ବିଧାୟକ ନଥିବେ । ବିରୋଧି ଦଳରେ ଥିବା ବେଳେ ନିଜର ରାଜନୈତିକ ଅସ୍ତିତ୍ୱକୁ ବଜାୟ ରଖିବାକୁ ବିରୋଧୀଏ ଯେକୌଣସି ଘଟଣାକୁ ନେଇ ଧାରଣା, ବିକ୍ଷୋଭ ଏପରିକି ଆନ୍ଦୋଳନ କରିପାରନ୍ତି, ଏହାର ଅର୍ଥ ନୁହେଁ ଯେ ତାକୁ ଭୟ କରି କିମ୍ବା ସମ୍ମାନ ଜଣାଇ ଆମେ ମନ୍ତ୍ରୀଙ୍କୁ ବଦଳାଇ ଥିବା । ତେବେ ଏ ଘଟଣାକୁ ଆମେ ସଂପୂର୍ଣ୍ଣ ଅଣଦେଖା ନକରି, ଯଦି ଏହାର ସତ୍ୟାସତ୍ୟ ଥାଏ, ତେବେ ଏହାକୁ ପ୍ରତିରୋଧ କରିବାକୁ ବ୍ୟବସ୍ଥା କରିବାକୁ ପ୍ରୟାସ କରିବା । ମୁଖ୍ୟମନ୍ତ୍ରୀଙ୍କୁ ଏକଥା ବୁଝାଇ ନିଜର ସ୍ଥିତିକୁ ସମ୍ଭାଳି ନେଲେ କୃଷିମନ୍ତ୍ରୀ ।

ମୌସୁମୀର ଆଗମନରେ ଅଂଶୁଘାତ କମିବା ପରି କମିଗଲା ଚାଷୀ ଆତ୍ମହତ୍ୟାର ଖବର । ପରିସ୍ଥିତି ସୁଖଦ ହୋଇ ଆସିବା ବେଳେ "ପୁଣି ଏକ ଚାଷୀ ଆତ୍ମହତ୍ୟା" ଖବରଟି ମେଘଭର୍ତ୍ତି ଆକାଶରେ ବିଜୁଳି ପରି ଚମକ ଖେଳାଇ ଦେଲା ଶାସନ ଓ ପ୍ରଶାସନ ମହଲରେ ।

ଖବରଟି ଥିଲା ଏମିତି – ଖଲିଆପାଲି ଗ୍ରାମର ସୁଦର୍ଶନ ପରାଭୋଏ, ବୟସ ପଇଁଚାଳିଶ, ନିଜ କ୍ଷେତରେ ଥିବା ଏକ ମହୁଲ ଗଛରେ ଦଉଡି ଦେଇ ଆତ୍ମହତ୍ୟା କରିଛି । କ୍ଷେତର ପରିସିତି ଏମିତି, ଯଦିଓ ଧାନ ସବୁ ସମ୍ପୂର୍ଣ୍ଣ ମରିଯାଇ ନାହାନ୍ତି ମାତ୍ର ବଞ୍ଚିବା ପାଇଁ ବତର ମାଟିରେ ସଂଗ୍ରାମ କରୁଛନ୍ତି କେବଳ । ନିଜର କ୍ଷେତର ଏପରି ଅବସ୍ଥାରେ ସେ କିଛିଦିନ ହେଲାଣି ମ୍ରିୟମାଣ ଅବସ୍ଥାରେ ରହୁଥିଲେ । ହୁଏତ ମାନସିକ ଚାପ ତଥା ହାତ ଉଧାରୀଆଣି ଚାଷରେ ଖଟାଇଥିବା ଅର୍ଥ ଚାଷ ନଷ୍ଟ ହେବା ପରେ କେମିତି ଫେରାଇବେ ଏହି ଚିନ୍ତାରେ ଶେଷକୁ ଆତ୍ମହତ୍ୟାର ପନ୍ଥା ବାଛି ନେଇଛନ୍ତି । ଯେହେତୁ ତାଙ୍କର ଦୁଃଖଦ ମୃତ୍ୟୁରେ ତାଙ୍କର ପରିବାର – ବିଶେଷ କରି ତାଙ୍କର ପତ୍ନୀ ଓ ବିବାହ ଯୋଗ୍ୟ ଦୁଇଜଣ କନ୍ୟା ଏପରି ଭାଙ୍ଗି ପଡିଛନ୍ତି ଯେ, ଏ ଘଟଣା ପରଠାରୁ ସେମାନେ ପ୍ରାୟତଃ ମୂକ ପାଲଟି ଯାଇଛନ୍ତି, ଏଥିପାଇଁ ଫସଲହାନୀ ଏକମାତ୍ର କାରଣ ନା ଅନ୍ୟକିଛି ପାରିବାରିକ କାରଣ ଅଛି ଏ ବିଷୟରେ ବିଶେଷ ତଥ୍ୟ ସଂଗ୍ରହ କରାଯାଇ ପାରିନାହିଁ ।

ଗଛରୁ ଝୁଲନ୍ତା ଶବକୁ ଓହ୍ଲାଇବା ପୂର୍ବରୁ ସେଠାରେ ପହଞ୍ଚି ସାରିଥିଲେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିରୋଧୀ ଦଳର ସ୍ଥାନୀୟ ନେତା ଏବଂ ଏମ୍.ଏଲ୍.ଏ ଙ୍କର ପ୍ରତିନିଧି । ଏମ୍.ଏଲ୍.ଏ ଙ୍କ ପ୍ରତିନିଧି ପୋଲିସ୍ ଷ୍ଟେସନକୁ ଖବର ଦେଇ ଶବକୁ ଇନ୍‌କ୍ୟୁଏଷ୍ଟ ପାଇଁ ପଠାଇବାରୁ ବ୍ୟବସ୍ଥା

Digitized by PPRACHIN, SOA

କଲାବେଳେ ବିରୋଧୀଦଳ ବିରୋଧ କଲେ । ତାଙ୍କର କହିବା କଥାଥିଲା ସୂର୍ଯ୍ୟାଲୋକ ପରି ଏ ଘଟଣା ଯେତେବେଳେ ସ୍ପଷ୍ଟ ଫସଲହାନୀ ଓ ଋଣଭାର ପାଇଁ ସୁଦର୍ଶନ ପରାଭୋଏ ଆତ୍ମହତ୍ୟା କରିଛନ୍ତି । ଏହା ଉପରେ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆନଯାଇ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇ ତଦନ୍ତ ନାଆଁରେ ଲୋକଙ୍କୁ ଭୂଆଁ ବୁଲାଇବାର ଇଏ ଏକ ଚାଲ । ଆମେ ଏକଥା କରାଇବାକୁ ଦେବୁନାହିଁ । ଶବ ଯିବ ଜାତୀୟ ରାଜପଥ ଉପରକୁ । ରାଜପଥକୁ ବନ୍ଦ କରାଯିବ, ଯେତେବେଳେ ଯାଏଁ ସରକାରଙ୍କର ପ୍ରତିନିଧି ଆସି ଉପଯୁକ୍ତ କ୍ଷତିପୂରଣ ନ ଦେଇଛନ୍ତି ।

ପରାଭୋଏଙ୍କ ଜ୍ଞାତିକୁଟୁମ୍ବ ଚାହୁଁଥିଲେ ଶବକୁ ଗାଆଁକୁ ନେଇ କ୍ରିୟାକର୍ମ କରିବାକୁ, ହେଲେ ବିରୋଧୀ ଦଳର ସ୍ଥାନୀୟ ନେତା କହିଲେ – ସୁଦର୍ଶନର ଶବ ଏଇନେ କୌଣସି ପରିବାରର ନୁହେଁ, ସେ ସମଗ୍ର ଚାଷୀ କୂଳର ଶବ । ସେ ଚାଷୀ କୂଳର ସମସ୍ୟା ଓ ସରକାରଙ୍କର ନିଷ୍କ୍ରିୟତାରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି । ସୁଦର୍ଶନ ସାହସ ଜୁଟାଇ ପାରିଲେ ଆତ୍ମହତ୍ୟା କରି କୁଶାସନ ବିରୁଦ୍ଧରେ ନୀରବ ପ୍ରତିବାଦ କରିବା ପାଇଁ । ଅନ୍ନଯୋଗାଇବା ଚିନ୍ତାରେ ପ୍ରାଣବଳୀ ଦେଇଥିବା ସୁଦର୍ଶନ ପରାଭୋଏ ଜଣେ ସହିଦର ମର୍ଯ୍ୟାଦା କାହିଁକି ନ ପାଇବେ ? ସେ କାହାପାଇଁ କ'ଣ ହୋଇ ପାରନ୍ତି ହେଲେ ଆମ ପାଇଁ ଜଣେ ସହିଦ୍ ଠାରୁ କମ୍ ନୁହଁନ୍ତି । ତାଙ୍କର ଶବ ଏଇନେ ତାଙ୍କ ପରିବାରର ସମ୍ପତ୍ତି ନୁହେଁ ସମଗ୍ର ରାଷ୍ଟ୍ରର ସମ୍ପତ୍ତି, ତାଙ୍କୁ ଉଚିତ ନ୍ୟାୟ ନ ମିଳିବା ଯାଏ, ଆମେ ଆମର ସଂଗ୍ରାମ ଜାରୀ ରଖିବୁ ।

ରାସ୍ତା ଉପରେ ଶବ । ସରକାର-ହାୟ, ହାୟ । ଚାଷୀହନ୍ତା ସରକାର-ଗାଦି ଛାଡ଼ି, ଗାଦି ଛାଡ । ଚାଷୀ କୂଳଙ୍କୁ ଅବହେଳା – ଚଳିବ ନାହିଁ, ଚଳିବ ନାହିଁ, ଏମିତି ନାନାବିଧ ସ୍ଲୋଗାନ୍‌ରେ ଜମୁଥିଲା ଭୀଡ । ଗାଡି ମଟର ଯାମ୍, ରାସ୍ତା ବନ୍ଦ ।

ସମବେତ ହେଉଥିଲେ ବିଭିନ୍ନ ବିରୋଧୀ ଦଳର ନେତାଏ । ଶବ ଉପରେ ଦିଆ ଯାଉଥିଲା ଫୁଲ ମାଳ, ପାଖରେ ଜଳା ଯାଉଥିଲା ଅଗରବତୀ । ନିଷ୍ପତ୍ତି ନିଆ ଯାଉଥିଲା ସରକାର ଆଣ୍ଠୁଭାଙ୍ଗି ଶାସନର ଅପାରଗତା ସ୍ୱୀକାର କରି ଉପଯୁକ୍ତ କ୍ଷତିପୂରଣ ନ ଦେବାଯାଏ ଶବ ଏମିତି ରହିଥିବ ରାସ୍ତା ଉପରେ । କେବଳ ଏଇ ରାସ୍ତା ନୁହଁ, ଦରକାର ପଡିଲେ ରାଜ୍ୟର ସମସ୍ତ ରାସ୍ତାକୁ ବନ୍ଦ କରି ଆମେ ବାଧ କରିବୁ ସରକାରଙ୍କୁ ତାଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାକୁ । ଇଏ ସୁଦର୍ଶନ ପରାଭୋଏର ମୃତ୍ୟୁ ନୁହଁ । ସରକାରଙ୍କର ଅବହେଳାର ପ୍ରତୀକ । ଏ ଅବହେଳା ବିରୁଦ୍ଧରେ ଚାଲିବ ଆମର ନିର୍ଣ୍ଣାୟକ ସଂଗ୍ରାମ ।

ଆନ୍ଦୋଳନକାରୀଙ୍କୁ ଖରାରୁ ରକ୍ଷା ପାଇଁ ବନ୍ଧାହେଲା ଟେଣ୍ଟ, ବିଛାଗଲା ଦରି । ସ୍ଲୋଗାନ୍‌କୁ ସୁଦୂରପ୍ରସାରୀ କରିବାକୁ ଅଣାଗଲା ମାଇକ୍ । ସମବେତ ଜନତାଙ୍କୁ ମିଶିବା ପାଇଁ ଆସୁଥିବା ବିରୋଧୀ ଦଳର ତୁଙ୍ଗ ନେତାଙ୍କ ଉଦ୍‌ବୋଧନ ଦେବାପାଇଁ ବନ୍ଧାହେଲା ମଞ୍ଚ, ସଭା ସ୍ଥଳକୁ ଆଲୋକିତ କରିବା ପାଇଁ ଇଲେକ୍ଟ୍ରି ଖୁଣ୍ଟରେ ହୁକ୍ ପକାଯାଇ ଟଣାଗଲା ଲାଇନ୍ ।

Digitized by PPRACHIN, SOA

ଏସବୁ କାର୍ଯ୍ୟକ୍ରମ ଭିତରେ ଧୀରେ ଧୀରେ ପଚୁଥିଲା ଶବ । ପୋଲିସ୍ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କୁ ଏବଂ ନେତା ମାନଙ୍କୁ ବୁଝାଉଥିଲେ ଆମେ ସରକାରଙ୍କ ପାଖରେ ଆପଣମାନଙ୍କ ଦାବୀକୁ ପହଞ୍ଚାଇବାର ଦାୟିତ୍ୱ ନେଉଛୁ । ପ୍ରଚଳିତ ରିଲିଫ୍ କୋର୍ଡ ଅନୁସାରେ ଆମ ହାତରେ ଯେଉଁ କ୍ଷମତା ଅଛି – ଶବ ସଂସ୍କାର ପାଇଁ ଦଶହଜାର ଟଙ୍କା ଆମେ ତାଙ୍କର ପରିବାର ବର୍ଗଙ୍କୁ ଦେଉଛୁ । ଯେହେତୁ ଶବଟି ପଚିବାରୁ ଆରମ୍ଭକଲାଣି, ଏହା ପୁନଶ୍ଚ ଏକ ସାମାଜିକ ଓ ମାନବିକତାର ପ୍ରଶ୍ନ ଠିଆ କରାଇବ, ତେଣୁ ଶବକୁ ପୋଲିସ୍‌କୁ ହସ୍ତାନ୍ତର କରି ପୋଷ୍ଟମର୍ଟମ କରାଯାଉ, ସଂସ୍କାର ସରିବା ପରେ ଉପଯୁକ୍ତ କ୍ଷତି ପୂରଣର ଦାବୀ ଉପରେ ସହାନୁଭୂତିଶୀଳ ହୋଇ ନିଷ୍ପତ୍ତି ବିଚାର କରାଯିବ ।

ଶବ ପଚୁଥିବାରୁ ଆନ୍ଦୋଳନକୁ ଆଉ ବେଶିଦିନ ଧରି ଚଳାଇ ହେବନି ଚିନ୍ତାକରି ବିରୋଧୀ ନେତା କହିଲେ ଠିକ୍ ଅଛି ଆମେ ଏ ପ୍ରସ୍ତାବରେ ରାଜି, ମାତ୍ର ସ୍ଥାନୀୟ ପ୍ରଶାସନ ଯେଉଁ ପ୍ରତିଶ୍ରୁତି ଦେଉଛନ୍ତି ସେ ପ୍ରତିଶ୍ରୁତି ଆମେ ରାଜ୍ୟ ସରକାରଙ୍କର ପ୍ରତିନିଧି କିମ୍ବା ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଶୁଣିବାକୁ ଚାହୁଁଛୁ । ତା'ପରେ ଯାଇ ଶବ ଯିବ ପୋଷ୍ଟମର୍ଟମ ପାଇଁ । ଶେଷକୁ ତାହାହିଁ ହେଲା ରାଜ୍ୟସରକାରଙ୍କ ପ୍ରତିନିଧି ହିସାବରେ ଜିଲ୍ଲାପାଳ ଆସି ସରଜମିନ୍ ତଦନ୍ତ ଉପରେ ଉପଯୁକ୍ତ କ୍ଷତି ପୂରଣ ଦିଆଯିବାର ପ୍ରତିଶ୍ରୁତି ଦେବାରୁ ଶବ ଉଠିଲା ରାସ୍ତାରୁ ।

ଯେହେତୁ ଘଟଣାର ଗାମ୍ଭୀର୍ଯ୍ୟ ବଢ଼ିଯାଇଥିଲା ଏବଂ ଅଳ୍ପଦିନ ମଧ୍ୟରେ ବିଧାନ ସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିଲା, ତଦନ୍ତରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ନ ରହେ ସେଥିପାଇଁ ଜିଲ୍ଲାପାଳ ଖୋଦ୍ ତଦନ୍ତ କରିବାର ନିଷ୍ପତ୍ତି ନେଇଥିଲେ ।

ଜିଲ୍ଲାପାଳ ତଦନ୍ତରେ ଯିବା ପୂର୍ବରୁ ଶୁଦ୍ଧକ୍ରିୟାରେ ଯୋଗଦେବା ଆଳରେ ବିରୋଧୀ ଦଳର ନେତାମାନେ ଯାଇ ସୁଦର୍ଶନର ପତ୍ନୀ ଉର୍ମିଳାଙ୍କୁ ବୁଝାଇ ଥିଲେ – କହିବ ଋଣ ଭାରରେ ମୋ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି ବୋଲି । ବ୍ୟାଙ୍କ କିମ୍ବା ସୋସାଇଟିରୁ ଋଣ ନେଇ ନାହାନ୍ତିର ଚାଷ ପାଇଁ, ଗାଆଁ ସାହୁକାର ଓ ମହାଜନ ଠାରୁ ଋଣ ନେଇଥିଲେ ଚଢ଼ା ସୁଧରେ । ଦେଖ ସିଏ ତ ମରିଗଲା-ମରିଗଲା, ଏବେ ତମ ମୁଣ୍ଡ ଉପରେ ଦୁଇ ଦୁଇଟା ବଢ଼ିଲା ଝିଅଙ୍କର ବୋଝ । ଅନ୍ତତଃ ମୋଟା ଅଙ୍କର କ୍ଷତି ପୂରଣ ମିଳିଗଲେ ତମେ ସେ ଦୁଇଜଣଙ୍କର ବାହାଘର କରାଇ ପାରିବ ।

ସମସ୍ତଙ୍କ କଥା ଶୁଣେ ଉର୍ମିଳା, ମାତ୍ର ନୀରବ ରହେ । କୌଣସି କଥାରେ ହଁ କି ନାହିଁ କିଛି କହେନା, ନେତା ମାନେ ଧରି ନେଇଥିଲେ ଯେ ସ୍ୱାମୀର ମୃତ୍ୟୁରେ ମ୍ରିୟମାଣ ହୋଇ ସେ କିଛି କହୁନଥିଲେ ମଧ କ୍ଷତି ପୂରଣ ଲୋଭରେ ସେ ସତ ନ କହି ମିଛ ହିଁ କହିବ ।

ଉର୍ମିଳାଙ୍କ ଝିଅ ଦୁଇଜଣ ଏସବୁ କଥାଶୁଣି ମାଆକୁ ବୁଝାଇ ଥିଲେ – ଘର କଥା ଘର ଭିତରେ ରହିବ କେହି ଜାଣିବେନି । ଆମ ତିନିଜଣଙ୍କୁ ଛାଡି ଦେଲେ ଅସଲ କାରଣ ତ କେହି ଜାଣି ନାହାନ୍ତି । ସିଏ ତ ଆମକୁ ଦାଣ୍ଡରେ ବସାଇ ଦେଇ ଚାଲିଗଲେ । ବଞ୍ଚିଥିଲେ ଯେଉଁ କାର୍ଯ୍ୟ ତାଙ୍କର ଦାୟିତ୍ୱ ହୋଇଥାଆନ୍ତା, ତାଙ୍କ ମୃତ୍ୟୁରେ ମିଳିବାକୁ ଥିବା କ୍ଷତି ପୂରଣ ସେ ଦାୟିତ୍ୱ

Digitized by PPRACHIN, SOA

ସମ୍ଭାଳୁ । ତୁ ବୋଉ ଟିକେ ମିଛ କହି ଦେବୁ ।

ଉର୍ମିଳା ସମସ୍ତଙ୍କ କଥା ଶୁଣନ୍ତି ଅଥଚ ନୀରବ ରହନ୍ତି । ତାଙ୍କ ଭିତରେ ଲାଗି ରହିଥିବା ଦ୍ୱନ୍ଦଟି ତାଙ୍କୁ ସମୁଦ୍ର ଲହଡି ପରି ଅଥୟ କରୁଥିବା ବେଳେ ତାଙ୍କ ନୀରବତା ସମସ୍ତଙ୍କୁ ପାହାଡ ପରି ବୋଝ-ବୋଝ ଲାଗୁଥିଲା ।

ଜିଲ୍ଲାପାଳ ଆସିଲେ ତଦନ୍ତ ପାଇଁ । ସାଥୀରେ ଥିଲେ ତହସିଲଦାର ଓ ବି.ଡି.ଓ । ତହସିଲଦାର ଗାଆଁ ଲୋକଙ୍କୁ ସାଙ୍ଗରେ ଧରି ସୁଦର୍ଶନ ପରାଭୋଏର ଚାଷ ଜମିକୁ ଗଲେ ଫସଲହାନୀର କ୍ଷୟକ୍ଷତି ଆକଳନ କରିବାକୁ । ବି.ଡି.ଓ, ଗ୍ରାମସେବକଙ୍କୁ ଡକାଇ ସୁଦର୍ଶନ ନାଆଁରେ ବି.ପି.ଏଲ୍ କାର୍ଡ ଥିଲା କି ନାହିଁ ପଚାରି ବୁଝିଲେ । ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ଉର୍ମିଳାଙ୍କୁ ଭେଟି ତଦନ୍ତ କଲେ । ଜିଲ୍ଲାପାଳ ପଚାରିଲେ – ଚାଷ ପାଇଁ ବ୍ୟାଙ୍କ କିମ୍ବା କୋ-ଅପରେଟିଭ୍ ସୋସାଇଟି, କେଉଁଠି ଋଣ କରିଥିଲେ ଆପଣଙ୍କ ସ୍ୱାମୀ ?

କେଉଁଠୁ ବି ଋଣ ନେଇ ନାହାନ୍ତି – କହିଲେ ଉର୍ମିଳା ।

କ'ଣ ସାହୁକାର ବା ମହାଜନ ଠାରୁ କରଜ କରିଥିଲେ ?

ନା –,

ତେବେ ?

ଋଣ କ'ଣ ପାଇଁ ନେଇ ଥାଆନ୍ତେ ?

ଚାଷ ପାଇଁ । ଚାଷ ପାଇଁ ଋଣ କରି ପରା ସେ ବୋଝ ସମ୍ଭାଳି ନପାରି ସେ ଆତ୍ମହତ୍ୟା କରିଛନ୍ତି ?

ସେ ତ ଚାଷ କରୁନଥିଲେ, ଚାଷ ପାଇଁ ଋଣ କାହିଁକି ନେଇ ଥାଆନ୍ତେ ।

ଚାଷ କରୁନଥିଲେ... ?

ନା ।

ଜମିବାଡି ଅଛି ?

ହଁ –

ଜମି ସବୁ ଭାଗ ଚାଷ ଦିଆ ଯାଇଛି ।

ସୁଦର୍ଶନ ତେବେ କରୁଥିଲେ କ'ଣ ?

ସୁରତରେ ସୂତା କଳରେ ଚାକିରୀ କରିଥିଲେ ।

ତେବେ ଆତ୍ମହତ୍ୟା କାହିଁକି କଲେ ?

ଏକାନ୍ତ ବ୍ୟକ୍ତିଗତ ଓ ଘରୋଇ କାରଣରୁ ।

କ'ଣ ସେ କାରଣ ?

ଆମର ଦୁଇଟି ଝିଅ । ବଂଶ ରକ୍ଷା ପାଇଁ ତାଙ୍କର ପୁଅ ଦରକାର ଥିଲା । ମୋର ପୁଅ ହେଉନଥିଲା । ଦୁଇଟି ବଢିଲା ଝିଅ ଥାଉଁ ଥାଉଁ ଦୁଇ ଦୁଇଥର ଲିଙ୍ଗ ନିରୂପଣ କରି ଗର୍ଭପାତ

Digitized by PPRACHIN, SOA

କରାଇ ସାରିଥିଲି ମୁଁ । ତାଙ୍କର ଏକାନ୍ତ ଜିଦ୍ ଥିଲା ପୁଅ ପାଇଁ । ଯେଉଁଦିନ ମୁଁ ତାଙ୍କୁ କହିଲି ପୁଅ ତ ତମରି ଦୋଷରୁ ହେଉନି, ମୁଁ କ'ଣ କରିବି, ସେଦିନ ସେ ଉତ୍‌କ୍ଷିପ୍ତ ହୋଇଥିଲେ । କହିଲେ ଦେଖିବୁ ଆଉ ଗୋଟେ ବାହାହେବି ପୁଅ କିପରି ହେବନାହିଁ । ପ୍ରଥମେ ପ୍ରଥମେ ମୁଁ ତାଙ୍କ କଥାକୁ ଏତେ ଗୁରୁତ୍ୱ ଦେଇନଥିଲି, ମାତ୍ର ଯେତେବେଳେ ଜାଣିଲି ସେ ଦ୍ୱିତୀୟ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ସାରିଦେଲେଣି, ସେଥିପାଇଁ ଖୁବ୍ ଝଗଡା ହେଲା ଘରେ । ମୁଁ କହିଥିଲି ମୁଁ ବଞ୍ଚି ଥାଉଁ ଥାଉଁ ଏ ଘରେ ମୋର ସଉତୁଣୀ ରଖି ପାରିବି ନାହିଁ, ସିଏ ରହିବ ନଚେତ୍ ମୁଁ ରହିବି । ରାତିରେ କଥା ଏତିକିରେ ସରିଗଲା, ବାଣ୍ ସକାଳୁ ସକାଳୁ ସେ ବିଲକୁ ଯାଇ ଆତ୍ମହତ୍ୟା କରିଛନ୍ତି ।

ତେବେ ତାଙ୍କ ଶବକୁ ନେଇ ଯେଉଁ ଏତେ ହୋ-ହାଲ୍ଲା ହେଲା ?

ହଁ – ତାଙ୍କର ଆତ୍ମହତ୍ୟାଟା ସତ ମାତ୍ର କାରଣଟା ନୁହେଁ । ଏ ବିଷୟରେ କଥା ଏତେ ବାଟ ଯିବା ପୂର୍ବରୁ ମୋତେ ତ କେହି କିଛି ପଚାରି ନାହାନ୍ତି, ସେମାନେ ମନେ ମନେ ଏହାର କାରଣ ନିରୂପଣ କରି ଏତେ ହୋ-ହାଲ୍ଲା କଲେ । ଏପରିକି ତାଙ୍କ ଶବ ଉପରୁ ଆମର ଅଧିକାର ଛଡାଇ ନେଇ ଆନ୍ଦୋଳନରେ ମାତିଲେ ।

ଆପଣ ଜାଣନ୍ତି ଯଦି ଆପଣଙ୍କର ଏହି ଷ୍ଟେଟମେଣ୍ଟକୁ ଆମେ ତଦନ୍ତ ରିପୋର୍ଟରେ ଲେଖୁ ତେବେ ଆପଣ ତାଙ୍କ ମୃତ୍ୟୁଜନୀତ କ୍ଷତି ପୂରଣ ପାଇବାରୁ ବଞ୍ଚିତ ହେବେ ।

କୋଡିଏ ବର୍ଷର ସଂସାର ପରେ ଯିଏ ନିଜ ସ୍ତ୍ରୀ ଓ ସଂସାର ପ୍ରତି ବିଶ୍ୱସ୍ତ ହୋଇ ପାରିଲା ନାହିଁ, ସେଭଳି ଏକ କୃତଘ୍ନ ଲୋକର ମୃତ୍ୟୁଜନୀତ ଅନୁକମ୍ପା ରାଶି ନେଇ ତାଙ୍କ ମୃତ୍ୟୁପରେ ମୁଁ ତାଙ୍କ ପାଖରେ କାହିଁକି ଋଣୀହେବି । ଆତ୍ମହତ୍ୟା କରୁଥିବା ଲୋକଟି କ'ଣ ଜଣେ ପୁରୁଷ ! ଜଣେ କାପୁରୁଷର ମୃତ୍ୟୁକୁ ନେଇ ରାଜନୀତି କରାଯାଇ ପାରେ, ମାତ୍ର ତା'ର ସ୍ତ୍ରୀ ସେଥିପାଇଁ ଗୌରବାନ୍ୱିତା ହେବନି । ମୋର ଲୋଡା ନାହିଁ ସେ ଅନୁକମ୍ପା ରାଶି । ମୁଁ ଅବଳା ମାତ୍ର ଭୀରୁ କି ଦୁର୍ବଳା ନୁହେଁ ।

□

Digitized by PPRACHIN, SOA

ବିଧିନିର୍ଦ୍ଦେଶିତ

ସେଦିନ ସଂଧ୍ୟା ଖଟି ଠିକ୍ ଜମିଆସିବା ବେଳକୁ ପହଞ୍ଚିଲେ ବନ୍ଧୁ ରାଧାକୃଷ୍ଣ । ତାଙ୍କ ପାଇଁ ଆଉ ଗୋଟେ କପ୍ ଚା' ବରଦା କରୁ କରୁ ମୁଁ ପଚାରିଲି – କ'ଣ ଚା' ପିଇବେ ତ ?

ଏକଥା କ'ଣ ପଚରା ଯାଏ – କହିଲେ ରାଧାକୃଷ୍ଣ ।

ରାଧାକୃଷ୍ଣଙ୍କ କଥା ସରିଛି କି ନାହିଁ, ଜଣେ ବନ୍ଧୁ କହିଲେ – ହଁ, ରାଧାକୃଷ୍ଣ ଏବେ ଚା' ପିଉଛନ୍ତି କାରଣ ସେ ଆଉ କବିତା ଲେଖୁ ନାହାନ୍ତି । କେତେଦିନ ଆଉ ଅବା ସେ ପ୍ରିୟମ୍ବଦାର କବିର ପରିଚୟ ନେଇ ବଞ୍ଚିରହି ଥାଆନ୍ତେ ଏବଂ ପ୍ରିୟମ୍ବଦାର ବିରହଜନିତ ଦୁଃଖକୁ ଭୁଲିବା ପାଇଁ ଚା' ବ୍ୟତୀତ ଅନ୍ୟ କୌଣସି ପ୍ରିୟ ପାନୀୟ ଉପରେ ଆସ୍ଥା ରଖନ୍ତେ । ଏବେ ତ ଉଭୟ ସଂସାରୀ ଏବଂ ଭରପୂର ସଂସାର ମଧ୍ୟରେ, ଆଉ ଦୁଃଖ କ'ଣ ଯେ ଚା' ପିଇବେ ନାହିଁ । ଏତଦ୍‌ବ୍ୟତୀତ ଯଦି ସେ ଏବେ କବିତା ଲେଖୁଥାଆନ୍ତେ, ହୁଏତ ସମ୍ଭାବନା ଥାଆନ୍ତା ଯେ ତାଙ୍କ ସୁଉଚ୍ଚ ଶରୀରର ଶୀର୍ଷରୁ ଡେଇଁ କୌଣସି ତରୁଣୀ ଆତ୍ମହତ୍ୟା କରିବାର ଏବଂ ପ୍ରିୟମ୍ବଦାର ବିରହକୁ ଛାଡି ସେ ହୁଏତ ତା' ଆତ୍ମହତ୍ୟା ଜନିତ ଦୁଃଖ ଭୁଲିବାକୁ ଅନ୍ୟ ପାନୀୟ ଉପରେ ବିଶ୍ୱାସ ରଖନ୍ତେ ।

ବନ୍ଧୁଙ୍କର ଏତାଦୃଶ ଚଟୁଳତା ରାଧାକୃଷ୍ଣଙ୍କ ଉପରେ କୌଣସି ପ୍ରଭାବ ପକାଇଲା ନାହିଁ, ବରଂ ସେ ପୂର୍ବାପେକ୍ଷା ଅଧିକ ଗମ୍ଭୀର ହୋଇ କହିଲେ – ମୁଁ ଦୀର୍ଘଦିନ ହେଲା ଗୋଟିଏ କାହାଣୀର ପରିଣତି ବିଷୟରେ ଏକମତ ହୋଇ ପାରୁନଥିଲି । ମାତ୍ର ଆଜି ଏକରକମ ବାଧ୍ୟ ହୋଇଛି ଗଳ୍ପର ପରିସମାପ୍ତି ଉପରେ ଏକମତ ହେବାକୁ ।

Digitized by PPRACHIN, SOA

ଆମେ ସମସ୍ତେ ଉତ୍ସୁକ ହୋଇ ତାଙ୍କ ଆଡକୁ ଚାହିଁବାରୁ, ସେ କହିଲେ ଯଦି ସମସ୍ତେ ଦୁଇମିନିଟ୍, ମାତ୍ର ଦୁଇମିନିଟ୍ ସମୟ ଦେଇ ଗମ୍ଭୀର ଭାବରେ ଶୁଣିବାକୁ ପ୍ରସ୍ତୁତ ହେବେ, ତେବେ ମୁଁ କାହାଣୀଟି କହିବି ।

ଚା' ଗ୍ଲାସରେ ଓଠ ଲଗାଇ ସଦାନନ୍ଦ ବାବୁ କହିଲେ – ତମେ ଆମକୁ ଏତେ କୃପଣ କାହିଁକି ଭାବୁଛ ରାଧାକୃଷ୍ଣ ? ମାତ୍ର ଦୁଇମିନିଟ୍ କାହିଁକି, ତମେ ତମର ଇଚ୍ଛାନୁଯାୟୀ ସମୟ ନେଇପାର ।

ନା, କାହାଣୀଟି ଖୁବ୍ ଛୋଟିଆ । ବେଶୀ ସମୟର ଆବଶ୍ୟକତା ନାହିଁ । ହଉ କୁହ ।

କାହାଣୀଟି ଏମିତି – ଦୁଇଜଣ : ପ୍ରେମିକ-ପ୍ରେମିକା । ଉଭୟଙ୍କ ଭିତରେ ଥିଲା ଗଭୀର ପ୍ରେମ । ଏପରି ପ୍ରେମ ଯେ ଜଣେ ଅନ୍ୟଜଣଙ୍କ ବିନା ବଞ୍ଚିବା ସମ୍ଭବ ବୋଲି ଭାବି ପାରୁନଥିଲା । ମାତ୍ର କୌଣସି ଏକ କାରଣରୁ ହଠାତ୍ ମରିଯାଇଛି ପ୍ରେମିକଟି, ହୋଇଥାଇବି ପାରେ କିଛି ଗୋଟିଏ ଦୁର୍ଘଟଣାରେ । ପ୍ରେମିକଟିର ମୃତ୍ୟୁରେ ଭାଙ୍ଗି ପଡିଛି ପ୍ରେମିକାଟି । ଚାଲିଯାଇଛି ବିଷାଦ ରାଜ୍ୟକୁ, ଭୁଲିଯାଇଛି ଖିଆପିଆ । ତା'ର ଜ୍ଞାତିକୁଟୁମ୍ବ, ପ୍ରିୟ ପରିଜନ ସମସ୍ତେ ତାକୁ ବୁଝାଉଛନ୍ତି, ଯାହା ଘଟିଗଲା ତାକୁ ଭୁଲିଯାଇ ସ୍ୱାଭାବିକ ଜୀବନକୁ ଫେରିଆସିବାକୁ । ଜୀବନର ଧର୍ମ ହେଉଛି ସେ ଆଗକୁ ଚାଲିବ । ଗୋଟିଏ ଘଟଣାକୁ ଧରିବସି ଜୀବନକୁ ଅସାର ମଣିବାରେ କୌଣସି ଯଥାର୍ଥତା ନାହିଁ । ସବୁକୁ ଭୁଲି ସ୍ୱାଭାବିକତାକୁ ଫେରିଆସିବାକୁ ତ ଈଶ୍ୱର ମଣିଷକୁ ତାଙ୍କର ଶ୍ରେଷ୍ଠ ଦାନ ସ୍ୱରୂପ ଦେଇଛନ୍ତି - ବିସ୍ମୃତି । ମାତ୍ର କାହାରି ବୁଝାଇବା କିମ୍ବା ଉପଦେଶ ପ୍ରେମିକାଟି ଉପରେ ପକାଉନାହିଁ କୌଣସି ପ୍ରଭାବ । ସେ ଧରି ନେଇଛି ପ୍ରେମିକଟି ବଞ୍ଚିଥିଲା ବେଳେ ତା'ର ଯେମିତି ପ୍ରିୟ ଥିଲା, ମୃତ୍ୟୁ ପରେ ମଧ୍ୟ ଠିକ୍ ସେମିତି ପ୍ରିୟ । ସେ ସମସ୍ତଙ୍କୁ ଅନୁରୋଧ କରୁଛି – ତାକୁ ଏକାନ୍ତରେ ତା'ର ଅନ୍ତରଂଗ ଦୁଃଖ ସହ ବଂଚିବାକୁ ଦିଆଯାଉ । କେହି ଯେମିତି ତାକୁ ଆଉ ଉପଦେଶ ନଦେଉ ଯେ ସେ ଭୁଲିଯାଉ ଦୁଃଖକୁ । ବାସ୍, ଗଳ୍ପଟି ଏଇଠି ସରିଲା ।

ଆମେ କେହି ସେ ଗଳ୍ପଟି ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ସେ ପୁନଶ୍ଚ କହିଲେ – ନା, ଗଳ୍ପଟି ପ୍ରକୃତରେ ସେଇଠି ସରିନାହିଁ । ସେଇଠୁ ଆରମ୍ଭ । ହଁ – ଲେଖକ କିନ୍ତୁ ଗଳ୍ପଟିକୁ ସେଇଠି ସାରିଛନ୍ତି । ଆପଣମାନେ ନିଶ୍ଚୟ କହିପାରନ୍ତି ଲେଖକ ଗୋଟିଏ ସ୍ପେଶ୍ ଛାଡିଛନ୍ତି ପାଠକମାନଙ୍କ ପାଇଁ ନିଜ ନିଜ ଦୃଷ୍ଟିଭଙ୍ଗୀରେ ଗଳ୍ପଟିର ସମାପ୍ତିକୁ ପରିକଳ୍ପନା କରିବାକୁ । ଗଳ୍ପଟି ପଢିସାରିବା ପରେ ମୋ ମନରେ ମଧ୍ୟ ଏଭଳି ଏକ ପ୍ରଶ୍ନ ଆସିଥିଲା – ଏମିତି କ'ଣ ଗଳ୍ପଟିକୁ ସାରିଦେଲେ ଲେଖକ ?

ଆମ ଭିତରୁ ଜଣେ କହିଲେ – ପ୍ରତ୍ୟେକ ସଫଳ ଲେଖକ ତାଙ୍କର କାହାଣୀର ପରିସମାପ୍ତିରେ ଯଥେଷ୍ଟ ସ୍ପେଶ୍ ଦିଅନ୍ତି ପାଠକଙ୍କୁ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ପରିସମାପ୍ତିକୁ ଚିନ୍ତା କରିବାକୁ ।

Digitized by PPRACHIN, SOA

– ହଁ, ଠିକ୍ କଥା କହିଲ । ସେ କାହାଣୀକୁ ପଢିବା ଦିନଠାରୁ ଆଜିଯାଏଁ ସେ କାହାଣୀକୁ ନେଇ ମୁଁ ଘାରି ହେଉଥିଲି ସିନା, ହେଲେ କୌଣସି ଗ୍ରହଣୀୟ ଯୁକ୍ତ ପାଇ ପାରୁନଥିଲି ଯେ ଲେଖକ କାହାଣୀଟିକୁ ସେଇଠି କାହିଁକି ଛାଡିଲେ ଏବଂ ପ୍ରେମିକଟି କାହିଁକି ଚାହୁଁଛି ତା'ର ଅନ୍ତରଂଗ ଦୁଃଖ ସହ ତାକୁ ଏକଲା ଛାଡିଦେବାକୁ ?

କ'ଣ ଏବେ ପାଇଗଲେ ? ମୁଁ ପଚାରିଲି ।

ହଁ, ସେଇଥିପାଇଁ ତ କହୁଛି କାହାଣୀଟି ସେଇଠୁ ଆରମ୍ଭ ବୋଲି । ତା'ପରେ ସେ ଲେଖକ ଜଣକ ମଧ୍ୟ ଛୋଟିଆ ମୋଟିଆ ଲେଖକ ନୁହଁନ୍ତି ଯେ ତାଙ୍କର ଗଳ୍ପର ପରିସମାପ୍ତିକୁ ଗମ୍ଭୀରତା ସହ ନ ନେଇ ଭୁଲି ଯାଇ ହେବ । ମୁଁ ଗଳ୍ପଟିକୁ ଗମ୍ଭୀରତା ସହ ନେଇ ଯାଇଥିଲି ସିନା ହେଲେ ସମାଧାନ ବା ପାଉଥିଲି କେଉଁଠି ? ଆଜି ଓଶୋଙ୍କୁ ପଢୁଥିଲି । ପଢୁ ପଢୁ ଏକଥାର ସମାଧାନ ପାଇଲି । ଏବେ ମୋର ଦୃଢ଼ ଧାରଣା ହୋଇଗଲା ଯେ ସଫଳ ଲେଖକ, ସଫଳ ଦାର୍ଶନିକ ଓ ଧର୍ମଗୁରୁମାନେ ମାନସିକ ସ୍ତରରେ ପ୍ରାୟତଃ ପାଖାପାଖି ଅବସ୍ଥାରେ ରୁହନ୍ତି ।

କ'ଣ ସମାଧାନ ପାଇଲେ କୁହନ୍ତୁ ।

ଓଶୋ ଗୋଟିଏ ଜାଗାରେ ଲେଖିଛନ୍ତି – ଅନ୍ତରଂଗ ଦୁଃଖ ହୃଦୟକୁ ସ୍ପର୍ଶ କରେ । ହୃଦୟ ଭିତରେ ତାକୁ ଦୀର୍ଘଦିନ ସାଇତି ରଖିଲେ ତାହା ବେଳେବେଳେ ଆତ୍ମାକୁ ଛୁଏଁ । ବେଳେବେଳେ ଆତ୍ମାକୁ ଛୁଏଁ ଉପରେ ଆପଣମାନେ ଧ୍ୟାନ ଦିଅନ୍ତୁ । ସେ କହୁ ନାହାନ୍ତି ହୃଦୟ ଭିତରେ ସାଇତା ଦୁଃଖ ସବୁବେଳେ ଆତ୍ମାକୁ ସ୍ପର୍ଶ କରେ ବୋଲି । ହଁ – ସେ ଏକଥା ବି କହୁଛନ୍ତି ଯେ ଦୁଃଖର ଆତ୍ମାକୁ ସ୍ପର୍ଶ କରିବାର ସମୟ ହେଉଛି କ୍ଷଣିକ । ହେଲେ ସେହି କ୍ଷଣିକ ମୁହୂର୍ତ୍ତ ହିଁ ନେଇଯାଏ ଏକ ଅଶୋକ-ରାଜ୍ୟକୁ ଏବଂ ସେହି ମୁହୂର୍ତ୍ତଟି ମଧ୍ୟରେ ସମାହିତ ହୋଇଯାଏ ଅନନ୍ତକାଳ । ପ୍ରତ୍ୟେକ ଯୋଗୀ, ଋଷି ତ ସେମିତି ଏକ ମୁହୂର୍ତ୍ତ ପ୍ରାପ୍ତି ପାଇଁ ଆଜୀବନ କୃଚ୍ଛ ସାଧନାରେ ଲିପ୍ତ ଥାଆନ୍ତି । ଏକଥା ପଢି ସାରିବା ପରେ ମୁଁ ବୁଝିଲି ଯେ ସେ ପ୍ରେମିକାଟି କାହିଁକି ଚାହୁଁଥିଲା ତା' ପ୍ରେମିକ ମୃତ୍ୟୁର ଦୁଃଖକୁ ଏପରି ଅନ୍ତରଂଗ କରି ସାଇତି ରଖିବାକୁ ।

ଆମେ ସମସ୍ତେ ଖୁବ୍ ନିବିଷ୍ଟ ଚିତ୍ତରେ ଶୁଣୁଥିଲୁ ରାଧାକୃଷ୍ଣଙ୍କୁ । ତାଙ୍କର କଥା ସରିବାପରେ ସେ ହୁଏତ ଆଶା କରିଥିଲେ ଆମ ଭିତରୁ କେହି ଏହା ଉପରେ ତତ୍‌କ୍ଷଣାତ୍ ପ୍ରତିକ୍ରିୟା ପ୍ରକାଶ କରିବେ ବୋଲି, ମାତ୍ର ଆମ ସମସ୍ତଙ୍କର ନୀରବତା ଦେଖି ସେ ତାଙ୍କର ଉପଲବ୍‌ଧିକୁ ଆହୁରି ଗ୍ରହଣୀୟ କରାଇବା ଉଦ୍ଦେଶ୍ୟରେ ସଦାନନ୍ଦ ବାବୁଙ୍କୁ ଚାହିଁ ପଚାରିଲେ – ଆପଣ କ'ଣ ଏମିତି ସିଦ୍ଧାନ୍ତରେ ଏକମତ ନୁହଁନ୍ତି ?

ତାଙ୍କ ପ୍ରଶ୍ନ ଶୁଣି ସଦାନନ୍ଦ ବାବୁ କହିଲେ – ଏ ସିଦ୍ଧାନ୍ତରେ ଏକମତ ହେବା ନହେବା ଭିନ୍ନ କଥା, ମାତ୍ର ଏମିତି ଏକ ପ୍ରଶ୍ନର ଉତ୍ତର ଦେବାପାଇଁ ଆପାତତଃ କିଛି ସମୟର ଗଭୀର ଚିନ୍ତନ ଦରକାର । ଯେଉଁ ପ୍ରଶ୍ନରେ ହୃଦୟ ଓ ଆତ୍ମା ଉଭୟ ଜଡିତ, ତାକୁ ଏଭଳି ହାଲ୍‌କା ଭାବରେ

Digitized by PPRACHIN, SOA

ଆଲୋଚନା କରିଦେଲେ କେବଳ ସେ ପ୍ରଶ୍ନର ଗୁରୁତ୍ୱ କମିଯିବନି, ସେଭଳି ଏକ ଉତ୍ତରିତ ଅବସ୍ଥାରେ ଅନୁଭବ ପ୍ରତି ମଧ୍ୟ ଅସମ୍ମାନ ହେବ ।

ସୂକ୍ଷ୍ମ ଅବବୋଧ ଓ ଗଭୀର ମନନଶୀଳତା ରଖୁଥିବା କାଶୀନାଥ କହିଲେ – ମୁଁ ହୃଦୟ ଓ ଆତ୍ମା ମଧ୍ୟରେ ବିଶେଷ କିଛି ଫରକ ଦେଖେନା । ମୋର ଧାରଣା, ପ୍ରେମ ଜଗତରେ ଆମେ ଯାହାକୁ ହୃଦୟ ବୋଲି ଭାବୁଛେ ଆଧ୍ୟାତ୍ମିକ ଜଗତରେ ତାକୁ ହୁଏତ ଆତ୍ମା କୁହାଯାଇଥାଇପାରେ । ମାତ୍ର ଏଠାରେ ମୋର ପ୍ରଶ୍ନ ହୃଦୟ କିମ୍ବା ଆତ୍ମାକୁ ନେଇ ନୁହଁ, ଏଇ ଅଳ୍ପଦିନ ତଳେ ଗୋଟିଏ ଖବର ବାହାରିଥିଲା, ମୁଁ ଭାବୁଛି ଆପଣମାନେ ମଧ୍ୟ ତାକୁ ପଢିଥିବେ । ଖବରଟି ଥିଲା ସେନାବାହିନୀରେ ଚାକିରୀ କରୁଥିବା ଗୋଟେ ଯୁବକ ସହ ଜଣେ ଯୁବତୀର ବିବାହ ପାଇଁ ନିର୍ବନ୍ଧ ହୋଇ ଦିନ ଧାର୍ଯ୍ୟ ସରିଥିଲା । ମାତ୍ର ଦୁର୍ଭାଗ୍ୟକୁ ବିବାହ ପାଇଁ ଆସିବା ପୂର୍ବରୁ ଗୋଟିଏ ଦୁର୍ଘଟଣାରେ ମରିଯାଇଛି ଯୁବକଟି । ଗାଆଁକୁ ଫେରିଛି ତା'ର ଶବ । ହେଲେ ଧାର୍ଯ୍ୟ ବିବାହ ଦିନରେ ଯୁବତୀଟି ଯୁବକର କବର ପାଖକୁ ଯାଇ ତା' କବର ସହ ସଂପୂର୍ଣ୍ଣ କରାଇଛି ତା'ର ବିବାହ । କେବଳ ସେତିକି ନୁହଁ, ସେ ବିବାହରେ ସାମିଲ ହୋଇଛନ୍ତି ଉଭୟଙ୍କ ପରିବାର ଏବଂ ପାଳନ କରିଛନ୍ତି ବିବାହର ପ୍ରଥାକୁ ।

ସଦାନନ୍ଦ ବାବୁ କହିଲେ – ବୁଝିଲ କାଶୀନାଥ, ଉଭୟ କ୍ଷେତ୍ରରେ ଘଟଣାଟି ଏକା ପରି ଲାଗୁଥିଲେ ମଧ୍ୟ ଏକା ନୁହନ୍ତି । ଜଣେ ମନୋସ୍ଥିତିରେ ଘଟଣାଟିକୁ ସାଇତି ରଖି ଅନିନ୍ଦ୍ୟ ଅନୁଭବକୁ କାମନା କରୁଥିବାବେଳେ ଆଉ ଜଣକ ବାହ୍ୟ ସ୍ଥିତିକୁ ଆବୋରି ଦେହାତୀତକୁ ଦେହାସ୍ଥିତ କରିବାର ପ୍ରୟାସ କରୁଛି । ଉଭୟଙ୍କର ମାନସିକତା ସମାନ ହେଲେ ମଧ୍ୟ ମାର୍ଗ ଭିନ୍ନ ଯାହା ଜପ ଓ ଜୟଗାନ ଭିତରେ ଥିବା ପ୍ରଭେଦ ଭଳି ।

କେବଳ ପ୍ରେମ କ୍ଷେତ୍ରରେ ଏଭଳି ସ୍ଥିତି ଆସେ ନା ଅନ୍ୟ କୌଣସି ଘଟଣାରେ ମଧ୍ୟ ଆସିପାରେ – ପଚାରିଲେ କାଶୀନାଥ ।

ନା, କେବଳ ପ୍ରେମ କାହିଁକି, ଘୃଣା ଓ ପ୍ରତିଶୋଧରେ ମଧ୍ୟ ସମ୍ମୋସ୍ଥିତି ଆସିପାରେ । ବହୁବର୍ଷ ଯାଏ ପ୍ରତିଶୋଧର ବହ୍ନିକୁ ଜଣେ ଯଦି ନିଜ ଭିତରେ ପ୍ରଜ୍ଜ୍ୱଳିତ କରି ରଖିଥାଏ, ତା' ପାଇଁ ପ୍ରତିଶୋଧ ପୂରଣ କରିବା ଦିନଟା ହିଁ ବହୁସାଧନା ପରେ ମୋକ୍ଷ ପ୍ରାପ୍ତିର ଦିବସ ସହ ସମାନ । ଭଗତସିଂ ବ୍ରିଟିଶ ପାର୍ଲାମେଣ୍ଟ ଭିତରେ ଗୁଳି ଚଳାଇବା ଦିନଟା ଥିଲା ତାଙ୍କ ପାଇଁ ମୋକ୍ଷର ଦିନ । ବ୍ରିଟିଶ୍ ସରକାର ତାକୁ ଯେଉଁ ଫାଶୀ ଦେଲେ, ଦେଲେ କେବଳ ତାଙ୍କର ଶରୀରକୁ । ଠିକ୍ ସେଇଭଳି ନାଥୁରାମ ଗଡ୍‌ସେଙ୍କ କଥା । ଉଭୟଙ୍କ ମୋକ୍ଷର ମୁହୂର୍ତ୍ତ ଥିଲା ପ୍ରତିଶୋଧ ପୂରଣର ସମୟ । ଆତ୍ମିକ ସ୍ତରରେ ସେହି ମୁହୂର୍ତ୍ତରୁ ସେମାନେ ପାଇଯାଇଥିଲେ ମୋକ୍ଷ । ଫାଶୀ ଦିନ ଯାଏଁ ଶରୀରରେ ପ୍ରାଣବାୟୁ ଥିଲା ସତ, ତାହା ଥିଲା କେବଳ ସିଦ୍ଧିର ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ । ଆମେ ଆମର ବିଚାରବୋଧରେ ସେମାନଙ୍କ କାର୍ଯ୍ୟକୁ ଯେତେ ନିନ୍ଦା କଲେ ମଧ୍ୟ ସେମାନେ ତାକୁ ପୁଣ୍ୟକାର୍ଯ୍ୟ

Digitized by PPRACHIN, SOA

ବୋଲି ବିଚାରିଥିଲେ । ସେଥିପାଇଁ ତ ମୃତ୍ୟୁ ପାଇଁ ସେମାନଙ୍କର ଭୟ ନଥିଲା କିମ୍ବା କୃତକର୍ମ ପାଇଁ ଅନୁଶୋଚନା ନଥିଲା । ତମେ ହୁଏତ ଏଠି ବିଚାରଧାରାର ପ୍ରଶ୍ନ ଉଠାଇ ପାର, ମାତ୍ର ଆମ ସମସ୍ତଙ୍କୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ ବ୍ୟକ୍ତିକୁ ନେଇ ବିଚାରଧାରା, ବିଚାରଧାରାକୁ ନେଇ ବ୍ୟକ୍ତିର ସୃଷ୍ଟି ନୁହେଁ, ଆମ ଦୃଷ୍ଟି ଓ ବିଚାରଧାରାରେ ଆମେ ଯେଉଁଟାକୁ ଭୁଲ ବୋଲି ଭାବୁ ତାହା ସେମାନଙ୍କ ବିଚାରଧାରାରେ ଠିକ୍ ।

କାଶୀନାଥ ଏଭଳି ଉତ୍ତରରେ ସନ୍ତୁଷ୍ଟ ନହେବା ପରି ଜଣା ପଡିଲେ । ଏବଂ କହିଲେ – ମୋ ପ୍ରଶ୍ନଟି ଟିକେ ଭିନ୍ନ ଥିଲା ।

ହଁ, ହଁ, ମୁଁ ତୁମ ପ୍ରଶ୍ନକୁ ବୁଝିଛି ଏବଂ ତା'ର ଉତ୍ତର ମଧ୍ୟ ଦେଉଛି । ମୋ ଉତ୍ତରକୁ ଆଉ ଟିକେ ପ୍ରାଂଜଳ କରିବାକୁ ମୁଁ ଯାହାସବୁ କହିଥିଲି ସେସବୁ ଥିଲା ଉପକ୍ରମଣିକା କେବଳ । ତମର ପ୍ରଶ୍ନ ହେଉଛି – କେବଳ ପ୍ରେମ କ୍ଷେତ୍ରରେ ଏସବୁ ଘଟେ ନା ଅନ୍ୟ ସବୁ କ୍ଷେତ୍ରରେ ମଧ୍ୟ ଏଇଆ ତ ?

ହଁ !

ମୁଁ ତ ସେଇକଥା କହୁଛି – ପ୍ରେମକୁ ସାଇତି ରଖିବାକୁ ଯେତିକି ସାଧନା ଦରକାର ତା'ଠାରୁ ଢେର ଅଧିକ ତପସ୍ୟା କରିବାକୁ ପଡେ ଗୋଟେ ପ୍ରତିଶୋଧର ବହ୍ନିକୁ ସାଇତି ରଖିବା ପାଇଁ । ପ୍ରେମ ଭିତରେ ସ୍ମୃତିଥାଏ, ହେଲେ ପ୍ରତିଶୋଧ ଭିତରେ ଥାଏ ଘୃଣା । ଗୋଟିଏ ଘୃଣାକୁ ସାଇତି ରଖିବାକୁ ଯେତିକି କ୍ଷତାକ୍ତ ହେବାକୁ ପଡେ, ସେତିକି କ୍ଷତାକ୍ତ ହେବାକୁ ପଡେନା ପ୍ରେମକୁ ସାଇତି ରଖିବାରେ । ଘୃଣା ପାଇଁ ହୃଦୟରୁ ରକ୍ତ ଝରେ ମାତ୍ର ପ୍ରେମ ପାଇଁ କେବଳ ଝରେ ଲୁହ । ଏଥିରୁ ତମେ ଅନୁଭବ କର କାହାକୁ ସାଇତି ରଖିବା କଷ୍ଟ । ଏଇଠି ଆଉ ଗୋଟିଏ କଥା ଆମ ସମସ୍ତଙ୍କର ମନେ ରଖିବା ଉଚିତ ଯେ – ସେ ପ୍ରେମ ହେଉ ବା ପ୍ରତିଶୋଧ, ଘୃଣା ହେଉବା ପ୍ରତାରଣା, ଯଦି ତାହା ଜଣଙ୍କର ଆନ୍ତରିକ ଇଚ୍ଛାରେ ରୂପାନ୍ତରିତ ହୁଏ ତେବେ ତାହା ପ୍ରାର୍ଥନା ହୋଇ ବ୍ରହ୍ମାଣ୍ଡର ଆତ୍ମାରେ ସ୍ଥାନିତ ହୁଏ । ବ୍ରହ୍ମାଣ୍ଡର ଆତ୍ମାରେ ସାମିଲ ହେଲାପରେ ତାହା ପୃଥିବୀରେ ରୂପାୟିତ ହେବାର ଆଭିମୁଖ୍ୟ କେବଳ ରଖେ । ପ୍ରାର୍ଥନାର ପ୍ରାର୍ଥୀଟି କର୍ତ୍ତାରୁ କର୍ମକୁ ରୂପାନ୍ତରିତ ହୋଇ ବିଧିନିର୍ଦ୍ଦେଶ ପୂରଣ କରେ କେବଳ ।

ଖଟି ଆଲୋଚନାଟି ଏତେ ବୌଦ୍ଧିକ ସ୍ତରକୁ ଚାଲି ଯାଇଥିବାରୁ ଆମ ଭିତରୁ ଅନେକ ଏଥିରେ ନିଜକୁ ସାମିଲ କରିପାରୁ ନଥିଲେ । ତେଣୁ ଆସର ଆମର ଯେତେ ଦୀର୍ଘସ୍ଥାୟୀ ହେବା କଥା ନହୋଇ ଶୀଘ୍ର ସରିଗଲା । ମୁଁ ଘରକୁ ଫେରିଆସିଲି ସତ, କିନ୍ତୁ ଆଲୋଚନାର ପ୍ରଭାବଟି ମୋ ମନ ଭିତରୁ ଯାଉ ନଥାଏ । ଆଲୋଚ୍ୟ ବିଷୟ ନେଇ ନାନା ପ୍ରକାରର ଯୁକ୍ତି ଓ ଦ୍ୱନ୍ଦ୍ୱ ମନକୁ କରୁଥାଏ ଆନ୍ଦୋଳିତ । ଆଲୋଚନାର ଦ୍ୱନ୍ଦ୍ୱରୁ ନିଜ ମନକୁ ହାଲ୍କା କରିବାକୁ ମୁଁ ଖୋଲି ଟି.ଭି. । ନ୍ୟୁଜ୍ ଚ୍ୟାନେଲ୍‌ରେ ବ୍ରେକିଂ ନ୍ୟୁଜ୍ ଆସୁଥିଲା – ପରକୀୟା ପ୍ରୀତି ପାଇଁ ପ୍ରେମକରି ବିବାହ କରିଥିବା

Digitized by PPRACHIN, SOA

ପତ୍ନୀଙ୍କୁ ଆଇ.ଆଇ.ଟି ଇଂଜିନିୟରଙ୍କ ବୀଭତ୍ସ ହତ୍ୟା । ହତ୍ୟା କରି ପତ୍ନୀଙ୍କୁ ବହୁଖଣ୍ଡରେ କାଟି ତାକୁ ପଲିଥିନ୍ ପ୍ୟାକ୍‌ରେ ଭର୍ତ୍ତିକରି ଫ୍ରିଜ୍‌ରେ ରଖିଥିଲା ନୃଶଂସ ସ୍ୱାମୀ ଏବଂ ସମୟ ଓ ସୁବିଧା ଦେଖି ତାକୁ ଫିଙ୍ଗୁଥିଲା ଡେରାଡୁନ୍‌ର ଜଂଗଲ ମଧ୍ୟରେ ।

ନ୍ୟୁଜ୍‌ଟି ଦେଖିସାରି କିଛି ସମୟପାଏଁ ସ୍ତମ୍ଭୀଭୂତ ହୋଇଗଲି । ପୁନଶ୍ଚ ସାନ୍ଧ୍ୟ ଆସରର ଆଲୋଚନାଟି ପଶିଆସିଲା ମୋ ଭିତରକୁ । ମୁଁ ମୋ ନିଜକୁ ପ୍ରଶ୍ନ କଲି – କ'ଣ ପରକୀୟା ପ୍ରୀତି ପାଇଁ ନା, ପତ୍ନୀଙ୍କ ପ୍ରତି ଘୃଣା ପାଇଁ ଏପରି ଏକ ବୀଭତ୍ସ ହତ୍ୟା କଲା ଯୁବକଟି ? ଏକକାଳୀନ ପ୍ରେମ ଓ ଘୃଣାକୁ ସାଇତି ରଖି ମୁକ୍ତିର ମାର୍ଗ ଖୋଜିବାକୁ କେତେ ପରିମାଣରେ ହୃଦୟକୁ କ୍ଷତାକ୍ତ କରିନଥିବ ଯୁବକଟି ? ଶୁଣିଛି ମହାକାଳର ଏକ ମହତ୍ ଉଚ୍ଚସ୍ତରରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମାହିତ ହୋଇଥାଆନ୍ତି ଏକ ବିନ୍ଦୁରେ, ଯାହାକୁ ସମୟଶୂନ୍ୟତାର ବିନ୍ଦୁ ବୋଲି କୁହାଯାଏ, ଯାହାକୁ ପ୍ରକାରାନ୍ତରେ ଯୋଗୀଋଷି ମାନେ ଭଗବତ୍ ସ୍ଥିତି ବୋଲି କହନ୍ତି । ସଂପୂର୍ଣ୍ଣ ଭଗବତ୍-ନିବେଦିତ କର୍ମକୁ ରହସ୍ୟମୟ ଭାବରେ ବଳେବଳେ ବିଧିନିର୍ଦ୍ଦିଷ୍ଟ ଯୋଜନାର ଅନ୍ତର୍ଭୁକ୍ତ କରିନିଏ ମହାକାଳ । ମାତ୍ର ଏସବୁ ଯେଉଁ କାର୍ଯ୍ୟକୁ ଆମେ ବିଧିନିର୍ଦ୍ଦେଶିତ କହିଯାଉଛୁ ଏହା କ'ଣ ଭଗବତ୍-ନିବେଦିତ ଧର୍ମ ?

ନିଜ ମନ ଓ ମୁଣ୍ଡକୁ ଅଧିକ ଭାରାକ୍ରାନ୍ତ ନ କରିବା ପାଇଁ ମୁଁ ବିଛଣା ଧରିଲି । ମୋତେ କେତେବେଳେ ନିଦ ଲାଗି ଯାଇଛି ମୁଁ ଜାଣେନା । ମୁଁ ସ୍ୱପ୍ନ ଦେଖୁଥିଲି, ମୁଁ ଛିଡା ହୋଇଛି ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରରେ । ଚତୁର୍ଦ୍ଦିଗ ଅନ୍ଧକାର । ସେ ଅନ୍ଧାରରେ ମୁଁ ଦେଖିପାରୁନଥାଏ କିଛି । ଧୀରେ ଧୀରେ ମହାଶୂନ୍ୟରୁ ଏକ ଜ୍ୟୋତିପିଣ୍ଡର ଆବିର୍ଭାବ ହେଲା । କ୍ରମେ ଜ୍ୟୋତିପିଣ୍ଡଟି ରୂପ ନେଲା ରାଧାଙ୍କର । ପୁନଶ୍ଚ ଆଉ ଏକ ଜ୍ୟୋତିପିଣ୍ଡ, ସେ ରୂପ ନେଲା ମୀରାର । ସେମାନଙ୍କ ଜ୍ୟୋତିରେ ଦୂର ହୋଇଗଲା ସେ ପ୍ରାନ୍ତରର ଘନ ଅନ୍ଧକାର । ଉଜ୍ଜ୍ୱଳ ଆଲୋକରେ ମୁଁ ଦେଖିଲି ଦଳେ ଲୋକ ହୋ-ହାଲ୍ଲା କରି ଘେରି ରହିଛନ୍ତି ଜଣେ ବ୍ୟକ୍ତିଙ୍କୁ । ସମସ୍ତେ ତାଙ୍କୁ ମାରିବାକୁ ଉଦ୍ୟତ ହୋଇ କରୁଛନ୍ତି ଅସ୍ତ୍ରାଘାତ, ମାତ୍ର ଆଶ୍ଚର୍ଯ୍ୟର କଥା ଯେ ନା ଲୋକଟି ଯନ୍ତ୍ରଣାରେ କାତର ହେଉଛି ନା ଜୀବନ ପାଇଁ ଆକୁଳ ଆବେଦନ କରୁଛି । ନିର୍ବିକାର ଭାବରେ ସେ ସହିଯାଉଛନ୍ତି ତାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ । ସେ ଘେରିଥିବା ଲୋକମାନେ ପାଶବିକ ଉଲ୍ଲାସରେ ତାଙ୍କୁ ଟାଙ୍ଗି ଦେଉଛନ୍ତି ଏକ ଖମ୍ବରେ । ଖମ୍ବରେ ତାଙ୍କୁ ଦୃଢ ଭାବେ ସର୍ବସମ୍ମୁଖରେ ପ୍ରଦର୍ଶନ ପାଇଁ ତାଙ୍କ ଛାତି, ଗୋଡ, ହାତ ଇତ୍ୟାଦିରେ ବିଦ୍ଧ କରୁଛନ୍ତି ଲୌହ କଣ୍ଟା ।

ଲୋକଟି ନିର୍ବିବାଦରେ ସବୁ ସହି ରହିଥାଆନ୍ତି ଶାନ୍ତ ଓ ସୌମ୍ୟ, ମୁଁ ଭିଡ ଭାଙ୍ଗି ଭାଙ୍ଗି ଆଗକୁ ବଢିଲି ତାଙ୍କୁ ଦେଖିବା ପାଇଁ । ମୋତେ ଲାଗିଲା ଯାଙ୍କୁ ମୁଁ କେଉଁଠି ଦେଖିଛି । ମନେ ପକାଇଲି କେଉଁଠି ଦେଖିଛି, କେଉଁଠି ଦେଖିଛି । ମନେ ପଡିଲା – ଦେଖିଛି ଗୀର୍ଜା ଘରରେ । ଇଏ ଯିଶୁ । ତାଙ୍କୁ ମୃତ ଅବସ୍ଥାରେ ଦେଖି କ୍ରମଶଃ ଭାଙ୍ଗିଗଲା ଭିଡ । ମୁଁ ଠିଆ ହୋଇଥିଲି ଏକା । ମୋ

Digitized by PPRACHIN, SOA

କାନରେ କେବଳ ବାଜୁଥିଲା – ଏମାନଙ୍କୁ ଏହି ଜନ୍ମରେ ମୁକ୍ତ କରିବା ପାଇଁ ଆପଣ ମୋତେ ପଠାଇଥିଲେ । ହେଲେ ମୁକ୍ତି ପାଇଁ ଏମାନଙ୍କୁ ଜନ୍ମ ପରେ ଜନ୍ମ ଏ ଧରାକୁ ଆସିବାକୁ ପଡିବ । ସେମାନେ ଆସିବାକୁ ବାଧ୍ୟ ହେବେ ମଧ୍ୟ ନାନା ରୂପରେ – ଏହାଠାରୁ ଅଧିକ ବୀଭତ୍ସ ଭୂମିକାରେ ।

ଭାଙ୍ଗିଗଲା ମୋର ନିଦ, କିନ୍ତୁ କଟି ନଥିଲା ମୋର ସ୍ୱପ୍ନାସକ୍ତ ଭାବ । ମୁଁ କେବଳ ବିଡ୍‌ବିଡେଇ ହଉଥିଲି – ପ୍ରତ୍ୟେକ କର୍ମ ହିଁ ଭଗବତ୍ ନିବେଦିତ କର୍ମ । ସେ ଯୁଦ୍ଧ ହେଉ ବା ଜୀବନ, ପ୍ରେମ ହେଉ ବା ବିରହ, ଘୃଣା ହେଉ ବା ପ୍ରତିଶୋଧ, ସବୁ ମହାକାଳ ନିର୍ଦ୍ଦେଶିତ ।

□

Digitized by PPRACHIN, SOA

ଅନ୍ୟ ଏକ ପୃଥ୍ୱୀର ଅନ୍ୱେଷା

ଖବରକାଗଜର ସମସ୍ତ ଖବରକୁ ଚିକିନିଖି କରି ପଢ଼ିବା ସୁଦର୍ଶନ ବାବୁଙ୍କର ସଉକ ନଥିଲା ବରଂ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ପ୍ରତିଦିନ ଖବରକାଗଜ ପଢ଼ି ସାରିବା ପରେ ଭାବନ୍ତି – କାହିଁକି ପଢୁଛୁ ଆମେ ଏ ଖବରକାଗଜ ? ଏଥିରେ ଅଛି କ'ଣ ? ଏବେ ତ ସବୁ ସାମ୍ବାଦିକମାନଙ୍କ ପାଇଁ ଅଖବର ହିଁ ମୁଖ୍ୟ ଖବର । ଅଶୀ ବର୍ଷର ବୃଦ୍ଧର ଅପ୍ରାପ୍ତ ବୟସ୍କା ନାତୁଣୀ ଉପରେ ବଳାତ୍କାର । ନିଜର ଯୌନଲାଳସା ଚରିତାର୍ଥ ନହେବାରୁ କ୍ଷୁବ୍‌ଧ ପିତାର କନ୍ୟା ହତ୍ୟା । ତିନୋଟି ସନ୍ତାନ ଜନନୀର ପ୍ରେମିକ ସହ ପଳାୟନ । ସିନ୍ଦୁର ଦାବୀରେ ପ୍ରେମିକ ଘର ଆଗରେ ପ୍ରେମିକାର ଅନଶନ, ଜଣେ ଉଚ୍ଚପଦସ୍ଥ ଅଫିସରଙ୍କର ନିଜ ଭାଉଜ ସହ ଅବୈଧ ସଂପର୍କ ପାଇଁ ପତ୍ନୀଙ୍କୁ ଛାଡପତ୍ର । ଆଇନ ସହାୟତା ମାଗିବାକୁ ଯାଇଥିବା ଜଣେ ମହିଳାଙ୍କ ପ୍ରତି ଓକିଲଙ୍କର ଅସଦାଚରଣ, ଶିଶୁ ବେଶ୍ୟାବୃତ୍ତି କବଳରେ ବମ୍ବେ ସହର । ବିବାହ ନୁହେଁ ଲିଭିଂ ଟୁଗେଦର ଏବେ ରାଜଧାନୀ ଝିଅମାନଙ୍କ ପହିଲି ପସନ୍ଦ ।

ଏହି ସବୁ ଖବର ପଢ଼ି ସାରିବା ପରେ ସୁଦର୍ଶନ ବାବୁ ଭାବନ୍ତି ଏସବୁ ଖବର ଗୁଡ଼ିକ ନିଶ୍ଚୟ ପଠନ ସୁଖ ଦେଉଥିବ ଅନେକଙ୍କୁ । ନଚେତ୍ ଏସବୁ ଖବରକୁ ବକ୍‌ସନ୍ୟୁଜ କରି କାହିଁକି ବାହାର କରନ୍ତେ ଖବର କାଗଜବାଲା । ମାତ୍ର ଏସବୁ ଖବରର ସମାଜ ଉପରେ ପଡୁଥିବା ପ୍ରଭାବ ଏବଂ ସାମାଜିକ ସଂପର୍କରେ ଏହାର କୁପରିଣାମ ବିଷୟରେ କେହି କେବେ ଥରେ ଚିନ୍ତା କରିଛନ୍ତି କି ? ଏହିସବୁ କାର୍ଯ୍ୟ କିଛି ବିପଥଗାମୀ, ମାନସିକ ବିକାରଗ୍ରସ୍ତ କିମ୍ବା ଉନ୍ମାଦ ବ୍ୟକ୍ତି ବିଶେଷଙ୍କ ଦ୍ୱାର ହେଉଥାଇପାରେ । ମାତ୍ର ଆମେ କ'ଣ କମ୍ ବିକାରଗ୍ରସ୍ତ ? ଏହା ତ ଆମର ପାରିବାରିକ ଓ ସାମାଜିକ ସଂପର୍କରେ ରହିଥିବା ବିଶ୍ୱାସର ଭିତ୍ତିଭୂମିକୁ ଦୋହଲାଇ ଦେଉଛି ।

ଅନେକ ଥର ଭାବିଛନ୍ତି ଏମିତି ଖବର ପଢ଼ି ମନରୁ ବିଷାକ୍ତ କରିବା ଅପେକ୍ଷା ଏକ ଖବରବିହୀନ ପୃଥ୍ୱୀରେ ରହବି ବେଶ୍ ନିରାପଦ ଓ ସୁଖକର । କିନ୍ତୁ ତାଙ୍କର ସଉକ ଜାଣି ଗାଆଁରେ

Digitized by PPRACHIN, SOA

ଥିବା ପୁତୁରାଟି ଦୁଇ ତିନୋଟି ଖବର କାଗଜ ତାଙ୍କ ପାଇଁ ମଗାଇଦେବା ସହ ତାଙ୍କର ସକାଳର ଜଳଖିଆ ପର୍ବ ପରେ ପହଞ୍ଚାଇ ଦିଏ ତାଙ୍କ ପାଖରେ । ଯେତେ ବିତୃଷ୍ଣା ଥିଲେ ବି ସାମ୍ନାରେ ଖବରକାଗଜ ଥୁଆ ହୋଇଥିଲେ ସେ ସମ୍ଭାଳି ପାରନ୍ତିନାହିଁ ନିଜକୁ । ଧୀରେ ଧୀରେ ଓଲଟାନ୍ତି ଖବରକାଗଜ । ସେଦିନ ଖବର କାଗଜର ପ୍ରଥମ ପୃଷ୍ଠାର ବକ୍ସନ୍ୟୁଜ୍ ପାଖରେ ଆଖି ତାଙ୍କର ଅଟକିଗଲା – "ଅବସରପ୍ରାପ୍ତ ଇଂଜିନିୟର ଦୀନବନ୍ଧୁ ପଟ୍ଟନାୟକଙ୍କର ଆତ୍ମହତ୍ୟା" । ହେଡିଂଟି ପଢିସାରି ଗୋଟିଏ ବିସ୍ମୟରେ ସେ ସ୍ଥିର ହୋଇଗଲେ କିଛି ସମୟ । କେବଳ ମନକୁ ମନ କହିଲେ – ଆପଣ ଶେଷକୁ ଆତ୍ମହତ୍ୟା କରି ପକାଇଲେ ନା ଦୀନବନ୍ଧୁ ବାବୁ? ଆଉ କ'ଣ କୌଣସି ବିକଳ୍ପ ନଥିଲା ଆପଣଙ୍କ ଆଗରେ । ମାନୁଛି ଗାଆଁର ସବୁ ଜମିବାଡି ବିକି ଆପଣ ଭୁବନେଶ୍ୱରରେ ଘର କରି ଦେଇଥିଲେ । ଯେଉଁ ପୁଅ ପାଇଁ ଆପଣ ଏସବୁ କରିଥିଲେ ସେ ପୁଅ ହୁଏତ... । କିନ୍ତୁ ସେ ତ ଏମିତି ନଥିଲା ?

ମନେପଡୁଛି ଦୀନବନ୍ଧୁ ବାବୁ – ଆମେ ଉଭୟ ତ ଗୋଟିଏ ବର୍ଷରେ ଅବସର ନେଇଥିଲେ । ଆମେ ସକାଳୁ ବିଳମ୍ବରେ ଉଠନ୍ତି ବୋଲି ଅବସର ପରେ ସାନ୍ଧ୍ୟ ଭ୍ରମଣର ନିଷ୍ପତ୍ତି ନେଇଥିଲେ । ସାନ୍ଧ୍ୟ ଭ୍ରମଣ ପରେ ଇନ୍ଦିରା ପାର୍କରେ ବସି ଘଣ୍ଟା ଘଣ୍ଟା ଗପସପ କରି ବିତାଇଛନ୍ତି । ମୁଁ ବହୁବାର ଅନୁଭବ କରିଛି ଆମର ଆତ୍ମୀୟତା ସତ୍ତ୍ୱେ ବି ଆମେ ପରସ୍ପର ପାଖରେ ବିମୁକ୍ତ ହୋଇ ପାରୁନଥିଲେ । ଯାହାର କାରଣ ଏକମାତ୍ର ଥିଲା କେହି କାହାରି ଘରର ଗୁମର ପଦାରେ ପକାଇବାକୁ ଚାହୁଁନଥିଲେ । ହେଲେ ପ୍ରତିଦିନ ଦୁଃଖ ସୁଖ ଭିତରେ ଘରର ଗୁମର କେତେ ଦିନ ଭଲା ଲୁଚି ବସିରହି ଥାଆନ୍ତା ଆମ ଭିତରେ ପରଦା ହୋଇ ?

ପ୍ରଥମେ ଆପଣ ଖୋଲିଥିଲେ ଗୁମର – ଗୋଟିଏ ଦୀର୍ଘଶ୍ୱାସ ପକାଇ ଏକ ଦାର୍ଶନିକ ଭଂଗୀରେ । ବୁଝିଲେ ସୁଦର୍ଶନ ବାବୁ – ଏ ପୃଥିବୀ ଆଉ କିଛି ବର୍ଷ ପରେ ଏକ ସଂପର୍କହୀନ ଓ ଅବିଶ୍ୱାସର ପେଣ୍ଡୁ ପାଲଟି ଯିବ । ସେଠି କେହି କାହାରି କିଛି ସଂପର୍କୀୟ ହେଉନଥିବେ । କେହି କାହାରି ପତ୍ନୀ ନୁହଁ, ପୁତ୍ର ନୁହଁ, ନାତି, ନାତୁଣୀ, ଭାଇବନ୍ଧୁ କିଛି ନୁହଁ । ମଣିଷ ପାଲଟି ଯିବ ଆଦି ମାନବ ଏବଂ ସଂଗ୍ରାମ କରିବ କେବଳ ବଞ୍ଚିବା ପାଇଁ ।

ମୁଁ ପ୍ରଶ୍ନ କରିଥିଲି – ହଠାତ୍ ଆପଣଙ୍କ ମୁଣ୍ଡକୁ ଏମିତକା କଥା କାହିଁକି ଜୁଟିଲା ଦୀନବନ୍ଧୁ ବାବୁ ?

ଏକଥା ହଠାତ୍ ଜୁଟିନି । ଧୀରେ ଧୀରେ ମୁଣ୍ଡରେ ପଶୁଛି । ଯେତେବେଳେ ସମସ୍ତ ବିଶ୍ୱାସ ଉପରେ ବିଶ୍ୱାସ ହରାଇ କେବଳ ଅବିଶ୍ୱାସର ବଳୟ ମଧ୍ୟରେ ମଣିଷ ବଞ୍ଚିବ, ସେତେବେଳେ ଏଭଳି ଧାରଣା ଆସିବ ନାହିଁ ତ ଆଉ କ'ଣ ଆସିବ ?

ଆଜି ଆପଣ ଯେମିତି ଦାର୍ଶନିକ ତତ୍ତ୍ୱ କହୁଛନ୍ତି – ମୁଁ କିଛି ବୁଝିପାରୁନି ।

ଦାର୍ଶନିକ ତତ୍ତ୍ୱ କହିବାକୁ ବାଧ ହେଉଛି । ଆମ ଭାଗବତରେ ପରା କୁହାଯାଇଛି "ବିଶ୍ୱାସ ମୂଳେ ଏ ଜଗତ", ମାତ୍ର ବିଶ୍ୱାସ ଯେତେବେଳେ ତା'ର ମୂଳକୁ ହରାଇ ବସିବ ସେତେବେଳେ ଏ

Digitized by PPRACHIN, SOA

ଜଗତ ରହିବତ ?

କ'ଣ ହୋଇଛି ଦୀନବନ୍ଧୁ ବାବୁ ?

କ'ଣ ଆଉ ହୋଇଛି ବୋଲି ଆପଣଙ୍କୁ କହିବି ସୁଦର୍ଶନ ବାବୁ । ସେକଥା ଯଦି କୁହେ ତେବେ ମୋତେ ଲାଗିବ ମୁଁ ପୁନଃ ଗୋଟିଏ ପାପ କରୁଛି ବୋଲି ।

କିନ୍ତୁ କୌଣସି ଗୋପନ ଦୁଃଖକୁ ଖୋଲି କହିଦେଲେ ମନ ହାଲ୍‌କା ହୋଇଯାଏ ।

ହଁ – ଭାବୁଛି ତ ଦୁଃଖକୁ ପ୍ରକାଶ କରିଦେବି ବୋଲି । କାରଣ ଏହା ମୋ ଭିତରେ ଏମିତି ଘାଣ୍ଟି ଚକଟି ହେଉଛି ଯେ ହୁଏତ ନକହିଲେ ମୁଁ ପାଗଳ ହୋଇଯିବି ।

ଆପଣ ତ ମୋର ପରିବାର ବିଷୟରେ ଜାଣିଛନ୍ତି । ପତ୍ନୀ ତ ମୋ ରିଟାୟାର୍‌ମେଣ୍ଟ ପୂର୍ବରୁ ଆଖି ବୁଜି ଦେଇଥିଲେ । ଆଉ ଆମର ପରିବାର କହିଲେ ମୁଁ, ମୋ ପୁଅ, ତା' ସ୍ତ୍ରୀ ଓ ଛୋଟ ନାତୁଣୀଟି । ପୁଅ ବୋହୂ ତ ଉଭୟ ଚାକିରିଆ । ଦଶଟା ବେଳେ ଅଫିସ ଯିବେ ଏବଂ ଆସିବେ ପାଞ୍ଚଟାରେ । ନାତୁଣୀଟି ସକାଳୁ ସ୍କୁଲ ଯିବ ଆସିବ ବାରଟାରେ । ସେ ସ୍କୁଲରୁ ଫେରିବା ପରେ ମୋର ଅବସର ସମୟତକ ପ୍ରାୟ ତାରି ସାଙ୍ଗରେ କଟିଯାଏ ।

ଏଥିରେ ଅସୁବିଧା ରହିଲା କେଉଁଠି ?

ନା କିଛି ଅସୁବିଧା ନାହିଁ । ମାତ୍ର ଏବେ ଖବରକାଗଜରେ ଗୋଟେ ଖବର ବାହାରିଥିଲା ବୃଦ୍ଧଙ୍କର ଅପ୍ରାପ୍ତବୟସ୍କା ନାତୁଣୀ ଉପରେ ବଳାତ୍କାର ଉଦ୍ୟମ । ସେ ଖବରଟି ପଢି ମୋ ବୋହୂ ମାନସିକ ସ୍ତରରେ ଏମିତି ବିକାରଗ୍ରସ୍ତା ହୋଇପଡିଛନ୍ତି ଯେ ମୋର ନାତୁଣୀ ସହ ଅନ୍ତରଂଗତାକୁ ସେ ମୋତେ ସହଜ ଦୃଷ୍ଟିରେ ଦେଖି ପାରୁନାହାଁନ୍ତି ।

ସେ କ'ଣ ଏ ବିଷୟରେ ଆପଣଙ୍କୁ କିଛି କହିଲେ କି ? ନା– କହିଥିଲେ ତ ଭଲ ହୋଇଥାଆନ୍ତା । ମାତ୍ର ସେ ମୋତେ ନକହି ମୋ ପୁଅକୁ କହିଲେ – ଭାବୁଛି ଝିଅକୁ ଏବେ କୌଣସି ବୋର୍ଡିଂ ସ୍କୁଲରେ ଛାଡି ଦେଲେ ଭଲ ହେବ ।

ପୁଅ ଆଶ୍ଚର୍ଯ୍ୟ ହୋଇ ପଚାରିଲା – କ'ଣ ପାଇଁ ? କ'ଣ ପାଇଁ ପଚାରୁଛ ତ ଦେଖ ଏ ଖବରକାଗଜକୁ । ପୁଅ ଖବର କାଗଜଟିକୁ ପଢିସାରି ଫିଙ୍ଗି ଦେଇ କହିଲା – ଗୋଟିଏ ବିକୃତ ମାନସିକତାର ଖବର ତାହେଲେ ତମର ମୁଣ୍ଡକୁ ବିକୃତ କରି ପକାଇଛି ।

ଏ କାର୍ଯ୍ୟ ବିକୃତ ମାନସିକତାର କାର୍ଯ୍ୟ ହୋଇପାରେ ହେଲେ ଖବରଟି ତ ସତ୍ୟ ?

ହୋଇଥାଇପାରେ ।

ହଁ – ସେଇଥି ପାଇଁ ତ କହୁଛି ଝିଅକୁ କୌଣସି ବୋର୍ଡିଂ ସ୍କୁଲରେ ଛାଡି ଦେବାପାଇଁ । ବାପା ମୃତଦାର । ଝିଅ ଓ ସେ ବହୁତ ସମୟ ଏକା ଘରେ ରହୁଛନ୍ତି । କିଏ କହିପାରିବ କେତେବେଳେ କେଉଁ କଥା ଘଟିବ ।

ତମର ମୁଣ୍ଡ ଫୁଣ୍ଡ ଠିକ୍ ଅଛି ତ ? ତମେ ଜାଣିପାରୁଛ ତ କ'ଣ କହୁଛ ବୋଲି ?

ମୋର ମୁଣ୍ଡ ପୂରା ଠିକ୍ ଅଛି ଏବଂ ମୁଁ ସଂପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏକଥା ଚିନ୍ତା କରି କହୁଛି ।

Digitized by PPRACHIN, SOA

ପୁଅ ତାଙ୍କ ଉପରେ ବିରକ୍ତ ହୋଇ କଥାଟାକୁ ଏଡାଇ ଦେଲା ସିନା ମାତ୍ର ମୋ ଭିତରେ ଏକ ଅଗ୍ନୀ ବିସ୍ଫୋରଣ ଘଟିଲା ।

ତା' ପରଠାରୁ ମୁଁ ଅନୁଭବ କରୁଛି ମୋ ବୋହୂ ମୋତେ ତାଙ୍କର ସନ୍ଦେହର କାଠଗଡାରେ ସବୁବେଳେ ଠିଆ କରି ରଖିଛନ୍ତି । ମୋର ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଝିଅ ଉପରେ ମଧ୍ୟ ତୀକ୍ଷ୍ଣ ନଜର । ଅଫିସରୁ ଫେରୁ ଫେରୁ ଝିଅକୁ ମାଗିବେ ଦିନ ବାରଟାରୁ ପାଞ୍ଚଟା ଯାଏଁର ଧାରା ବିବରଣୀ । ଚପଳମତି ନାତୁଣୀଟି ଯଦି କେବେ କହିଦିଏ ଜେଜେଙ୍କ ସାଙ୍ଗରେ ଖେଳୁଥିଲି କିଛି ସମୟ ସେ ଗୁମ୍ ମାରିଯାଏ ତାକୁ ପଚାରିବେ କ'ଣ ଖେଳୁଥିଲୁ ଜେଜେଙ୍କ ସହ ? କ'ଣ ବୋହୂଚୋରୀ, ଘୋଡାଚଢା ନା ଆଉ କ'ଣ ?

ନା – ଆଜି ଆମେ ବରକନିଆଁ ଖେଳ ଖେଳୁଥିଲୁ ମୋ କଣ୍ଢେଇ ମାନଙ୍କ ସହ ।

ତା'ପରେ ସେ ଆଉ କିଛି ପଚାରି ନଥିଲେ ସତ ମାତ୍ର ତାଙ୍କ ଭିତରେ କେଉଁଠି ଗୋଟେ ଲାଗି ଯାଇଥିଲା ସନ୍ଦେହର ନିଆଁ । ସେଦି ସଂଧ୍ୟାରେ ମୋ ପାଇଁ ଚା' ଆଣି ଥୋଇବା ବେଳେ ସେ କହିଲେ – ବାପା, ମାମାର ରେଜଲ୍‌ଟି ସେମିତି ଆଶାନୁରୂପ ହୋଇପାରୁନି । ସେ ସ୍କୁଲରୁ ଫେରି ବେଶି ସମୟ ଖେଳାଖେଳିରେ କଟାଉଛି । ମୁଁ କ'ଣ କହୁଥିଲି କି ଆପଣ ତା' ସାଙ୍ଗରେ ଆଉ ଏତେ ନଖେଳି ତାକୁ ପଢିବା ପାଇଁ ସ୍କୋପ୍ ଦିଅନ୍ତୁ ।

ମୁଁ ଜାଣୁଥିଲି କଥାର ରହସ୍ୟ ଅଥଚ ଖୋଲି ପାରୁନଥିଲି ପାଟି । ତା' ପରଠାରୁ ମୁଁ ତା' ସହ ଖେଳିବା ବନ୍ଦ କରିଦେଲି ।

ଥରେ ନାତୁଣୀ ସ୍କୁଲ ଗଲାବେଳେ ବୋହୂ ତାକୁ ଆକଟ କରି କହିଲେ – ମାମା ତମେ ସ୍କୁଲ ଯିବା ଆସିବା ବେଳେ କାହାରି ଠାରୁ କୌଣସି ଜିନିଷ ନେବ ନାହିଁ ।

କାହିଁକି ?

କହିଲି ପା ନେବ ନାହିଁ – କାହିଁକିର ପ୍ରଶ୍ନ କାହିଁକି କରୁଛ ? ମୁଁ ସ୍କୁଲ ଗଲାବେଳେ ତମେ ଟିଫିନ୍ ବକ୍ସ ଦେଉଛ । ତାକୁ ବି ନେବି ନାହିଁ ।

ମୋ କଥା ନୁହଁ କୌଣସି ଅଜଣା ଅଶୁଣା ଲୋକଠାରୁ କିଛି ନେବ ନାହିଁ ।

ନେଲେ କ'ଣ ହେବ ?

ତମକୁ ଯେଉଁଟା କହିଲି କରିବ – ଏତେ ପଚାରି ଲାଭ କ'ଣ ?

ମୁଁ ବୋହୂଙ୍କୁ କହିଲି – ତମ ଆକଟ ସଂପର୍କୀୟ କାରଣଟା ତାକୁ କହିଦେଲେ ବରଂ ସେ ବେଶି ସତର୍କ ହୋଇଯିବ ।

ବୋହୂ କଥା ବୁଲାଇକି ତୀର ତ ନୁହେଁ ବର୍ଚ୍ଛାଟିଏ ଫିଙ୍ଗିଲେ ମୋ ଛାତି ଉପରକୁ । ସବୁ ଆକଟର କାରଣ ତାକୁ କହିଦେଲେ ତା'ର ଆଉ ଶୈଶବ ରହିବନି । ଚାହିଁକରି ମଧ୍ୟ ମୁଁ କମ ତାକୁ ସବୁ ଆକଟର କାରଣ କହିପାରିବି ? ତେବେ ଏ ଆକଟର କାରଣ କହିବାରେ ମୋର କୌଣସି ଦ୍ୱିଧା ନାହିଁ ।

Digitized by PPRACHIN, SOA

କାରଣଟା କହିବାକୁ ଯାଇ ସେ ଖବରକାଗଜର ଯେଉଁ ନ୍ୟୁଜ୍‌ଟା ତାକୁ ଦେଖାଇଲେ ସେଥିରେ ସବୁ ଦାଢ଼ୀବାଲାଙ୍କ ପ୍ରତି ତା'ର ସୃଷ୍ଟି ହୋଇଗଲା ଭୟ ।

ପୁଅର ଜଣେ ଅଫିସ ସାଙ୍ଗ ସେ ଦାଢ଼ୀ ଛାଡ଼ିଥିଲେ । ସେ ଥରେ ରବିବାରରେ ଆମ ଘରକୁ ବୁଲି ଆସିଥିଲେ । ନାତୁଣୀ ପାଇଁ ଆଣିଥିଲେ ଚକୋଲେଟ୍ ପ୍ୟାକେଟ୍‌ଟିଏ । ସେ ଆସି ପହଞ୍ଚିବା ପରେ ଶ୍ରଦ୍ଧାରେ ନାତୁଣୀକୁ ଡାକିଲେ ତାଙ୍କଠାରୁ ଚକୋଲେଟ୍ ନେବା ପାଇଁ । ମାତ୍ର ସେ ତାଙ୍କ ହାତରୁ ଚକୋଲେଟ୍ ନେବ କ'ଣ ଦୌଡ଼ୀ ଦୌଡ଼ି ଯାଇ ମାଆ ପଛରେ ଲୁଚିଯାଇ କହିଲା – ମାଆ ପିଲା ଚୋର, ପିଲା ଚୋର ।

ସେ ଲୋକ ଜଣଙ୍କ କେବଳ ହତବାକ୍ ହେଲେ ନାହିଁ ମର୍ମାହତ ମଧ୍ୟ ହେଲେ । ସେଥିପାଇଁ ଆମକୁ ବୁଝାଇବାକୁ ପଡ଼ିଲା ଘଟଣାଟି କ'ଣ ।

ତା'ପରେ ବହୁ ସନ୍ଧ୍ୟାରେ ଆମେ ଦୁଃଖୀ ସୁଖୀ ହୋଇଛେ । ଆପଣ ମୋତେ ଯେଉଁଦିନ ସୁଖୀ ବୋଲି କହିଲେ – ସେଦିନ ମୁଁ ଖୋଲିଥିଲି ମୋ ଦୁଃଖର ପସରା । କହିଥିଲି ଚାକିରୀ କାଳ ମଧ୍ୟରେ ଭୁବନେଶ୍ୱରରେ ରହି କିଏ କେତେ କ'ଣ କରିଛନ୍ତି । ହେଲେ ମୁଁ ସେସବୁ ଦିଗ ପ୍ରତି ଧ୍ୟାନ ନଦେଇ କେବଳ ଚିନ୍ତାକଲି ପିଲାମାନଙ୍କୁ ମଣିଷ କରିବା ପାଇଁ । ବଡ଼ ପୁଅ ଇଂଜିନିୟର ହୋଇ ଆଇ.ଆଇ.ଟି ରେ ଅଧ୍ୟାପକ, ସାନପୁଅ ଡାକ୍ତର ଭୁବନେଶ୍ୱରରେ, ଝିଅ ଅଧ୍ୟାପିକା ହୋଇଥିଲା, ବାହାହେବା ପରେ ସ୍ୱାମୀ ସହ ବିଦେଶ ଯିବାରୁ ଏଠି ଚାକିରୀ ଛାଡ଼ି ଦେଇ ସେଠି ଚାକିରୀ କରୁଛି । ଲୋକେ ମୋର ସନ୍ତାନ ସନ୍ତତିଙ୍କ କୃତିତ୍ୱକୁ ମୋର କୃତିତ୍ୱ ବୋଲି ଭାବିଲେ ।

ମାତ୍ର ମୋର ଦୁଃଖ କେବଳ ଏତିକି ରହିଲା ଯେ ରିଟାୟାର୍ଡ ପରେ ଆଉ ଆମକୁ କେହି ପଚାରିଲେ ନାହିଁ । ଯେହେତୁ ମୁଁ ପେନସନ୍ ପାଉଥିଲି ଆମେ କାହାରି ଉପରେ ଆର୍ଥିକ ଦୃଷ୍ଟିକୋଣରୁ ବୋଝ ନଥିଲୁ । ମାତ୍ର ଆଜିକାଲି ସଂପୂର୍ଣ୍ଣ ନ୍ୟୁକ୍ଲିଅସ୍ ଫାମିଲିରେ ରହି ଅଖଣ୍ଡ ସ୍ୱାଧୀନତା ଚାହୁଁଥିବା ବୋହୂମାନଙ୍କ ପାଇଁ ଆମେ ବୁଢ଼ାବୁଢ଼ୀ ଥିଲୁ କଣ୍ଟା ସଦୃଶ । ଯେହେତୁ ସାନପୁଅ ଭୁବନେଶ୍ୱରରେ ଥିଲା ଆମେ ତା' ପାଖରେ ରହିବା ସ୍ୱାଭାବିକ । ମାତ୍ର ଶାଶୁ ବୋହୂଙ୍କର ଆଦୌ ପଡ଼ିଲା ନାହିଁ । ଅବସ୍ଥା ଅଣାୟତ୍ତ ହେବା ପୂର୍ବରୁ ମୁଁ ଚାହୁଁଥିଲି ଏକ ସମ୍ମାନଜନକ ପ୍ରସ୍ଥାନ । ମୁଁ ଗୋଟେ ବିକଳ୍ପର ସନ୍ଧାନରେ ଥିବା ବେଳେ ଗାଁରେ ରହୁଥିବା ମୋ ସାନଭାଇ ପ୍ରସ୍ତାବ ଦେଲା ଗାଁକୁ ଚାଲିଆସିବା ପାଇଁ । ପୁଅମାନେ ନପଚାରିଲେ ନାହିଁ, ପୁତୁରାମାନେ ତ ଅଛନ୍ତି ।

ସେହି ଏକା ଭାଗ୍ୟ ହୋଇପାରେ ଗାଁକୁ ଆସିଲେ ଭାବି ମୁଁ ଟିକିଏ ଦ୍ୱନ୍ଦ୍ୱରେ ଥିଲି । ତେଣୁ ସାନଭାଇକୁ କହିଲି ମୁଁ ଯଦି କାହାରି ଉପରେ ବୋଝ ନହୋଇ ଗାଁରେ ସ୍ୱାଧୀନ ଭାବରେ ରୁହେ ତୋର ଆପତ୍ତି ଅଛି କି ?

ସେ କହିଲା – ତମେ ତ ନିଜେ କହିଥିଲ ଆମେ ଦୁଇଭାଇ । ଜଣେ ଗାଁରେ ରହୁଛି, ଜଣେ ବାହାରେ । ତେଣୁ ବଞ୍ଚିଥିବା ଯାଏଁ ଘରେ ପାଚେରୀ ବସିବ ନାହିଁ । ନିଜ କର୍ମ ନେଇ ନିଜେ ରହିବା । ମାତ୍ର ପରସ୍ପରର ସୁଖ, ଦୁଃଖ, ଦାୟ ଦର୍କାରରେ ଠିଆ ହେବା । ସେହି କଥାକୁ ତ ମୁଁ

Digitized by PPRACHIN, SOA

ଆଜିଯାଏ ମାନି ଆସିଛି । ଆଉ ଏବେ ଯଦି ତମେ ଚାହୁଁଛ ଘରେ ପାଚେରୀ ବସୁ, ଏଇଟା ତମର ଖୁସି । ମାତ୍ର ମୁଁ କଥା ଦେଉଛି ଯଦି ତମର ଗାଆଁରେ ରହିବାର କୌଣସି ଅସୁବିଧା ହେଉଛି ବୋଲି ମୁଁ ଉପଲବ୍ଧି କରିବି, ତେବେ ତମର କହିବା ଦରକାର ନାହିଁ ମୁଁ ତମ ପାଇଁ ଅଲଗା ରହିବାର ବ୍ୟବସ୍ଥା କରିଦେବି । ତା' କଥାରେ ଭରସା ରଖି ଚାଲି ଆସିଲି ଯେ ଆଉ ଫେରିବାକୁ ମନ କରିନି ପୁଅମାନଙ୍କ ପାଖକୁ । ମୁଁ ମାନୁଛି ତମ ପାଇଁ ଗାଆଁକୁ ଫେରିଯିବାର ରାସ୍ତା ନଥିଲା, ମାତ୍ର ଆତ୍ମହତ୍ୟା ଏକମାତ୍ର ରାସ୍ତା ନଥିଲା ?

ନିଜ ସ୍ମୃତିଚାରଣରୁ ବିରତି ନେଇ ଖବରଟିକୁ ପଢିବାକୁ ଲାଗିଲେ ସୁଦର୍ଶନ ବାବୁ । ଇଂ.ଦୀନବନ୍ଧୁ ପଟ୍ଟନାୟକଙ୍କ ମୃତ୍ୟୁର ରହସ୍ୟ କିଛି ଜଣାପଡି ନଥିଲେ ମଧ ତାଙ୍କ ମୃତ୍ୟୁର ପୂର୍ବରୁ ସେ ଲେଖିଯାଇଥିବା ସୁଇସାଇଡ୍ ନୋଟ୍‌ଟି ବହୁମାତ୍ରାରେ ରହସ୍ୟ ପୂର୍ଣ୍ଣ, ବିଶ୍ୱାସ ଓ ଅବିଶ୍ୱାସର ପୃଥିବୀ ମଧ୍ୟରେ ମୋର ଅବସ୍ଥା ଏଇନେ ତ୍ରୀଶଂକୁଙ୍କ ଅବସ୍ଥା ପରି । ଏଠି ଏବେ ବଦଳି ଯାଇଛି ସଂପର୍କର ପରିଭାଷା । ମୁଁ, ତୁମେ, ସେ, ସେମାନେ ଏବଂ ଆମେ ସମସ୍ତେ ଏଇନେ ଠିଆ ହୋଇଛନ୍ତି ପରସ୍ପରର ସନ୍ଦେହର କାଠଗଡାରେ । ନିଜକୁ ନିଜର ଜମାନବନ୍ଦୀ ଦେଇ ଦେଇ ଥକି ପଡିବା ପରେ ମୋର ପାଖରେ ଆଉ କୌଣସି ବିକଳ୍ପ ଅଛି ବୋଲି ମୁଁ ଭାବି ପାରୁନି । ଦୋହଲି ଯାଇଥିବା ବିଶ୍ୱାସର ଭିତ୍ତିଭୂମିରେ ନା ପରିବାର ଗଠନ କରିହେବ ନା ସମାଜ । ତେଣୁ ଏପରି ଏକ ପରିବେଶରୁ ମୁକୁଳିଯିବା ପାଇଁ ମୁଁ ଯାହା କରିବାକୁ ଯାଉଛି ତାହା ହୁଏତ ଅନ୍ୟ ମାନଙ୍କ ଆଖିରେ ଆତ୍ମହତ୍ୟା ରୂପ ନେଇପାରେ – ମାତ୍ର ଏହା ମୋର ଆତ୍ମହତ୍ୟା ନୁହଁ – । ଏହା ମୋର ଅନ୍ୟ ଏକ ପୃଥ୍ୱୀର ଅନ୍ୱେଷା ।

ଖବରଟି ପଢି ସାରିବା ପରେ ସୁଦର୍ଶନ ବାବୁଙ୍କ ପାଟିରୁ କେବଳ ବାହାରିଲା – ଦୀନବନ୍ଧୁ ବାବୁ, ଆପଣଙ୍କ ଅନ୍ୱେଷା ସଫଳ ହେଉ ଏବଂ ଆପଣଙ୍କ ଆତ୍ମା ଶାନ୍ତି ପାଉ ।

□

Digitized by PPRACHIN, SOA

ଭଡା ଗର୍ଭ

ଅନ୍ଧେରୀର ଏକ ଗଳି ମୋଡରେ ମଇଁଉଦ୍ଦିନ୍‌ର ଦୋକାନ । ଦୋକାନ ବୋଇଲେ ଚରିଫୁଟରେ ଚରିଫୁଟର ଏକ ଖୋପ । ଆଗରେ ଲାଗିଥିଲା ଚରିଫୁଟରେ ଦୁଇଫୁଟ ଓସାରର ଗୋଟେ ବୋର୍ଡ । ଯେଉଁଥିରେ ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁରେ ଲେଖାଯାଇଥିଲା "ମଇଁଉଦ୍ଦିନ୍ ଅତର" । ଭିତରେ ଛଅ ଇଞ୍ଚ ଗଭୀରର ସେଲ୍‌ଫ ତିନି ପଟରେ ଲାଗିଥିଲା ଓ ଆଗରେ ସ୍ଲାଇଡିଂ ଗ୍ଲାସ । ମଝିରେ ଜଣେ ଲୋକ ତଳକୁ ଗୋଡ ଓହଲାଇ ବସିବା ଭଳି ଜାଗା କେବଳ । ଦୋକାନଟି ଏବେ ନୁହଁ ତା' ବାପ ଅମଳରୁ ସେମିତି ସେତିକି ଜାଗାରେ ଅଛି । ଭାରତ ବିଭାଜନ ସମୟରେ ତା' ବାପା କୁଆଡେ ଦୁଷ୍ଟମତି ହୋଇ ସାଥ୍ ଦେଇନଥିଲା ସାବତ ମାଆର ଦୌରାତ୍ମ୍ୟ ସହ ଦେଶ ଛାଡିଯିବା ପାଇଁ । ଭାଗ୍ୟ ଓ ଭବିତବ୍ୟ ସହ ସଂଗ୍ରାମ କରିବାକୁ ରହିଯାଇଥିଲା ଏକା ଏକା ।

ସ୍ୱାଧୀନତା ପରେ ପରେ ବଞ୍ଚିବାର ରାହା ନେଇ କରିଥିଲା ଅତର ଫେରି । ଫେରି କରୁ କରୁ ଭଡା ସୂତ୍ରରେ ନେଇଥିଲା ଏ ଦୋକାନଟିକୁ । ସେତେବେଳେ ଏହା ଆଗରେ ପଟା ଉପରେ କେବଳ ଲେଖା ଯାଇଥିଲା "ଏଠାରେ ଅତର ମିଳେ" । ବହୁଦିନ ଯାଏଁ ଏଠାରେ ଅତର ମିଳେ ବୋର୍ଡଟି ଲାଗିଥିଲା । ମଇଁଉଦ୍ଦିନ୍ ଜନ୍ମ ହେବାପରେ ପୁତ୍ର ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଯାଇ ସେ ଏହାର ପୁନଃ ନାମକରଣ କରିଥିଲେ 'ମଇଁଉଦ୍ଦିନ୍ ଅତର' । ଖାଣ୍ଟି ଅତର ବିକ୍ରେତା ହିସାବରେ 'ମଇଁଉଦ୍ଦିନ ଅତର' ଗୋଟେ ଦୋକାନରୁ ଗୋଟେ ଟ୍ରେଡ୍ ମାର୍କରେ ପରିଣତ ହୋଇଥିଲା ।

ଯଦିଓ ଭଡା ସୂତ୍ରରେ ଦୋକାନଟି ଥିଲା, ମାତ୍ର ବାପର ମୃତ୍ୟୁ ପରେ ଉତ୍ତରାଧିକାର

Digitized by PPRACHIN, SOA

ସୂତ୍ରରେ ମଇଁଉଦ୍ଦିନ ହୋଇଥିଲା ସେ କ୍ଷୁଦ୍ର ଦୋକାନଟିର ମାଲିକ । ଦୋକାନର ବିକ୍ରୀକୁ ନେଇ ସଂସାର ଠିକ୍‌ଠାକ୍ ଚାଲିଥିଲା । ତା' ବିରାଦରୀର ଅନ୍ୟ ଭାଇମାନଙ୍କ ପରି ମଇଁଉଦ୍ଦିନ୍ ବହୁକୁଟୁମ୍ବୀ ନଥିଲା । ପରିବାର କହିଲେ ସେ, ପତ୍ନୀ ରୁକ୍‌ସାରା ଓ ଝିଅ ନୁରୁଜାହାନ୍ । ନିଜର ଛୋଟ ପରିବାରଟିକୁ ନେଇ କେବଳ ସନ୍ତୁଷ୍ଟ ନଥିଲା ମଇଁଉଦ୍ଦିନ୍ ସ୍ୱପ୍ନ ବି ଦେଖୁଥିଲା । ତା'ର ସ୍ୱପ୍ନ ଥିଲା ତାଙ୍କ ସମାଜର ରକ୍ଷଣଶୀଳତାର ପ୍ରାଚୀର ଭାଙ୍ଗି ସେ ପାଠ ପଢାଇବ ନୁର୍‌କୁ । ସେ ବହୁତ ପାଠ ପଢିବ, ବଡ ମଣିଷ ହୋଇ ପାଞ୍ଚ ଜଣରେ ଜଣେ ହେବ ।

ସବୁ ଠିକ୍ ଠାକ୍ ଥିଲା । ସ୍ୱପ୍ନ ପରି ସଂସାର ଗତି କରୁଥିଲା । ନୁର୍ ବି ହାଇସ୍କୁଲ ଛାଡି କଲେଜ୍‌ରେ ପାଠ ପଢୁଥିଲା । ମାତ୍ର କେତେବେଳେ ପଶି ଆସିଲା 'ଜେହାଦ୍' ନାମୀ ଅଜଣା ରୋଗଟି ପରିବାରର କାହାକୁ ବି ଜଣା ନଥିଲା । ଅତର ବିକୁଥିବା ବାସ୍ନାୟିତ ହାତଟି ବାରୁଦର ବାସ୍ନାରେ ବିମୋହିତ ହେଲା । ଚୁପ୍‌ଚାପ୍ ଚାଲିଲା ମନ୍ତ୍ରଣା-ବିସ୍ଫୋରଣର, ନରସଂହାରର । ସୀମା ଆରପଟୁ ଆସୁଥିବା ଗୁପ୍ତଚର ତାକୁ ଦେଖାଇଲେ ସ୍ୱପ୍ନ । ବଡ ଲୋକ ହେବାର ସ୍ୱପ୍ନ, ଧନୀ ହେବାର ସ୍ୱପ୍ନ । ଖୋଇଲେ ଧର୍ମର ଅଫିମ, ଶିଖାଇଲେ 'ଜେହାଦ୍'ର ମନ୍ତ୍ର, ଅତର ଶିଶିରେ ବିସ୍ଫୋରଣର କଳା ।

ରୁକ୍‌ସାରା ଓ ନୁର୍ ଏକଥା ଜାଣିବା ପୂର୍ବରୁ ବିସ୍ଫୋରଣ ଘଟିଗଲା ପରିବାରରେ । ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପାଇଁ ବନ୍ଦୀ ହୋଇଗଲା ମଇଁଉଦ୍ଦିନ୍ । କେବଳ ସେତିକିରେ ଦୁଃଖର ଅନ୍ତ ଘଟିଲାନି । ଭଡାଘରର ମାଲିକ ପୋଲିସ୍ ଭୟରେ ଏକ ରକମ ମାଆ ଓ ଝିଅଙ୍କୁ ବାଧ କରି ଘରୁ ତଡିଦେଲା । ମୁଣ୍ଡ ଉପରେ ଛିଣ୍ଡି ପଡିଲା ଆକାଶ । ବମ୍ବେ ପରି ସହରରେ ଯୁଆନ୍ ଝିଅଟାକୁ ସାଥିରେ ଧରି କୁଆଡେ ବୁଲିବ ? ଅବଶ୍ୟ ଜେହାଦୀମାନଙ୍କ କଥାରେ ରାଜି ହୋଇଯାଇଥିଲେ, ଏମାନଙ୍କର ରହିବା ଓ ଚଳିବା ପାଇଁ ଆବଶ୍ୟକୀୟ ଅର୍ଥର କୌଣସି ସମସ୍ୟା ହୋଇନଥାନ୍ତା । ମାତ୍ର କେବେ ଦେଖିନଥିବା ଗୋଟେ ଦେଶ ଓ କେବେ ସାମ୍ନା କରିନଥିବା ସମସ୍ୟାର ଭୟ ପାଇଁ ନିଜ ଦେଶ ପାଇଁ ଗରଦାରୀ କରିବାକୁ ରାଜି ହେଲାନି ରୁକ୍‌ସାନା । କହିଲା – ଆମ ମାଆ ଝିଅଙ୍କର ଅଜାଣତରେ ସେ ସିନା ଅତର ବିକୁ ବିକୁ ସ୍ୱପ୍ନ ଦେଖି ପକାଇଲେ ଧନୀ ହେବାର ଏବଂ ଧନୀ ହେବାପାଇଁ ଗିଳି ପକାଇଲେ ଧର୍ମର ଅଫିମ, ମାତ୍ର ଆମେ ମରିଯିବୁ ପଛେ ସେ ନିଆଁଗିଳା ଧନ୍ଦାରେ ପାଦ ଦେବୁ ନାହିଁ ।

ସର୍ବଭାରତୀୟ ସଂସ୍କୃତିର ଧରୋହର ଧରାବୀ ବସ୍ତିରେ ମୁଣ୍ଡ ଗୁଞ୍ଜିବା ପାଇଁ ମିଳିଗଲା ଭଡା ଘରଟିଏ । ଘରଟି ସିନା ମିଳିଗଲା ମାତ୍ର ସଞ୍ଚିତ ସମ୍ବଳ ଏତେ ନଥିଲା ଯେ ମାଆ ଝିଅ ଚଳିଯାଇ ପାରିବେ । ସେଥିରେ ଚିର ବାତ ରୋଗୀ ରୁକ୍‌ସାରା ପାଇଁ ଦରକାର ଆବଶ୍ୟକୀୟ ଔଷଧ ଓ ନୁର୍‌ଜାହାନର ପାଠପଢା ପାଇଁ ଅର୍ଥ । ଅବଶ୍ୟ ପରିସ୍ଥିତିକୁ ହୃଦୟଙ୍ଗମ କରି ଏବଂ ଏକ ଆତଙ୍କବାଦୀର ଝିଅର ପରିଚୟରୁ ଲୋକ ଲୋଚନରୁ ଦୂରରେ ରହିବା ପାଇଁ ନୁର୍ ମନା କରିଦେଲା

Digitized by PPRACHIN, SOA

ପାଠ ପଢ଼ିବା ପାଇଁ ।

ସରି ସରି ଆସୁଥିଲା ଯତ୍‌କିଂଚିତ ସଂଚିତ ଅର୍ଥ । ପରିବାରର ଚକ ଆଗକୁ ଗଡ଼ାଇବା ପାଇଁ ରୁକ୍‌ସାରା ଜଣେ ବାବୁଙ୍କର ଘରୋଇ କାମରେ ଯୋଗଦେଲା । ମନା କରୁଥିଲା ନୁର୍, ହେଲେ ମାଆ କହିଲା ବଞ୍ଚିବାକୁ ତ ପଡ଼ିବ । ତୁ ଚାକିରୀ ବାକିରୀ ଖୋଜୁଛୁ ତ, ଖୋଜ୍, ଯଦି ତୁ ପାଇଯାଉ ତେବେ ପରଘର ପାଇଟି କରିବା ମୁଁ ବନ୍ଦ କରିଦେବି । ହେଲେ କିଛି ନହେବା ଯାଏ ହାତ ଗୋଡ ଜାକିକରି ବସିଗଲେ ଆସ୍‌ମାନରୁ ତ ଆମ ପାଇଁ ଖାଇବାକୁ ଆସିବ ନାହିଁ । ନୁର୍ ବି ଅନୁଭବ କରୁଥିଲା । ସତକଥା, ହଉ ସେ କିଛି ଆୟର ମାଧ୍ୟମ ଧରିବାଯାଏ ମାଆ ଯେଉଁ କାମ କରୁଛି କରୁଥାଉ ।

ବି.ପି.ଓ ଲଜିଷ୍ଟିକ୍‌ସ ଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀ ଓ କାରଖାନା ପର୍ଯ୍ୟନ୍ତ ଧାଇଁଲା ନୁର୍ କର୍ମସଂସ୍ଥାନ ପାଇଁ । କେଉଁଠି ଶିକ୍ଷାଗତ ଯୋଗ୍ୟତା ତ କେଉଁଠି ପୃଷ୍ଠଭୂମି ତାକୁ ବଞ୍ଚିତ କରୁଥିଲା ଜୀବିକାଟିଏ ପାଇବା ପାଇଁ । ସବୁଦିନ ସକାଳୁ ବାହାରି ସନ୍ଧ୍ୟାରେ ଘରେ ପହଞ୍ଚିବା ଯାଏ ତାକୁ ନିରାଶା ଓ ନା ନା ହିଁ କେବଳ ଅନୁସରଣ କରୁଥିଲା । ସକାଳୁ ଉଠିଲେ ଦେଖେ ନିଜ ବାତରୋଗରେ ବୋଝ ବୋହି ଉଃ-ଆଃ ଭିତରେ ନିଜର କଷ୍ଟକୁ ସାଇତି ମମିଜାନ୍ ବାହାରିଯାଏ ପରର ଘର ପାଇଟି କରିବାକୁ । ସେ ନିରୁପାୟ ହୋଇ ଅନୁଭବ କରେ ମମିଜାନ୍‌ର ଯନ୍ତ୍ରଣା ଏବଂ ମନେ ମନେ ଶପଥ କରେ ଯେ ଆଜି ଫେରିବା ବେଳକୁ କିଛି ଗୋଟିଏ ବ୍ୟବସ୍ଥା କରି ଆସିଥିବି । ମାତ୍ର ଏକା ପରି ସବୁଦିନ । ବଞ୍ଚିବା ପାଇଁ ରାହାଟିଏ ଖୋଜି ପାଇବା ଲାଗେ ଏକ ଅପହଞ୍ଚ ସ୍ୱପ୍ନ ପରି ।

ସେଦିନ ଗୋଟେ ହୋଟେଲର ରିସେପ୍‌ସନିଷ୍ଟ ପଦ ପାଇଁ ଦେଇଥିବା ଆବେଦନର ଇଣ୍ଟରଭ୍ୟୁ ଚାଲିଥାଏ । ତା' ପାଳି ପଡ଼ିବାକୁ ଢେର ବେଳ ବାକିଥାଏ । ହୋଟେଲ ଲାଉଞ୍ଜର ସୋଫା ଉପରେ ବସି ଖବରକାଗଜ ଦେଖୁ ଦେଖୁ ଗୋଟେ ବିଜ୍ଞାପନ ଉପରେ ନଜର ପଡ଼ିଲା ନୁର୍‌ର । ବିଜ୍ଞାପନଟି ଥିଲା ଏମିତି ଚଳଚ୍ଚିତ୍ର ଜଗତରେ ପ୍ରତିଷ୍ଠିତ ଦମ୍ପତିଙ୍କର ସନ୍ତାନ ଜନ୍ମ ପାଇଁ ଗୋଟେ ଭଡ଼ାଗର୍ଭ ଆବଶ୍ୟକ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ୨୦ରୁ ବର୍ଷରୁ ଉର୍ଦ୍ଧ୍ୱ ଯେ କୌଣସି ସୁଶ୍ରୀ ମହିଳା ଏଥିପାଇଁ ନିମ୍ନପ୍ରଦତ୍ତ ମୋବାଇଲ୍‌ରେ ଯୋଗାଯୋଗ କରିପାରିବେ । ଦଶମାସର ତ୍ୟାଗ ପାଇଁ ତାଙ୍କୁ ତାଙ୍କର ଚାହିଁବା ମୁତାବକ ଅର୍ଥ ପ୍ରଦାନ କରାଯିବ ।

ଭଡ଼ାଗର୍ଭ କ'ଣ ବୁଝି ପାରିଲାନି ନୁର୍ । ମାତ୍ର ବିଜ୍ଞାପନଟି ତାକୁ ପ୍ରଲୁବ୍ଧ କଲା । ନିଜ ଟିପା ଖାତାରେ ଟିପି ନେଲା ମୋବାଇଲ ନମ୍ବର । ମନସ୍ଥ କଲା ଆଜିର ଏ ଇଣ୍ଟରଭ୍ୟୁରେ ଯଦି କିଛି ନହୁଏ ତେବେ ରାତିକୁ ସେ ନମ୍ବରରେ ଯୋଗାଯୋଗ କରିବ । ସତକୁ ସତ ସେ ଇଣ୍ଟରଭ୍ୟୁରେ ତା'ର କିଛି ହେଲାନି । ସଂପୂର୍ଣ୍ଣ ନିରାଶ ହୋଇ ଘରକୁ ଫେରିଲା । ସେ ଫେରିବା ବେଳକୁ ଫେରିନଥିଲା ମମିଜାନ । ଘରର କବାଟ ଖୋଲି ବସିବା ପରେ ଟିପି ଆଣିଥିବା ମୋବାଇଲ

Digitized by PPRACHIN, SOA

ନମ୍ବରଟିକୁ ଲଗାଇଲା । ବହୁତ ସମୟ ଯାଏ ବିଜି ବିଜି ବତାଇବା ପରେ ଲାଗିଲା ନମ୍ବରଟି । ନମ୍ବରଟି ଲାଗିବା କ୍ଷଣି ସେ ପଚାରିଲା ଭଡା ଗର୍ଭ ସଂପର୍କୀୟ ବିଜ୍ଞାପନଟି ବିଷୟରେ । ଏହା ଶୁଣିବା କ୍ଷଣି ସେ ମୋବାଇଲ ଧାରକଟି ନାମ, ଠିକଣା, ବୟସ ଇତ୍ୟାଦି ପଚାରି ପକାଇଲେ । ନୁର୍ ସେ ସବୁର ଉତ୍ତର ଦେଇସାରି ପଚାରିଲା – ଭଡାଗର୍ଭ କ'ଣ ? ତା' କାହିଁକି ଆବଶ୍ୟକ ହେଉଛି ?

ଆପଣ ତ ଜାଣିଥିବେ ଚଳଚ୍ଚିତ୍ର ଲାଇନ୍ କଥା । ବ୍ୟକ୍ତିଗତ ତଥା ବୃତ୍ତିଗତ କାରଣରୁ ଆମ ସାର୍ ଓ ମ୍ୟାଡାମ୍ (ହଁ ଏଇଠି କହିରଖେ ମୁଁ ସେମାନଙ୍କ ପି.ଏ.) ଚାହୁଁନାହାନ୍ତି କୌଣସି ସନ୍ତାନ ଜନ୍ମ କରିବା ପାଇଁ ଦଶମାସ ଯାଏ ସେମାନଙ୍କର କ୍ୟାରିୟର ବରବାଦ କରିବାକୁ । ମାତ୍ର ଉଭୟ ପିତୃତ୍ୱ ଓ ମାତୃତ୍ୱ ପାଇଁ ଇଚ୍ଛା କରୁଛନ୍ତି । ସେମାନଙ୍କ ଔରସରୁ ଭୃଣାୟିତ ଶିଶୁଟିକୁ ସେମାନେ ଗୋଟିଏ ଭଡା ଗର୍ଭାଶୟରେ ସ୍ଥାପିତ କରି ତାକୁ ଜନ୍ମ ଦେଇପାରିଲେ ତାଙ୍କ ପାଖରେ ଏ ନଅ ଦଶମାସ ସମୟ ବରବାଦ ହେବନି ଏବଂ କିଛି ଅର୍ଥ ବିନିମୟରେ ସେମାନେ ପିତୃତ୍ୱ ଓ ମାତୃତ୍ୱ ପାଇପାରିବେ । କେତେ ଅର୍ଥ ଦେବେ ସେମାନେ ?

ଯଦି ଆପଣ ରାଜି ବୋଲି କହିବେ ମୁଁ ସାର୍‌ଙ୍କୁ ମୋବାଇଲ ଦେବି ଆପଣ ସିଧା କଥା ହୋଇଯିବେ ।

ହଉ ଦିଅନ୍ତୁ ।

ଚଳଚ୍ଚିତ୍ର ଅଭିନେତା ଜଣକ ମୋବାଇଲ ଧରୁ ଧରୁ କହିଲେ – ମୁଁ ପି.ଏ.ଙ୍କ ଠାରୁ ସବୁ ଶୁଣି ଖୁସି ହେଲି ଯେ ଆପଣ ଏଥିପାଇଁ ରାଜି ଅଛନ୍ତି । ମୁଁ ଏଥିପାଇଁ କେତେ ଅର୍ଥ ଦେବି ସେ କଥା ନପଚାରି ଆପଣ କେତେ ଅର୍ଥ ହେଲେ ଏଥିପାଇଁ ରାଜି ହେବେ କୁହନ୍ତୁ ?

ଗର୍ଭରେ ଭୃଣରୋପଣ ଠାରୁ ପ୍ରସବ ଯାଏ ଯେତେ ମାସ ହେବ ପ୍ରତ୍ୟେକ ମାସ ପାଇଁ ଏକ ଲକ୍ଷ କରି ଦେଇପାରିବେ ?

ଆପଣଙ୍କ ଅର୍ଥର ଦାବୀ ମଂଜୁର । ତେବେ ମୋର କେତୋଟି ସାମାନ୍ୟ ସର୍ତ୍ତ ରହିବ ।

କ'ଣ ସେ ସର୍ତ୍ତ ?

ଏହି ସମୟତକ ଆପଣ ଆମେ ଯୋଗାଇ ଦେଉଥିବା ଘର ଏବଂ ଏହି ସମୟରେ ଆବଶ୍ୟକ ହେଉଥିବା ସନ୍ତୁଳିତ ସୁଷମ ଖାଦ୍ୟ ଇତ୍ୟାଦି ଗ୍ରହଣ କରିବେ । କାରଣ ଗର୍ଭସ୍ଥ ଶିଶୁଟି ଉପରେ ଏହି ସମୟରେ ପରିବେଶ ଓ ଖାଦ୍ୟର ଯଥେଷ୍ଟ ପ୍ରଭାବ ରହିବ । କ'ଣ ରାଜି ?

ହଁ – ଏଥିରେ ମୋର ଆପତ୍ତି କରିବାର କିଛି ନାହିଁ । ତେବେ ପ୍ରଦାନ କରୁଥିବା ସୁବିଧା ପାଇଁ ମୋର ଦାବୀ ଅର୍ଥରୁ କିଛି କଟାଯିବ ନାହିଁ ତ ?

ନା-ନା, ଏହା ସହ ପ୍ରଦତ୍ତ ଅର୍ଥର କୌଣସି ସଂପର୍କ ନାହିଁ ।

ତେବେ ମୁଁ ଆପଣଙ୍କୁ କେବେ ସାକ୍ଷାତ କରିବି ?

Digitized by PPRACHIN, SOA

ଆସନ୍ତା କାଲି । ଯଦି ଆପଣ କେଉଁଠି ରହୁଛନ୍ତି ବତାଇ ଦେଇ ପାରିବେ ତେବେ ମୁଁ ଗାଡ଼ି ପଠାଇ ଆପଣଙ୍କୁ ନେଇଆସିବି ।

ନାଇଁ – ଆପଣଙ୍କୁ ସେ କଷ୍ଟ କରିବା ଦରକାର ନାହିଁ, ମୁଁ ନିଜେ ଯାଇ ପହଂଚିବି ।

ହଉ ଠିକ୍ ଅଛି, ଆପଣ ପହଞ୍ଚିବା ପରେ ଆପଣଙ୍କର ରହିବା ପାଇଁ ଫ୍ଲାଟ୍ ଦେଖାଇ ଦିଆଯିବ, ଏବଂ କିଛି ମେଡ଼ିକାଲ ଟେଷ୍ଟ କରିସାରିବା ପରେ ଗର୍ଭରୋପଣର ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

କଥାବାର୍ତ୍ତା ସରିବା ପରେ ଗୋଟିଏ ଦାୟୀତ୍ୱବୋଧରେ ମନ ଭାରାକ୍ରାନ୍ତ ଲାଗୁଥିଲେ ମଧ୍ୟ ବଞ୍ଚିବାର ରାହା ମିଳିବାର ସମ୍ଭାବନାରେ ଭିତରେ ଭିତରେ ଉଲ୍ଲସିତ ହୋଇପଡ଼ିଲା ନୁର୍ । ଘରୁ ବାହାରି ଆସି ଗଳିର ଶେଷ ମୋଡ଼ଯାଏଁ ଚାହିଁଲା ମନ୍ନିଜାନ୍‌ର ବାଟ ଚାହିଁ । ଏଯାଏଁ କାହିଁକି ଫେରିନି ବୋଲି ବ୍ୟସ୍ତ ହୋଇପଡୁଥିଲା ବେଳେ ଗଳିର ଶେଷ ମୁଣ୍ଡରୁ ଖୁବ୍ ଧୀର ଓ ଯନ୍ତ୍ରଣା ମିଶ୍ରିତ ପଦପାତରେ ଆସୁଥିବା ମନ୍ନିଜାନ୍‌ର ଚେହେରାଟା ଦିଶିଗଲା । ଧାଇଁଗଲା ମନ୍ନିଜାନ ପାଖକୁ ନୁର୍ ।

ନୁର୍‌କୁ ବିସ୍ମୟରେ ଚାହିଁ ରୁକ୍‌ସାରା ପଚାରିଲା – କେତେବଲୁ ଫେରିଲୁଣି ?

ଏଇ ଏବେ ଏବେ ଫେରୁଛି ।

ନିଜ ପାଦ ଓ ଗଣ୍ଠିର ଯନ୍ତ୍ରଣାକୁ ଲୁଚାଇ ପଚାରିଲା – କିଛି ଖାଇଲୁ ? ଚାଲ୍-ଚାଲ୍ । ଘରକୁ ଚାଲ୍ ଖାଇବା ପିଇବା କଥା ପଚାରିବୁ ପରେ । ରହ ମୁଁ ଗୋଟେ ଗୋଟେ କରି ଚାଲୁଛି । ଏ ପାଦଟା ପରା ଜୋର୍ ଦରଜ, ଆଣ୍ଠୁର ଗଣ୍ଠିଟା ବି । ତୋ ସାଙ୍ଗରେ କ'ଣ ମୁଁ ଡଗଡଗ କରି ଚାଲିପାରିବି ।

ପରର ପାଇଟି କଲାବେଳେ ତୋତେ ଖୁବ୍ କଷ୍ଟ ହଉଥିବ ତ ମନ୍ନିଜାନ୍ ?

କ'ଣ କରିବା – ପେଟଟା ତ ଦେହର ପୀଡ଼ା କଥା ବୁଝୁନି । ହଉ-କାଲିଠାରୁ ତୋର ଏ ପର ଘର କାମ କରିବା ବନ୍ଦ । କ'ଣ କିଛି ଲଟେରୀ ଫଟେରୀ ଲାଗିଗଲା କି ?

ନା – ମୋର ଚାକିରି ହୋଇଗଲା ।

ଚାକିରି ? କେଉଁଠି ? କି ଚାକିରି ?

ଏଇଠି, ଏଇ ମୁମ୍ବାଇରେ, ଆଉ ଚାକିରି କ'ଣ ତୁ ବୁଝିପାରିବୁନି । ଘର ଦ୍ୱାର, ଖାଇବା ପିଇବା ସବୁ ସହ ଭଲ ଦରମା ।

ତୁ ତାହାଲେ ଏତେ ତଳକୁ ଚାଲିଗଲୁ ?

ତଳକୁ କ'ଣ ?

ଆଉ କୋଠି ଚାକିରି ନହେଲେ ଏସବୁ ସୁବିଧା କିଏ ଦିଏ ? ନା-ନା, ଇଏ ଏକ ଅନ୍ୟ ପ୍ରକାରର ଚାକିରି । ତୁ ସେ ବିଷୟରେ ବୁଝିପାରିବୁ ନାହିଁ । ତୁ' ତ ମୋ ପାଖେ ପାଖେ ସବୁବେଳେ ଥିବୁ । ତୁ ଧୀରେ ଧୀରେ ବୁଝିପାରିବୁ ମୋ ଚାକିରି କ'ଣ ବୋଲି ।

ଦରମା କେତେ ଦେବେ ?

Digitized by PPRACHIN, SOA

ମାତ୍ର ଦଶ ମାସର ଚାକିରିରେ ଯେତିକି ଟଙ୍କା ମିଳିବ । ତାକୁ ବ୍ୟାଙ୍କରେ ରଖିଦେଲେ, ତା' ସୁଧରେ ଆମେ ମାଆ ଝିଅ ସାରାଜୀବନ ଚଳିଯିବା ।

କି ଚାକିରି ତତେ ଏମିତି ମିଳିଗଲାକି ? କାହିଁ ତୋ ଆବାଜାନ୍ ପରି ସେ ନିଆଁଗିଳା କାମରେ ସାମିଲ୍ ହୋଇନାହୁଁ ତ ?

ନା – ମୁଁ ସେମିତି କାର୍ଯ୍ୟ କରିବି ବୋଲି ତୁ ବିଶ୍ୱାସ କରୁଛୁ ? ହଁ – ତୋ' ଆବ୍‌ବାଜାନ୍‌କୁ କ'ଣ ମୁଁ ବିଶ୍ୱାସ କରୁନଥିଲି କି ? କେଉଁ ସପ୍ନ ପୂରଣ ପାଇଁ ସେ ଏ କାମ କଲେ କିଏ କହିବ । ସେ ତ ପୁରିଲା ପେଟରେ ସପ୍ନ ଦେଖୁଥିଲା । ଆଉ ଏବେ ତ ତୋ'ର ଭୋକିଲା ପେଟ ।

ହଉ ଚାଲ, ମୁଁ ଘରେ ତୋତେ ମୋ ଚାକିରି ବିଷୟରେ କହୁଛି ।

ନୁର୍ ଠାରୁ ସବୁ ଶୁଣିବା ପରେ ଏମିତି ବିସ୍ମୟରେ ଗୁଲ୍‌ସାରା ଚାହିଁଲେ ଯେ ତା' ଆଡେ ଯେମିତି ନୁର୍ ଏ ଗ୍ରହର ମଣିଷ ନୁହଁ, କୌଣସି ଏଲିଏନ୍‌ସ ଓହ୍ଲାଇ ଆସିଛି ଦୋସରା ଗ୍ରହରୁ । ସଂପୂର୍ଣ୍ଣ ବିସ୍ମୟ ନକଟୁଣୁ ପଚାରିଲେ – ତୁ କ'ଣ ଏଥିରେ ରାଜି ହୋଇ ହଁ ଭରିଛୁ ? ଜାଣୁ ଆମ ଧର୍ମ କ'ଣ ରହିବ ଏଥିପାଇଁ ? ଏହାପରେ ତୋ'ର ଆଉ ସାଦି ହୋଇପାରିବ ତ ?

ଯେତେବେଳେ ବଞ୍ଚିବାର ଚିନ୍ତା ଚମତ୍କାର, ସେତେବେଳେ ମୁଁ ଧର୍ମ, ସାଦି ଓ ଭବିଷ୍ୟତକୁ ନେଇ ଚିନ୍ତା କରିବାକୁ ସୁଯୋଗ କାହିଁ । ମୁଁ ହଁ ଭରିଛି ମାନେ ଏ କାର୍ଯ୍ୟ ମୋତେ କରିବାକୁ ପଡିବ । ଏଇନେ ଦଶମାସ ଯାଏ ମୁଁ ଅନ୍ୟ କୌଣସି ଚିନ୍ତା କରିବି ନାହିଁ, କେବଳ ମୁଁ ନେଇଥିବା ଦାୟିତ୍ୱର କଥା ଚିନ୍ତା କରିବି । ସେ କାର୍ଯ୍ୟ ସରୁ । ଆମ ହାତକୁ ଯେତିକି ଟଙ୍କା ଆସିଯାଇଥିବ, ସେତିକିରେ ଆମେ ଦୁହେଁ ଅବଶିଷ୍ଟ ଜୀବନ ଆରାମରେ କଟାଇ ପାରିବା, ତୋର ଚିକିତ୍ସା ବି କୌଣସି ଭଲ ଡାକ୍ତରଙ୍କ ପାଖରେ କରାଇ ତୋ ରୋଗକୁ ଭଲ କରିପାରିବା । ତୁ କ'ଣ ଗୋଟିଏ ସୁସ୍ଥ ଓ ସମୃଦ୍ଧ ଜୀବନ ଚାହୁଁ ନାହୁଁ କି ?

ହଉ – ତୁ ଯାହା ଠିକ୍ ଭାବୁଛୁ କର । ତୁ ତ ମୋ'ଠାରୁ ଅଧିକ ପଢାଲିଖା ବାଲି । ଏ ବିଷୟରେ ତୋର ଜ୍ଞାନ ଅଧିକ । ବୁର୍ଖା ଭିତରୁ ମୁଁ ବା ଦୁନିଆକୁ କେତେ ଦେଖିଛି ?

ଧରାବୀ ବସ୍ତୀରୁ ଏ ମନୋରମ ଫ୍ଲାଟ୍, ସବୁ ଆଧୁନିକ ସାଜସରଞ୍ଜାମ ସହ ଉନ୍ନତ ରଚିରେ ସଜିତ । ନୁର୍‌କୁ ଏହା କୌଣସି ପରୀ କାହାଣୀଠାରୁ କମ୍ ରୋମାଞ୍ଚ ଲାଗୁନଥିଲା । ଫ୍ଲାଟ୍ ଦେଖା ପରେ ଡାକ୍ତରୀ ପରୀକ୍ଷା । ସବୁ ଠିକ୍ ବାହାରିବା ପରେ ଦିନ ଧାର୍ଯ୍ୟ ହେଲା ଗର୍ଭରୋପଣର । ଧାର୍ଯ୍ୟ ଚୁକ୍ତିର ଚେକ୍ ହାତକୁ ଧରାଇ ଦେଇ ପି.ଏ. ଜଣକ କହିଲେ – ଆମ ସାହେବ୍ ଟିକିଏ ଜ୍ୟୋତିଷ ଗଣନା ଉପରେ ଭରସା କରନ୍ତି । ଦିନ, ବାର, ତିଥି, ନକ୍ଷତ୍ର ଦେଖି ସେ ଗର୍ଭରୋପଣ କରାଇବେ । ତେଣୁ ସେ ଶୁଭ ମୁହୂର୍ତ୍ତ ପର୍ଯ୍ୟନ୍ତ ଆପଣ ଅପେକ୍ଷା କରିବେ । ହଁ, ଏହା ଭିତରେ ଆପଣ କୌଣସି ଟେନ୍‌ସନ୍ ନନେଇ ମନକୁ ସଦା ପ୍ରଫୁଲ୍ଲିତ ରଖିବେ । ତେବେ ମୁଁ ଆସୁଛି କହି ଚାଲିଯାଉ ଯାଉ, ପୁଣି ଥରେ ଫେରିଆସି କହିଲେ – ଆପଣ ସାହେବ କିମ୍ବା ମ୍ୟାଡାମ୍‌ଙ୍କୁ ପିଲା

Digitized by PPRACHIN, SOA

ଜନ୍ମଯାଏ ଭେଟି ପାରିବେ ନାହିଁ । ଯାହା କଥାବାର୍ତ୍ତା ମୋ ସହ କରିବେ । ଯାହା ଦରକାର ବି ମୋତେ କହିବେ । ସେ କେବଳ ପିଲା ନେବା ସମୟରେ ଆପଣଙ୍କୁ ସାକ୍ଷାତ କରିବେ । ହଁ, ଆପଣ ଏ ସମସ୍ତ କଥାକୁ ଖୁବ୍ ଗୋପନୀୟ ରଖିବେ, ନଚେତ୍ ଏ ମେଡିଆ ବାଲା ଆପଣଙ୍କ ପିଛା ପଡିଯିବେ । କ'ଣ ରାଜି ତ ?

ଏଥିରେ ଅରାଜି ହେବାର ତ କିଛି ନାହିଁ ।

ସବୁ ଠିକ୍ ଚାଲିଲା । ନୁର୍‌ର ଆଶା ଓ ଆବଶ୍ୟକତା ଠାରୁ ଅଧିକ ଧ୍ୟାନ ନିଆଯାଉଥିଲା ସେହି ଚଳଚ୍ଚିତ୍ର ଅଭିନେତାଙ୍କ ପି.ଏ.ଙ୍କ ଦ୍ୱାରା । ଭଡା ଗର୍ଭର ଆକାର ବଢୁଥିଲା ଧୀରେ ଧୀରେ । ମାତୃତ୍ୱର ସମସ୍ତ ଲକ୍ଷଣ ସ୍ଫୁରୁଥିଲା । ନୁର୍‌ର ଶରୀରରେ । ସେ ରୋମାଞ୍ଚିତ ହେଉଥିଲା ସତ ଉଲ୍ଲସିତ ହୋଇପାରୁ ନଥିଲା । ପିଲାଟିକୁ ଜନ୍ମ ଦେବା ପୂର୍ବରୁ ସେ ମନେ ମନେ ଚାହୁଁଥିଲା ଦେଖିବାକୁ ପିଲାଟିର ପିତାମାତାଙ୍କୁ । କୁଆ ସିନା ଜାଣିନଥାଏ ସେ କୋଇଲିର ଅଣ୍ଡାକୁ ଉଷୁମାଉଛି, ଛୁଆ ଫୁଟିବା ପରେ ଆଧାର ଦେଉଛି, ସେଥିପାଇଁ ସିଏ ଅଜାଡି ଦେଇଥାଏ ମାତୃତ୍ୱ । ମାତ୍ର ଇଏ ତ ଜାଣିଛି ଯେ ସେ ଧରିଛି ଅନ୍ୟ ଜଣଙ୍କର ଭ୍ରୂଣାୟିତ ଭ୍ରୂଣ । ଏ ଫ୍ଲାଟ୍‌ଟିରେ ସେ ଯେମିତି ସାମୟିକ ରହଣୀରେ ଅଛି । ତା' ଜରାୟୁରେ ବଢୁଥିବା ଭ୍ରୂଣଟି ଠିକ୍ ସେମିତି ଏକ ସାୟମିକ ରହଣୀରେ । ଚୁକ୍ତିର ସମୟ ସରିଲେ ତା' ଜରାୟୁର ଅଧିକାର ସରିଯିବ ଏବଂ ଏ ଫ୍ଲାଟ୍ ରହଣୀରୁ ତା'ର ଅଧିକାର । ଥରେ ଅନ୍ତତଃ ଦେଖିଥାଆନ୍ତା ସେ ମହାନୁଭବ ଦମ୍ପତ୍ତିଙ୍କୁ ଯେଉଁମାନଙ୍କ ଭିତରେ ସନ୍ତାନପ୍ରାପ୍ତି ପାଇଁ ଆକାଂକ୍ଷା ରହିଛି ମାତ୍ର ସେ ପ୍ରାପ୍ତି ପାଇଁ ଆବଶ୍ୟକ ଶ୍ରମ ଓ ସମୟ ପାଇଁ ସମୟ ଓ ସୁଯୋଗର ଘୋର ଅଭାବ । ମାତ୍ର ନୁର୍‌ର ଏ ଆଶା ପୂରଣ ହେଲାନି । ସର୍ତ୍ତ ଅନୁଯାୟୀ ସେ ଭେଟି ପାରିଲାନି ସେମାନଙ୍କୁ ।

ପ୍ରସବର ସମ୍ଭାବିତ ଦିନ ଉପଗତ ହୁଅନ୍ତେ ଏ ସହରର ସବୁଠୁ ପ୍ରସିଦ୍ଧ ନର୍ସିଂହୋମ୍‌ର ପ୍ରସୂତି କକ୍ଷକୁ ସେ ଗଲା । ତିଥି ନକ୍ଷତ୍ର ଅନୁଯାୟୀ ଜନ୍ମ ଦିଆଗଲା ସନ୍ତାନଟିକୁ । ଚୁକ୍ତି ଅନୁଯାୟୀ ପ୍ରସବ ପରବର୍ତ୍ତୀ ପନ୍ଦର ଦିନ ସମୟ ଦେବାର ପ୍ରାବଧାନ ଥିଲା । ଶିଶୁଟିକୁ ଦେଖି ଦେଖି ନୁର୍ ଭିତରେ ଜାଗୁଥିଲା ମାତୃତ୍ୱ । ଶିଶୁଟି ଚାଲିଯିବା ପରେ କେବଳ ମାତୃତ୍ୱ ନୁହେଁ, ଏ ଦଶମାସ ମଧ୍ୟରେ ପାଇଆସିଥିବା ସୁବିଧା ସୁଯୋଗ ଦୂରେଇ ଗଲେ ଧରାବୀ ବସ୍ତୀରେ କେମିତି କଟିବ ଦିନ କଳ୍ପନା କରୁଥିଲା । ମନେ ମନେ ଆଶ୍ୱସ୍ତ ହେଉଥିଲା ସେ ପାଇଥିବା ଅର୍ଥ ଯୋଗୁ ଅନ୍ତତଃ ବିପର୍ଯ୍ୟସ୍ତ ହେବନି ତାଙ୍କର ଭବିଷ୍ୟତ ।

ଶିଶୁଟିକୁ ହସ୍ତାନ୍ତର କରିବାର ଠିକ୍ ପୂର୍ବଦିନ ପି.ଏ. ଆସି ଜଣାଇଲେ ଆଉ ଏକ ସମ୍ବାଦ । ଇତ୍ୟବସରରେ ଶିଶୁଟିର ପିତାମାତାଙ୍କର ଯେହେତୁ ବିବାହ ବିଚ୍ଛେଦ ହୋଇ ଯାଇଛି, ଏବେ ଶିଶୁଟିକୁ କିଏ ନେବ ଏକଥା ନିଷ୍ପତ୍ତି ହୋଇପାରି ନାହିଁ । ତେଣୁ ଆପଣ ଯଦି ଅନ୍ୟଥା ନଭାବନ୍ତି ତେବେ ଶିଶୁଟିକୁ ଅନାଥ ନକରିବା ପାଇଁ କୋର୍ଟର ନିଷ୍ପତ୍ତି ପର୍ଯ୍ୟନ୍ତ ଆପଣ ଶିଶୁଟିର ଦାୟିତ୍ୱରେ ରୁହନ୍ତୁ ।

Digitized by PPRACHIN, SOA

ପୂର୍ବ ଚୁକ୍ତି ଅନୁଯାୟୀ ଆପଣଙ୍କୁ ମାସିକ ଏକ ଲକ୍ଷ ଟଙ୍କା ଏବଂ ଏବେ ଦିଆଯାଉଥିବା ସୁବିଧା ସହ ଶିଶୁଟିର ଖର୍ଚ୍ଚ ବହନ କରାଯିବ । ଆପଣ ଯଦି ଏ ପ୍ରସ୍ତାବରେ ରାଜି ହେବେ ତେବେ ମୁଁ ସାହେବଙ୍କୁ ଜଣାଇବି ।

ଏଥିରେ ନୁର୍‌ର ରାଜି ନହେବାର କିଛି ନଥିଲା । ଭଡା ଗର୍ଭ ପରେ ଏବେ ଭଡା ମାତୃତ୍ୱର ପାଳି । ଯଦି ସଂପର୍କ ଆଗକୁ ବଢେ ତେବେ କ'ଣ ମାଗିହେବନି ଭଡାରେ ସ୍ୱାମୀତ୍ୱ ? ସବୁ ଯଦି ଭଡାରେ ମିଳିଯାଏ, ତେବେ କାହିଁକି ବା ଏତେ ଭାବପ୍ରବଣ ହେବ ଯେ ସଂସାର ବସାଇ ହେଲାନି ବୋଲି ?

□

Digitized by PPRACHIN, SOA

କାଳ କେନ୍ଦରାର କରୁଣ ରାଗ

ଖରା ଦିନିଆ ଗୋଧୂଳି ବେଳା । ଅସହ୍ୟ ଗରମକୁ ଗୁଳଗୁଳି । ଆମ ଜେଜିମା' ପିଣ୍ଡା ଉପରେ ସପଟିଏ ପକାଇ, ବରଡା ପତ୍ରର ବିଂଚଣାଟିଏ ଧରି ବିଞ୍ଚି ହଉ ହଉ ଆମକୁ ଶୁଣାଉଥାଏ କାହାଣୀ । ଏହି ସମୟରେ ଯୋଗୀ ଦୁଇଜଣ କେନ୍ଦରାରେ ଟୁଂ-ଟାଂ କରି ଆମ ଦାଣ୍ଡ ଦୁଆରେ ଆସି ପହଞ୍ଚିଲେ । ଯୋଗୀ ଦୁଇଜଣଙ୍କୁ ଦେଖି ଆମ ଜେଜେମା' ପଚାରିଲା – କ'ଣ ଯୋଗୀପୁଅ, ଦେଶାନ୍ତର ହୋଇ ଯାଇଥିଲ କି ? ବହୁତ ଦିନ ହେଲାଣି ତ ତମ ସ୍ୱର ଆଉ କାନରେ ବାଜୁ ନଥିଲା ।

ଯୋଗୀ ପୁଅ କେନ୍ଦାରା ଉପରୁ ହାତ ଉଠାଇ କହିଲା ବାଧିକା ପଡିଥିଲି ମାଆ ସାଆନ୍ତାଣୀ । ଆଜି ମୋତେ ଯେଉଁ ଦେଖୁଛ ଇଏ ଜାଣ ଯମ ମୁହଁରୁ ଛାଡ ପାଇ ଆସିଛି । ଏବେ ବି ବଳ ପାଉନି, ହେଲେ କରିବି କ'ଣ ? ଗାଆଁ ନବୁଲିଲେ ଚୁଲି ଉପାସ, କେଉଁ ଜମି ବା ବାଡି ଅଛି ଯେ ବସିକି ଖାଇବି । ୟା' ମାଆ ତ ଜମ୍ମା ରାଜି ନଥିଲା ମୁଁ ନଗଦା ନଗଦା ବାଧିକାରୁ ଉଠି ପୁଣି ଗାଆଁ ବୁଲାବୁଲି କରେ ବୋଲି, ହେଲେ ଯୁଗ ନଚଳିବାରୁ ବାଧରେ ବାହାରିଛି ।

ଇଏ କ'ଣ ତମ ପୁଅ ?

ହଁ – ଭାବୁଥିଲି ୟାକୁ ଆଉ ଏ ମାଗିଖିଆ ଧନ୍ଦାରେ ପୂରାଇବିନି ବୋଲି, ହେଲେ ମନ ଘୋଡା ଚଢିବାକୁ ଚାହିଁଲେ କ'ଣ ହେବ, କର୍ମ ତ ଲେଖିଛି ଯୋଗୀ ହବାପାଇଁନା । ସାଥିରେ ବୁଲାଇ ମଣ କରୁଛି ଜାଣ । ମୁଁ ତ ଏ ଖରାତରାରେ ବୁଲି ବୁଲି କି ଅସାଧ ବେମାରିରେ ପଡିଲି ଯେ ଡାକ୍ତରମାନେ ତା'ର ନାଡୀ ଅନ୍ତ ପାଇଲେ ନାହିଁ, ଶେଷକୁ ବଇଦ ଔଷଧରେ ଭଲ ହେଲି । ଜାଣି ଜାଣି ସବୁକଥା ପୁଅକୁ ପୂରାଇଲି, ଆଉ ଗତି ନଥିଲା ବୋଲି ।

ଇଏ ତ କଅଁଳା ପିଲାଟାଏ, ଏ ଖରା ତରାକୁ କ'ଣ ସମ୍ଭାଳି ପାରିବ ?

ଯୋଗୀ ଘରେ ଜନମିଛି ଯେତେବେଳେ ଆଜି ନହେଲେ କାଲିକୁ ତ ଥାଳ ଧରି ଥାଆନ୍ତା । ନଚେତ୍ ବାପର ବାଧିକା ପାଇଁ ଆଜି ଧରିଲା । ସେଥିପାଇଁ ତ ଏକା ଏକା ନଛାଡି ସାଂଗରେ ଧରି ବୁଲୁଛି । ହେଲେ ମାଆ, ମୋ କେନ୍ଦରା ଗୀତ ତ ଶୁଣିଥିଲ, ୟା' ଗୀତ ଶୁଣିବା ପରେ ମୁଁ କେତେ

Digitized by PPRACHIN, SOA

ତୁଚ୍ଛ ଗାଉଥିଲି ବୋଲି କହିବ ।

ସତେ ନା କ'ଣ ?

ସତ କି ମିଛ ତମେ ନିଜେ ପରଖିବ ମାଆ ସାଆନ୍ତାଣୀ, ବାବୁ ଗାଆତରେ ।

ପିଲାଟି କେନ୍ଦରା ଉପରେ ଏପଟ ସେପଟ କରି ଘଷିଲା ବଜାଣଟିକୁ । ପରୀକ୍ଷା ପୂର୍ବର ପ୍ରସ୍ତୁତି ପରି ନିଜକୁ ପ୍ରସ୍ତୁତ୍ କରୁଥିଲା ଗାଇବା ପାଇଁ । ତା' ବାପ ତାକୁ ସାହସ ଦେଇ କହିଲା, ତୁ କେବଳ ଗାଆ, ମୁଁ ବଜାଉଛି କେନ୍ଦରା ।

ପିଲାଟି ଆରମ୍ଭ କଲା ଗାଇବା । ହଠାତ୍ ଲାଗିଲା ଗୁମ୍ ମାରି ଯାଇଥିବ ପବନ ଯେମିତି ବହିବାକୁ ଆରମ୍ଭ କଲା । "ଟୀକା ଗୋବିନ୍ଦଚନ୍ଦ୍ର"ର ସେ କରୁଣ ରାଗିଣୀ ଭିତରେ ହଜିଗଲା ଅସହ୍ୟ ଗୁଳଗୁଳି । ସେ ଗାଇଚାଲିଥିଲା । ସାହି ମାଇପେ, ପିଲାଛୁଆ ଗୋଟିଏ ଗୋଟିଏ ଆସି ଭିଡ ଜମାଉଥିଲେ ଚାରିପଟେ । ଗୋଟିଏ ଗୀତ ସରିବା କ୍ଷଣି ଭିଡ ଭିତରୁ ଅନୁରୋଧ ଆସୁଥିଲା ଆଉ ଗୋଟିଏ ଗାଆ-ଆଉ ଗୋଟିଏ ଗାଆ । ପିଲାଟି ଗାଇ ଚାଲିଥିଲା । ଯଦି ସ୍ତ୍ରୀ ଲୋକମାନଙ୍କର ସଂଜବତି ଦେବାର ଦାୟ ଓ ଦାୟିତ୍ୱ ନଥାନ୍ତା ହୁଏତ ସେ ଆସର ଲମ୍ବି ଥାଆନ୍ତା ଦୀର୍ଘକାଳ ଯାଏ । ଯୋଗୀ ଥାଳକୁ ପୂର୍ଣ୍ଣକରି ଜଣ ଜଣ କରି ଫେରି ଯାଉଥିଲେ ସ୍ତ୍ରୀ ଲୋକମାନେ ।

ମୋ ଜେଜିମାଆ କହିଲା – ଯୋଗୀ ପୁଅ, ତମେ ସତ କହୁଥିଲ, ତମ ପୁଅ କଣ୍ଠରେ ମାଆ ସରସ୍ୱତୀ ବସିଛନ୍ତି, ଯାଦୁ ଅଛି ତା' ସ୍ୱରରେ । "ଟୀକା ଗୋବିନ୍ଦଚନ୍ଦ୍ର" ମୁଁ ବହୁ ଯୋଗୀଙ୍କ କଣ୍ଠରେ ଶୁଣିଛି, ତମ କଣ୍ଠରେ ବି ଶୁଣିଥିଲି, ହେଲେ ୟା'ର କଣ୍ଠ ନିଆରା । ମୁଁ ତ ତା' ଗୀତକୁ ଶୁଣୁନଥିଲି, କାନ୍ଦୁଥିଲି ତା' ଗୀତକୁ ଶୁଣୁ ଶୁଣୁ । ଦେଖତ, ଏଇ ଗୀତ ଶୁଣାରେ ସଂଜ ଯାଇ ରାତି ହବାକୁ ବସିଲାଣି, ତମ ଘର ଏଠୁ କେତେ କୋଶ ?

ଘର ତ ଦି'କୋଶ ମାଆ, ହେଲେ ଏବେ ଦି'କୋଶ ବାଟ ବି ଯୋଜନ ଦୂର ପରି ଲାଗୁଛି ମୋତେ ।

ହଁ – ବାଧିକା ପଡିଥିଲ ତ, ବଳ ପାଉନଥିବ । ତମେ ଆଜି ଗାଆଁକୁ ନ ଯାଇ ରହିଯାଅ ଏଠି, ଆମ ଚଉପାଢୀ ପିଣ୍ଡାରେ ଶୋଇଯିବ, ଖରା ଦିନତ ।

ପୁଅ ଆଡକୁ ଚାହିଁଲା ଯୋଗୀ । ପିଲାଟା ରହିବାକୁ କୁନ୍ଥୁ କୁନ୍ଥୁ ହେଉଥିଲା । ତା' ବାପ ତାକୁ ବୁଝାଇଲା – ଅନ୍ଧାରରେ ବିଲବଣ ଦେଇ ଯାଇ ଘରେ ପହଞ୍ଚିଲା ବେଳକୁ ରାତି ଅଧା । ପୁଣି ସକାଳୁ ଉଠି ବାହାରିବା । ଆସିଛନ୍ତି ତ ଏପଟକୁ, ସକାଳୁ ସକାଳୁ ଆଉଗୋଟେ ଯୋଡେ ଗାଆଁ ବୁଲି ଦେଇ ସଅଳ ଫେରିଯିବା ଘରକୁ ।

ବାପର କଥା ନଭାଙ୍ଗି ପିଲାଟି ବି ରାଜି ହୋଇଗଲା ।

ମୁଣି, ଥାଳ ଓ କେନ୍ଦରାକୁ ଚଉପାଢୀ ପିଣ୍ଡାରେ ଗୋଟେ କଣକୁ ରଖି ବସିଲେ ବାପ ପୁଅ । ମୋ ଜେଜି ମାଆ କହିଲା, ଆଉ ବସିଲ କାହିଁକି, ଯାଆ ନଈରୁ ଧୁଆ ଧୋଇ ହୋଇ ଆସି । ଜଳଖିଆ ଟିକେ ଖାଇଦେବ, ରୋଷେଇବାସ ସରିଲେ ଖାଇକି ଶୋଇଯିବ ।

Digitized by PPRACHIN, SOA

ବାପ ପୁଅ ଦୁଇଜଣ ଯାକ ନଦୀକୁ ଗଲାପରେ ମୋ ବଡଭଉଣୀ ଦୁଇଜଣଙ୍କୁ ଡାକି ଜେଜିମା' ବରାଦ କଲା – ଆଲୋ ଏ ଯୋଗୀ ପୁଅ ଦି'ଜଣଙ୍କ ଲାଗି ଟିକେ ଜଳଖିଆ ଯୋଗାଡ କର ।

ସେମାନେ କହିଲେ – ହଁ ଆମେ ଜଳଖିଆ କରୁଛୁ । ସେମାନେ ଜଳଖିଆ ଖାଇସାରିଲା ପରେ ସେ ପିଲାକୁ କହିବୁ ତ ଆଉ ଟିକିଏ ଗାଇବ । କି ସୁନ୍ଦର ଗାଉଛି ସେ ପିଲାଟା !

ହଉ, ସେମାନେ ଜଳଖିଆ ଖାଇ ସାରନ୍ତୁ, କହିକି ଦେଖିବା । ତା' ଗୀତ ତ ଏମିତି ଲାଗୁଛି ଯେ ଯେତେ ଶୁଣିଲେ ବି ମନ ପୂରିବନି ।

ନଈରୁ ଧୁଆଧୋଇ ହୋଇ ଆସି ବାପପୁଅ ଦୁହେଁ ଜଳଖିଆ ଖାଇଲେ । ସେମାନେ ଜଳଖିଆ ଖାଇ ସାରିବା ପରେ ଆମ ଜେଜିମା' କହିଲା – ଯୋଗୀ ପୁଅ, ଏ ପିଲାଏ ଲଗାଇଛନ୍ତି ପୁଣି ଟିକେ ତମ ପୁଅର ଗୀତ ଶୁଣିବା ପାଇଁ । ଗାଆନ୍ତାନି ଟିକିଏ ?

ବାପ ଚାହିଁଲା ପୁଅ ଆଡେ, ପୁଅ ନୀରବ ରହି ସମ୍ମତି ଜଣାଇଲା । ବାପ କହିଲା, ହଉ ଯାଆ ସେ ପିଣ୍ଡା କଡରୁ କେନ୍ଦରା ଧରିଆ ।

ପୁଅ କେନ୍ଦରା ଆଣିବାକୁ ଯାଇ ଦେଖିଲା, କେନ୍ଦରା ଦୁଇଟା ଯାକ ନାହିଁ, ମୁଣି ଅବଶ୍ୟ ଖୋଲା ନହୋଇ ସେମିତି ପଡିରହିଥିଲା । ସେ ଡାକ ଛାଡିଲା ବାପା-ବାପା... । କ'ଣ ହେଲା – କ'ଣ ହେଲା କହି ତା' ବାପ ଧାଇଁଗଲା ତା' ପାଖକୁ । ପଛେ ପଛେ ମୋ ଜେଜିମା' ଗୋଟେ ଲଣ୍ଠନ ଧରି ସେଠାରେ ପହଞ୍ଚିଲା ।

ଜେଜିକୁ ଚାହିଁ ଯୋଗୀପୁଅ ପ୍ରଶ୍ନକଲା – ଆମ କେନ୍ଦରା ? ତମେ ପରା ଏଇଠି ରଖିକରି ଯାଇଥିଲ ? ହଁ – ଏଇଠି ତ ରଖିକି ଯାଇଥିଲୁ, ହେଲେ ଗଲା କୁଆଡେ ?

ସମସ୍ତେ ଖୋଜିଲେ ହଜିଥିବା କେନ୍ଦରାକୁ । ପିଣ୍ଡା, ଓଳିକଡ, ଦାଣ୍ଡ, ବାଡି ସବୁଆଡେ । ହେଲେ କେଉଁଠି ମିଳିଲା ନାହିଁ ପତ୍ତା । କେନ୍ଦରା ମିଳିବାର ସମ୍ଭାବନା ନଦେଖି ସେତେବେଳକୁ ଯୋଗୀପୁଅ କାନ୍ଦ କାନ୍ଦ ହୋଇ କହିଲା – ମୋ ଟା' ଗଲା ଗଲା, ହେଲେ ପୁଅର ବୃତ୍ତି ପ୍ରବେଶ ପାଇଁ ପୂଜା ଅର୍ଚ୍ଚନା କରି କରିଥିଲୁ ନୂଆ କେନ୍ଦରା, ସେଇଟାକୁ କିଏ ନେଇଯିବା ଆଦୌ ଶୁଭ ଲକ୍ଷଣ ନୁହଁ । ଆପଣମାନଙ୍କର ସୁନା ହଜିବା ଯାହା ଯୋଗୀର କେନ୍ଦରା ଚୋରି ହବା ତାହା ।

ଚୋରି କାହିଁକି ହବ ହୋ-କାହାକୁ ଏଠି ଯୋଗୀ ହବାର ସଉକ ଅଛି ଯେ ତମ କେନ୍ଦରା ଚୋରୀ କରିନବ ? ଯିଏ ଚୋରି କରିଲା ସିଏ ତମ କେନ୍ଦରା ନେଲା, ତମ ମୁଣାରେ ଚାଉଳ ଓ ଟଙ୍କା ପଇସା ଥିଲା ନେଇନଥାନ୍ତା ?

ଆଉ କ'ଣ ଆମ କେନ୍ଦରା ଶୂନ୍ୟରେ ମିଳାଇ ଗଲା ?

ମୁଁ ତ ସେଇକଥା ଭାବି ଆଶ୍ଚର୍ଯ୍ୟ ହେଉଛି ।

ତମେ ଯାହା ଭାବ ସାଆନ୍ତାଣୀ – ଆମ କେନ୍ଦରା ନମିଳିଲେ ମୁଁ ବାଣ ମାରି ଛାତି ଫଟାଇଦେବି, ବୀର ପେଶିବି ତାକୁ ।

Digitized by PPRACHIN, SOA

କ'ଣ କହିଲ – କ'ଣ କହିଲ ? ବାଣ ମାରିବ, ବୀର ପେଶିବ ? କାହାକୁ ବାଣ ମାରିବ, ବୀର ପେଶିବ ?

ହଁ – ବାଣ ମାରିବି, ବୀର ପେଶିବି । ଆମ କେନ୍ଦରା ଯିଏ ନେଇଛି କାଲି ସକାଳକୁ ଯଦି ତା'ର ଛାତି ନଫାଟିଛି, ତେବେ କହିବ ଏ ଯୋଗୀ ଗାଲୁ ପେଲୁଥିଲା ବୋଲି । ମୋ ବାପ ଖାଲି ଯୋଗୀ ନଥିଲା, ଗୁଣିଆ ହିସାବରେ ବି ନାଆଁ କରିଥିଲା । ମୋତେ ବି ମନ୍ତ୍ର ଶିଖାଇଛି, ହେଲେ ରାଣ ଦେଇ କହିଥିଲା, ଏ ମନ୍ତ୍ରତନ୍ତ୍ର ଭଲ ଧନ୍ଦା ନୁହେଁ, କେବଳ ଶିଖିଆ, ଅତି ଆବଶ୍ୟକ ନପଡିଲେ ବ୍ୟବହାର କରିବୁନି । ଯୋଗୀର କେନ୍ଦରା ଚୋରି ଠାରୁ ଆଉ ବଡ କଥା କ'ଣ ? ମୁଁ ଆଜି ହିଁ ତା'ର ଉପଯୋଗ କରିବି ।

ମୋ ପିଲା ବୁଦ୍ଧିରେ ମୁଁ ଅନୁମାନ କରି ପାରୁଥିଲି ଘଟଣାଟା ଜଟିଳ ହେବାକୁ ଯାଉଛି । ପ୍ରଥମେ ପ୍ରଥମେ ଆମ ଜେଜିମା' ଯେଉଁ ତୋଡରେ କଥାବାର୍ତ୍ତା କରୁଥିଲା । ସେ ମନ୍ତ୍ର ଶିଖିଛନ୍ତି ଜାଣି ସେ ତା' ତୋଡ ଟିକିଏ କମାଇଲା । ମୁଁ ଜାଣୁଥିଲି ଜେଜିମା' ଭିତରେ ଭିତରେ ଡରି ଗଲାଣି । ଅନ୍ୟ ଉପାୟ ନପାଇ ମୁଁ ଅନ୍ଧାରରେ ଧାଇଁଲି ବାପାଙ୍କୁ ଡାକିବାକୁ । ବାପା ଖଳାରେ ଥିଲେ । ମୁଁ ଧାଇଁ ଧାଇଁ ଯାଇ ଖଳାରେ ପହଞ୍ଚିଲା ବେଳକୁ ପୂରା ଧଇଁସଇଁ ହୋଇ ଯାଇଥାଏ । ମୋ ପାଟିରୁ କେବଳ ବାହାରିଲା – ବାପା, ବାଣ ମାରିଦେଲା ।

ମୋ କଥାରୁ କିଛି ବୁଝିନପାରି ବାପା ପଚାରିଲେ – ଆରେ କ'ଣ ହେଲା ?

ବାଣ-ବାଣ ମାରିଦେଲା ।

ଏକେତ ଖରାଦିନ, ନିଆଁ ବୋଧେ ଘରେ କେଉଁଠି ଲାଗିଗଲା ଭାବି ବାପା ଧାଇଁଲେ ଅନ୍ଧାରରେ । ତାଙ୍କ ପଛେ ପଛେ ମୁଁ । ଘର ପାଖରେ ପହଞ୍ଚିଲା ବେଳକୁ ଆମ ଦାଣ୍ଡରେ ଲୋକ ଜମା ହୋଇଛନ୍ତି । ବାପା ସବୁକଥା ଶୁଣି ହାତ ଉଞ୍ଚାଇ ଧାଇଗଲେ ଯୋଗୀ ପାଖକୁ ବାଡେଇବା ପାଇଁ । ଆମ ଜେଜି ମାଆ – ହାଁ-ହାଁ, ଯେଗୀ ପୁଅ ଦେହରେ ହାତ ଦେଇ ଅଧର୍ମ କରନା, କହି ଅଟକାଇଲେ ବାପାଙ୍କୁ ।

ଉଠା, ଉଠା, ତୋ ବୁଜୁଳା ଏଠୁ । ନିକଲ ଏଇ ରାତା ରାତି ଗାଆଁରୁ, କହିଲା କ'ଣ ନା ବାଣ ମାରିବ । ବୀର ପେଶିବ । କାହୁଆ କେଉଁଠିକାର ।

ବାଶ୍-ବାପ ପୁଅ ଦୁହେଁ ତାଙ୍କ ମୁଣାଧରି ବାହାରିଗଲେ । ଢେର ରାତିଯାଏ ଆମ ଘରେ ଚର୍ଚ୍ଚା ଚାଲିଲା ସେ କେନ୍ଦରା ଚୋରି ବିଷୟରେ । ସମସ୍ତେ ବି ଆଶ୍ଚର୍ଯ୍ୟ ହେଉଥିଲେ କୁଆଡେ ଗଲା ସେ କେନ୍ଦରା ବୋଲି ।

ବଡି ଭୋରରୁ ଆମ ଘର ପାଖ ଦଣ୍ଡାକୁ ବାପା ଯାଇଥିଲେ ପୋଖରୀପାଣି । ଦଣ୍ଡାର ଗୋଟେ କିଆବୁଦା ମୂଳେ ଦେଖିଲେ ପଡିଛି କେନ୍ଦରା ଦୁଇଟି, ସେଥିରେ ଲାଗିଥିବା ଗୋଧି ଚମଡାର ଛାଉଣୀକୁ କିଏ କାମୁଡି କାମୁଡି ଖାଇ ଯାଇଛି । ଉଠାଇ ଦେଖିଲେ କେନ୍ଦରା ଦୁଇଟିକୁ । ଇଏ ନିଶ୍ଚୟ କୁକୁରଙ୍କ କାମ । କଞ୍ଚା, ନଗ୍‌ଦା ଗୋଧି ଚମଡାର ବାସ୍ନାରେ କୁକୁର ତାକୁ ଟେକି ଆଣିଛି

Digitized by PPRACHIN, SOA

ପିଣ୍ଡାରୁ । ପୋଖରୀପାଣି ସାରି ଫେରିଲା ବେଳକୁ ହାତରେ ଧରିଥିଲେ ସେ ଦୁଇଟିକୁ ।

ଘରେ ପହଞ୍ଚ ପଚାରିଲେ – ସେ ଯୋଗୀ କେଉଁ ଗାଆଁର ? ଆମ ହଳିଆ ମହିଆକୁ କହିଲେ – ଯା' ତା' କେନ୍ଦରାକୁ ଦେଇଆସିବୁ ତା' ଘରେ । ମନ୍ତ୍ର ଶିଖିଥିଲା ତ, ମାରୁ ବାଣ କୁକୁରଙ୍କୁ, ବୀର ପେଶୁ କୁକୁରଙ୍କୁ ! ଗୋଟେ ବଡ ଗୁଣିଆ କେଉଁଠିକାର ଦେଖାଇ ହେଉଥିଲା । ମହିଆ ଯୋଗୀର ଗାଆଁରୁ ଯାଇ ଫେରିବା ପରେ ଖବର ଦେଲା-କାଲି ରାତିରେ ଗାଆଁକୁ ଫେରିବା ବାଟରେ ଯୋଗୀର ମରଣ ହୋଇଗଲା । ଜନ୍ତୁଜାନ୍ତା କିଏ କାଟିଦେଲା ବୋଧେ । ସାଂଗରେ ଥିବା ପୁଅଟି ବାପର ଶବ ଧରି ସାରା ରାତି ପାଟ ମଧ୍ୟରେ ଥିଲା । ସକାଳୁ ଲୋକେ ଦେଖି ତାକୁ ନେଲା ବେଳଠାରୁ ସେ ମୂକ ହୋଇଯାଇଛି । ତା' ପାଟି ଆଉ ଖୋଲୁନି, କେବଳ ବଲ ବଲ କରି ଚାହୁଁଛି ।

ଏକଥା ଶୁଣି ମୋ ଜେଜିମା' କହିଲା – ବାପଟା ସିନା ବାଧିକାରୁ ଉଠିଥିଲା, ଚାଲିଗଲା, ହେଲେ ପିଲାଟା କେତେ ସୁନ୍ଦର ଗୀତ ଗାଉଥିଲା । ତା'ର ଏମିତି କାହିଁକି ହେଲା ?

□

Digitized by PPRACHIN, SOA

ମୋହ

ମୁଁ ପିଲାଦିନେ ବହୁତ ଥର ଭାବେ – ଆମ ବାପା କଲିକତାରେ ରହୁଥାନ୍ତେ କି । ବର୍ଷେ ଛଅ ମାସରେ ଥରେ ଥରେ ଘରକୁ ଆସୁଥାଆନ୍ତେ । ଆମର ବି ଆସୁଥାଆନ୍ତା ବିଭିନ୍ନ ପ୍ରକାରର ପୁନିଦା, ଖଜୁରୀକୋଳି, ଆମ୍ବ, ମିଠା, ଚେନାଚୁର ଏବଂ ଆମପାଇଁ ଜାମା ପ୍ୟାଣ୍ଟ ଓ କଲିକତି ଖେଳନା, ମୋର ଏସବୁ ଭାବିବାର ପଛରେ ଥିଲା ଆମ ସାହିର ରମା ଭାଇ । ତା' ବାପା ଯେତେବେଳେ କଲିକାତରୁ ଆସେ ସେ ହୋଇଯାଏ ଆମ ମାନଙ୍କ ଭିତରେ ବାଦ୍‌ଶାହା, ନୂଆ ଜାମା, ପ୍ୟାଣ୍ଟ ସହ ଯୋତାପିନ୍ଧି ସେ ଯେତେବେଳେ କିଛି ମିଠା ଓ ଖଜୁରୀ କୋଳି ଧରି ପହଞ୍ଚେ କେବଳ ମୁଁ ନୁହଁ ପ୍ରାୟ ଆମ ସାହିର ସବୁପିଲା ତାକୁ ଘେରି ଯାଇ ତା'ଠୁ ଗୋଟେ ଗୋଟେ ଖଜୁରୀ କୋଳି, କେବେ କେବେ ମିଠାରୁ ଖଣ୍ଡେ ଖଣ୍ଡେ ନେଉ । ମାତ୍ର ଅତି ସତର୍କତା ସହ ସେ ଧରିଥାଏ ତା'ର ଖେଳନା ଓ ପେଁକାଳୀ, ଯଦି ଆମେ କେହି ପେଁକାଳୀ ଟିକେ ବଜାଇବାକୁ ମାଗୁଁ ତେବେ ସେ ତା'ର ଆଗପଟକୁ ଧରି ପଛପଟକୁ ଆମ ପାଟିରେ ପୂରାଇ କହେ – ଫୁଙ୍କ, କାହାର ହୁଏ କାହାର ମଧ୍ୟ ହୁଏନା, ସେ ବିରକ୍ତ ହୋଇ ଆମ ପାଟିରୁ କାଢିନେଇ କହେ – ଛେଃ-ଛେପ କରି ଦେଉଛ । ହେଇ ଦେଖ ଏମିତି ବଜାନ୍ତି । ତା'ର ଚାବି ଦିଆ ଖେଳନାଟିକୁ ଥରେ ଚାବି ଦେଇ ଚଳାଇବାକୁ ଆମ ସମସ୍ତଙ୍କର ଥାଏ ଅତ୍ୟନ୍ତ ଆଗ୍ରହ, ସେହି ଆଗ୍ରହ ପାଇଁ ଘରୁ ଆଚାର, ବାଡିରୁ ଆମ୍ବ, ବେଳେ ବେଳେ ପଇସା ବି ଚୋରାଇ ଆଣିବାକୁ ଦେଉ ।

ତା' ବାପା ଆସିବାର କେତେଦିନ ଯାଏ ସେ ଗିଟିମତ୍ ଗୋଟେ ବାଦ୍‌ଶାହ ହୋଇ ଯାଏ, ଭଲିକି ଭଳି ନୂଆ ଡ୍ରେସ, ଯୋତା ସହ ଖେଳନା ଧରି ବୁଲିବା ବେଳେ ମୁଁ ସ୍ୱଭାବିକ୍ ଭାବେ ତା' ଭାଗ୍ୟକୁ ଈର୍ଷାକରି ଭାବେ – ଆମର ବାପା କଲିକତାରେ ରହୁ ନଥାନ୍ତେ ? ଘରକୁ ଆସିଲାବେଳେ ଆମପାଇଁ ଆଣୁଥାଆନ୍ତେ ଖେଳନା । ମୁଁ ନୂଆ ଜାମା, ଯୋତା ପିନ୍ଧି ରାଜା ଭଳି ଚାଲିବା ବେଳେ ମୋ ପଛରେ ଧାଉଁ ଥାଆନ୍ତେ ସାହିର ସବୁପିଲା ।

ଖାଲି ରମାଭାଇ ନୁହଁ...ତା' ବୋଉର ମଧ୍ୟ ଢଙ୍ଗ ଢାଙ୍ଗ, ରୂପଭେକ ବଦଳିଯାଏ, ତା' ବାପା ଘରକୁ ଆସିଲେ । ଅଲେଇ ବାଉଲି ପରି ଫୁରୁଫୁରୁ ଉଡୁଥିବା ବାଳକୁ ବାସ୍ନା ତେଲରେ

Digitized by PPRACHIN, SOA

ଜୁଡ଼ୁବୁଡ଼ୁ କରି କୁଣ୍ଡାଇ ସ୍ନୋ ପାଉଡର ମୁହଁରେ ମାରନ୍ତି । ଭଳିକି ଭଳି ଶାଢୀ ପିନ୍ଧିବା ସହ ବ୍ଲାଉଜ୍ ପିନ୍ଧା ଦେଖିଲେ ମୋତେ ଲାଗେ ସେମାନେ ଯେମିତି ଏଇନେ କେଉଁ କୁଣିଆଁ ଘରକୁ ଯିବେ । ଆଗରୁ ପଡ଼ା ପଡ଼ିଶାରେ ଘଣ୍ଟା ଘଣ୍ଟା ଧରି ଗପ ଯୋଡୁଥିବା ରମାବୋଉ ଖୁଡ଼ୀଙ୍କୁ ଆଉ କାହାରି ଘରେ ବସିବାକୁ ତର ହୁଏନି । ଯା'ଘରକୁ ଗଲେବି ଖାଲି ଚଅଁର ପରି ହେଉଥିବେ – ନାଁ ଲୋ ମୁଁ ଯାଉଛି । କଲିକତିଆଙ୍କ କଥା କ'ଣ ତମେ ଜାଣିନ, ପାନରୁ ଚୂନ ଖସିଲେ ଅଡୁଆ । ଏବେ ଟିକେ ଶୋଇଛନ୍ତି ବୋଲି ମୁଁ ଏ ସାହିକୁ ଚାଲି ଆସିଛି ନା, ଉଠିଲା ମାନେ ଗୁଡ଼ାଖୁ ଖୋଜିବେ । ଗୁଡ଼ାଖୁ ମାରି ସାରିଲେ ଚା' । ତାଙ୍କ ପଂରମାସୀରେ କ'ଣ ବେଳଅଛି ମରିବାକୁ । ମୁଁ ପରେ ପରେ ଆସିବି ଲୋ ମାଁ ।

କିଏ ଯଦି ପଚାରିଦିଏ କ'ଣ କଣ ଆଣିଛନ୍ତି ରମାବାପା ବୋଲି – ବଢ଼ିଲା ପାଦକୁ ପଛକୁ ଫେରାଇ ଆଣି କହନ୍ତି ପୁନିଦା ସବୁ କ'ଣ ଖୋଲିଲିଣି । ଆମରତ ମସଲାଠାରୁ ଡାଲି ତେଲ ପର୍ଯ୍ୟନ୍ତ ଏଠିକା ଦୋକାନରେ କିଣା ହୁଏନା । ସବୁ ଆସିଥିବ । ମୁଁ ଖାଲି ପିଲାଙ୍କ କପଡ଼ା, ମୋର ଶାଢୀ ଆଉ ଏଇ ମିଠ ମିଠି ଖୋଲିଛି ନା । ଗଲାଥର ଆଣିଥିବା ଜିନିଷତ ସରିନି – ଆଉ ଏବେ ତରତର ହେବି କାହିଁକି ।

ଖୁଡ଼ୀ ସେଇ କେତେଦିନ ଲାଗନ୍ତି ଯେମିତି ପରିପୂର୍ଣ୍ଣ ସୁଖର ମଣିଷଟିଏ ।

ଖାଲି ଯେ ମୋ ବାପା କଲିକତାରେ ରହୁ ନଥିଲେ ବୋଲି ମୋର ମନଦୁଃଖ ହେଉ ଥିଲା ସେକଥା ନୁହଁ...ମୋ ବୋଉର ବି ମନଦୁଃଖ ହେଉଥିବ ନିଶ୍ଚୟ । ସକାଳରୁ ସଞ୍ଜ ସେ ଖଟୁଥିବ ଅହରହ – ଗୋବର ଚଟକା, ଘସିପରା, ଗାଈଗୋରୁ କାମ, ଗୁହାଳ କାମ, ଜାଳ ଯୋଗାଡ଼, ଘରଲିପା, ରୋଷେଇ ବାସ ଇତ୍ୟାଦି, ଦିନମାନ ମରିବାକୁ ତର ନଥିବ । ଅଥଚ ବାପା ଘରକୁ ଆସିଲେ ଗର ଗର ହେଉଥିବେ – ଗୋରୁ କୁଣ୍ଡା ତୋରାଣୀ ଖାଇଲେ ନାହିଁ, ବାଦାମ୍ ଗଛରୁ ତୋଳା ହେଲାନି, ଅଗାଡ଼ି ମିଶା ଧାନ ପାଛୁଡ଼ା ଗଲାନି ଖଳାରେ ମୂଷା ବେଙ୍ଗଳ ପକାଲେଣି ଇତ୍ୟାଦି ।

ରମାଭାଇର ବୋଉର ସୌଭାଗ୍ୟକୁ ଦେଖି ତା' ମନରେ ନିଶ୍ଚେ ଗୋଟେ ସୁକୁମାର ଈର୍ଷା ହେଉଥିବ । ମନେ ମନେ ତା' ଭାଗ୍ୟକୁ ତୁଳନା କରି ଭାବୁଥିବ – ଏ ଯଦି କଲିକତାରେ ରହୁଥାଆନ୍ତେ ମୁଁ ବି ଏମିତି ସାଆନ୍ତାଣୀ ହୋଇ ବୁଲୁଥାଆନ୍ତି । କେବଳ ମନେ ମନେ ସେ ଏ କଥାଟା ଭାବୁଥିଲେ ମୁଁ ହୁଏତ ଜାଣିପାରି ନଥାନ୍ତି, ଯେତେବେଳେ ସେ ବାପାଙ୍କର ଅଯଥା ଗାଳି ନଶୁଣି ପାରି କଥା ଲେଉଟାଏ ହଁ – ଦେଖୁନ କେତେ ସୁଖରେ ରଖିଛ ? ଭଳିକି ଭଳି ଶାଢୀ ଗହଣା କରି ଦେଉଛ । ମୁଁ ପିନ୍ଧିକି ବୁଲୁଛି ? ତମ ହାତ ଧରିବା ଦିନ ଠାରୁ ମୋ ଦିହ ହାତ ବି ସ୍ନୋ ପାଉଡର ମୁହଁ ଦେଖିନି । ତମ ପାଖରେ ଭଲମନ୍ଦ କିଛି ଅଛିନା ସେ ସୋହାଗ କେବେ ଅଛି, ନକହିଲେ ମନବୁଝି କିଣି ଆଣିବ । ଶାଢୀ ଛିଣ୍ଡିଲାପରେ ବି ଟଙ୍କା ନାହିଁ ଟଙ୍କା ନାହିଁ କହି ଦଶହାଟ ପାଳି ଗଡ଼ାଉଥିବ । ଖଣ୍ଡେ ଚିରିଲେ ଖଣ୍ଡେ, ହୋଇ ପା ଦେଖୁନ, ଦେଖିକରି ଶିଖୁନ ପଡ଼ିଶା ଘରୁ –

Digitized by PPRACHIN, SOA

ରମା ବୋଉତ କେବେ ଶାଢୀପାଇଁ କହିବାର ମୁଁ ଶୁଣିନି । ହେଲେ ରାମା ବାପା ମନଜାଣି ଯୋଗାଇଛିନା । କରମ କରିଥିଲା ବୋଲି ସିନା ତା' ହାତଧରି ରାଜରାଣୀ ସୁଖ କରୁଛି, ଛାଡ କାହାକୁ କହିବା ମୋ କରମରେ ତ ଘସିପରା, ଧାନକୁଟା ଲେଖାଯାଇଛି । ମୁଁ ଯେତେ ବାଡେଇ ଛାଟି ହେଲେ କ'ଣ ହେବ ।

କେବେ କେବେ ବୋଉର ଓଲଟା ଜବାବ୍‌ରେ ବାପା ଚୁପ୍ ହୋଇ ଯାଆନ୍ତି । ଆଉ କେବେ କେବେ ଲେଉଟାଇ କହନ୍ତି – ଯାଉନୁ ମନ ଯଦି ଏତେ ସକ ସକ କଲିକତିଆ ଘଇତା କରିବୁ । ଶାଢୀ, ଚୁଡ଼ୀ, ସ୍ନୋ, ପାଉଡର, ବାସନା ତେଲ ସବୁ ମିଳିବ । ତା'ପରେ ବୋଉ ହୋଇଯାଏ ଚୁପ୍ ହେଲେ ସେ କଥାର ପ୍ରତିକ୍ରୀୟାରେ ଦିନେ ଦୁଇଦିନ ମୁହଁ ଲୁଚେଇ ଲୁଚେଇ କାନ୍ଦେ ।

ସେତେବେଳେ ମୋ ପିଲା ବୁଦ୍ଧିରେ ମୁଁ ଭାବୁଥିଲି ବାପା ଆମର ବହୁତ ଅନ୍ୟାୟ କରୁଛନ୍ତି ବୋଉ ପ୍ରତି ।

ବୋଉ ବାପାଙ୍କୁ ଦିନେ ଦୁଇଦିନ ଆଡ ଆଡ ହୁଏ, ରାଗରୁଷା ଚାଲେ, ବାପା କ'ଣ କଣ ବୁଝାନ୍ତି – ବୋଉ ରାଗିକରି କହୁଥିବାର ମୁଁ ଶୁଣେ – କି କଥାରେ ତମେ କେତେ ବଡ କଥାଟିଏ ନ କହିଲ ? ଅଭିମାନରେ କିଏ କେତେ କଥା ନ କହୁଛି – ହେଲେ ତା' ପାଖକୁ କ'ଣ ଏଇ କଥା ? ତମେ ମୋତେ କ'ଣ ଭାବିଲ କି ? ମୁଁ କ'ଣ ଏତେ ବଜାରୁଣୀ ହୋଇଛି ପର ମରଦର ସୋହାଗ ଖୋଜୁଛି ?

ବାପା ବୁଝାଉଥିବେ – ରାଗରେ ତମକୁ କ'ଣ କହିଦେଲି ତାକୁ ଗଣ୍ଠିକରି ବସିଛି । ଆଡ ଆଡ ହେଉଛ । ପିଲାଏ ବଡ ହେଲେଣି କ'ଣ ଭାବୁଥିବେ ? ରାତି ଅଧଯାଏ ଚାଲିଥିବ ବାପାଙ୍କର ବୁଝାବୁଝି ଓ ବୋଉର ଅଭିମାନ ଶୁଝା । ସକାଳକୁ ଉଠିଲା ବେଳକୁ ବର୍ଷାଧୁଆ ସକାଳର ଖରାପରି ବୋଉ ଲାଗୁଥିବ ନୂଆ ନୂଆ । ଉଭେଇ ଯାଇଥିବ ତା' ମନରୁ ରାଗରୁଷା ।

ବୋଉ ମନ ଭିତରର ଅପୂର୍ଣ୍ଣ ଇଚ୍ଛାକୁ ସେ ମୋ ଭିତରେ ସାକାର କରିବାକୁ ଚାହୁଁଥିଲା । ତେଣୁ ବାପାଙ୍କ ଠାରୁ ମୋତେ ଏକ ନିଆରା ମଣିଷ କରିବାକୁ ଚାହୁଁଥିଲା । କେବେ ଯଦି ବାପା ମୋତେ କୌଣସି କାମ ବରାଦକରି ଦିଅନ୍ତି କିମ୍ବା ତାଙ୍କୁ ସାହାଯ୍ୟ କରିବାକୁ ବିଲକୁ ଯିବାକୁ କହନ୍ତି, ବୋଉ ରୋକ୍‌ଠୋକ୍ ମନାକରି କୁହେ – ତାକୁ କ'ଣ ତୁମରି ହରଡ ଘଣାରେ ପକାଇବ ନା କ'ଣ ? ତମେ ତ ଦିନରାତି ଖଟିଖଟି ନୟାନ୍ତ ହେଉଛ ପେଟ ପୁରୁନି କି ଗାଣ୍ଡି ଲୁଚୁନି । ତା' ପଢା ଜମେଇକରି ତାକୁ କାହିଁକି ପୁଣି ଘୋଷାରୁଛ ସେହି ଜୀବନକୁ ? ବାପା ଅସନ୍ତୁଷ୍ଟ ନହୋଇ କହୁନ୍ତି – ହଉ ଠିକ୍ ଅଛି, ସପନ ଦେଖୁଥାଅ, ପୁଅ ପାଠପଢି ଚାକିରୀ କରି ବିଦେଶ ଘୂରାଇବ ।

ମୁଁ ପାଠପଢି ସାରି ଚାକିରୀ କଲି । ବୋଉ ଖୁସିରେ ଶାରଳାଙ୍କୁ କଳାଲୁଗା ଓ ବୋଦା ବଳିଦେଲା ଯେମିତି ତା'ର ଦୀର୍ଘ ତପସ୍ୟାର ଫଳ ମୁଁ ପାଇଛି । ଯୋଗକୁ କମ୍ପାନୀ ଚାକିରୀ ହେତୁ ଚାକିରୀରେ ଯୋଗଦେବା ସଙ୍ଗେ ସଙ୍ଗେ ମୋତେ କ୍ୱାଟର ମିଳିଗଲା । ମୁଁ ବୋଉକୁ କହିଲି – ତୁ ଏବେ ମୋ ସାଙ୍ଗରେ ଯିବୁ । ରହିବୁ ମୋ ପାଖରେ, ବୋଉ କହିଲା ଏବେଠୁ ଏତେ ବ୍ୟସ୍ତ କାହିଁକି

Digitized by PPRACHIN, SOA

– ତୋ' ବାହାସାହା ପରେ ବୋହୂ ଆସିଲେ ମୁଁ ତ ବଳେ ଯିବି ।

ସେଇ ବୋଉ ଏବେ ମୋ ପାଖକୁ ଆଠ ଦଶ ଦିନହେଲା ଆସିଛି ଯେ ଅଣନିଶ୍ୱାସୀ ହୋଇ ପଡିଲାଣି ଘରକୁ ଯିବାପାଇଁ । ଉପର ମହାଲାରେ ଥିବା ମୋ କ୍ୱାଟରଟି ତାକୁ ଲାଗୁଛି ଗୋଟେ ପଂଜୁରୀ ପରି । ବାଡି ନାହିଁ ବଗିଚ୍ଚ ନାହିଁ, ହାତ ଗୋଡ ପେଉନଥିବା କ୍ୱାଟରଟି ତାକୁ ଲାଗୁଛି ବନ୍ଦୀଶାଳା ପରି । କ୍ୱାଟର କଲଟର ସୀମିତ ସଂପର୍କ, କାହାରି ପାଖରେ ଫୁରୁସତ ନାହିଁ ବସି ଦୁଇପଦ କଥା ହେବାକୁ । ଖାଅ ପିଅ, ଟିଭିଦେଖ, ଅଫିସ ଯାଅ ଦେଖି ଦେଖି ସେ ଶେଷରେ କହିଲା – ମୋତେ ନେଇ ଘରେ ଏବେ ଛାଡିଦେଇ ଆସ ।

ମୁଁ ବିସ୍ମିତ ହୋଇ ତା' ମୁହଁକୁ ଚାହିଁଲାରୁ ସେ କହିଲା – ତୁ ତୋ ବାପାଙ୍କ କଥା ତ ଜାଣୁ । ଭୋଳାନାଥ । କ'ଣ କରୁଥିବେ କେଜାଣି । ସବୁ ଉଜୁଡି ଉପୁଡି ଯାଉଥିବ । ଗଛରେ ଗଛେ କଇଁଆ ଥିଲା ସବାଖିଆ ପିଲା ଗୋଟେ ବି ରଖି ନଥିବେ । କଲାମୀ ଆମ୍ବ ଗଛ ଓ ସୁନ୍ଦରୀ ଆମ୍ବଗଛରେ ଗଛେ ଲେଖାଏ ଆମ୍ବ ନଦି ହୋଇଥିଲା ଏସନ, ମୁଁ ତ ଏପଟେ ଆସିଲି ସବୁ ନଷ୍ଟ ବିନଷ୍ଟ ହୋଇ ସାରିଥିବ । ଢିଆ ବାଇଗଣ ଓ କଖାରଇଙ୍କା ଲଗାଇ ଥିଲି, ତୋ ବାପା କ'ଣ ତାକୁ ଜଗାରଖା କରି ପାରିଥିବେ, ସେ ବି ଉଜୁଡି ସାରିବଣି । ଆଉ ତୋ ପିଉସୀ ଯାହାଙ୍କୁ ମୁଁ ଘର ଦାୟିତ୍ୱ ଦେଇକରି ଆସିଛି ତାଙ୍କର ତ ଗଂଗାରେ ପାଦେ ତ ଗୟାରେ ପାଦେ । କେଉଁଠି ଗପ ଯୋଡିଥିବେ ଯଦି ଯୋଡିଥିବେ । ଏପଟେ ଘର ଉଜୁଡି ଗଲେବି ନିଘା ନଥିବ ।

ସେପଟ ମମତା ତୁଟାଇ ଏଠି କ'ଣ ବେଶିଦିନ ରହିହେବ । ଆସିଲି ବୁଲି ଗଲି – ଏତିକିରେ ମୋର ଖୁସି, ଏ ଚାକିରୀ ତ ବାୟା ଚଢେଇର ବସା, ସେପଟେ ଜଗିରଖି ସାଇତି କରି ରଖିଥିଲେ ସିନା ନଚେତ ଆଜିକାଲି ଭାଇଭଗାରୀ ଯେମିତି ହେଉଛନ୍ତି କିଏ ଉଜୁଡି ଗଲେ ନାକରେ କାଠି ପୂରାଇ ଛିଂକିବେ ।

ନା ତୁ ଏତେ ଶିଘ୍ର ଯାଇ ପାରବୁ ନାହିଁ – ମୁଁ କହିଲି । ଘର ଜଗି ଜଗି ତୋ ଜୀବନ ଯାଇଛି, ଏବେ କିଛିଦିନ ବାହାରେ ରହି ଟିକେ ଆରାମ କର ।

ମତେ ବୁଝାଇବା ପରି ସେ କହିଲା – ତୋ ପାଖରେ ରହି ଆରାମ କରିବାକୁ କ'ଣ ମନ କାହିଁକି, ହେଲେ ସେପଟ କଥାତ ବୁଝିବାକୁ ପଡିବ । ତୋ ବାପା ଏକା ଲୋକ, ଗାଈ ଗୋରୁ ଝମେଲାରେ ଧନ୍ଦିହୋଇ ପଡୁଥିବେ । ତାଙ୍କରି କ'ଣ ଆଉ ବୟସ ଅଛି ଏତେ କଥା ଏକା ଏକା କରିବାକୁ ।

ମୁଁ ବୋଉକୁ ପ୍ରସ୍ତାବ ଦେଲି, ଗାଈଗୋରୁ ବିକିଦେଇ ଗାଁର ଚାଷ ଭାଗଦେଇ ବାପାଙ୍କୁ ବି ଏଠାକୁ ନେଇ ଆସିବାକୁ ।

ବୋଉ ମୋ ପାଟିରେ ହାତଦେଇ କହିଲା – ସେକଥା ମନରେ ଧରନା, ଆମ ଅନ୍ତେ ତୁ ତୋର ଯାହା କରିବା କଥା କରିବୁ । ଯେତେ ଦିନଯାଏ ଆମର ହାତ ଗୋଡ ଚଳୁଛି ଚାଷ ଭାଙ୍ଗି ହେବନି । ଆମର ଜଡ'ପା ଚାଷ, ଗଛ କ'ଣ ଉପରକୁ ଉଠିଗଲେ ମାଟିରୁ ଚେର ଉଠାଇ ଆଣେ ?

Digitized by PPRACHIN, SOA

ଶେଷରେ ବୋଉ ଜିଦ୍ ରହିଲା, ସେ ଘରକୁ ଗଲା ମହାଳୟା ଶ୍ରାଦ୍ଧର ଆଳ ଦେଖାଇ। ଘରେ ପହଞ୍ଚି ବୋଉ ଆଗ ଦେଖିନେଲା ସବୁ ଜିନିଷ-ଆମ୍ବଗଛ କଇଁଆ ଗଛ, ଢିଆ ବାଇଗଣ ଓ କଞ୍ଚା ଲଙ୍କା। ଗାଈଗୋରୁଙ୍କୁ ପରସ୍ତେ ଆଉଁଷି ପକାଇଲା ବହୁ ଦିନର ହଜିଲା ପୁଅକୁ ଦେଖିବା ପରି।

ରାତିରେ ମୁଁ ଏପଟ ଘରେ ଶୋଇଥାଏ – ବାପା ବୋଉକୁ ପଚାରିଲେ ବିଦେଶ ବୁଲିବ ବୋଲି ଏତେ ସପନ ଦେଖୁଥିଲା, ଏତେ ସହଜ ଫେରି ଆସିଲ ଯେ? ସେଠି କ'ଣ ଅସୁବିଧା ହେଲା କି?

ନା – କିଛି ଅସୁବିଧା ନୁହେଁ, ମୋତେ ଖାଲି ସେଠାରେ ଅଣନିଶ୍ୱାସୀ ଲାଗିଲା।

ମାନେ? ବାପା ହସି ହସି ପଚାରିଲେ।

ସେଠି ପୁଅ ଗୋଟେ କାଚଘରେ ମାଛ ପାଳିଛି। ମୋତେ ଲାଗୁଥିଲା ମୁଁ ସେହି କାଚ ଘରର ମାଛପରି। ନା ମନଭରି ବୁଡି ପାରୁଛି ନା ପହଁରି ପାରୁଛି। ସେଠି ସବୁକିଛି ହେଲେ ଗାଁ ଭଳି ନୁହଁ, ଗୋଟେ ରୁଟିନ ବନ୍ଧା ଜୀବନ। ସମସ୍ତେ ଖାଲି ଧାଉଁଛନ୍ତି ଘଣ୍ଟା ସାଥୀରେ। ମୋତେ କେତେଟା ଦିନ ତ ଗୋଟେ ଯୁଗପରି ଲାଗିଲା।

ତା'ହେଲେ ଏତିକିରେ ତମର ସପନ ଭାଙ୍ଗିଗଲା? ମୁଁ ଠିକ୍ ଜାଣିଥିଲି।

କ'ଣ ଜାଣିଥିଲ?

କେବଳ ତମେ କିମ୍ବା ମୁଁ ନୁହଁ, ଗାଁର ମାୟା ଓ ଜୀବନରେ ଯିଏ ଥରେ ପଡିଛି ସିଏ କ'ଣ ଅନ୍ୟ କେଉଁଠି ବସା ବାନ୍ଧି ପାରିବ? ଗାଁର ଜୀବନର ଏକ ନିଜସ୍ୱ ମୋହ ଅଛି। ତାକୁ ଏଡାଇ ପାରିବା କ'ଣ ଏତେ ସହଜ?

□

Digitized by PPRACHIN, SOA

ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ସମକାଳୀନ ଓଡିଆ କଥା ସାହିତ୍ୟର ଏକ ସ୍ମରଣୀୟ ସଂଯୋଗ ଓ ଶ୍ରଦ୍ଧାଶୀଳ ଉଚ୍ଚାରଣ । କଥାବସ୍ତୁ ଚୟନ ଚରିତ୍ର ନିର୍ମାଣ ତଥା ପରିବେଶ ଚିତ୍ରଣର ଅନନ୍ୟ ଶୈଳୀରେ ସେ ପାଠକଙ୍କୁ ଏପରି ମୋହାବିଷ୍ଟ କରନ୍ତି ଯେ, ଥରେ ତାଙ୍କର କଥା ସାମ୍ରାଜ୍ୟକୁ ପ୍ରବେଶ କଲେ ସହଜରେ ମୁକୁଳି ପାରନ୍ତିନି ତାଙ୍କର ଯାଦୁକରୀ ଅବେଗରୁ । ଅତି ନିକଟରୁ ନିରେଖି ଦେଖିଥିବା ଜୀବନାୟନର ଅନୁଭୂତିରେ ତାଙ୍କର କଥାସୃଷ୍ଟି ଯେତିକି ବାଙ୍ମୟ, ସେତିକି ବିଗଳିତ । ଜୀବନର ନାନାବିଧ ଅନୁଭବ ଓ ଅନୁଭୂତି, ସ୍ୱପ୍ନ ଓ ସ୍ୱପ୍ନଭଂଗ, ଆଶା ଓ ହତାଶା, ଜିଜ୍ଞାସା ଓ ଜିଜୀବୀଷାକୁ ନେଇ ବିଗତ ତିନି ଦଶନ୍ଧୀରୁ ଊର୍ଦ୍ଧ୍ୱକାଳ ଧରି ନିରନ୍ତର ସାଧନାରତ ରାଜ୍ୟବର୍ଦ୍ଧନଙ୍କର "ମାୟାଚିତ୍ର" ଅଷ୍ଟମ ଗଳ୍ପ ସଂକଳନ । ଏଥିରେ ସ୍ଥାନିତ ଗଳ୍ପମାନେ ସେମାନଙ୍କର ଆବେଗ ଓ ସାମାଜିକ ପ୍ରତିବଦ୍ଧତା ପାଇଁ ପାଠକୀୟ ଆଦୃତି ପାଇବେ ଏହି ବିଶ୍ୱାସର ଅଛି ।

ଅଶୋକ ମହାନ୍ତି, ପ୍ରକାଶକ

ଲେଖକଙ୍କ ଅନ୍ୟାନ୍ୟ କୃତି

ଗଳ୍ପ ସଂକଳନ

ସବୁଜ ପତ୍ରରେ ସୂର୍ଯ୍ୟାସ୍ତର ରଂଗ
ଦୌଡ ପ୍ରତିଯୋଗିତା
ଅଥଳ ଆଶ୍ରୟ
ଦୂର ନକ୍ଷତ୍ର
ତଥାସ୍ତୁ
ବାମନ ବୃକ୍ଷ
ମାଟିଦ୍ରୋଣ
ମାୟାଚିତ୍ର

ଉପନ୍ୟାସ

ହୃଦୟର ସୀମାରେଖା
ପୁଣ୍ୟ ପତିତା
ବେଳ ଭଲନାହିଁ

Published by :
PASCHIMA PUBLICATIONS,
Bhubaneswar

Maya Chitra
Story collection by
Rajyabardhan Dhal Mahapatra

₹.70.00

Digitized by PPRACHIN, SOA